# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୧୫/୨୦୨୨ (୧୪ ପୃଷ୍ଠା) | Bhubaneswar, Thursday, September 15/2022 Page 14 | ₹ 7.00 | ★★★★

୪୮ଶ ଭାଗ ୨୯୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 291 | ମୂଲ୍ୟ ₹୭/-




**ମନ୍ଧାନାଙ୍କ ଅର୍ଦ୍ଧଶତକ**

ଓପନର ସ୍ମୃତି ମନ୍ଧାନାଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଭାରତ ବୁଧବାର ଅନୁଷ୍ଠିତ ମହିଳା ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚରେ ଇଂଲଣ୍ଡକୁ ପରାସ୍ତ କରିଛି।

୧୪

୧୦

**ଅଡୁଆରେ ଅଜୟଙ୍କ ‘ଥ୍ୟାଙ୍କ୍ ଗଡ୍’**

ବଲିଉଡ୍ ଚଳଚ୍ଚିତ୍ର ‘ଥ୍ୟାଙ୍କ୍ ଗଡ୍’ ହିନ୍ଦୁ ଧର୍ମୀୟ ଭାବନାକୁ ଆଘାତ ଦେଉଥିବା ନେଇ ଅଭିନେତା ଅଜୟ ଦେବଗନ୍‌ଙ୍କ ନାମରେ କୋର୍ଟରେ ଅଭିଯୋଗ ହୋଇଛି।





କୋରାପୁଟ-ରାୟଗଡ଼ା ରେଳ ଲାଇନ୍‌ର ନିର୍ମାଣାଧୀନ ଟନେଲ୍-୨

# ରେଲ୍‌ୱେ ଟନେଲରେ ମାଟିଅତଡ଼ା ଧସି ୨ ଶ୍ରମିକ ମୃତ

**ଲକ୍ଷ୍ମୀପୁର/କୋରାପୁଟ ୧୪।୯(ସ୍ୱ.ପ୍ର.)**

କୋରାପୁଟ-ରାୟଗଡ଼ା ରେଳ ଲାଇନ ଦୋହରୀକରଣ କାର୍ଯ୍ୟ ଚାଲିଥିବାବେଳେ ନିର୍ମାଣାଧୀନ ୨ ନମ୍ବର ଟନେଲରେ ଏକ ଅଭାବନୀୟ ଘଟଣା ଘଟିଛି। ଲକ୍ଷ୍ମୀପୁର ବ୍ଲକ କୁସୁମଗୁଡ଼ା ଘାଟି ନିକଟରେ ଏସିଡବ୍ଲୁ କମ୍ପାନୀ ପକ୍ଷରୁ ଏହି କାର୍ଯ୍ୟ କରାଯାଉଛି। ଟନେଲ ଭିତରେ ପ୍ରାୟ ୧୦ ଶ୍ରମିକ ପଶି ମେଶିନ ସହାୟତାରେ ବୁଧବାର କାର୍ଯ୍ୟ କରୁଥିଲେ। ହଠାତ୍ ସେମାନଙ୍କ ଉପରେ ମାଟି ଅତଡା ଧସି ପଡ଼ିଥିଲା। ଫଳରେ ୨ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ବୁର୍ଜା ଗ୍ରାମର ରବୀନ୍ଦ୍ର ପ୍ରପେକା (୨୬) ଏବଂ ଆସାମର ବରପେଟା ଜିଲା ମାଜଗାଁ ଗ୍ରାମର ଜହର ଅଲ୍ଲିଉଦ୍ଦିନ (୩୦)। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଘଟଣା ସ୍ଥଳରେ କାକିରିଗୁମ୍ମା ଥାନା ଅଧିକାରୀ ଦାମୋଦର ବିହାରୀ, ଏଏସ୍‌ଆଇ ଶଙ୍କର ତାଡିଙ୍ଗି ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। କାର୍ଯ୍ୟରତ ଅନ୍ୟ ଶ୍ରମିକମାନେ ସୁରକ୍ଷିତ ଭାବେ ଟନେଲରୁ ବାହାରି ଆସିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ମୃତ ରବୀନ୍ଦ୍ରଙ୍କ ପରିବାର ଓ ସମ୍ପର୍କୀୟମାନେ ଘଟଣାସ୍ଥଳରେ ପହଞ୍ଚି କ୍ଷତିପୂରଣ ଦାବି କରିଛନ୍ତି। ଫଳରେ ଏନେଇ କିଛି ସମୟ ଧରି ସମ୍ପୃକ୍ତ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା।

# ୮୦୦ ରୋଗୀଙ୍କ ଲାଗି ୨୧ ଆଇସିୟୁ

**କଟକ ଅଫିସ, ୧୪।୯**

କଟକ ଶିଶୁଭବନରେ ଦିନକୁ ଦିନ ଶିଶୁ ରୋଗୀ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟ ସମେତ ରାଜ୍ୟ ବାହାରୁ ମଧ୍ୟ ଲୋକମାନେ ସେମାନଙ୍କ ପିଲାଙ୍କୁ ଉତ୍ତମ ଚିକିତ୍ସା ପାଇଁ ଏଠାକୁ ଆଣୁଛନ୍ତି। ତେବେ ଏହି ଚିକିତ୍ସାଳୟରେ ୨୦୦ ରୋଗୀଙ୍କ ପାଇଁ ଶଯ୍ୟା ମଞ୍ଜୁରୀ ଥିବାବେଳେ ପ୍ରକୃତ ଚିତ୍ର କିନ୍ତୁ ଭିନ୍ନ ଦେଖିବାକୁ ମିଳୁଛି। ତଥ୍ୟ ଅନୁଯାୟୀ, ପ୍ରତିଦିନ ପ୍ରାୟ ୪୦୦ରୁ ୫୦୦ ବହିର୍ବିଭାଗ(ଆଉଟ ଡୋର) ଶିଶୁ ରୋଗୀ ଏଠାକୁ ଚିକିତ୍ସା ପାଇଁ ଆସୁଛନ୍ତି। ସେହିପରି ଚିକିତ୍ସାଧୀନ(ଇନ୍‌ଡୋର) ରୋଗୀ ଭାବେ ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ଚିକିତ୍ସିତ ହେଉଛନ୍ତି। ଗୋଟିଏ ଶଯ୍ୟାରେ ୨ଜଣଙ୍କ ଚିକିତ୍ସା କରାଯାଉଥିବାବେଳେ କେତେକ ସମୟରେ ଗୋଟିଏ ଶଯ୍ୟାରେ ୩ଜଣ ରୋଗୀଙ୍କୁ ରଖାଯାଇ ମଧ୍ୟ ଚିକିତ୍ସା କରାଯାଉଥିବା ଦେଖିବାକୁ ମିଳୁଛି। ନିୟମିତ ଦେଖିବାକୁ ଗଲେ ଆଉଟ୍‌ଡୋର ଏବଂ ଚିକିତ୍ସିତ(ଇନ୍‌ଡୋର) ରୋଗୀସଂଖ୍ୟା ମିଶି ୮୦୦ରୁ ଊର୍ଦ୍ଧ୍ୱ ହେଉଥିବାବେଳେ ଏମାନଙ୍କ ପାଇଁ ଜରୁରୀବେଳେ ଲାଇଫ୍ ସପୋର୍ଟ ଆଇସିୟୁ ମାତ୍ର ୨୧ଟି ରହିଛି। ଫଳରେ ଗୁରୁତର ରୋଗୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସରକାରଙ୍କ ରେକର୍ଡ ଅନୁଯାୟୀ ଶିଶୁଭବନରେ ୨୦୦ ଶଯ୍ୟା ପାଇଁ ଆବଶ୍ୟକ ଡାକ୍ତର ଏବଂ କର୍ମଚାରୀ ରହିଛନ୍ତି। ହେଲେ ଦୈନିକ ଚିକିତ୍ସିତ ରୋଗୀସଂଖ୍ୟା ୪୦୦ରୁ ଅଧିକ ରହୁଥିବାରୁ ସେହି ହିସାବରେ କର୍ମଚାରୀଙ୍କ ଅଭାବ ପଡୁଛି। ଅଧିକାଂଶ ସମୟରେ ରୋଗୀ ଚଟାଣରେ ଚିକିତ୍ସିତ ହେଉଛନ୍ତି। ସରକାରଙ୍କ ଦ୍ୱାରା ସ୍ୱୀକୃତ ୨୦୦ ଶଯ୍ୟା ବ୍ୟତୀତ ଅଧିକ ୨୧୬ କାର୍ଯ୍ୟକାରୀ ଶଯ୍ୟା ପାଇଁ ଡାଇରେକ୍ଟୋରେଟ୍ ଅଫ୍ ମେଡିକାଲ ଏଜୁକେଶନ ଟ୍ରେନିଂ(ଡିଏମ୍‌ଇଟି) ପକ୍ଷରୁ ଅନୁମତି ଦିଆଯିବା ପରେ ସେହି ଅନୁସାରେ ରୋଗୀଙ୍କୁ ଚିକିତ୍ସା କରାଯାଉଛି ବୋଲି ଶିଶୁଭବନ ସୁପରିଣ୍ଟେଣ୍ଡେଣ୍ଟ ଜ୍ଞାନେନ୍ଦ୍ର ନାଥ ବେହେରା କହିଛନ୍ତି। ଏଠାରେ ବଢୁଥିବା ରୋଗୀଙ୍କ ସଂଖ୍ୟା ହିସାବରେ ଆଇସିୟୁର ଅଭାବ ରହିଛି। ଏହାକୁ ଦୃଷ୍ଟିରେ ରଖି କୋଭିଡ୍-୧୯ ପାଇଁ ହୋଇଥିବା ଡେଡିକେଟେଡ୍ ୧୪ଟି ଆଇସିୟୁକୁ ଖୁବ୍‌ଶୀଘ୍ର ବ୍ୟବହାର କରାଯିବାକୁ ସ୍ଥିର ହୋଇଛି। ଏହା କାର୍ଯ୍ୟକ୍ଷମ ହେଲେ ଆଇସିୟୁ ସମସ୍ୟା କିଛି ମାତ୍ରାରେ ହ୍ରାସ ପାଇବ ବୋଲି ସେ କହିଛନ୍ତି। ସେହିପରି ଶିଶୁ ଭବନ ପରିସରରେ ନିର୍ମାଣ ହେଉଥିବା ନୂତନ କୋଠା ବିଭାଗକୁ ହସ୍ତାନ୍ତର ବିଳମ୍ବ ହେଉଥିବାରୁ ରୋଗୀଙ୍କ ପାଇଁ ଶଯ୍ୟା ଅଭାବ ଘଟଣାକୁ ସ୍ୱୀକାର କରିବା ସହ ନୂତନ କୋଠା ମିଳିବା ପରେ ଚଟାଣରେ ଶିଶୁରୋଗୀ ଚିକିତ୍ସା ସଂଖ୍ୟା ହ୍ରାସ ପାଇବ ବୋଲି ☞ପୃଷ୍ଠା-୪

**ଶିଶୁଭବନ କଟକ**

**ହସ୍ତାନ୍ତର ହୋଇପାରୁନି ନୂତନ କୋଠା**








# ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଆହ୍ୱାନ




ଆଦିତ୍ୟ ବିର୍ଲା ଗ୍ରୁପ ଅଧ୍ୟକ୍ଷ କୁମାର ମଙ୍ଗଳମ୍ ବିର୍ଲାଙ୍କୁ ତାରକସି କଳାକୃତି ଉପହାର ଦେଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

**ଭୁବନେଶ୍ୱର, ୧୪।୯(ବ୍ୟୁରୋ)**

ରାଜ୍ୟ ସରକାର ଏବଂ ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ମିଳିତ ସହଯୋଗରେ ମୁମ୍ବାଇରେ ବୁଧବାର ‘ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍’ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି, ଓଡ଼ିଶା ହେଉଛି ଦେଶର ଦ୍ରୁତ ଆର୍ଥିକ ଅଭିବୃଦ୍ଧି ରାଜ୍ୟ। ଗତ ଦେଢ଼ ଦଶନ୍ଧି ଧରି ଓଡ଼ିଶା ଜାତୀୟ ହାରଠାରୁ ନିରନ୍ତର ଅଭିବୃଦ୍ଧି କରି ଚାଲିଛି। ପ୍ରାକୃତିକ ସମ୍ବଳ ଏବଂ ଶିଳ୍ପ ଅନୁକୂଳ ସ୍ଥାନ ଯୋଗୁ ଓଡ଼ିଶା ପୂର୍ବ ଭାରତର ଏକ ବୃହତ୍ ଶିଳ୍ପ ସ୍ଥଳରେ ପରିଣତ ହୋଇଛି। ଗତ ୨୦ ବର୍ଷ ଧରି ରାଜ୍ୟ ସରକାର ପ୍ରଗତିଶୀଳ ନୀତି, ଦୃଢ଼ ପ୍ରଶାସନ ଏବଂ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ଉପରେ ଗୁରୁତ୍ୱ ଦେଇ ଆସିଛନ୍ତି। ଏହାର ସୁଯୋଗ ନେବା ପାଇଁ ଇନ୍‌ଭେଷ୍ଟର୍ସ ମିଟ୍‌ରେ ଉପସ୍ଥିତ ସମସ୍ତ ପୁଞ୍ଜିନିବେଶକାରୀଙ୍କୁ ଆସନ୍ତା ନଭେମ୍ବର ୩୦ରୁ ଡିସେମ୍ବର ୪ ଯାଏ ଭୁବନେଶ୍ୱରରେ ହେବାକୁ ଥିବା ମେକ୍ ଇନ୍ ☞ପୃଷ୍ଠା-୪

**ମୁମ୍ବାଇ ଇନଭେଷ୍ଟର୍ସ ମିଟ୍**

**ୱାନ୍ ଟୁ ୱାନ୍ ଆଲୋଚନା କରୁଛନ୍ତି ନବୀନ**

**ଆଜିର ସମ୍ପାଦକୀୟ**

**ଜିଭର ଶକ୍ତି ଜାଗରଣ**

ଗୋଆ ରାଜନୀତି ଚଳଚଞ୍ଚଳ: ପଦ୍ମ ଧରିଲେ ୮ କଂଗ୍ରେସ ବିଧାୟକ

........୧୨........

## ନିକୁଞ୍ଜଙ୍କୁ ଅବକାରୀ, ଶାଳିନୀ ପଣ୍ଡିତ ସ୍ୱାସ୍ଥ୍ୟ ସଚିବ

■ **ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ**

**ଭୁବନେଶ୍ୱର, ୧୪।୯(ବ୍ୟୁରୋ)**

ରାଜ୍ୟ ସରକାର ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ବୁଧବାର ଏ ନେଇ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ୧୯୯୩ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ଶକ୍ତି ବିଭାଗର ପ୍ରମୁଖ ସଚିବ ଥିବା ନିକୁଞ୍ଜ ବିହାରୀ ଧଳଙ୍କୁ ଅବକାରୀ ବିଭାଗର ପ୍ରମୁଖ ସଚିବ ଏବଂ ଗ୍ରୀଡ୍‌କୋର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି ୧୯୯୬ ବ୍ୟାଚ୍ ଆଇଏଏସ୍ ଅଫିସର ତଥା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ସଚିବ ଅରବିନ୍ଦ ପାଢ଼ୀଙ୍କୁ ହସ୍ତତନ୍ତ, ବୟନ ଶିଳ୍ପ ବିଭାଗ ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ୧୯୯୮ ବ୍ୟାଚ୍ ଆଇଏଏସ୍ ☞ପୃଷ୍ଠା-୪

# ଲମ୍ପି ବ୍ୟାପୁଛି: ମଲେଣି ୭୫ ହଜାର ଗୋରୁ

**ନୂଆଦିଲ୍ଲୀ, ୧୪।୯**

କରୋନା ମହାମାରୀ ସମଗ୍ର ମାନବ ଜାତି ପାଇଁ ଅଭିଶାପ ପାଲଟିଥିବାବେଳେ ଗୋରୁଙ୍କ ଭଳି ଗୃହପାଳିତ ପ୍ରାଣୀଙ୍କ ଲାଗି ଘାତକ ସାଜିଛି ଲମ୍ପି ଭାଇରସ୍। ଗୁଜରାଟର କଚ୍ଛ ଅଞ୍ଚଳରେ ପ୍ରଥମେ ଚିହ୍ନଟ ହୋଇଥିବା ଲମ୍ପି ଭାଇରସ୍ ପରବର୍ତ୍ତୀ ସମୟରେ ଦେଶର ବିଭିନ୍ନ ଭାଗକୁ ମାଡ଼ିବାରେ ଲାଗିଛି। ଗୁଜରାଟ, ରାଜସ୍ଥାନ ସମେତ ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ ଆଦି ରାଜ୍ୟରେ ଲମ୍ପି ଆତଙ୍କ ଦେଖି ଚାଷୀକୁଳ ଚିନ୍ତାରେ ପଡ଼ିଯାଇଛନ୍ତି। କାରଣ ଗତ ଜୁଲାଇରୁ ଅଦ୍ୟାବଧି ଏହି ଭୂତାଣୁରେ ସଂକ୍ରମିତ ପ୍ରାୟ ୭୫,୦୦୦ ଗୋରୁଙ୍କ ମୃତ୍ୟୁ ଘଟିସାରିଲାଣି। ଏଥିରୁ ସର୍ବାଧିକ ୫୦,୦୦୦ ଗୋରୁ ରାଜସ୍ଥାନର। ସଂକ୍ରମିତ ଗୋରୁଙ୍କ ମୃତ୍ୟୁହାର ୮-୧୦%ରେ ପହଞ୍ଚିଛି।

ଗୋମହିଷାଦିଙ୍କୁ ହେଉଥିବା ଚର୍ମବିଣ୍ଡି (ଲମ୍ପି) ଭୂତାଣୁଜନିତ ରୋଗ, ଯାହାକି ଲୋକଙ୍କୁ ପ୍ରଭାବିତ କରି ନ ଥାଏ। ଏହା ମଶା ଓ ମାଛିଙ୍କଠାରୁ ସଂକ୍ରମିତ ହୋଇ ଗୋରୁଙ୍କୁ ଆକ୍ରାନ୍ତ କରିଥାଏ। ଫଳରେ ସଂକ୍ରମିତ ଗୋରୁ ଚର୍ମରେ ଗଣ୍ଠି ପଡ଼ିବା ସହ ଘା’ ସୃଷ୍ଟି ହୋଇଥାଏ। ରାଜସ୍ଥାନ ଓ ଗୁଜରାଟରେ ଲମ୍ପି ସଂକ୍ରମିତ ଗୋରୁଙ୍କୁ ନେଇ ସଂଗୃହୀତ ଡ୍ରୋନ୍ ଫୁଟେଜ୍‌ରୁ ଉଦ୍‌ବେଗଜନକ ଚିତ୍ର ସାମ୍ନାକୁ ଆସିଛି। ଗତ ଜୁଲାଇରୁ ବର୍ତ୍ତମାନ ସୁଦ୍ଧା ୮ ପ୍ରଭାବିତ ରାଜ୍ୟରେ ଏହି ରୋଗ ଦ୍ରୁତଗତିରେ ବ୍ୟାପିଚାଲିଥିବା ଜଣାପଡ଼ିଛି। ଏହି ରାଜ୍ୟଗୁଡ଼ିକରେ ଲମ୍ପି ସଂକ୍ରମିତ ଗୋରୁଙ୍କୁ ‘ଗୋଟ୍ ପକ୍ସ ଭାକ୍ସିନ’ ଦିଆଯାଉଛି। ଏହି ଟିକା ଲମ୍ପି ଚର୍ମରୋଗ ପାଇଁ ଶତ ପ୍ରତିଶତ କାମ କରୁଥିବା କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି। ରାଜସ୍ଥାନରେ ୫୦,୦୦୦ ଗୋରୁ ଲମ୍ପିରେ ଆକ୍ରାନ୍ତ ହୋଇ ଆଖି ବୁଜିସାରିଲେଣି। ଏଠାରେ ଦୈନିକ ୬୦୦-୭୦୦ ☞ପୃଷ୍ଠା-୪

■ **ଗୁଜରାଟର କଚ୍ଛରେ ପ୍ରଥମ ସଂକ୍ରମିତ ଚିହ୍ନଟ ହୋଇଥିଲା**

■ **ରାଜସ୍ଥାନରେ ସର୍ବାଧିକ ୫୦,୦୦୦ ଗୋରୁଙ୍କ ଜୀବନ ନେଇଛି ଭାଇରସ**



**ଲମ୍ପି ଲକ୍ଷଣ**

- ସଂକ୍ରମିତ ଗାଈ ବା ମଇଁଷିର ଓଜନ ହଠାତ୍ କମିଯାଇଥାଏ
- ଗାଈଙ୍କ ଦୁଗ୍ଧ ଉତ୍ପାଦନ କ୍ଷମତା ୫୦% ପର୍ଯ୍ୟନ୍ତ ହ୍ରାସ ପାଇଥାଏ
- ଚର୍ମରେ ୧୦ରୁ ୫୦ ମି.ମି. ଗୋଲେଇର ଗଣ୍ଠି ପଡ଼ିଥାଏ
- ଏହି ଭାଇରସ୍‌ରେ ସଂକ୍ରମିତ ପ୍ରାଣୀଙ୍କୁ ଭୀଷଣ ଜ୍ୱର ହୋଇଥାଏ
- ଚୋବେଇବା ଓ ହଜମ କରିବା ଶକ୍ତି କମୁଥିବାରୁ ଭୋକ ମରିଯାଏ
- ଗାଈଙ୍କଠାରେ ବନ୍ଧ୍ୟାପଣ ଓ ଗର୍ଭପାତ ସମସ୍ୟା ଦେଖାଯାଇଥାଏ




## ସଂକ୍ଷେପରେ

### କୋଭିଡ୍‌ର ନୂଆ ଭାରିଏଣ୍ଟ ଚିହ୍ନଟ

**ଲଣ୍ଡନ, ୧୪।୯:** ଆମେରିକା ସମେତ ବିଶ୍ୱର ଏକାଧିକ ରାଷ୍ଟ୍ରରେ କୋଭିଡ୍‌ର ନୂଆ ଭାରିଏଣ୍ଟ ଚିହ୍ନଟ ହୋଇଛି। ଏହି ନୂଆ ଭାରିଏଣ୍ଟର ନାମ ଓମିକ୍ରନ୍ ବିଏ.୪.୬ ହୋଇଥିବା ବ୍ରିଟେନ୍ ହେଲ୍‌ଥ ସିକ୍ୟୁରିଟି ଏଜେନ୍ସି ପକ୍ଷରୁ କୁହାଯାଇଛି। ଅଗଷ୍ଟ ୧୪ରେ ବ୍ରିଟେନ୍‌ରେ ଟେଷ୍ଟ ହୋଇଥିବା କୋଭିଡ୍ ନମୁନା ମଧ୍ୟରୁ ୩.୩% ସଂକ୍ରମିତଙ୍କ ଦେହରେ ବିଏ.୪.୬ ଭାରିଏଣ୍ଟ ଦେଖାଦେଇଥିଲା, ଯାହା ଏବେ ୯% ରେ ପହଞ୍ଚିଛି। ଓମିକ୍ରନ୍ ବିଏ.୪ର ବଂଶଜ ହେଉଛି ବିଏ.୪.୬। ଚଳିତ ବର୍ଷ ଜାନୁୟାରୀରେ ସାଉଥ୍ ଆଫ୍ରିକାରେ ପ୍ରଥମ କରି କୋଭିଡ୍ ଭାରିଏଣ୍ଟ ଓମିକ୍ରନ୍ ବିଏ.୪ ଚିହ୍ନଟ ହୋଇଥିଲା। ବର୍ତ୍ତମାନ ବିଶ୍ୱରେ ଓମିକ୍ରନ୍ ବିଏ.୫ ସଂକ୍ରମଣ ବ୍ୟାପିବାରେ ଲାଗିଛି। ତେବେ ନୂତନ ଭାବେ ଚିହ୍ନଟ ହୋଇଥିବା ବିଏ.୪.୬ ମନୁଷ୍ୟ ଶରୀର ପ୍ରତି କେତେ ଘାତକ ତାହା ସମ୍ପୂର୍ଣ୍ଣ ଭାବେ ସ୍ପଷ୍ଟ ହୋଇ ନାହିଁ।

### ଜ୍ୟାକ୍‌ଲିନ୍‌ଙ୍କୁ ୮ ଘଣ୍ଟା ଜେରା



**ନୂଆଦିଲ୍ଲୀ, ୧୪।୯:** ମନି ଲଣ୍ଡରିଂ ମାମଲାରେ ବଲିଉଡ୍ ଅଭିନେତ୍ରୀ ଜ୍ୟାକ୍‌ଲିନ୍ ଫର୍ନାଣ୍ଡିଜ୍‌ଙ୍କୁ ବୁଧବାର ଦିଲ୍ଲୀ ପୋଲିସର ଇକୋନୋମିକ୍ ଅଫେନ୍ସେସ୍ ୱିଙ୍ଗ ୮ ଘଣ୍ଟା ଜେରା କରିଛି। ବୁଧବାର ସକାଳ ସାଢ଼େ ୧୧ଟାବେଳେ ଜ୍ୟାକ୍‌ଲିନ୍ ମନ୍ଦିର ମାର୍ଗ କାର୍ଯ୍ୟାଳୟରେ ପହଞ୍ଚିଥିବାବେଳେ ରାତି ୮ଟାରେ ଅଫିସ ଛାଡ଼ିଥିଲେ। ବିଭିନ୍ନ ବ୍ୟବସାୟୀଙ୍କଠାରୁ ୨୦୦ କୋଟି ଟଙ୍କା ଠକି ଆଣିଥିବା କନ୍‌ମ୍ୟାନ୍ ସୁକେଶ ଚନ୍ଦ୍ରଶେଖର ସହ ଜ୍ୟାକ୍‌ଲିନଙ୍କ ସମ୍ପୃକ୍ତି ଥିବା ଗତ ମାସରେ ଇଡି ନିଜ ଚାର୍ଜଶିଟ୍‌ରେ ଉଲ୍ଲେଖ କରିଥିଲା।

### ନାବାଳକଙ୍କୁ ଅପହରଣ ମାମଲାରେ ୩ ପୋଲିସ ନିଲମ୍ବିତ

**ଲକ୍ଷ୍ନୌ,୧୪।୯:** ଦୁଇ ନାବାଳକଙ୍କୁ ଅପହରଣ ଏବଂ ଅତ୍ୟାଚାର ମାମଲାରେ ୟୁପି କାନପୁରର ତିନି ପୋଲିସ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି। ବାପା ଟଙ୍କା ନ ଦେବାରୁ ଦୁଇ ନାବାଳକ ଭାଇ ଅପରାଧ ଭିଆଇଥିଲେ। ଯାଞ୍ଚ ପରେ ପୋଲିସ ସମ୍ପୃକ୍ତ ନାବାଳକଙ୍କୁ କାବୁ କରିଥିଲା। ନାବାଳକଙ୍କୁ ଛାଡ଼ିବା ପରେ ଅଧିକାରୀମାନେ ନାବାଳକଙ୍କ ବାପା ମହେନ୍ଦ୍ର କୁଶୱାହାଙ୍କୁ ଟଙ୍କା ମାଗିଥିଲେ। ସେ ଯେତେବେଳେ ଟଙ୍କା ଦେବାକୁ ମନା କଲେ। ଉତ୍ୟକ୍ତ ପୋଲିସ ଜୋର ଜବରଦସ୍ତ ତାଙ୍କ ଦୁଇ ପୁଅଙ୍କୁ ଥାନାକୁ ନେଇ ତାଙ୍କୁ ମାଡ଼ ମାରିଥିଲେ। ଘଟଣାର ସୂଚନା ଏସ୍‌ପି ପାଇବା ପରେ ଘଟଣାରେ ସମ୍ପୃକ୍ତ ତିନି ଅଧିକାରୀଙ୍କୁ ନିଲମ୍ବନ କରିଛନ୍ତି।

**୨୪ ବର୍ଷ ପୁରୁଣା ହତ୍ୟା ମାମଲା**

### ପୂର୍ବତନ ବିଧାୟକଙ୍କୁ ଆଜୀବନ ଜେଲ

**ଲକ୍ଷ୍ନୌ,୧୪।୯:** ୨୪ ବର୍ଷ ପୁରୁଣା ହତ୍ୟା ମାମଲାରେ ଉତ୍ତର ପ୍ରଦେଶ ଆଜମଗଡ଼ ସ୍ପେସାଲ କୋର୍ଟ ପୂର୍ବତନ ବିଧାୟକ ତଥା ସାମାଜବାଦୀ ପାର୍ଟି ନେତା ଅଭୟ ନାରାୟଣ ପଟେଲ ଓ ୩ ସହଯୋଗୀଙ୍କୁ ଆଜୀବନ ଜଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ପ୍ରତ୍ୟେକ ଦୋଷୀଙ୍କୁ ୨୦ ହଜାର ଟଙ୍କା ଜରିମାନା ଦେବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ୧୯୯୮ ଅକ୍ଟୋବର ୨୨ରେ ଉରଦିହା ନାଇ ବସ୍ତି କୋଲୱାର ସନ୍ତରାଜ ନାମକ ଜଣେ ବ୍ୟକ୍ତିଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା।

# କ୍ୟାନ୍‌ସର ଚିକିତ୍ସା ପାଇଁ ବ୍ୟାଙ୍କ ଲୁଟ୍

**ସାଙ୍ଗରେ ନେଇଥିଲେ ଖେଳଣା ବନ୍ଧୁକ**



**ବେରୁଟ, ୧୪।୯:** ଭଉଣୀର କ୍ୟାନ୍‌ସର ଚିକିତ୍ସା ପାଇଁ ଲେବାନନ୍‌ର ଜଣେ ମହିଳା ବୁଧବାର ବ୍ୟାଙ୍କ ଲୁଟିଛନ୍ତି। ଆଶ୍ଚର୍ଯ୍ୟର କଥା ହେଉଛି ସେ ଲୁଟ୍‌ବେଳେ ବ୍ୟାଙ୍କ କର୍ମଚାରୀଙ୍କୁ ଡରାଇବା ପାଇଁ ଖେଳଣା ବନ୍ଧୁକ ଧରିଥିଲେ। ବ୍ଲୋମ୍ ବ୍ୟାଙ୍କର ବେରୁଟ୍ ଶାଖାରେ ଲୁଟ୍ ବେଳର ଭିଡିଓ ସେ ଲାଇଭ୍ ଷ୍ଟ୍ରିମ୍ ମଧ୍ୟ କରିଥିଲେ।

ଲୁଟ୍ କରିଥିବା ମହିଳା ଜଣକ ହେଲେ ସାଲି ହାଫିଜ୍। ୨୮ ବର୍ଷୀୟା ସାଲି ଜଣେ ଫ୍ୟାଶନ ଡିଜାଇନର ଏବଂ ସାମାଜିକ କର୍ମୀ। ଦେଶର ଅର୍ଥନୀତି ଭୁଶୁଡ଼ି ପଡ଼ିଥିବାରୁ ବହୁ ଜମାକାରୀଙ୍କ ଅର୍ଥ ବିଭିନ୍ନ ବ୍ୟାଙ୍କରେ ଫସିରହିଛି। ତେଣୁ ଲୋକେ ସେମାନଙ୍କ ଜମାପୁଞ୍ଜି ବ୍ୟାଙ୍କଗୁଡ଼ିକରୁ ବାହାର କରିବା ପାଇଁ ଆସୁଥିଲେ ହେଁ ନିରାଶ ହୋଇ ଫେରିବାକୁ ପଡୁଛି। ବ୍ଲୋମ୍ ବ୍ୟାଙ୍କରେ ସାଲିଙ୍କ ପରିବାର ମଧ୍ୟ ଅର୍ଥ ଜମା କରିଥିଲେ। ହେଲେ ସେ ଅର୍ଥ ଉଠାଣ କରି ନ ପାରିବାରୁ ଲୁଟ୍‌ର ବାଟ ଆପଣାଇଥିବା କହିଛନ୍ତି। ଲାଇଭ୍ ଭିଡିଓରେ ସାଲି ବ୍ୟାଙ୍କ କର୍ମଚାରୀଙ୍କ ଉପରେ ପାଟି କରୁଥିବା ଦେଖିବାକୁ ମିଳିଛି। 'ମୁଁ ସାଲି ହାଫିଜ୍, ମୋ ଭଉଣୀ ହସ୍ପିଟାଲରେ ମୃତ୍ୟୁ ସହ ସଂଘର୍ଷ କରୁଛି। ତାଙ୍କ ଜମାଅର୍ଥ ନେବାକୁ ଏଠାକୁ ଆସିଛି। କାହାରିକୁ ହତ୍ୟା କରିବି ନାହିଁ କିମ୍ବା ଗୁଳି ଚଳାଇବି ନାହିଁ। ମୋ ଅଧିକାର ସାବ୍ୟସ୍ତ କରିବାକୁ ବ୍ୟାଙ୍କରେ ପହଞ୍ଚିଛି' ବୋଲି ସେ ଭିଡିଓରେ କହୁଥିବା ଶୁଣାଯାଉଛି। କ୍ୟାନ୍‌ସର ଚିକିତ୍ସା ପାଇଁ ୫୦ ହଜାର ଡଲାର ଆବଶ୍ୟକ। ତାଙ୍କ ପରିବାର ଡିପୋଜିଟ୍ କରିଥିବା ୨୦ ହଜାର ଡଲାରରୁ ପ୍ରାୟ ୧୩ ହଜାର ଡଲାର ସେ ନେଇଥିବା ମିଡିଆ ଆଗରେ କହିଛନ୍ତି। ଲୁଟ୍ ବେଳେ ସେ ଖେଳଣା ବନ୍ଧୁକ ଧରିଥିଲେ ବୋଲି ପ୍ରକାଶ କରିଛନ୍ତି। ସାଲି ଓ ତାଙ୍କ ସହଯୋଗୀ ବ୍ୟାଙ୍କ ଝରକା ଭାଙ୍ଗି ସେଠାରୁ ଖସିଯାଇଥିଲେ।

ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଲେବାନନ୍‌ବାସୀ ସାଲିଙ୍କୁ ପ୍ରଶଂସା କରିଛନ୍ତି। ନିଜ କଷ୍ଟ ଉପାର୍ଜିତ ଟଙ୍କା ପାଇବା ପାଇଁ କୌଣସି ବିକଳ୍ପ ନାହିଁ ବୋଲି ସେମାନେ ମତ ଦେଇଛନ୍ତି। ୨୦୧୯ରୁ ଲେବାନନ୍‌ର ଅର୍ଥନୀତି ଭୁଶୁଡ଼ି ପଡ଼ିଛି। ସେଠାକାର ମୁଦ୍ରାର ମୂଲ୍ୟ ୯୦% ପର୍ଯ୍ୟନ୍ତ ହ୍ରାସ ପାଇଛି। ଲୋକେ ସେମାନଙ୍କ ଜମାଅର୍ଥ ବ୍ୟାଙ୍କରୁ ଉଠାଇପାରୁନାହାନ୍ତି। ଦେଶରେ ଦାରିଦ୍ର୍ୟ ହାର, ବେରୋଜଗାରୀ ବହୁମାତ୍ରାରେ ବୃଦ୍ଧି ପାଇଛି।

# ଟୁଇଟରରେ ଭାରତ, ଚାଇନା ଏଜେଣ୍ଟ

**ୱାଶିଂଟନ୍, ୧୪।୯**

## ପ୍ରଘଟ କଲେ ହ୍ୱିସିଲ୍‌ବ୍ଲୋଓର



ପିଟର ମଜ୍ ଜାଟ୍‌କୋ

- କର୍ମଚାରୀ ରହି ଦରମା ନେଉଥିଲେ
- ଟୁଇଟର ସାଇବର ସୁରକ୍ଷା ଦୁର୍ବଳ
- ବିପଦରେ ୟୁଜର୍ସଙ୍କ ଗୋପନୀୟତା

ସୋସିଆଲ ମିଡିଆ ଜାଏଣ୍ଟ ଟୁଇଟରର ପୂର୍ବତନ ସୁରକ୍ଷା ମୁଖ୍ୟ ତଥା ହ୍ୱିସିଲ୍‌ବ୍ଲୋଓର ପିଟର ମଜ୍ ଜାଟ୍‌କୋ ଆମେରିକା ସିନେଟ୍‌ର ନ୍ୟାୟିକ କମିଟି ଆଗରେ ଚକିତ କଲାଭଳି ତଥ୍ୟ ରଖିଛନ୍ତି। ଭାରତ ଓ ଚାଇନାର ଏଜେଣ୍ଟ ଟୁଇଟରରେ ବେତନଭୋଗୀ କର୍ମଚାରୀ ଭାବେ କାମ କରିଛନ୍ତି। ଟୁଇଟର ଜାଣିଶୁଣି କମ୍ପାନୀର ଷ୍ଟାଫ୍‌ମାନଙ୍କ ସହ ଭାରତୀୟ ଏଜେଣ୍ଟଙ୍କୁ ଲିଙ୍କ୍‌ରେ ରଖିବା ପାଇଁ ଅନୁମତି ଦେଇଛି। ଫଳରେ ଏହି ଏଜେଣ୍ଟମାନେ ସହଜରେ ସମ୍ପୃକ୍ତ ଦେଶକୁ ୟୁଜର୍ସଙ୍କ ସମ୍ବେଦନଶୀଳ ତଥ୍ୟ ଯୋଗାଉଥିଲେ ବୋଲି ଜାଟ୍‌କୋ ପ୍ରଘଟ କରିଛନ୍ତି। ଟୁଇଟର ସାଇବର ସୁରକ୍ଷା ଦୁର୍ବଳ ଏବଂ ଏହାର ୟୁଜର୍ସଙ୍କ ଗୋପନୀୟତା ବିପଦରେ ଥିବା ସେ ପ୍ରକାଶ କରିଛନ୍ତି।

ଟୁଇଟର ବିରୋଧରେ ଜାଟ୍‌କୋ ଆଣିଥିବା ଅନେକ ଅଭିଯୋଗର ସାକ୍ଷ୍ୟ ପ୍ରମାଣ ଦେବାକୁ ସେ ସିନେଟ କମିଟି ସମ୍ମୁଖରେ ହାଜର ହୋଇଥିଲେ। ସିନେଟ୍‌ର ସଦସ୍ୟ ଥିବା ଆମେରିକା ଏମ୍‌ପିଙ୍କ ସମ୍ମୁଖରେ ଜାଟ୍‌କୋ କହିଛନ୍ତି, ଚାଇନା ଗୋଇନ୍ଦା ଏଜେଣ୍ଟଙ୍କ ମଧ୍ୟରୁ ଅନ୍ୟୂନ ଜଣେ ଟୁଇଟରରେ କାମ କରିଛନ୍ତି। କମ୍ପାନୀର ନେତୃତ୍ୱ ନେଉଥିବା ଅଧିକାରୀମାନେ କେବଳ ଲୋକଙ୍କୁ ନୁହେଁ ସରକାର, ଆଇନପ୍ରଣେତା, ନିୟାମକ ଏପରିକି ନିଜ ଡାଇରେକ୍ଟର ବୋର୍ଡକୁ ମଧ୍ୟ ବିଭ୍ରାନ୍ତ କରୁଛନ୍ତି। ଦୁର୍ବଳ ସାଇବର ସୁରକ୍ଷା ଯୋଗୁ ଅନେକେ ନିର୍ଯାତନାର ଶିକାର ହୋଇଛନ୍ତି କିମ୍ବା ହେବା ଆଶଙ୍କା ରହିଛି। ସେମାନଙ୍କ ପ୍ରିଭେସି(ଅନ୍ତରଙ୍ଗ ତଥ୍ୟ) ପ୍ରତି ବିପଦ ରହିଛି। ଟୁଇଟର ନେତୃତ୍ୱ ଏହାର ଇଞ୍ଜିନିୟରଙ୍କୁ ଅବହେଳା କରିଆସିଛନ୍ତି। ସେମାନେ ସୁରକ୍ଷା ଅପେକ୍ଷା କମ୍ପାନୀର ଲାଭକୁ ପ୍ରାଧାନ୍ୟ ଦିଅନ୍ତି। ଟୁଇଟରରେ କେଉଁମାନଙ୍କ ଡାଟା ରହିଛି, ତାହା କେଉଁଠାରୁ ଆସିଛି, କୁଆଡ଼େ ଯାଉଛି ସେ ବାବଦରେ ମଧ୍ୟ ଏହି ନେତୃତ୍ୱ ଟିମ୍ ନିକଟରେ କିଛି ଖବର ନାହିଁ। ସିକ୍ୟୁରିଟି ଲକ୍ ନ ରହିଲେ ବି ସେମାନଙ୍କୁ ଫରକ୍ ପଡ଼େନାହିଁ ବୋଲି ଜାଟ୍‌କୋ କହିଛନ୍ତି।

ସେପଟେ ଟୁଇଟର ଏକ ବିବୃତିରେ ଏ ନେଇ ସ୍ପଷ୍ଟୀକରଣ ରଖିଛି। ଏହାର ନିଯୁକ୍ତି ପ୍ରକ୍ରିୟା ସ୍ୱାଧୀନ ଏବଂ ଏହା ଉପରେ ବିଦେଶୀ ପ୍ରଭାବ ନ ଥାଏ। ଡାଟା ସୁରକ୍ଷା ପାଇଁ କମ୍ପାନୀ ଅନେକ ପଦକ୍ଷେପ ନେଇଛି। ଏଥିରେ ବ୍ୟାକଗ୍ରାଉଣ୍ଡ ଚେକ୍, ଆକ୍ସେସ୍ କଣ୍ଟ୍ରୋଲ୍, ଗୁପ୍ତଚରଗିରି ଉପରେ ନଜର ରଖାଯିବା ସହ ଗ୍ରାହକଙ୍କ ଗୋପନୀୟତା ଓ ନିରାପତ୍ତାର ସମ୍ପୂର୍ଣ୍ଣ ଯତ୍ନ ନିଆଯାଇଛି ବୋଲି କମ୍ପାନୀ କହିଛି। ଟୁଇଟର କିଣିବା ପାଇଁ ୪୪ ବିଲିୟନ ଡଲାରର ଡିଲ୍ କରିଥିବା ଟେସ୍‌ଲା ମାଲିକ ଏଲନ୍ ମସ୍କଙ୍କ କହିବା ଅନୁସାରେ, ଏହି ସୋସିଆଲ ମିଡିଆର ବାସ୍ତବ ସକ୍ରିୟ ୟୁଜର୍ସଙ୍କ ସଂଖ୍ୟା କମ୍ପାନୀ ଦେଖାଉଥିବା ସଂଖ୍ୟାଠାରୁ ଢେର୍ କମ୍।

### ୱାକଫ୍ ବୋର୍ଡର ବିନା ଅନୁମତିରେ ବିକି ହେଉନି ଜମି

**ଚେନ୍ନାଇ, ୧୪।୯**

ତାମିଲନାଡୁର ୨୦ଟି ଗ୍ରାମର ଜମି ମାଲିକ ଏବେ ଚିନ୍ତାରେ। ୱାକଫ୍ ବୋର୍ଡର ବିନା ଅନୁମତିରେ ଗ୍ରାମର କୌଣସି ଜମି ମାଲିକ ନିଜ ସମ୍ପତ୍ତି ବିକ୍ରି କରିପାରୁ ନ ଥିବା ଥିରୁଚେନ୍ଦୁରାଇ ସବ୍-ରେଜିଷ୍ଟ୍ରାର ଅଫିସ୍ ପକ୍ଷରୁ କୁହାଯାଇଛି। ଏହି ଗ୍ରାମର ସମସ୍ତ ଜମିକୁ ୱାକଫ୍ ବୋର୍ଡ କବ୍‌ଜା କରି ନେଇଥିବାବେଳେ ଜମି ମାଲିକମାନେ ନିଜ ସମ୍ପତ୍ତି ବିକ୍ରି କରିବା ପୂର୍ବରୁ ଚେନ୍ନାଇରେ ଥିବା ବୋର୍ଡ କାର୍ଯ୍ୟାଳୟରୁ ନୋ ଅବ୍‌ଜେକ୍ସନ୍ ସାର୍ଟିଫିକେଟ (ଏନ୍‌ଓସି) ଆଣିବା ଆବଶ୍ୟକ ହୋଇପଡ଼ିଛି। ଗ୍ରାମରେ କେହି ମୁସଲମାନ ସମ୍ପ୍ରଦାୟର ଲୋକ ବାସ କରୁ ନ ଥିବାବେଳେ ଜମିର ମାଲିକାନା କୌଣସି ମୁସଲମାନ ବ୍ୟକ୍ତିଙ୍କ ନାମରେ ନ ଥିବା ଜଣାପଡ଼ିଛି। ବିଭିନ୍ନ ଜିଲାରେ ବୋର୍ଡର ଜମି ଥିବା ଦାବି କରି ୱାକଫ୍ ବୋର୍ଡ ପକ୍ଷରୁ ୨୦ ପୃଷ୍ଠା ବିଶିଷ୍ଟ ଚିଠି ତ୍ରିଚିର ୧୨ଟି ରେଜିଷ୍ଟ୍ରେଶନ୍ ଅଫିସ୍‌କୁ ପଠାଯାଇଛି।

### ନିର୍ମାଣାଧୀନ କୋଠାର ଲିଫ୍ଟ ଖସି ୮ ଶ୍ରମିକ ମୃତ

**ଅହମଦାବାଦ, ୧୪।୯**

ଗୁଜରାଟର ଅହମଦାବାଦରେ ବୁଧବାର ଏକ ନିର୍ମାଣାଧୀନ କୋଠାର ଲିଫ୍ଟ ଖସିପଡ଼ିବାରୁ ୮ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସୂଚନାନୁସାରେ, ପୂର୍ବାହ୍ନ ପ୍ରାୟ ୧୦ଟାରେ କୋଠାର ୭ମ ମହଲାରେ ଲିଫ୍ଟ କାମ କରିବା ବନ୍ଦ କରିଦେଇଥିଲା। ପରେ ତାହା ତଳକୁ ଖସିପଡ଼ିଥିଲା। ସେଥିରେ ଥିବା ଶ୍ରମିକମାନେ ୭ମ ମହଲାରୁ ଗ୍ରାଉଣ୍ଡରେ ପଡ଼ିଥିଲେ। ଏମ୍‌ସି ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ହିତେଶ ବାରୋଟ୍ କହିଛନ୍ତି, ଏହା ଏକ ଘରୋଇ କୋଠା। ବିଲ୍ଡିଂ ନିର୍ମାଣର ଯୋଜନା ଏବଂ ଏହାକୁ ମିଳିଥିବା ଅନୁମତିର ଯାଞ୍ଚ କରାଯିବ।



ବ୍ରିଟେନର ଦିବଂଗତ ମହାରାଣୀ ଏଲିଜାବେଥ୍ ୨ୟଙ୍କ ମରଶରୀରକୁ ଲଣ୍ଡନର ୱେଷ୍ଟମିନ୍‌ଷ୍ଟର ହଲ୍‌ରେ ରଖାଯିବ। ଏହା ପୂର୍ବରୁ ମର୍ସି ନଦୀର ଲିଭରପୁଲରେ ଜାହାଜଗୁଡ଼ିକର ଫାୟାର କ୍ୟାନନ୍‌ରୁ ଜଳ ସ୍ପ୍ରେ କରାଯାଇ ମହାରାଣୀଙ୍କୁ ସାମୁଦ୍ରିକ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

## ପୁଞ୍ଛ ଘାଟିରୁ ଖସିଲା ବସ୍: ୧୧ ମୃତ

**ପୁଞ୍ଛ, ୧୪।୯**

ଜମ୍ମୁ-କଶ୍ମୀରର ପୁଞ୍ଛ ଜିଲାରେ ବୁଧବାର ଏକ ମିନି ବସ୍ ଘାଟିରୁ ଖସିପଡ଼ିଛି। ଏଥିରେ ୧୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୯ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୪ ମହିଳା ରହିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ୍ ଧନକର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରମୁଖ ଘଟଣାରେ ଶୋକବ୍ୟକ୍ତ କରିଛନ୍ତି। ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ରାଶି ଘୋଷଣା କରିଛନ୍ତି। ଗୁରୁତର ଆହତଙ୍କ ଚିକିତ୍ସା ପାଇଁ ୧ ଲକ୍ଷ ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯିବ ବୋଲି ସେ ଟୁଇଟ୍ କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀଙ୍କ ଜାତୀୟ ରିଲିଫ୍ ଫଣ୍ଡରୁ ମୃତକଙ୍କ ପରିବାରକୁ ୨ ଲକ୍ଷ ଲେଖାଏ ଏବଂ ଆହତଙ୍କ ପାଇଁ ୫୦ ହଜାର ଟଙ୍କା ଲେଖାଏ ସହାୟତା ରାଶି ଘୋଷଣା କରାଯାଇଛି।

ସକାଳ ପ୍ରାୟ ସାଢ଼େ ୮ଟାରେ ବସ୍‌ଟି ଗଲି ମଇଦାନରୁ ପୁଞ୍ଛ ଅଭିମୁଖେ ଯାଉଥିବାବେଳେ ବ୍ରାରି ନାଲା ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବସ୍‌ଟି ପ୍ରାୟ ୨୫୦ ଫୁଟ୍ ଉଚ୍ଚରୁ ତଳକୁ ଖସିଥିଲା। ସେଥିରେ ଅନେକ ସ୍କୁଲ ଛାତ୍ରୀଛାତ୍ର ମଧ୍ୟ ରହିଥିଲେ। ସେନା, ପୋଲିସ କର୍ମଚାରୀ ଏବଂ ସ୍ଥାନୀୟ ଲୋକେ ଉଦ୍ଧାରକାର୍ଯ୍ୟ କରିଥିଲେ। ଘଟଣାସ୍ଥଳରେ ହିଁ ୯ ଜଣଙ୍କ ମୃତ୍ୟୁ ଘଟିଥିଲା। ହସ୍ପିଟାଲରେ ଆଉ ୨ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।



### ୪୭ କୋଟିର ସୁନା, ରୁପା ଜବତ

**ମୁମ୍ବାଇ,୧୪।୯**

ମୁମ୍ବାଇର ଏକ ପ୍ରାଇଭେଟ ଲକର୍‌ରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ୯୧.୫ କେଜି ସୁନା ଏବଂ ୧୫୨ କେଜି ଓଜନର ରୁପା ଜବତ କରିଛି। ଜବତ ସୁନା ଓ ରୁପାର ବଜାର ମୂଲ୍ୟ ୪୭ କୋଟି ଟଙ୍କା ରହିଛି। ମନି ଲଣ୍ଡରିଂ ନେଇ ସୁନା ବାର୍ ନିର୍ମାଣକାରୀ କମ୍ପାନୀରେ ଇଡି ଚଢ଼ାଉ କରିଥିବାବେଳେ ବୁଧବାର ଏହାର ପ୍ରାଇଭେଟ ଲକର ସର୍ଚ୍ଚ କରାଯାଇଥିଲା। ଆଉ ଏକ ଲକରରୁ ୧୮୮ କେଜିର ରୂପା ଇଡ଼ିର ହସ୍ତଗତ ହୋଇଛି।

# ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ରେ ନିଆଁ

**ବିମାନରେ ଥିଲେ ୧୫୧ ଯାତ୍ରୀ**

**ନୂଆଦିଲ୍ଲୀ,୧୪।୯:** ଓମାନର ମସ୍କାଟ୍ ଅନ୍ତର୍ଜାତୀୟ ବିମାନବନ୍ଦରରେ ବୁଧବାର ଏୟାର ଇଣ୍ଡିଆର ଏକ ବିମାନରେ ନିଆଁ ଲାଗିଯିବାରୁ ଯାତ୍ରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଥିଲା। ଏହାର ଏକ ଇଞ୍ଜିନରୁ ନିଆଁ ବାହାରୁଥିବା ଜଣାପଡ଼ିବା ପରେ ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଥିଲା। ଏହି ଘଟଣାର ତଦନ୍ତ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଆରମ୍ଭ କରିଛି।ସ୍ଥାନୀୟ ସମୟ ପୂର୍ବାହ୍ନ ୧୧ଟା ୨୦ରେ ଏୟାରପୋର୍ଟରୁ କୋଚି ଅଭିମୁଖେ ବାହାରିଥିବା ଏୟାର ଇଣ୍ଡିଆ ବିମାନ ଏୟାରପୋର୍ଟରେ ପାର୍କ ଅବସ୍ଥାରେ ଥିବାବେଳେ ବୋଇଂ ୭୩୭-୮୦୦ ବିମାନରେ ମୋଟ ୧୪୧ ଯାତ୍ରୀ, ୪ ଶିଶୁ ଓ ୬ କ୍ରୁ ମେମ୍ବର ଥିଲେ। ବିମାନଟି ଟ୍ୟାକ୍ସିୱେରେ ଥିବାବେଳେ ଏଥିରେ ହଠାତ୍ ନିଆଁ ଲାଗିଯାଇଥିଲା।

# ମହାରାଣୀଙ୍କ ଶେଷକୃତ୍ୟରେ ସାମିଲ ହେବେ ରାଷ୍ଟ୍ରପତି ମୁର୍ମୁ

**ନୂଆଦିଲ୍ଲୀ,୧୪।୯**



ସେପ୍ଟେମ୍ବର ୮ରେ ପରଲୋକଗତ ବ୍ରିଟେନ ମହାରାଣୀ ଏଲିଜାବେଥ ୨ୟଙ୍କ ଶେଷକୃତ୍ୟ ଆସନ୍ତା ସୋମବାର (୧୯ରେ) ସ୍ଥାନୀୟ ସମୟ ପୂର୍ବାହ୍ନ ୧୧ଟାରେ ସମ୍ପନ୍ନ ହେବ। ଏଥିରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମେତ ୫୦୦ ବିଶ୍ୱନେତା ଓ ପ୍ରତିନିଧି ସାମିଲ ହେବେ। ଏଥିଲାଗି ରାଷ୍ଟ୍ରପତି ଆସନ୍ତା ୧୭ରୁ ୧୯ ତାରିଖ ପର୍ଯ୍ୟନ୍ତ ଲଣ୍ଡନ ଗସ୍ତ କରିବେ। ସେ ଭାରତ ସରକାରଙ୍କ ପକ୍ଷରୁ ରାଜପରିବାରକୁ ସମବେଦନା ଜଣାଇବେ ବୋଲି ବୁଧବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା କରାଯାଇଛି।

ୱେଷ୍ଟମିନିଷ୍ଟର ଆବେରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ମହାରାଣୀଙ୍କ ଶେଷକୃତ୍ୟ କରାଯିବ। ଏହାର ଅବ୍ୟବହିତ ପୂର୍ବରୁ ଏଲିଜାବେଥ ୨ୟଙ୍କ ବଡ଼ପୁଅ କିଙ୍ଗ୍ ଚାର୍ଲ୍ସ ୩ୟ ରବିବାର ରାତିରେ ଲଣ୍ଡନର ବକିଂହାମ ପ୍ୟାଲେସରେ ବିଶ୍ୱନେତାଙ୍କୁ ଭେଟି ସ୍ୱାଗତ କରିବେ। ବ୍ରିଟେନରେ ଏହା ହେବ ବିଗତ ୫୭ ବର୍ଷରେ ପ୍ରଥମ ଷ୍ଟେଟ୍ ଫ୍ୟୁନେରାଲ। ୧୯୬୫ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ୱିନ୍‌ଷ୍ଟନ୍ ଚର୍ଚ୍ଚିଲଙ୍କ ମୃତ୍ୟୁ ପରେ ଏଭଳି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ରାଷ୍ଟ୍ରପତି ମୁର୍ମୁ ୩ ଦିନିଆ ଲଣ୍ଡନ ଗସ୍ତରେ ଯିବେ। ବକିଂହାମ୍ ପ୍ୟାଲେସର ଲାନ୍‌କାଷ୍ଟର ହାଉସ୍‌ରେ ରାଷ୍ଟ୍ରପତି ଭାରତ ସରକାରଙ୍କ ପକ୍ଷରୁ ଶୋକବାର୍ତ୍ତା ଦେବେ। ଫ୍ୟୁନେରାଲ ସର୍ଭିସ୍ ପରେ ମହାରାଣୀଙ୍କ କଫିନକୁ ୱେଷ୍ଟମିନିଷ୍ଟର ଆବେରୁ ୱିଣ୍ଡସର କ୍ୟାଶେଲସ୍ଥିତ ସେଣ୍ଟ ଜର୍ଜ ଚାପେଲକୁ ଶୋଭାଯାତ୍ରାରେ ନିଆଯିବ। କମନ୍‌ୱେଲ୍‌ଥ ରାଷ୍ଟ୍ର ଓ ବ୍ରିଟେନର ସହଯୋଗୀ ଦେଶର ମୁଖ୍ୟମାନଙ୍କ ସହ ରାଷ୍ଟ୍ରପତି ମୁର୍ମୁ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେବେ। ବ୍ରିଟେନ ମିଡିଆ ରିପୋର୍ଟ ଅନୁସାରେ ରୁଷିଆ, ବେଲାରୁଷ ଓ ମ୍ୟାନ୍‌ମାରକୁ ରାଜପରିବାର ପକ୍ଷରୁ ନିମନ୍ତ୍ରଣ କରାଯାଇ ନାହିଁ ।

# ବାଧ୍ୟତାମୂଳକ ଶ୍ରମ ଉତ୍ପାଦିତ ଦ୍ରବ୍ୟ ବ୍ୟାନ୍ କରିବ ଇୟୁ

**ବ୍ରସେଲ୍ସ, ୧୪।୯**



ଲୋକଙ୍କୁ ଜବରଦସ୍ତି ଶ୍ରମିକ ସଜାଇ ସେମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀ ଉପରେ କଟକଣା ଲଗାଇବାକୁ ୟୁରୋପିଆନ୍ ୟୁନିୟନ୍(ଇୟୁ) ଯୋଜନା ପ୍ରସ୍ତୁତ କରିଛି। ମହାମାରୀ, ଯୁଦ୍ଧ ପ୍ରଭାବ, ଜଳବାୟୁ ପରିବର୍ତ୍ତନ ଆଦି ଯୋଗୁ ବିଶ୍ୱରେ ବଢୁଥିବା ଆଧୁନିକ ଦାସତ୍ୱ ବା ମର୍ଡନ ସ୍ଲେଭେରି ହ୍ରାସ କରିବାକୁ ଏହି ପଦକ୍ଷେପ ଜରୁରୀ ବୋଲି ଇୟୁ କହିଛି। ଗତବର୍ଷ ବିଶ୍ୱର ୨ କୋଟି ୭୦ ଲକ୍ଷ ଲୋକଙ୍କୁ ଦାସତ୍ୱ ଗ୍ରହଣ କରିବାକୁ ବାଧ୍ୟ କରାଯାଇଛି। ସେମାନଙ୍କୁ ଇଚ୍ଛା ବିରୋଧରେ ତଥା ଅତ୍ୟାଚାର ବଳରେ ଶ୍ରମିକ ସଜାଯାଇଥିବା ଜାତିସଂଘର ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନ (ଆଇଏଲ୍‌ଓ) କହିଛି। ଶିଞ୍ଜିଆଙ୍ଗ୍ ପ୍ରଦେଶରେ ବସବାସ କରୁଥିବା ସଂଖ୍ୟାଲଘୁ ଉଇଗର ମୁସଲମାନଙ୍କ ଉପରେ ଚାଇନାର ଅତ୍ୟାଚାର ଓ ସେମାନଙ୍କୁ ଜୋରଜବରଦସ୍ତି ଶ୍ରମିକ ସଜାଉଥିବା ସାରା ବିଶ୍ୱ ଜାଣିଛି। ତେଣୁ ଇୟୁର ଏପରି ପଦକ୍ଷେପ ଯୋଗୁ ଚାଇନା ଉପରେ ଚାପ ପଡ଼ିବ ବୋଲି କୁହାଯାଉଛି। ହେଲେ ୟୁରୋପୀୟ ସଂଘ ନିର୍ଦ୍ଦିଷ୍ଟ ଭାବେ କୌଣସି ଦେଶର ନାଁ ଦର୍ଶାଇନାହିଁ।

ଇୟୁ ଏହି ନିୟମ ଆଣିବା ନିମନ୍ତେ ୟୁରୋପିଆନ୍ କମିଶନ ପ୍ରସ୍ତାବ ଦେଇଛି। ୨୭ ରାଷ୍ଟ୍ର ସଦସ୍ୟ ଥିବା ଏହି ବ୍ଲକ୍‌ର ମାର୍କେଟରୁ ବାଧ୍ୟ ଶ୍ରମ ଦ୍ୱାରା ପ୍ରସ୍ତୁତ ଉତ୍ପାଦକୁ ହଟାଯିବ ବୋଲି ୟୁରୋପୀୟ କମିଶନ କହିଛି। ଏହାଦ୍ୱାରା ବିଶ୍ୱର ସବୁଠୁ ବଡ଼ ବଜାର ବାଣିଜ୍ୟିକ ବ୍ଲକ୍‌ରେ ବାଧ୍ୟତାମୂଳକ ଶ୍ରମ ଦ୍ୱାରା ପ୍ରଡକ୍ଟ ଉତ୍ପାଦନ କିମ୍ବା ଏହି ମାର୍କେଟ ଦେଇ ଏହାର ପରିବହନକୁ ରୋକାଯାଇପାରିବ। ଏଥିରେ କୌଣସି ନିର୍ଦ୍ଦିଷ୍ଟ କମ୍ପାନୀ, ଶିଳ୍ପ କିମ୍ବା ଦେଶକୁ ଟାର୍ଗେଟ କରାଯାଇନାହିଁ ବୋଲି କୁହାଯାଇଛି। ଇୟୁ ବଜାରରୁ ଏଭଳି ଭାବେ ପ୍ରସ୍ତୁତ ଉତ୍ପାଦକୁ ସମ୍ପୂର୍ଣ୍ଣ ଭାବେ ବ୍ୟାନ୍ କରିବା ଏହାର ଉଦ୍ଦେଶ୍ୟ ବୋଲି କମିଶନର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ଭାଲ୍‌ଡିସ୍ ଡୋମ୍ବ୍ରୋଭ୍‌ସ୍କିସ୍ କହିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୧,୫୦,୬୪,୯୮୦ | ୬୫,୨୧,୨୨୫ | ୫୯,୪୧,୬୪,୦୦୫ |
| ଭାରତ | ୪,୪୫,୧୦,୦୫୭ | ୫,୨୮,୨୧୬ | ୪,୩୯,୩୬,୦୯୨ |
| ଓଡ଼ିଶା | ୧୩,୩୦,୮୫୩ | ୯୧୮୫(+୫୩) | ୧୩,୧୯,୯୪୧ |

ବୁଧବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### କୃଷି ବିଭାଗର ୩୦ ବରିଷ୍ଠ ଅଧିକାରୀଙ୍କୁ ୩୦ ଜିଲା ଦାୟିତ୍ୱ

- ନୋଡ଼ାଲ ଅଧିକାରୀ ଭାବେ କାର୍ଯ୍ୟ କରିବେ
- ପ୍ରତି ମାସରେ ଜିଲା ଗସ୍ତ କରି ରିପୋର୍ଟ ଦେବେ

ଭୁବନେଶ୍ୱର, ୧୪।୯(ବ୍ୟୁରୋ): ରାଜ୍ୟରେ କୃଷି କ୍ଷେତ୍ରର ଉନ୍ନତି ସହ ସହ ରାଜ୍ୟ ସରକାର ପ୍ରଣୟନ କରିଥିବା ବିଭିନ୍ନ ଯୋଜନାଗୁଡ଼ିକର ତ୍ୱରିତ କାର୍ଯ୍ୟାନ୍ୱୟନ ଓ ତଦାରଖ ପାଇଁ କୃଷି ବିଭାଗ ପକ୍ଷରୁ ୩୦ଜଣ ବରିଷ୍ଠ ଅଧିକାରୀଙ୍କୁ ୩୦ ଜିଲାର ନୋଡାଲ ଅଧିକାରୀ ଭାବେ ନିୟୋଜିତ କରାଯାଇଛି। ଏମାନେ ପ୍ରତିମାସରେ ଜିଲା ଗସ୍ତ କରି ଜିଲାରେ ଚାଷର ସ୍ଥିତି, କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ଅଗ୍ରଗତି, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ ଦ୍ୱାରା ଚାଲିଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବେ। ପରେ ବିଭାଗୀୟ ମନ୍ତ୍ରୀ ଓ ପ୍ରମୁଖ ଶାସନ ସଚିବଙ୍କୁ ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କୃଷି ଓ ଖାଦ୍ୟ ଉତ୍ପାଦନ, ଉଦ୍ୟାନ କୃଷି ଏବଂ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକଙ୍କ ସମେତ ବିଭାଗୀୟ ଅତିରିକ୍ତ ଶାସନ ସଚିବ, ଯୁଗ୍ମ ଶାସନ ସଚିବ, ଯୁଗ୍ମ ନିର୍ଦ୍ଦେଶକ ପ୍ରମୁଖ ବରିଷ୍ଠ ଅଧିକାରୀଙ୍କୁ ଜିଲାର ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି। ଏହି ଅଧିକାରୀମାନେ ଜିଲାଗସ୍ତ ସମୟରେ ଚାଷୀମାନଙ୍କୁ ବିହନ, ସାର, କୀଟନାଶକ ଓ ବିଭିନ୍ନ କୃଷି ସାମଗ୍ରୀ ଯୋଗାଣର ସ୍ଥିତି, ଫସଲ ଋଣ ଯୋଗାଣ, ଓଡ଼ିଶା ମିଲେଟ ମିଶନ, କ୍ଷେତପୋଖରୀ ଖନନ ଭଳି ବିଭିନ୍ନ କାର୍ଯ୍ୟର ଧାର୍ଯ୍ୟ ଲକ୍ଷ୍ୟ ଓ ଏହାର ସଫଳତା ନେଇ ସମୀକ୍ଷା କରିବେ। ବିଭିନ୍ନ ପ୍ରକାର ଫଳ, ପନିପରିବା ଚାଷ ସମେତ ଆଳୁ, ମସଲାଚାଷ, ବ୍ଲକସ୍ତରୀୟ ନର୍ସରୀ, ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବୃକ୍ଷରୋପଣ ଆଦି ସମ୍ପର୍କରେ ସବିଶେଷ ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ ସହିତ ଯୋଜନାଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକ ପ୍ରସ୍ତାବ ଦେବା ପାଇଁ କୁହାଯାଇଛି।

### ବିଜେବି କଲେଜରେ ୨ ସେଲ୍ଫ ଫାଇନାନ୍ସିଂ କୋର୍ସ ଫି’, ସିଟ୍ ବଢ଼ିଲା

ଭୁବନେଶ୍ୱର, ୧୪।୯(ବ୍ୟୁରୋ): ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ପିପିପି ମୋଡ୍‌ରେ ଚାଲୁଥିବା ବିଆଇଟିଏମ୍ ଓ ଏମ୍‌ଏଫ୍‌ସି ସେଲ୍ଫ ଫାଇନାନ୍ସିଂ କୋର୍ସର ଫି’ ସହିତ ସିଟ୍ ସଂଖ୍ୟାକୁ ବୃଦ୍ଧି କରାଯାଇଛି। ଏ ନେଇ ବୁଧବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜେବି କଲେଜ ଅଧକ୍ଷଙ୍କୁ ଚିଠି ଲେଖି ଅବଗତ କରାଯାଇଛି। ପ୍ରତିଭା ଏଜୁକେଶନାଲ ଟ୍ରଷ୍ଟ ପକ୍ଷରୁ ବିଜେବି କଲେଜରେ ଏହି ପାଠ୍ୟକ୍ରମ ଖୋଲାଯାଇଛି। ତେବେ ୨୦୨୨-୨୩ ଶିକ୍ଷାବର୍ଷରୁ ସିଟ୍ ବୃଦ୍ଧି ସହ ଫି’ ବୃଦ୍ଧି କରାଯାଇଛି। ବିଆଇଟିଏମ୍ ପାଠ୍ୟକ୍ରମ ପାଇଁ ପୂର୍ବରୁ କୋର୍ସ ଫି’ ୨୫ ହଜାର ଟଙ୍କା ରହିଥିବାବେଳେ ଏବେ ୫୦ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଏହାର ସିଟ୍ ସଂଖ୍ୟା ୬୦ରୁ ୯୬କୁ ବୃଦ୍ଧି ହୋଇଛି। ଏମ୍‌ଏଫ୍‌ସି ପାଠ୍ୟକ୍ରମ ପାଇଁ କୋର୍ସ ଫି ପୂର୍ବରୁ ୨୫ହଜାର ଥିବାବେଳେ ଏବେ ତାହା ୫୦ ହଜାର ହୋଇଛି। ଏଥି ସହ ସିଟ୍ ସଂଖ୍ୟା ୭୨ରୁ ୯୬କୁ ବୃଦ୍ଧି ପାଇଛି। ସୂଚନାଯୋଗ୍ୟ, ନିକଟରେ ବିଜେବି କଲେଜରେ ୫ଟି ସେଲ୍ଫ ଫାଇନାନ୍ସିଂ କୋର୍ସରେ ସିଟ୍ ସଂଖ୍ୟା ସହ କୋର୍ସ ଫି’ ମଧ ବୃଦ୍ଧି କରିଥିଲା ଉଚ୍ଚଶିକ୍ଷା ବିଭାଗ।



ସିପିଆଇର ନବନିର୍ବାଚିତ ରାଜ୍ୟ ସମ୍ପାଦକ ଅଭୟ ସାହୁ ବୁଧବାର ଭୁବନେଶ୍ୱରସ୍ଥିତ ଧରିତ୍ରୀ କାର୍ଯ୍ୟାଳୟରେ ‘ଧରିତ୍ରୀ’ ଏବଂ ‘ଓଡ଼ିଶା ପୋଷ୍ଟ’ ସମ୍ପାଦକ ତଥାଗତ ସତପଥୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି। ତାଙ୍କ ସହ ଅଛନ୍ତି ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ କ୍ଷୀରୋଦ ସିଂଦେଓ ଏବଂ ଏଆଇଟିୟୁସିର ଜାତୀୟ ପରିଷଦ ସଭ୍ୟ ଜୟନ୍ତ ଦାସ।

## ଯୁକ୍ତ୨: ଆଜି ସ୍ୱଟ୍ ମେଧା ତାଲିକା

ଭୁବନେଶ୍ୱର, ୧୪।୯(ବ୍ୟୁରୋ)

୨୦୨୨-୨୩ ଶିକ୍ଷାବର୍ଷ ପାଇଁ ଯୁକ୍ତ୨ରେ ନାମଲେଖା ଲାଗି ଗୁରୁବାର ଅପରାହ୍ନ ୨ଟାରେ ସ୍ୱଟ୍ ମେଧା ତାଲିକା ପ୍ରକାଶ ପାଇବ। ଏହି ତାଲିକାରେ ବଳକା ସିଟ୍‌ର ୧୦ଗୁଣ ରହିବ। ଏଥିରେ ମନୋନୀତ ଛାତ୍ରୀଛାତ୍ର ୧୫ ତାରିଖ ମଧ୍ୟାହ୍ନ ୩ଟାରୁ ୧୬ତାରିଖ ଅପରାହ୍ନ ୫ଟା ମଧ୍ୟରେ ସମ୍ପୃକ୍ତ ଉଚ୍ଚ ମାଧ୍ୟମିକ ସ୍କୁଲରେ ନାମ ପଞ୍ଜୀକରଣ କରିବେ। ୧୭ ତାରିଖ ପୂର୍ବାହ୍ନ ୧୧ଟାରେ ସ୍ୱଟ୍ ନାମଲେଖା ପାଇଁ ଚୂଡ଼ାନ୍ତ ମେଧା ତାଲିକା ଉକ୍ତ ସ୍କୁଲରେ ପ୍ରକାଶ ପାଇବ। ଏଥିରେ ମନୋନୀତ ଛାତ୍ରୀଛାତ୍ର ୧୭ ତାରିଖ ଅପରାହ୍ନ ୧୨ଟାରୁ ୨୦ ତାରିଖ ଅପରାହ୍ନ ୪ଟା ଭିତରେ ନାମ ଲେଖାଇବେ।

# ଅଢ଼େଇ ଘଣ୍ଟା ଧରି ଉଭୟଙ୍କୁ କାଉନ୍‌ସେଲିଂ

କଟକ ଅଫିସ, ୧୪।୯

**ପରିବାର ଅଦାଲତରେ ବର୍ଷା-ଅନୁଭବ ବିବାହ ବିଚ୍ଛେଦ ମାମଲା**

**ବୁଝାମଣା ପାଇଁ ବାଟ ଫିଟୁଛି**



ଅଭିନେତା ତଥା କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତି ଓ ଅଭିନେତ୍ରୀ ତଥା ସ୍ତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ମଧ୍ୟରେ ସୃଷ୍ଟ ପାରିବାରିକ ବିବାଦରେ ଆପୋସ ବୁଝାମଣାର ବାଟ ଫିଟୁଛି। ଉଭୟେ ବୁଧବାର କଟକ ପରିବାର ଅଦାଲତରେ ହାଜର ହେବା ପରେ କୋର୍ଟ ଆପୋସ ବୁଝାମଣା ପାଇଁ ଉଭୟଙ୍କୁ ୨ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି କାଉନ୍‌ସେଲିଂ କରିଛନ୍ତି। ଏହି କାଉନ୍‌ସେଲିଂ କିଛିମାତ୍ରାରେ ସଫଳ ହୋଇଥିବା ଅଦାଲତ ଅନୁଭବ କରିବାପରେ ଆଉଥରେ କାଉନ୍‌ସେଲିଂ ପାଇଁ ମାମଲାକୁ ଆସନ୍ତା ୨୭କୁ ଧାର୍ଯ୍ୟ କରିଥିବା ଜଣାପଡ଼ିଛି। ଅପରପକ୍ଷରେ ବର୍ଷାଙ୍କ ପକ୍ଷରୁ ଅଦାଲତରେ ଏକ ସତ୍ୟପାଠ ଦାଖଲ କରାଯାଇ ବିଚାର ପ୍ରକ୍ରିୟାରେ ସହଯୋଗ କରିବାକୁ ଉଲ୍ଲେଖ କରିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଏମ୍‌ପି ଅନୁଭବଙ୍କ ପକ୍ଷରୁ କଟକ ପରିବାର ଅଦାଲତରେ ଚାଲିଥିବା ଛାଡ଼ପତ୍ର ମାମଲାରେ ଅଭିନେତ୍ରୀ ବର୍ଷା କୋର୍ଟ କାର୍ଯ୍ୟକୁ ଜାଣିଶୁଣି ବିଳମ୍ବ କରୁଥିବା ଓ ଏମ୍‌ପି ଅନୁଭବ ବିବାହ ସ୍ଥାନ ସମ୍ପର୍କିତ ଭୁଲ୍ ତଥ୍ୟ ଦେଇଥିବା କାରଣରୁ ଅଦାଲତ ଉଭୟଙ୍କୁ ୫ ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ଗତ ଶୁକ୍ରବାର ନିର୍ଦ୍ଦେଶ ଦେଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଅନୁଭବ ଓ ବର୍ଷା ଅଦାଲତରେ ବୁଧବାର ପହଞ୍ଚିବା ପରେ ଜରିମାନା ଅର୍ଥ ନାଜରଖାନାରେ ଦାଖଲ କରି ପ୍ରମାଣସ୍ୱରୂପ ତାର ରସିଦ୍ ଅଦାଲତଙ୍କ ନିକଟରେ ଦେଖାଇଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ପରିବାର ଅଦାଲତ ଉଭୟଙ୍କ ମଧ୍ୟରେ ସୃଷ୍ଟ ବିବାଦକୁ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଏବଂ ଆପୋସ ବୁଝାମଣାରେ ଅନ୍ତ ଘଟାଇବାକୁ ଚେଷ୍ଟା କରିଥିଲେ। ସେଥିପାଇଁ ସେମାନଙ୍କୁ ବିଚାରପତି ନିଜ ଚ୍ୟାମ୍ବରରେ ଅପରାହ୍ନ ପ୍ରାୟ ୨ଟାରୁ ସାଢ଼େ ୪ଟା ପର୍ଯ୍ୟନ୍ତ ଉଭୟଙ୍କୁ କାଉନ୍‌ସେଲିଂ କରିଥିଲେ। ଏହା ଏକ ପ୍ରକାର ସଫଳ ହୋଇଥିବା ଜଣାପଡ଼ିଛି।

ସୂଚନା ଯୋଗ୍ୟ ଯେ, ଏମ୍‌ପି ଅନୁଭବଙ୍କ ପକ୍ଷରୁ କଟକ ପରିବାର ଅଦାଲତରେ ଦାଏର ହୋଇଥିବା ମାମଲାର ବାରମ୍ବାର ତାରିଖ ସତ୍ତ୍ୱେ ଶୁଣାଣି ବେଳେ ସାକ୍ଷ୍ୟ ପ୍ରଦାନ ପାଇଁ ବର୍ଷା ଅନୁପସ୍ଥିତ ରହୁଥିଲେ। ତେଣୁ ବର୍ଷାଙ୍କ ସାକ୍ଷ୍ୟ ଗ୍ରହଣ ନ କରି ଶୁଣାଣି କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ଗତ ଶୁକ୍ରବାର ପରିବାର ଅଦାଲତରେ ବର୍ଷାଙ୍କ ପକ୍ଷରୁ ସାକ୍ଷ୍ୟ ଗ୍ରହଣ ନିମନ୍ତେ କରାଯାଇଥିବା ଆବେଦନକୁ ଅଦାଲତ ଗ୍ରହଣ କରିବା ସହ ଅନୁଭବଙ୍କ ପିଟିଶନ୍‌ରେ ବିବାହ ସ୍ଥାନ ଦିଲ୍ଲୀ ବଦଳରେ ଭୁବନେଶ୍ୱର ସଂଶୋଧନ ନିମନ୍ତେ କରିଥିବା ଆବେଦନକୁ ଅଦାଲତ ଗ୍ରହଣ କରିଥିଲେ।

# ଲୋଭରେ ବୁଡ଼ିଲା ୧୦ଲକ୍ଷ: ଯୁବକଙ୍କ ଆତ୍ମହତ୍ୟା

ବଲାଙ୍ଗୀର ଅଫିସ, ୧୪।୯

- ଶେୟାର ମାର୍କେଟ୍ ଦଲାଲ ଠକିନେଲେ
- ଧାର ଉଧାର କରି ଟଙ୍କା ଖଟାଇଥିଲେ



ମୃତ ବିନୋଦ କୁମାର ଯାଦବ।

ଶେୟାର ମାର୍କେଟରେ କମ୍‌ଦିନରେ ଟଙ୍କା ଦ୍ୱିଗୁଣିତ ହେବା ଆଶାରେ ଧାର ଉଧାର କରି ୧୦ ଲକ୍ଷ ଟଙ୍କା ଖଟାଇଥିବା ଜଣେ ବ୍ୟକ୍ତି ସର୍ବସ୍ୱାନ୍ତ ହେବା ପରେ ବିଷପିଇ ଜୀବନ ହାରିଛନ୍ତି। ଏଭଳି ଏକ ଅଘଟଣ ଘଟିଛି ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନା ଅନ୍ତର୍ଗତ ଗନ୍ଧର୍ଲା ଗ୍ରାମରେ। ମୃତକ ହେଲେ ବିନୋଦ କୁମାର ଯାଦବ(୫୦)। ଶେୟାର ମାର୍କେଟର ଜଣେ ଦଲାଲଙ୍କ ହାବୁଡ଼ରେ ପଡ଼ିବା ପରେ ବିନୋଦଙ୍କ ଏଭଳି ଦୁର୍ଦ୍ଦଶା ହୋଇଛି।

ଶେୟାର ମାର୍କେଟରେ ଟଙ୍କା ବୁଡ଼ିଯିବା କଥା ଜାଣିବା ପରେ କିଛିଦିନ ହେଲା ବିନୋଦ କୁମାର ମାନସିକ ଅବସାଦରେ ଥିଲେ। ମଙ୍ଗଳବାର ସେ ବିଷ ପିଇ ଦେଇଥିବା ପରିବାର ଲୋକେ ଜାଣିବା ପରେ ତାଙ୍କୁ ତୁରନ୍ତ ସ୍ଥାନୀୟ ହସ୍ପିଟାଲ ନେଇଥିଲେ। ହେଲେ ସେଠାରେ ଅବସ୍ଥା ଉଦ୍‌ବେଗଜନକ ହେବାରୁ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ମୃତ ବିନୋଦଙ୍କ ସ୍ତ୍ରୀଙ୍କ ଅଭିଯୋଗ ହେଲା ଯେ, ଦିଲ୍ଲୀର ଜଣେ ଶେୟାର ମାର୍କେଟ ଦଲାଲ ଓମ୍‌ପ୍ରକାଶ ଶେୟାର ମାର୍କେଟରେ ଟଙ୍କା ଡବଲ ହେବା ଲୋଭ ଦେଖାଇ ବିନୋଦଙ୍କଠାରୁ ପ୍ରାୟ ୧୦ ଲକ୍ଷ ଟଙ୍କା ଠକି ନେଇଥିଲେ। ବିନୋଦ ନିଜର ସମ୍ପତ୍ତି ବିକ୍ରି କରି ଏବଂ ବିଭିନ୍ନ ଲୋକଙ୍କଠାରୁ ଧାର ଉଧାର କରି ଶେୟାର ମାର୍କେଟ ଦଲାଲ ଓମ୍‌ପ୍ରକାଶଙ୍କୁ ଟଙ୍କା ଦେଇଥିଲେ। ଏପରିକି ତାଙ୍କ ସ୍ତ୍ରୀ ଏସ୍‌ଏଚ୍‌ଜି ଏବଂ ଅନ୍ୟମାନଙ୍କଠାରୁ ୩ ଲକ୍ଷ ଟଙ୍କା ଯୋଗାଡ଼ କରି ଦେଇଥିଲେ। ବହୁ ଦିନ ଧରି ଟଙ୍କା ନ ମିଳିବାରୁ ଓମ୍‌ପ୍ରକାଶଙ୍କୁ ଫୋନ୍ କରି ଘଟଣା ସମ୍ପର୍କରେ ବୁଝିଥିଲେ। ଏହାପରେ ଓମ୍‌ପ୍ରକାଶ ଦେଢ଼ ଲକ୍ଷ ଟଙ୍କାର ଏକ ଚେକ୍ ବିନୋଦଙ୍କୁ ଦେଇ ସ୍ଥାନୀୟ ବ୍ୟାଙ୍କରେ ଡିପୋଜିଟ କଲେ ଟଙ୍କା ପାଇବେ ଏବଂ ଏଭଳି ଚେକ୍ ମାଧ୍ୟମରେ ନିରନ୍ତର ବ୍ୟବଧାନରେ ଦୁଇଗୁଣା ଟଙ୍କା ଫେରି ପାଇବେ ବୋଲି କହିଥିଲେ। ବିନୋଦ ଉକ୍ତ ଚେକ୍‌କୁ ନେଇ ସ୍ଥାନୀୟ ଏକ ବ୍ୟାଙ୍କରେ ଡିପୋଜିଟ କରିବା ପରେ ତାହା ବାଉନ୍ସ ହୋଇଯାଇଥିଲା। ଏହାପରେ ଓମ୍‌ପ୍ରକାଶଙ୍କ ସହ ଆଉ କୌଣସି ଯୋଗାଯୋଗ ସମ୍ଭବ ହୋଇ ନ ଥିଲା। ଏଥିରୁ ବିନୋଦ ଠକାମିରେ ପଡିଥିବା ଜାଣିପାରିଥିଲେ। ଏପଟେ ଧାରଉଧାର ଦେଇଥିବା ଲୋକେ ଟଙ୍କା ଫେରସ୍ତ କରିବାକୁ ବିନୋଦଙ୍କୁ ବାରମ୍ବାର କହିଥିଲେ। ଏହି ଚାପରେ ମାନସିକ ବିଷାଦଗ୍ରସ୍ତ ହୋଇ ଶେଷରେ ବିନୋଦ ବିଷ ପିଇ ଦେଇଥିବା ଜଣାପଡିଛି। ବିନୋଦଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ବୁଧବାର ପରିବାର ଲୋକଙ୍କୁ ଦିଆଯାଇଥିଲା। ଘଟଣା ସମ୍ପର୍କରେ ସିନ୍ଧେକେଲା ଥାନାଧିକାରୀ ଆଲୋକ ବେହେରାଙ୍କୁ ପଚାରିବାରୁ ଟଙ୍କା ଠକେଇ ନେଇ କୌଣସି ଅଭିଯୋଗ ହୋଇ ନ ଥିବା କହିଛନ୍ତି। ଘଟଣାଟି ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

# ନକଲି ଔଷଧ ରୋକିବାକୁ ସବୁ ଜିଲାରେ ଚଢ଼ାଉ ହେବ: ମନ୍ତ୍ରୀ

**ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ସିଟି ସ୍କାନ୍ ସେବା ଉଦ୍‌ଘାଟିତ**



ସିଟି ସ୍କାନ ମେଶିନକୁ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଉଦ୍‌ଘାଟନ କରୁଛନ୍ତି।

ଭୁବନେଶ୍ୱର, (ବ୍ୟୁରୋ)/ ଝାରସୁଗୁଡ଼ା ଅଫିସ, ୧୪।୯

ନକଲି ଔଷଧ କାରବାର ରୋକିବାକୁ ରାଜ୍ୟରେ ଚଢ଼ାଉ କରାଯାଉଛି। ଆଗକୁ ସବୁ ଜିଲାରେ ଚଢ଼ାଉ ପାଇଁ ନିର୍ଦ୍ଦେଶ ଦିଆଯିବ। ଯଦି କେହି ଭୁଲ୍ କରିଥିବେ ତାଙ୍କୁ ଦଣ୍ଡ ଦିଆଯିବ। କାହାକୁ ଛଡ଼ାଯିବ ନାହିଁ। ସ୍ୱାସ୍ଥ୍ୟ ବିଭାଗ କଦାପି ଏହାକୁ ସହ୍ୟ କରିପାରିବ ନାହିଁ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ କହିଛନ୍ତି। ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟରେ ବୁଧବାର ସିଟି ସ୍କାନ୍ ସେବାକୁ ଉଦ୍‌ଘାଟନ କରିବା ଅବସରରେ ମନ୍ତ୍ରୀ ଦାସ ଏହି ସୂଚନା ଦେଇଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରୁ କିପରି ଲୋକେ ଉତ୍ତମ ଚିକିତ୍ସା ସେବା ପାଇବେ, ସେଥିପାଇଁ ପଦକ୍ଷେପ ନିଆଯାଇଛି। ଏଥିସହ ଝାରସୁଗୁଡା ଜିଲାକୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଗ୍ରଣୀ କରିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ତେବେ ଏହି ସିଟି ସ୍କାନ୍ ସେବା ପବ୍ଲିକ ପ୍ରାଇଭେଟ ପାର୍ଟନରସିପ୍(ପିପିପି) ମାଧ୍ୟମରେ ଆଡ୍‌ଆନେକ୍ସ ହେଲ୍‌ଥ କେୟାର ପ୍ରା. ଲି. ଦ୍ୱାରା ପରିଚାଳିତ ହେବ। ଏଥିରେ ସମସ୍ତ ପ୍ରକାର ସିଟି ସ୍କାନ୍ ନିଦାନ କାର୍ଯ୍ୟକ୍ରମ ଅଧୀନରେ ମାଗଣାରେ ଉପଲବ୍ଧ ହେବ। ରାଜ୍ୟ ସରକାରଙ୍କ ସହ ଅନୁବନ୍ଧିତ ଓଡିଶା ରାଜ୍ୟ ଔଷଧ ଯୋଗାଣ ସଂସ୍ଥା ଦ୍ୱାରା ନିର୍ଦ୍ଧାରିତ ୧୮ ଜିଲା ମଧ୍ୟରୁ ଝାରସୁଗୁଡାରେ ପ୍ରଥମେ ଏହି ସେବା ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡୋଲାମଣି ପଟେଲ, ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପରିଚାଳକ ବୁଲୁନାଥ ସାହୁ, ଆଡ୍ ଆନେକ୍ସ ହେଲ୍‌ଥ କେୟାର ପ୍ରା.ଲି.ର ପ୍ରତିନିଧି ପୟୋଧର ଦାସଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ଜିଲାରେ ଅଣସଂକ୍ରାମକ ରୋଗ ଚିକିତ୍ସାକୁ ତ୍ୱରାନ୍ୱିତ କରିବା ପାଇଁ ନବନିଯୁକ୍ତ ୩୨ଜଣ ସିଏଚ୍‌ଓଙ୍କୁ ଲାପ୍‌ଟପ୍ ପ୍ରଦାନ କରିଥିଲେ। ପରେ ମନ୍ତ୍ରୀ ଦାସ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଡାକ୍ତରଙ୍କୁ ନେଇ ଏକ ସମୀକ୍ଷା ବୈଠକ କରିଥିଲେ।

ସୂଚନାଯୋଗ୍ୟ, ଗତ କିଛିଦିନ ତଳେ ଭୁବନେଶ୍ୱର, କଟକ, ରାଉରକେଲା ଆଦି କେତେକ ସ୍ଥାନରେ ସ୍ୱାସ୍ଥ୍ୟ ବିଭାଗ ଚଢ଼ାଉ କରିବା ପରେ ନକଲି ଔଷଧ କାରବାର ଘଟଣା ପଦାକୁ ଆସିଥିଲା। ଏଥିରେ ସମ୍ପୃକ୍ତ କଟକର ଦୁଇଜଣ ହୋଲ୍‌ସେଲରଙ୍କୁ ଗିରଫ କରାଯାଇଛି। ଏହି ଘଟଣାରେ ଆଉ କିଏ ସାମିଲ ଅଛନ୍ତି, ସେ ଦିଗରେ ମଧ୍ୟ ତଦନ୍ତ ଜାରି ରହିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ପିଜି ନାମଲେଖା: ଆଜି ପ୍ରକାଶ ପାଇବ ସିଟ୍ ଆବଣ୍ଟନ ତାଲିକା

ଭୁବନେଶ୍ୱର, ୧୪।୯(ବ୍ୟୁରୋ)

୨୦୨୨-୨୩ ଶିକ୍ଷାବର୍ଷ ପାଇଁ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପିଜି ନାମଲେଖା ନିମନ୍ତେ ଗୁରୁବାର ଅପରାହ୍ନ ୪ଟାରେ ପ୍ରଥମ ପର୍ଯ୍ୟାୟ ସିଟ୍ ଆବଣ୍ଟନ ତାଲିକା ପ୍ରକାଶ ପାଇବ। ଏଥିରେ ମନୋନୀତ ଛାତ୍ରୀଛାତ୍ରଙ୍କର ୧୬ ଓ ୧୭ ତାରିଖରେ ନାମଲେଖା ଅନୁଷ୍ଠିତ ହେବ। ସେହିଭଳି ଦ୍ୱିତୀୟ ପର୍ଯ୍ୟାୟ ସିଟ୍ ଆବଣ୍ଟନ ତାଲିକା ୨୩ ତାରିଖ ଅପରାହ୍ନ ୨ଟାରେ ପ୍ରକାଶ ପାଇବ। ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ୨୪ ଓ ୨୫ ତାରିଖ ସନ୍ଧ୍ୟା ୫ଟା ଭିତରେ ହେବ। ଦୁଇଟି ପର୍ଯ୍ୟାୟ ନାମଲେଖା ପରେ ୨୯ ତାରିଖରେ ବଳକା ସିଟ୍ ତାଲିକା ପ୍ରକାଶ ପାଇବ। ଅକ୍ଟୋବର ୧୦ ତାରିଖ ଅପରାହ୍ନ ୪ଟାରେ ସ୍ୱଟ ନାମଲେଖା ଲାଗି ମେଧା ତାଲିକା ପ୍ରକାଶ ପାଇବ। ୧୧ ଓ ୧୨ତାରିଖରେ ଛାତ୍ରୀଛାତ୍ରମାନେ ମନୋନୀତ ହୋଇଥିବା ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ରିପୋର୍ଟ କରିବେ। ୧୪ ତାରିଖ ଅପରାହ୍ନ ୧୨ଟାରେ ସ୍ୱଟ୍ ନାମଲେଖା ଲାଗି ଚୂଡ଼ାନ୍ତ ମେଧା ତାଲିକା ପ୍ରକାଶ ପାଇବ। ୧୫ ଓ ୧୭ ତାରିଖରେ ସ୍ୱଟ୍ ନାମଲେଖା ହେବ। ସୂଚନାଯୋଗ୍ୟ, ପିଜି ନାମଲେଖା ଲାଗି ରାଜ୍ୟରେ ଗତ ଅଗଷ୍ଟ ୧ରୁ ୧୩ ତାରିଖ ମଧ୍ୟରେ ଏକକ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା।






# ଜଙ୍ଗଲ ରାସ୍ତା ସଫାକରି ୮ କି.ମି. ବୁହାହେଲେ ପ୍ରସୂତି, ନବଜାତକ

ନବରଙ୍ଗପୁର/ତେନ୍ତୁଳିଖୁଣ୍ଟି, ୧୪।୯(ବି.ପ୍ର./ଡି.ଏନ୍.ଏ.)



ଗ୍ରାମବାସୀ ଜଙ୍ଗଲ ରାସ୍ତାରେ ପ୍ରସୂତି ଏବଂ ନବଜାତକଙ୍କୁ ଖଟିଆରେ ବୋହି ବୋଟ୍ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଉଛନ୍ତି।

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଇନ୍ଦ୍ରାବତୀ ଜଳଭଣ୍ଡାର ଅପରପାର୍ଶ୍ୱରେ ବାସ କରୁଥିବା ଗାଁକୁ ଗମନାଗମନ ସୁବିଧା ନାହିଁ। ଜଳଭଣ୍ଡାରର ଅକାତକାତ ପାଣିରେ ଅଞ୍ଚଳବାସୀଙ୍କ ଜୀବନଯାତ୍ରା ଚାଲିଛି। ରାସ୍ତା ସୁବିଧା ନ ଥିବାରୁ ଅନେକ ସମୟରେ ରୋଗୀ ଏବଂ ଗର୍ଭବତୀ ସମସ୍ୟା ଭୋଗୁଥିବା ଦୃଷ୍ଟିକୁ ଆସୁଛି। କଳାହାଣ୍ଡି ଜିଲାର ଆଦିବାସୀ ଅଧ୍ୟୁଷିତ ଥୁଆମୂଳ ରାମପୁର ବ୍ଲକ ପୋଡ଼ାପଦର ପଞ୍ଚାୟତର ଦୁର୍ଗମ ଉପରପୁଙ୍ଗା ଗ୍ରାମରେ ପୁଣି ଏଭଳି ଅଭାବନୀୟ ଘଟଣା ଘଟିଛି। ଜଣେ ପ୍ରସୂତି ଏବଂ ନବଜାତ ଶିଶୁପୁତ୍ରକୁ ଗୁରୁତର ଅବସ୍ଥାରେ ଜଙ୍ଗଲ ରାସ୍ତା ସଫାକରି ୮ କି.ମି. ବୋଟ୍ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ବୋହିନେବାକୁ ପଡ଼ିଛି।

ସୂଚନା ଅନୁଯାୟୀ, ଉପରପୁଙ୍ଗା ଗ୍ରାମର ଚକ୍ରଧର ହରିଜନଙ୍କ ସ୍ତ୍ରୀ ଅଞ୍ଜଳି(୩୮) ମଙ୍ଗଳବାର ରାତି ୯ଟାରେ ଏକ ଶିଶୁପୁତ୍ର ଘରେ ଜନ୍ମ ଦେଇଥିଲେ। ଏହାପରେ ଅଞ୍ଜଳିଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଥିଲା। ନେଟ୍‌ୱର୍କ ସୁବିଧା ନ ଥିବାରୁ ବୋଟ୍ ଆମ୍ବୁଲାନ୍ସକୁ ଯୋଗାଯୋଗ ହୋଇପାରି ନ ଥିଲା। ପଞ୍ଚାୟତର ସମିତି ସଭ୍ୟ ଅକ୍ଷୟ କୁମାର ହରିଜନ ମୋବାଇଲ ନେଟ୍‌ୱର୍କ ପଏଣ୍ଟକୁ ଯାଇ ନବରଙ୍ଗପୁର ଜିଲା ଇନ୍ଦ୍ରାବତୀସ୍ଥିତ ୧୦୮ ବୋଟ୍ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ତେବେ ଅଞ୍ଜଳିଙ୍କ ଅବସ୍ଥା ଗୁରୁତର ଥିବାରୁ ଆମ୍ବୁଲାନ୍ସ ଆସିବା ପୂର୍ବରୁ ପରିବାର ଲୋକଙ୍କ ସହଯୋଗରେ ଜଙ୍ଗଲ ରାସ୍ତା ସଫାକରି ଖଟିଆରେ ବୋହି ତଳଟେମରା ଡଙ୍ଗାଘାଟରେ ପହଞ୍ଚିଥିଲେ। ତୁରନ୍ତ ପ୍ରସୂତି ଏବଂ ନବଜାତକକୁ ବୋଟ୍ ଆମ୍ବୁଲାନ୍ସରେ ଜଳଭଣ୍ଡାରର ପୋଡ଼ାଗଡ଼ ଡ୍ୟାମ୍ ନିକଟକୁ ଆଣିଥିଲେ। ସେଠାରୁ ଉଭୟଙ୍କୁ ୧୦୨ ଆମ୍ବୁଲାନ୍ସରେ ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅଞ୍ଜଳିଙ୍କଠାରେ ରକ୍ତହୀନତା ସମସ୍ୟା ରହିଥିବାରୁ ତାଙ୍କୁ ରକ୍ତ ଦିଆଯିବ ବୋଲି ନବରଙ୍ଗପୁର ସିଡିଏମ୍‌ଓ କାଳୀପ୍ରସାଦ ବେହେରା କହିଛନ୍ତି। ସେହିପରି ଶିଶୁପୁତ୍ରକୁ ଏସ୍‌ଏନ୍‌ସିୟୁରେ ରଖାଯାଇଛି। ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ଜଳଭଣ୍ଡାର ଅପରପାର୍ଶ୍ୱ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଏବଂ କୋରାପୁଟ ଜିଲା ଦଶମନ୍ତପୁର ସ୍ୱାସ୍ଥ୍ୟକେନ୍ଦ୍ର ସହ ନିୟମିତ ଯୋଗାଯୋଗରେ ରହିବା ସହ ଆବଶ୍ୟକ ସ୍ଥଳେ ତୁରନ୍ତ ବୋଟ୍ ଆମ୍ବୁଲାନ୍ସରେ ରୋଗୀ ଏବଂ ଗର୍ଭବତୀଙ୍କୁ ଡାକ୍ତରଖାନା ଆଣିବା ବ୍ୟବସ୍ଥା କରିବା ନିମନ୍ତେ ସିଡିଏମ୍‌ଓ ତେନ୍ତୁଳିଖୁଣ୍ଟି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି।

**ଆଜିର ମନ୍ତବ୍ୟ**

ଭାଜପା ହେଉଛି ଗଣତନ୍ତ୍ରର ସିରିଆଲ କିଲର। ପଞ୍ଜାବରେ ଭଗୱନ୍ତ ମାନ୍ ସରକାରକୁ ଭାଙ୍ଗିବାକୁ ଉଦ୍ୟମ କରୁଥିବା ଏହି ଦଳ ବିରୋଧରେ ସିବିଆଇ କାର୍ଯ୍ୟାନୁଷ୍ଠାନ ନେଉନି କାହିଁକି? **-ଆତିଶି, ଏଏପି ମୁଖପାତ୍ର**


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



Sahinta

Family members

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତତା ଖଡିକା ଦେ ଚିଆଁ**
**ଏଥିପାଇଁ ହାଟ ବସିଛି କିଆଁ ?**

ଦୁଷ୍ଟ ବା ଖଳ ପ୍ରକୃତିର ବ୍ୟକ୍ତି ସହଜରେ ସିଧା ବାଟକୁ ଆସି ନ ଥାନ୍ତି। ଭୁଲ ରାସ୍ତାରୁ ଠିକ୍ ବାଟକୁ ଆଣିବା ପାଇଁ ତାଙ୍କ ପକ୍ଷେ ଶାରୀରିକ ଦଣ୍ଡ ଏକାନ୍ତ କାମ୍ୟ ବା ଅମୋଘ ଅସ୍ତ୍ର ହୋଇଥାଏ। ଆଗକାଳରେ ଦୋଷୀ ମୁହଁରୁ ସତ କଥା ଜାଣିବା ପାଇଁ ଲୁହାଖଡ଼ିକାକୁ ନିଆଁରେ ତତାଇ ଦୋଷୀ ବ୍ୟକ୍ତିଙ୍କୁ ଚିଆଁ ବା ଚେଙ୍କ ଦିଆଯାଉଥିଲା। ଫଳ ସ୍ୱରୂପ ଦୋଷୀ ନିଜ ଦୋଷ ସ୍ୱୀକାର କରିନେବା ସହ ପୁନରାୟ ସେଭଳି ଭୁଲ କରିବାକୁ ସାହସ କରିପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତେଲ ପୋଡ଼ିଗଲେ ଘି**
**ଘିଅ ପୋଡ଼ିଗଲେ ଛି।**

ସାଧାରଣତଃ ଖାଦ୍ୟକୁ ସ୍ୱାଦିଷ୍ଟ କରିବା ପାଇଁ ତେଲକୁ ଅଧିକ ତାପମାତ୍ରାରେ ବ୍ୟବହାର କରାଯାଇଥାଏ। ପେଟ ପାଇଁ ଖରାପ ହୋଇଥିଲେ ମଧ୍ୟ ପାଟିକୁ କିନ୍ତୁ ସୁଆଦିଆ ଲାଗିଥାଏ। ସେହିପରି ଘିଅ ବେଶୀ ମାତ୍ରାରେ ପୋଡିଗଲେ ଆଦୌ ଖାଇ ହୋଇ ନଥାଏ। ପାଟିକୁ ଏହା ପିତୁଳିଆ ଲାଗିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲିଃ

# ୧୮ରେ ଘୂର୍ଣ୍ଣିବଳୟ, ୨୦ରେ ଲଘୁଚାପ

**ଭୁବନେଶ୍ୱର,୧୪।୯(ବ୍ୟୁରୋ)**

ଆସନ୍ତା ୧୮ ତାରିଖରେ ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ୨୦ ତାରିଖ ବେଳକୁ ଏହା ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ୨୦ରୁ ୨୩ ତାରିଖ ଯାଏ ଦକ୍ଷିଣ ଏବଂ ଉପକୂଳ ଓଡିଶାରେ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ସତର୍କ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ, ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା ଏବଂ ବାଲେଶ୍ୱର ଜିଲାର କେତେକ ସ୍ଥାନରେ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଏଲୋୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୧୭ ତାରିଖରେ କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, ବୌଦ୍ଧ, କନ୍ଧମାଳ, ନୟାଗଡ, ଖୋର୍ଦ୍ଧା, କଟକ, ଗଞ୍ଜାମ ଏବଂ ବାଲେଶ୍ୱର ଜିଲାରେ ଘଡଘଡି ସହ ବର୍ଷା ହେବ ବୋଲି ସୂଚନା ଦିଆଯାଇଛି। ମୌସୁମୀ ଦୁର୍ବଳ ଯୋଗୁ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅଳ୍ପ କେତେକ ସ୍ଥାନରେ ବର୍ଷା ହୋଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ପୁରୀରେ ସର୍ବାଧିକ ୩୬.୪ ମିଲିମିଟର ହୋଇଥିବା ବେଳେ ପାରାଦୀପରେ ୩୧.୪ ଏବଂ ଯାଜପୁରରେ ୧୮ ମିଲିମିଟର ବର୍ଷା ରେକର୍ଡ ହୋଇଛି।

# 'ଚାଷୀଙ୍କ ଆୟ ଦ୍ୱିଗୁଣ କରାଯିବ'

**ଭୁବନେଶ୍ୱର,୧୪।୯(ବ୍ୟୁରୋ)**

ରାଜ୍ୟରେ କୃଷିର ବିକାଶ ଏବଂ କୃଷକଙ୍କ ଆୟବୃଦ୍ଧି ନିମନ୍ତେ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରବର୍ତ୍ତିତ ୫-ଟି ଆଧାରରେ ବିଭିନ୍ନ ଯୋଜନାର ସଫଳ ରୂପାୟନ କରି କୃଷିର ବିକାଶ ଓ ଚାଷୀଙ୍କ ଆୟ ଦ୍ୱିଗୁଣିତ କରାଇବା ନିମନ୍ତେ ବିଭାଗୀୟ ସଚିବ ଅରବିନ୍ଦ ପାଢ଼ୀ ଗୁରୁତ୍ୱାରୋପ କରିଛନ୍ତି।

କୃଷି ଭବନଠାରେ ବୁଧବାର ଆୟୋଜିତ ୫-ଟି ଟାସ୍କ ଟିମ୍ର ଏକ ସ୍ୱତନ୍ତ୍ର ବୈଠକରେ ଅଧ୍ୟକ୍ଷତା କରି ଅରବିନ୍ଦ ୫-ଟି ଅନ୍ତର୍ଗତ ୨୩ଟି କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। କୃଷକଙ୍କ ଆୟ ବୃଦ୍ଧି ନିମନ୍ତେ ଏବଂ ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଫସଲର ବିବିଧକରଣ କରାଯାଇ ଅଧିକରୁ ଅଧିକ ଡାଲି, ତୈଳବୀଜ, କପା, ଲଘୁଶସ୍ୟ, ଫଳ ଓ ପନିପରିବା ଚାଷକୁ ରାଜ୍ୟ ସରକାର ପ୍ରୋତ୍ସାହନ ଦେଉଛନ୍ତି। ଏହିସବୁ କାର୍ଯ୍ୟକ୍ରମକୁ ବିଭିନ୍ନ ଗଣମାଧ୍ୟମ ଜରିଆରେ ଚାଷୀଙ୍କ ନିକଟରେ ପହଞ୍ଚାଇବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ବଳରାମ ଯୋଜନାରେ ଯୁଗ୍ମଦେୟ ଗୋଷ୍ଠୀଙ୍କୁ ଋଣ ପ୍ରଦାନ, ଫାର୍ମ ପଣ୍ଡ ଖନନର ଅଗ୍ରଗତି ସମ୍ପର୍କରେ ବିଶଦ ଭାବେ ସମୀକ୍ଷା କରି ଏଗୁଡ଼ିକର କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ପାଇଁ କହିଛନ୍ତି। ଉନ୍ନତ କୃଷି ପ୍ରଣାଳୀ ମାଧ୍ୟମରେ ମିଲେଟ୍ ଜାତୀୟ ଫସଲର ଉତ୍ପାଦକତା ବୃଦ୍ଧି କରିବା ଓ ଏହାକୁ ଅଧିକ ବ୍ୟାପକ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ଓଡ଼ିଶାରେ କୃଷିର ବିକାଶ ଦିଗରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରମୁଖ ଭୂମିକା ନିର୍ବାହ କରୁଥିବାବେଳେ ଏହାକୁ ସ୍ୱତନ୍ତ୍ର ଉତ୍କର୍ଷ କେନ୍ଦ୍ର ଭାବେ ଗଢ଼ିତୋଳିବା ପାଇଁ ପ୍ରୋତ୍ସାହନ ଦେବା ଉପରେ ପ୍ରମୁଖ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି। କୃଷି କାର୍ଯ୍ୟରେ ଅଧିକରୁ ଅଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଭାଗୀଦାରିତା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି।

**ପ୍ରଥମ ପୃଷ୍ଠାରୁ...**

## ଓଡ଼ିଶାରେ ପୁଞ୍ଜିନିବେଶ ...

ଓଡ଼ିଶା କନ୍କ୍ଲେଭ୍-୨୦୨୨ରେ ଯୋଗଦେବାକୁ ସେ ଆମନ୍ତ୍ରଣ କରିଛନ୍ତି। ଏଥିରେ ଯୋଗଦେଇ ଶିଳ୍ପ ମନ୍ତ୍ରୀ ପ୍ରତାପ କେଶରୀ ଦେବ କହିଛନ୍ତି, ରାଜ୍ୟରେ ଶିଳ୍ପର ବିକାଶ ପାଇଁ ରାଜ୍ୟ ସରକାର ଅତି କୁଶଳୀ ଶ୍ରମିକ ସୃଷ୍ଟି ଉପରେ ଗୁରୁତ୍ୱ ଦେଇ ଆସିଛନ୍ତି। ରାଜ୍ୟରେ ୨୦୦ ଇଞ୍ଜିନିୟରିଂ କଲେଜ ଏବଂ ୧୦୦୦ ଆଇଟିଆଇ କଲେଜ ଜରିଆରେ ଦେଶର ସବୁଠାରୁ କୁଶଳୀ ମାନବ ସମ୍ବଳ ସୃଷ୍ଟି କରାଯାଇଛି। ଉନ୍ନତ ଦକ୍ଷତା ପ୍ରଶିକ୍ଷଣ ପାଇଁ ରାଜ୍ୟରେ ବିଶ୍ୱ ଦକ୍ଷତା କେନ୍ଦ୍ର ସ୍ଥାପନ କରାଯାଇଛି। ରାଜ୍ୟର ଯୁବ ଉଦ୍ୟୋଗୀ ସୃଷ୍ଟି କରିବା ସକାଶେ ଷ୍ଟାର୍ଟଅପ୍ ଓଡ଼ିଶା ଆରମ୍ଭ କରାଯାଇଛି।

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଇନ୍ଭେଷ୍ଟର୍ସ ମିଟ୍ରେ ଯୋଗ ଦେଇଥିବା ଅତିଥିମାନଙ୍କୁ ସ୍ୱାଗତ କରିବା ସହ କହିଛନ୍ତି ଯେ ଓଡ଼ିଶା ଦେଶର ସର୍ବବୃହତ ଷ୍ଟିଲ୍ ଓ ଆଲୁମିନିୟମ ଉତ୍ପାଦନକାରୀ ରାଜ୍ୟରେ ପରିଣତ ହୋଇପାରିଛି। ଏହା ପୂର୍ବରୁ ରାଜ୍ୟରେ ପୁଞ୍ଜିନିବେଶ ପାଇଁ ନିବେଶକଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୱାନ୍ ଟୁ ୱାନ୍ ଆଲୋଚନା ଆରମ୍ଭ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ବିଶିଷ୍ଟ ଶିଳ୍ପପତି ତଥା ମହିନ୍ଦ୍ରା ଗ୍ରୁପ୍ ଅଧ୍ୟକ୍ଷ ଆନନ୍ଦ ମହିନ୍ଦ୍ରା ଓ 'ୱାରେ ଇଞ୍ଜିନିୟର୍ସ ଲିଃ.'ର ଅଧ୍ୟକ୍ଷ ହିତେଶ ଚିମନଲାଲ ଦୋଶୀଙ୍କୁ ଭେଟିଛନ୍ତି। ଓଡ଼ିଶାରେ ପୁଞ୍ଜିନିବେଶର ସୁଯୋଗ ନେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏଥିସହିତ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ଦିନେଶ କୁମାର ଖାରା, ଅପାର ଇଣ୍ଡଷ୍ଟ୍ରିଜ ଲିମିଟେଡ୍ର ଅଧ୍ୟକ୍ଷ ଚୈତନ୍ୟ ଦେଶାଇ, ଜେଏମ୍ ବକ୍ସି ପ୍ରାଇଭେଟ ଲିମିଟେଡ୍ ଅଧ୍ୟକ୍ଷ ଧ୍ରୁଭ କୋଟାକ, ଆଇସିଆଇସିଆଇ ବ୍ୟାଙ୍କ ଏକଜିକ୍ୟୁଟିଭ ଡାଇରେକ୍ଟର ରାକେଶ ଝା, ଏଚ୍ଡିଏଫସି ବ୍ୟାଙ୍କ କଣ୍ଟ୍ରିହେଡ୍ ଅରବିନ୍ଦ ଭୋରା, ଏସ୍ଟିଟିଜିସି ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ର ସିଏଫ୍ଓ ବିମଳ ଖଣ୍ଡେଲୱାଲ ଏବଂ ଆଦିତ୍ୟ ବିର୍ଲା ଗ୍ରୁପ ଅଧ୍ୟକ୍ଷ କୁମାର ମଙ୍ଗଳମ୍ ବିର୍ଲା, ବେଦାନ୍ତ ଗ୍ରୁପ୍ ଚେୟାରମ୍ୟାନ ଅନିଲ ଅଗ୍ରୱାଲଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି।




ବେଦାନ୍ତ ଗ୍ରୁପ୍ ଚେୟାରମ୍ୟାନ ଅନିଲ ଅଗ୍ରୱାଲ ଓ ଅନ୍ୟମାନଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଲୋଚନା କରୁଛନ୍ତି। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ.ପାଣ୍ଡିଆନ୍।

ପୂର୍ବାହ୍ନ ୧୧ରୁ ମଧ୍ୟାହ୍ନ ସାଢ଼େ ୧ଟା ଯାଏ ମୁଖ୍ୟମନ୍ତ୍ରୀ ଜଣ ଜଣ କରି ନିବେଶକମାନଙ୍କ ସହ କଥା ହୋଇଛନ୍ତି। ଓଡ଼ିଶାର ଆର୍ଥିକ ବିକାଶ ଓ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ସେ ନିବେଶକଙ୍କୁ ଆମନ୍ତ୍ରଣ କରୁଛନ୍ତି। ରାଜ୍ୟର ବ୍ୟାଙ୍କିଙ୍ଗ୍, ରାସାୟନିକ ପଦାର୍ଥ, ଅକ୍ଷୟ ଶକ୍ତି, ପ୍ଲାଷ୍ଟିକ୍ ଓ ଖଣି ଆଦି କ୍ଷେତ୍ର ସହ ପରିଚିତ କରାଉଛନ୍ତି।

ଉଲ୍ଲେଖଯୋଗ୍ୟ ଯେ ଆସନ୍ତା ନଭେମ୍ବର ୩୦ ରୁ ଡିସେମ୍ବର ୪ ତାରିଖ ଯାଏ ଭୁବନେଶ୍ୱରରେ ମେକ୍ ଇନ ଓଡ଼ିଶା କନକ୍ଲେଭ୍ର ତୃତୀୟ ସଂସ୍କରଣ ଅନୁଷ୍ଠିତ ହେବ। ଏହାକୁ ସଫଳ କରିବା ପାଇଁ ରାଜ୍ୟ ସରକାର ଦେଶ ବିଦେଶରେ ଇନ୍ଭେଷ୍ଟର୍ସ ମିଟର ଆୟୋଜନ କରୁଛନ୍ତି। ଓଡ଼ିଶାରେ ଶିଳ୍ପ ଅନୁକୂଳ ବାତାବରଣ ଏବଂ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ସମ୍ପର୍କରେ ନିବେଶକଙ୍କୁ ବୁଝାଉଛନ୍ତି। ଦୁବାଇ ଓ ଦିଲ୍ଲୀରେ ଓଡ଼ିଶା ଇନ୍ଭେଷ୍ଟର୍ସ ମିଟ୍ କାର୍ଯ୍ୟକ୍ରମ ପରେ ମୁମ୍ବାଇରେ ଏହା ଆୟୋଜିତ ହୋଇଛି।

## ୮୦୦ ରୋଗୀଙ୍କ...

ବେହେରା କହିଛନ୍ତି। ଅପରପକ୍ଷରେ ଶିଶୁଭବନରେ ଉନ୍ନତମାନ ଓ ସମ୍ପୂର୍ଣ୍ଣ ମାଗଣାରେ ଶିଶୁରୋଗୀଙ୍କୁ ଚିକିତ୍ସା ସୁବିଧା ମିଳୁଥିବାରୁ ଓଡ଼ିଶା ସମେତ ପଡ଼ୋଶୀ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାର, ଛତିଶଗଡ଼ ଆଦି ରାଜ୍ୟରୁ ଚିକିତ୍ସା ପାଇଁ ରୋଗୀ ଆସିଥାନ୍ତି। ଦିନକୁ ଦିନ ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବାକୁ ଏହାକୁ ଦୃଷ୍ଟିରେ ରଖି ୧୬କୋଟି ଟଙ୍କା ବ୍ୟୟରେ ଏକ ୬ମହଲା କୋଠା ମଧ୍ୟ ନିର୍ମାଣାଧୀନ ରହିଛି। ୨୦୧୯ରୁ ଏହି କୋଠାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ୨୦୨୧ ଫେବୃଆରୀ ମାସରେ ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର କରିବାର ସମ୍ପୃକ୍ତ ଠିକା ସଂସ୍ଥା ଚୁକ୍ତି କରିଥିଲେ। ହେଲେ ଇତିମଧ୍ୟରେ ବିଭିନ୍ନ କାରଣ ଦର୍ଶାଇ ବାରମ୍ବାର ଅବଧି ବଢ଼ାଉଥିବା ଅଭିଯୋଗ ହେଉଛି। ପୂର୍ତ୍ତବିଭାଗ ଏବଂ ଠିକା ସଂସ୍ଥାର ମଧୁଚନ୍ଦ୍ରିକା ଯୋଗୁ ନୂତନ କୋଠାରେ ରୋଗୀ ଚିକିତ୍ସା ପାଇବା ବିଳମ୍ବ ହେଉଥିବା କୁହାଯାଉଛି। ଫଳରେ ଶିଶୁ ରୋଗୀ ଆବଶ୍ୟକ ଚିକିତ୍ସା ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ କଟକ-୧ ଅଧିକ୍ଷଣ ଯନ୍ତ୍ରୀ ପ୍ରଭାସ କୁମାର ମାଝି କୁହନ୍ତି, ଆସନ୍ତା ଅକ୍ଟୋବର ଶେଷସୁଦ୍ଧା କୋଠା ନିର୍ମାଣ ଶେଷ ହୋଇ ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର କରାଯିବ ବୋଲି କହିଛନ୍ତି।

## ନିକୁଞ୍ଜଙ୍କୁ ଅବକାରୀ...

ଅଫିସର ତଥା ବିଜ୍ଞାନ ଓ ବୈଷୟିକ ବିଭାଗ ସଚିବ ସୁରେଶ କୁମାର ବଶିଷ୍ଠଙ୍କୁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ସଚିବ, ୧୯୯୯ ବ୍ୟାଚ୍ ଆଇଏଏସ ଅଫିସର ତଥା ହସ୍ତତନ୍ତ ଓ ବୟନ ଶିଳ୍ପ ବିଭାଗ ସଚିବ ଥିବା ଶୁଭା ଶର୍ମାଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗ ସଚିବ, ୧୯୯୯ ବ୍ୟାଚ୍ ଆଇଏଏସ ଅଫିସର ତଥା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସଚିବ ଭାସ୍କର ଜ୍ୟୋତି ଶର୍ମାଙ୍କୁ ବିଜ୍ଞାନ ଓ ବୈଷୟିକ ଶିକ୍ଷା ବିଭାଗ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନ୍ଏଚ୍ଏମ୍)ର ନିର୍ଦ୍ଦେଶକ ତଥା ୨୦୦୧ ବ୍ୟାଚ୍ ଆଇଏଏସ୍ ଅଫିସର ଶାଳିନୀ ପଣ୍ଡିତଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ, ୨୦୦୮ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ଏସ୍ଟି ଡାଇରେକ୍ଟର ଓ ଓର୍ମାସ ସିଇଓ ଗୁହା ପୁନମ ତାପସ କୁମାରଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ସଚିବ, ବାଣିଜ୍ୟ ଓ ପରିବହନ ବିଭାଗ ସ୍ୱତନ୍ତ୍ର ସଚିବ ତଥା ୧୯୯୨ ଆଇଆରଟିଏସ୍ ସଞ୍ଜୟ କୁମାର ମିଶ୍ରଙ୍କୁ ଓପିଟିସିଏଲ୍ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଏବଂ ବରିଷ୍ଠ ଓଏଏସ୍ ଅଫିସର ତଥା ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଥିବା ସରୋଜ କୁମାର ମିଶ୍ରଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଛି।

## ଲମ୍ପି ବ୍ୟାପୁଛି: ମଲେଣି ...

ଗୋରୁଙ୍କ ମୃତ୍ୟୁ ଘଟୁଥିବା ଜଣେ ଅଧିକାରୀ କହିଛନ୍ତି। ମହାରାଷ୍ଟ୍ର ସରକାର ଏହାର ନିରାକରଣ ଉପାୟ ଖୋଜିବା ପାଇଁ ଏକ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରିଛନ୍ତି। ଏଥିସହ ଜଲଗାଓଁ ଏବଂ ଅମରାବତୀ ଭଳି ଅଞ୍ଚଳ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି। ଦକ୍ଷିଣ କଶ୍ମୀରରେ ୩୦,୦୦୦ ଗାଈ ସଂକ୍ରମିତ ହୋଇଛନ୍ତି। ଅନନ୍ତନାଗ ଜିଲା ମହମୁଦାବାଦ ନିବାସୀ ମହମ୍ମଦ ଇକବାଲ କହିଛନ୍ତି, କ୍ଷୀର ବିକି ପରିବାର ଚଳାଇବା ଛଡ଼ା ଅନ୍ୟ ଉପାୟ ନାହିଁ। କିନ୍ତୁ ଗାଈକୁ ଚର୍ମରୋଗ ହେବା ପରେ କ୍ଷୀର ଦେବା ବନ୍ଦ କରିଦେଇଛି। ଫଳରେ ପରିବାର ଚଳାଇବା ତାଙ୍କ ପକ୍ଷେ କଷ୍ଟକର ହେଲାଣି। ଅନୁକ୍ରମରେ ସଂକ୍ରମିତ ଗୋରୁଙ୍କଠାରୁ ଭୂତାଣୁ ଯେପରି ନ ବ୍ୟାପିବ ତାହା ସୁନିଶ୍ଚିତ କରିବା ବର୍ତ୍ତମାନ ସବୁଠୁ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ଲମ୍ପି ସଂକ୍ରମଣରେ ଗୃହପାଳିତ ପ୍ରାଣୀର ଜୀବନ ଚାଲିଗଲେ ତାକୁ କିପରି ସୁରକ୍ଷିତ ଭାବେ ଓ କେଉଁ ସ୍ଥାନରେ ପୋଫଡ଼ାଯିବ ତାହା ଆଉ ଏକ ମୁଣ୍ଡବ୍ୟଥା। ଏହି ଭାଇରସ୍ ସଂସ୍ପର୍ଶରେ ଆସିଥିବା ଗୋରୁଙ୍କଠାରେ ଜ୍ୱର ଦେଖାଯିବା ସହ ଦୁଗ୍ଧ ଉତ୍ପାଦନ କ୍ଷମତା ୫୦% ପର୍ଯ୍ୟନ୍ତ ହ୍ରାସ ପାଇଥାଏ। ବିପଦ ଆଶଙ୍କା କରି ଲମ୍ପି ସଂକ୍ରମିତ ଗୋରୁଙ୍କ କ୍ଷୀର ମଧ୍ୟ କିଣିବାକୁ ଲୋକେ ଆଗ୍ରହ ପ୍ରକାଶ କରୁନାହାନ୍ତି। କ୍ଷୀରକୁ ଭଲ ଭାବେ ଫୁଟାଇବା ପରେ ବ୍ୟବହାର କରିବା ନିରାପଦ ବୋଲି ପ୍ରାଣୀ ଚିକିତ୍ସକମାନେ ମତ ଦେଇଛନ୍ତି। ତେବେ ଏହା ମଣିଷଙ୍କୁ ପ୍ରଭାବିତ କରୁ ନ ଥିବା କେତେଜଣ ବିଶେଷଜ୍ଞ କହିଛନ୍ତି।

ଅନ୍ୟପକ୍ଷେ ଲମ୍ପି ପ୍ରଭାବିତ ରାଜ୍ୟଗୁଡ଼ିକର ଚାଷୀ ନିଜ ଗୋରୁଙ୍କୁ ନେଇ ଚିନ୍ତିତ ହୋଇଯାଇଛନ୍ତି। ଏହାର ନିରାକରଣ ପାଇଁ ଭାରତରେ ଏକ ଟିକା ବିକଶିତ ହୋଇଛି। ଆସନ୍ତା ୩ରୁ ୪ ମାସ ମଧ୍ୟରେ ଏହା ଉପଲବ୍ଧ ହେବ ବୋଲି ଜଣାପଡ଼ିଛି। କେନ୍ଦ୍ର ସରକାର ୨୦୨୫ ସୁଦ୍ଧା ଦେଶର ସମସ୍ତ ଗୃହପାଳିତ ପ୍ରାଣୀଙ୍କୁ ୧୦୦% ଟିକାକରଣ କରିବାକୁ ଲକ୍ଷ୍ୟ ରଖିଥିବା ଚଳିତ ସପ୍ତାହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।


# classifieds

**Everyday**
**0674-2580101, 2549302**

real estate

SALE

Bhubaneswar Infosys-2 ପାଖରେ 2000sqft. plot sale 17,00,000/- (65 plot available). 9938016295. D-74116

SBI Colony ପାଖ କେଶୁରାରେ immediate ଘରକରି ରହିବା ପାଇଁ ଘରବାରି ପ୍ଲଟ୍ ମିଳୁଛି। 9692213354. D-73970

**Layout approval (30'road) ସହିତ Bank Finance ସୁବିଧା ଥାଇ ଭୁବନେଶ୍ୱର ବାଲିଅନ୍ତା ନିକଟ ସୁଧାନନ୍ଦ ସ୍କୁଲ ପାଖରେ ତୁରନ୍ତ ଘର କଲା ଭଳି (100% clean) plot @9,00,000/-ରେ କିଣନ୍ତୁ। OD GROUP. 9437033320.** D-74112

BDA yellow plot 30 ଫୁଟ୍ ରାସ୍ତାକୁ ଲାଗି ନାଇଜର ବର୍ଗଫୁଟ୍ ୩୦୦-୫୦୦ ଜାଗା ବିକ୍ରିହେବ। 9556840491. D-73641

Low cost plot sqft. 180/- to 290/- near ସାକ୍ଷୀଗୋପାଳ, ପୁରୀ, କଟକ, IIT ଅରଗୁଳ ପାଖରେ immediate possession road ସହିତ ମିଳୁଛି। 9692213354. D-73971

**Bhubaneswar Engineering College front NH ଠାରୁ 200 mtr. ଦୂରତାରେ Boundary ପ୍ଲଟ୍ ବିକ୍ରି ହେବ। 7008297827, 9692999455.** D-74105

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. ପ୍ଲଟ୍କୁ 3,60,000/- (outright). 9439660381. D-74109

**ଭୁବନେଶ୍ୱର ଗଙ୍ଗପଡ଼ା NH-5 ରୁ 500 mtr ଦୂରରେ BDA yellowzone ଘରବାରି boundary plot ମିଳୁଛି। 7978676652, 7848882166.** D-74111

ଭୁବନେଶ୍ୱର GITA/ Gandhi College/ Cultural University ପାଖରେ 30' road ଥାଇ sqft. 650/- plot କିଣନ୍ତୁ। 9348767829. D-74117

healthcare

Ashirvaad Saloon and SPA getgood massage for your health tha best therapy. 7077181074. D-73969

Newly open full body massage ladies and gents. 8327740003, 8093860513. D-73968

Newly opened full body massage center by expert therapist. 7381172169. D-73643

Newly open Spa offer @799/-, positively health benefits, Kalpana-7846814019. D-73642

Newly massage at your doorstep by male massage therapist for ladies and gents. contact 6372096831. D-1471

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73966

business

(ଟାଇମ୍ ଟୁ ଟ୍ରେଡ୍) ଏହା ଏକ ପଞ୍ଜୀକୃତ କମ୍ପାନୀ, ଆପଣ ଏହା ସହିତ ଯୋଡିହୁଅନ୍ତୁ ଏବଂ ଲାଭ ଉଠାନ୍ତୁ। ପ୍ରତ୍ୟେକ ଦିନ- ୧୦୦/-ରୁ ୧୦୦୦୦୦/- ପର୍ଯ୍ୟନ୍ତ ଏବଂ ତା'ଠାରୁ ଅଧିକ ରୋଜଗାର କରନ୍ତୁ। ବିନା ମାର୍କେଟ ରିସ୍କରେ ଆମ ସହ ଯୋଗାଯୋଗ କରନ୍ତୁ- 9090888033, 9090888044, 9090888055, 9090888066, 06742915001. D-73869

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ପରିବାରର ସହମତି ଓ ସହଯୋଗ ଆପଣଙ୍କ କାମ ଲାଗି ଅନୁକୂଳ ପରିବେଶ ସୃଷ୍ଟି କରିବ। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ। ପାଖକୁ ଆସିପାରି ନ ଥିବା ଜିନିଷଟି ପାଇଁ ତର୍କ ଓ ବିବାଦ ବଢ଼ିପାରେ। କଚେରି ମାମଲାରେ ପ୍ରତିପକ୍ଷ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସିପାରିବେ ନାହିଁ।

**ବୃଷ** - ବନ୍ଧୁଙ୍କ ପରାମର୍ଶକ୍ରମେ ପ୍ରତିଯୋଗିତାରେ ସଫଳତା ହାସଲରେ ସମର୍ଥ ହେବେ। କଳା, ସାହିତ୍ୟ, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସଫଳତା ହାସଲ କରିବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଉପସ୍ଥିତ ବୁଦ୍ଧିରେ କାର୍ଯ୍ୟ ସାଧନ କରିବେ। ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ପ୍ରଶଂସିତ ହେବେ।

**ମିଥୁନ** - କର୍ମକ୍ଷେତ୍ରରେ ଚାପର ବଶବର୍ତ୍ତୀ ହୋଇ କେତେକ କାମ କରିବାକୁ ବାଧ୍ୟ ହେବେ। ପଡ଼ୋଶୀମାନେ ଈର୍ଷାନ୍ୱିତ ହୋଇ ଭିନ୍ନ ପ୍ରକାର ମନ୍ତବ୍ୟ ଦେଇପାରନ୍ତି। ବ୍ୟବସାୟ, ପରିବହନ ଓ ବାଣିଜ୍ୟରେ ସ୍ଥିତି ମାନ୍ଦା ହେବନାହିଁ। ବିଶିଷ୍ଟ ବ୍ୟକ୍ତିଙ୍କ ପୃଷ୍ଟପୋଷକତା କାରଣରୁ ସାମୟିକ ମନୋବଳ କାମକୁ ତ୍ୱରାନ୍ୱିତ କରିବ।

**କର୍କଟ** - ଅତୀତର ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ବିବାଦ ଦେଖାଦେଇପାରେ। ଦୀର୍ଘଦିନରୁ ଖୋଜୁଥିବା ଜିନିଷର ସନ୍ଧାନ ଡେରିରେ ମିଳିବ। ପୂର୍ବକଳ୍ପିତ ଯୋଜନାକୁ ବାସ୍ତବ ରୂପ ଦେବାରେ ସଫଳ ହେବେ। ନିର୍ମାଣ, ପରିବହନ, ସଭାସମିତି, ସାମ୍ବାଦିକତା ପ୍ରଭୃତି କ୍ଷେତ୍ରରେ ସମସ୍ୟା ଦୂର ହେବ।

**ସିଂହ** - ଦୀର୍ଘଦିନରୁ ଯାହା ଆଜିଯାଏ ଚାହୁଁଛନ୍ତି ତାହା ପାଇବା ସକାଶେ ସାମାନ୍ୟ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ଆକସ୍ମିକ କାରଣକୁ ନେଇ ଗସ୍ତ କାର୍ଯ୍ୟକ୍ରମ ବାତିଲ ହୋଇପାରେ। ଆଲୋଚନା କ୍ଷେତ୍ରରେ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। ସାମାଜିକ ସ୍ତରରେ ନୀତିଗତ କାମରୁ ପ୍ରଶଂସିତ ହେବେ।

**କନ୍ୟା** - କେତେକ ଅନିଚ୍ଛାକୃତ କାରଣବଶତଃ ବିଳମ୍ବ ହେଲେ ମଧ୍ୟ କାର୍ଯ୍ୟ ସାଧିତ ହେବ। ବାରମ୍ବାର ସମସ୍ୟା ବୃଦ୍ଧି ପାଉଥିବାରୁ ଅନ୍ୟମାନଙ୍କ ପ୍ରତି ଭଲ ଧାରଣା କ୍ରମଶଃ ହ୍ରାସ ପାଇପାରେ। କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରିବାକୁ ପଡ଼ିବ। ପାରିବାରିକ ଆବଶ୍ୟକତା ପୂରଣ ଲାଗି ଧାର ସୂତ୍ରରେ ଅର୍ଥ ଆଣିବେ।

**ତୁଳା** - ଅନ୍ୟମାନେ ନିଜର ସୁବିଧା ଅନୁଯାୟୀ କାମ କରି ଆପଣଙ୍କ ପାଇଁ ସମସ୍ୟା ଆଣିପାରନ୍ତି। ସୁନିୟନ୍ତ୍ରିତ କାର୍ଯ୍ୟ ଲାଗି କର୍ମକ୍ଷେତ୍ରରେ ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇବେ। ଅଭାବ ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମ ଦେବ। ଆତ୍ମୀୟମାନେ ବିରୁଦ୍ଧାଚରଣ କରିପାରନ୍ତି। ସଭାସମିତିରେ ଯୁକ୍ତିଯୁକ୍ତ କଥା କହି ପ୍ରଶଂସିତ ହେବେ।

**ବିଛା** - ଆଶା ପୂରଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବାରେ ସମ୍ପର୍କୀୟଙ୍କ ଅବଦାନକୁ ଭୁଲିପାରିବେ ନାହିଁ। ରାଜନୈତିକସ୍ତରରେ ନେତୃସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି। ପରକଥାକୁ ପ୍ରାଧାନ୍ୟ ଦେଲେ ପାରିବାରିକ କ୍ଷେତ୍ରରେ ଅଶାନ୍ତି ଆସିବ। ସ୍ୱାସ୍ଥ୍ୟହାନି କାରଣରୁ ବାରମ୍ବାର ଧାଁ ଦଉଡ଼ କରିବାକୁ ପଡ଼ିପାରେ।

**ଧନୁ** - କର୍ମକ୍ଷେତ୍ରରେ ସହକର୍ମୀଙ୍କ ସାହାଯ୍ୟ, ସହଯୋଗ ଓ ସଦିଚ୍ଛା ଲାଭକରି ଖୁସି ରହିବେ। ଅଜଣା ବ୍ୟକ୍ତିଙ୍କ ଦ୍ୱାରା ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ନିଜର କୌଣସି କାମ ହାସଲ ପାଇଁ ପର ଉପରେ ନିର୍ଭର କରି ଚିନ୍ତାଗ୍ରସ୍ତ ହେବେ। ପାରିବାରିକ ଜଞ୍ଜାଳ ବୃଦ୍ଧି ସାମୟିକ ବ୍ୟସ୍ତତାର କାରଣ ହୋଇପାରେ।

**ମକର** - ପରିବାରରେ ଭୁଲ୍ ବୁଝାମଣା ହେତୁ ଛୋଟ ଛୋଟ କଥାକୁ କେନ୍ଦ୍ରକରି କଳହ ସୃଷ୍ଟି ହେବ। ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରିପାରିଲେ ନିଶ୍ଚିତ ସଫଳତା ହାସଲ କରିବେ। ସାମାଜିକସ୍ତରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ଅପରାହ୍ଣେ ଆଶା କରୁଥିବା ଜିନିଷଟି ପାଇ ଖୁସି ହୋଇଯିବେ।

**କୁମ୍ଭ** - ଅଯଥା ସନ୍ଦେହଜନିତ କାରଣରୁ ଘରୋଇ କଳହ ବଢ଼ି ମନ ଭଲ ରହିବ ନାହିଁ। ଏଣେ କର୍ମକ୍ଷେତ୍ରରେ ମଧ୍ୟ ଯୋଜନାଗୁଡ଼ିକ ଠିକ୍ଭାବେ କାର୍ଯ୍ୟକାରୀ ହେବ ନାହିଁ। ବିଭିନ୍ନ ଅସୁବିଧାରେ ବୁଡ଼ିରହିଥିବା ସମୟରେ ନିଜ ଲୋକମାନେ ଦାଉ ସାଧିବେ। ଆଜିର ଯାତ୍ରା, ବାଣିଜ୍ୟ, ରାଜନୀତି, ଚଳଚ୍ଚିତ୍ରରେ ଥିବା ସମସ୍ୟା ସମାଧାନ ହୋଇଯିବ।

**ମୀନ** - ସମସ୍ୟା ବିଜଡ଼ିତ ପରିସ୍ଥିତିରେ ବନ୍ଧୁଙ୍କ ସହାନୁଭୂତି ଲାଭକରି କାମ ହାସଲ କରିବେ। ସାମାଜିକସ୍ତରରେ ଜନହିତକର କାର୍ଯ୍ୟରେ ନିଜକୁ ଲିପ୍ତ ରଖିବେ। ଆନୁଷ୍ଠାନିକ କାର୍ଯ୍ୟର ନେତୃତ୍ୱ ନେଇ ପ୍ରଶଂସିତ ହେବେ। ପାରିବାରିକ ପରିସ୍ଥିତି ପୂର୍ବପରି ରହିବା ହେତୁ ବ୍ୟସ୍ତତା ଅନୁଭବ କରିପାରନ୍ତି।

# ସିଏମ୍ସି ମେୟରଙ୍କୁ କବାଟ ଭେଟି

କଟକ ଅଫିସ, ୧୪।୯

ମୁଁ ବାଥ୍ରୁମ୍ ଗଲେ କବାଟ ଧରିକି ଯାଉଛି। କାରଣ ମୁଁ ଅଫିସ୍ରେ ବସୁଛି। ବାଥରୁମ୍ କବାଟ ଭାଙ୍ଗି ପଡିଥିବା ନେଇ କଟକ ମେୟର ସୁବାସ ସିଂ ମଙ୍ଗଳବାର ସ୍ଥାନୀୟ ବିଜୁଭବନ ପରିସରରେ ଅନୁଷ୍ଠିତ କଟକ ମହାନଗର ନିଗମ(ସିଏମ୍ସି) କାଉନ୍ସିଲ ବୈଠକରେ ବକ୍ତବ୍ୟ ଦେଇଥିଲେ। ବୁଧବାର କଟକ ଜିଲା କଂଗ୍ରେସ ପକ୍ଷରୁ ମେୟରଙ୍କ ଉଦ୍ଦେଶ୍ୟରେ ସିଏମ୍ସି କମିଶନର ନିଖିଲ ପଓ୍ୱନ କଲ୍ୟାଣଙ୍କୁ ଏକ କବାଟ ଭେଟି ଦିଆଯାଇଛି। ସେଥିରେ ବେଷ୍ଟ କମ୍ପ୍ଲିମେଣ୍ଟ ଫ୍ରମ୍ କଂଗ୍ରେସ ବୋଲି ଲେଖାଯାଇଛି। କଂଗ୍ରେସର ଏଭଳି ନିଆରା ପ୍ରତିବାଦ ସାଧାରଣରେ ଆଲୋଚନାର ବିଷୟ ହୋଇଛି। ଏ ସମ୍ପର୍କରେ ଜିଲା କଂଗ୍ରେସ କମିଟି ସଭାପତି ମାନସ ଚୌଧୁରୀ କହିଛନ୍ତି, ମେୟରଙ୍କ ଚ୍ୟାମ୍ବରରେ ବାଥ୍ରୁମ କବାଟ ନ ଥିବା ସମ୍ପର୍କରେ ସେ ବୈଠକରେ କହିଥିଲେ। ତେଣୁ ମୁଁ ଦଳୀୟ କର୍ମକର୍ତ୍ତାଙ୍କ ସହ ଆସି ମେୟରଙ୍କ ଉଦ୍ଦେଶ୍ୟରେ କମିଶନରଙ୍କୁ ଏକ ନୂଆ କବାଟ ପ୍ରଦାନ କରିଥିଲି। କାରଣ ମେୟରଙ୍କ ଅଫିସ୍ ଚାମ୍ବରକୁ ବହୁ ଝିଅ, ବୋହୂ, କଟକବାସୀ, ପ୍ରତିଷ୍ଠିତ ବ୍ୟକ୍ତି ସମସ୍ୟା ଜଣାଇବାକୁ ଆସୁଥିବେ। ସେମାନେ କ'ଣ ଭାବୁଥିବେ। ଯେମିତି କଟକ ଜାଇକା ଅବସ୍ଥା, ସେମିତି ତାଙ୍କ ଅବସ୍ଥା ହେଉଥିବ। ଯେହେତୁ ମେୟର ୫ ପଇସା ଖର୍ଚ୍ଚ କରିବାର ଶକ୍ତି ନାହିଁ ବୋଲି ବୈଠକରେ କହିଛନ୍ତି, ତେଣୁ କବାଟ ସହ କବାଟ ଲଗାଇବା ପାଇଁ ୫୦୦ ଟଙ୍କା ପ୍ରଦାନ କରିଥିଲି। କମିଶନର କବାଟକୁ ରଖିଥିଲେ ମଧ୍ୟ ଟଙ୍କା ଫେରାଇ ଦେଇଥିଲେ। ସେ ତାଙ୍କ କାର୍ଯ୍ୟାଳୟର ବାଥ୍ରୁମରେ ଖଣ୍ଡିଏ କବାଟ ଲଗାଇବାକୁ ସକ୍ଷମ ନାହାନ୍ତି। ବାଥ୍ରୁମ କବାଟ ଭଙ୍ଗା ହୋଇପଡିଛି। ତେଣୁ ସିଏମ୍ସିର ଅର୍ଥ ବ୍ୟୟ ସମ୍ପର୍କରେ ତାଙ୍କ ଉପରେ କେହି ଅଙ୍ଗୁଳି ଉଠେଇ ପାରିବେ ନାହିଁ। ତେଣୁ କବାଟକୁ କମିଶନରଙ୍କୁ ଦେଇ, ଏହାକୁ ମେୟରଙ୍କ ଅଫିସ୍ ଚାମ୍ବରରେ ଭାଙ୍ଗି ଯାଇଥିବା ପାଇଖାନା କବାଟ ସ୍ଥାନରେ ଲଗାଇବାକୁ ଅନୁରୋଧ କରାଯାଇଥିଲା। ଏହି କବାଟ ପ୍ରଦାନବେଳେ ଶିଶିର ରଥ, ମନୋଜ ବିଶ୍ୱାଳ, ବିପ୍ଳବ ଶିଳାଦିତ୍ୟ, ଆକ୍ୟୁବ ଖାଁ, ସଚ୍ଚିଦାନନ୍ଦ ରାଉତ, ସଦାଶିବ ବାରିକ, ସତୀଶ ଶେଖର ଓ ଶିବ ଅଗ୍ରୱାଲ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ମେୟର ସିଂ କହିଛନ୍ତି, କଟକରେ କାର୍ଯ୍ୟ କରି ଲୋକଙ୍କ ବିଶ୍ୱାସ ଜିତନ୍ତୁ। କବାଟରେ କ'ଣ ରହିଛି। ମିଳିତ ଭାବେ ସହଯୋଗ କରି କଟକକୁ ଆଗକୁ ନେବା ଦିଗରେ କାର୍ଯ୍ୟ କରିବା ଆବଶ୍ୟକ। ଏସବୁ ଅବାସ୍ତବ ପ୍ରସ୍ତାବ ନେଇ ରାଜନୀତିକରଣ କରି କିଛି ଫାଇଦା ମିଳିବ ନାହିଁ। ରାଜନୀତିରେ ରହିବା ପାଇଁ ବାଟ ଖୋଜୁଛନ୍ତି। କାଲି ଭାଜପା କରୁଥିଲା ଆଜି କଂଗ୍ରେସ କରୁଛି। ମିଥ୍ୟା ଆରୋପ ବକ୍ତବ୍ୟରେ କ'ଣ ଅଛି। ଯେଉଁମାନେ ଏଭଳି ବକ୍ତବ୍ୟ ଦେଉଛନ୍ତି, ସେମାନଙ୍କ କଟକ ପ୍ରତି କ'ଣ ଯୋଗଦାନ ରହିଛି ବୋଲି ମେୟର ପ୍ରଶ୍ନ କରିଛନ୍ତି। କଟକବାସୀଙ୍କ ସେବା କର। ମେୟର କ'ଣ କହିଲେ ସେ ଦିଗରେ ଧ୍ୟାନ ନ ଦେଇ କାର୍ଯ୍ୟ କରନ୍ତୁ। ମେୟର କିପରି କାର୍ଯ୍ୟ କରନ୍ତି ତାହା କଟକବାସୀ ଜାଣିଛନ୍ତି ବୋଲି ସେ କହିଥିଲେ।


କଟକ ଜିଲା କଂଗ୍ରେସ ପକ୍ଷରୁ ମେୟରଙ୍କ ଉଦ୍ଦେଶ୍ୟରେ ସିଏମ୍ସି କମିଶନରଙ୍କୁ କବାଟ ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ପୂର୍ବତନ କଂସ ଅଭିନେତାଙ୍କ ପରଲୋକ



**ବରଗଡ଼ ଅଫିସ୍,୧୪।୯:** ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବର ପୂର୍ବତନ କଂସ ଅଭିନେତା ଦେବେନ୍ଦ୍ର ବିଶ୍ୱାଳଙ୍କ ବୁଧବାର ସକାଳେ ପରଲୋକ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୭୦ବର୍ଷ ହୋଇଥିଲା। ଅତାବିରା ବ୍ଲକ ହିର୍ଲିପାଲି ନିବାସୀ ସ୍ୱର୍ଗତ ବିଶ୍ୱାଳ ୧୯୮୧ ମସିହା ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରିଥିଲେ। ଏହା ସହିତ ସେ ସମ୍ବଲପୁରୀ ଚଳଚ୍ଚିତ୍ର ଭୁଖାରେ ପାର୍ଶ୍ୱ କଳାକାର ଥିଲେ। ସେହିପରି ନିଜେ ଏକ ନାଟ୍ୟାନୁଷ୍ଠାନ ଗଢ଼ି ତୋଳିଥିବାବେଳେ ନାଟକରେ ଅଭିନୟ, ନିର୍ଦ୍ଦେଶନା ମଧ୍ୟ ଦେଇ ଆସୁଥିଲେ। ତାଙ୍କ ପରଲୋକରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ସଭାପତି ଚୈତନ୍ୟ ପାଇକ, ଉପସଭାପତି ଭୁବନେଶ୍ୱର ପ୍ରଧାନ, ସମ୍ପାଦକ ଗୋପବନ୍ଧୁ ପୁରୋହିତ ପ୍ରମୁଖ ଶୋକପ୍ରକାଶ କରିଛନ୍ତି।

### ଲାଞ୍ଚ ମାମଲା: ଡିଏସ୍ପି ଡାଲୁଆଙ୍କ ଜାମିନ ଆବେଦନ ଖାରଜ

**ଢେଙ୍କାନାଳ ଅଫିସ, ୧୪।୯:** ଲାଞ୍ଚ ମାମଲାରେ ଛନ୍ଦି ହୋଇପଡ଼ିଥିବା ଢେଙ୍କାନାଳ ସଦର ଥାନାର ପୂର୍ବତନ ଅଧିକାରୀ ତଥା ଡିଏସ୍ପି ଅଭିନବ ଡାଲୁଆଙ୍କ ଜାମିନ ଆବେଦନ ଖାରଜ ହୋଇଯାଇଛି। ଏହାପରେ ସେ ହାଇକୋର୍ଟକୁ ଯିବେ ବୋଲି ତାଙ୍କ ନିକଟତମ ମହଲରୁ ଜଣାପଡ଼ିଛି।



ଅନ୍ୟପଟେ ଅଦାଲତଙ୍କ ନିର୍ଦ୍ଦେଶ ମୁତାବକ ଭିଜିଲାନ୍ସ ପକ୍ଷରୁ ମାମଲାର କେସ୍ ଡାଏରି ଦାଖଲ କରାଯାଇଛି। ଗତ ଅଗଷ୍ଟ ୩୦ରେ ଥାନା ପ୍ରକୋଷ୍ଠରେ ଜଣେ କୋଇଲା ପରିବହନକାରୀଙ୍କଠାରୁ ୩୦ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ ଡିଏସ୍ପି ଡାଲୁଆ। ଏହାପରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ବୁଧବାର ତାଙ୍କ ଜାମିନ ଆବେଦନ ଉପରେ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ଶୁଣାଣି ରହିଥିଲା, ଯାହାକୁ କୋର୍ଟ ନାମଞ୍ଜୁର କରିଦେଇଛନ୍ତି। ଅନ୍ୟପଟେ ଡାଲୁଆଙ୍କ ସ୍ତ୍ରୀ ତଥା ଢେଙ୍କାନାଳ ଏସ୍ପିଙ୍କ କାର୍ଯ୍ୟାଳୟରେ ଆଇୟୁସିଏଡବ୍ଲ୍ୟୁ ବିଭାଗରେ ଡିଏସ୍ପି ଭାବେ କାର୍ଯ୍ୟରତ ସସ୍ମିତା ବାରିକଙ୍କୁ ମଙ୍ଗଳବାର ବଲାଙ୍ଗୀର ଜିଲାକୁ ବଦଳି ହୋଇଛି। ସେ ବଲାଙ୍ଗୀର ଜିଲା ପିସିଆର ସେଲ୍ ଡିଏସ୍ପି ଭାବେ କାର୍ଯ୍ୟ କରିବେ ବୋଲି ଜଣାପଡ଼ିଛି।
ଏ ସମ୍ପର୍କରେ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଗଦାଧର ସାହୁ କୁହନ୍ତି, ଭିଜିଲାନ୍ସ ବିଭାଗ ପକ୍ଷରୁ ସିଡୀ ଦାଖଲ କରାଯାଇଛି। ଡାଲୁଆଙ୍କ ଜାମିନ ଆବେଦନକୁ ଖାରଜ କରିଦିଆଯାଇଛି ବୋଲି ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର (ଭିଜିଲାନ୍ସ)ଙ୍କ ସୂଚନାରୁ ଜଣାପଡ଼ିଛି।

# ଜ୍ୱର, କାଶରେ ୩୭ ଅନ୍ତେବାସୀ ପୀଡ଼ିତ


ଡେଣୁଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ହଷ୍ଟେଲ୍ରେ ଗୋଟିଏ ଖଟରେ ୨ଜଣ ଲେଖାଏ ଛାତ୍ରୀଛାତ୍ର ଶୋଇଛନ୍ତି।

ପାଟଣା,୧୪।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ଡେଣୁଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଅନୁସୂଚିତ ଜାତି ଓ ଜନଜାତିର ପିଲାମାନଙ୍କ ପାଇଁ ୪୦ ଶଯ୍ୟା ବିଶିଷ୍ଟ ଏକ ହଷ୍ଟେଲ ଅଛି। ଏଠାରେ ରହୁଥିବା ୩୭ଜଣ ଛାତ୍ରୀଛାତ୍ର ମଙ୍ଗଳବାର ଜ୍ୱର ଓ କାଶରେ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କ ସହ ହଷ୍ଟେଲର ୱାର୍ଡେନ ମଧ୍ୟ ଜ୍ୱର, କାଶରେ ପୀଡ଼ିତ ହୋଇଥିଲେ। ଡା. ଯଶୋବନ୍ତ ମହାନ୍ତଙ୍କ ନେତୃତ୍ୱରେ ଏକ ଟିମ୍ ହଷ୍ଟେଲରେ ପହଞ୍ଚି ମଙ୍ଗଳବାର ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ମଧ୍ୟ କୌଣସି ସୁଧାର ଆସି ନ ଥିଲା। ବୁଧବାର ପୁଣି ଡା. ଲକ୍ଷ୍ମଣ ମହାନ୍ତ ଓ ଡା. ଯଶୋବନ୍ତ ମହାନ୍ତଙ୍କ ନେତୃତ୍ୱରେ ଡାକ୍ତରୀ ଓ କର୍ମଚାରୀ ଟିମ୍ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ କୋଭିଡ୍ ଓ ମ୍ୟାଲେରିଆ ପରୀକ୍ଷା କରିଛନ୍ତି। କୌଣସି ଛାତ୍ରୀଛାତ୍ର ପଜିଟିଭ ନ ଥିବା ଡାକ୍ତର ଶୁଭେନ୍ଦୁ ସାଗର ନାଏକ ସ୍ପଷ୍ଟ କରିଛନ୍ତି। ସେମାନଙ୍କୁ ଭାଇରାଲ ଡିଜିଜ୍ ହୋଇଥିବା କହିଛନ୍ତି। ତେବେ ଏକା ସଙ୍ଗେ ସମସ୍ତ ଛାତ୍ରୀଛାତ୍ର ସଂକ୍ରମିତ ହେବା ବିଷୟରେ ଡାକ୍ତର ନାଏକଙ୍କୁ ପଚାରିବାରୁ ସେ କହିଛନ୍ତି, ଛାତ୍ରୀଛାତ୍ରମାନେ ଦୁଇଟି ଅତ୍ୟନ୍ତ ଛୋଟ କୋଠରିରେ ଗୋଟିଏ ଖଟରେ ୨ ଜଣ ଲେଖାଏ ଶୋଉଥିବାରୁ ସଂକ୍ରମଣ ବୃଦ୍ଧି ପାଇଥିବା ଅନୁମାନ କରାଯାଉଛି। ଏ ନେଇ ଜନମଙ୍ଗଳ ସମ୍ପ୍ରସାରଣ ଅଧିକାରୀ (ଡବ୍ଲ୍ୟୁଇଓ) ଶୁଭେନ୍ଦୁ କୁମାର ବଳଙ୍କୁ ପଚାରିବାରୁ, ଛାତ୍ରୀଛାତ୍ରଙ୍କ ଚିକିତ୍ସା ଜାରି ରହିଛି, କୌଣସି ପିଲାଙ୍କଠାରେ କୋଭିଡ୍ କିମ୍ବା ମ୍ୟାଲେରିଆ ପଜିଟିଭ୍ ଚିହ୍ନଟ ହୋଇ ନାହାନ୍ତି। ପରିସ୍ଥିତି ନିୟନ୍ତ୍ରଣାଧୀନ ଥିବା କହିଛନ୍ତି।

# ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ନାଁରେ ମାମଲା

### ଥାନାରେ ପୋଲିସକୁ ମାଡ଼, ଭଙ୍ଗାରୁଜା ଘଟଣା

ପାରଳାଖେମୁଣ୍ଡି,୧୪।୯(ଡି.ଏନ୍.ଏ.)

ଗଜପତି ଜିଲା ଅଡ଼ବା ଥାନା ପୋଲିସ ଗଞ୍ଜେଇ ଚାଲାଣ ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ମଙ୍ଗଳବାର ଗିରଫ କରିଥିଲା। ତାଙ୍କୁ ଖଲାସ କରିବା ଦାବି ନେଇ ଝରଣାପୁର ଗ୍ରାମର ୫୦୦ରୁ ଊର୍ଦ୍ଧ୍ୱ ଲୋକ ଥାନାରେ ପଶି ଲଙ୍କାକାଣ୍ଡ ଭିଆଇଥିଲେ। ସେମାନେ ପୋଲିସକୁ ଅତର୍କିତ ଆକ୍ରମଣ କରିବା ସହ ଥାନା ପରିସରରେ ବିଭିନ୍ନ ଜିନିଷ ଭଙ୍ଗାରୁଜା କରିଥିଲେ। ଏହି ଘଟଣାକୁ ନେଇ ପୋଲିସ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ନାଁରେ ନିଜ ଆଡୁ ମାମଲା ରୁଜୁ କରିଛି। ଅଡ଼ବା ଥାନାରେ ନଂ.୧୧୧/୨୨ରେ ମାମଲା ରୁଜୁ ହୋଇଥିବା ଆର୍. ଉଦୟଗିରି ଏସ୍ଡିପିଓ ଦିଲୀପ ନାୟକ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି।

# ନାବାଳିକା ବଳାତ୍କାର ମାମଲା: ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

ଫୁଲବାଣୀ ଅଫିସ, ୧୪।୯

ଫୁଲବାଣୀ ପୋକ୍ସୋ କୋର୍ଟ ବିଚାରପତି ସଞ୍ଜିତ କୁମାର ବେହେରା ବୁଧବାର ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୧ ବର୍ଷ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ସରକାରଙ୍କ ନିୟମ ଅନୁସାରେ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ୬ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ମଧ୍ୟ କହିଛନ୍ତି। ଅଭିଯୁକ୍ତ ଜଣକ ହେଲେ କେଲାପଡ଼ା ଗ୍ରାମର ରୋହିତ କହଁର।

୨୦୨୦ରେ ନାବାଳିକା ଜଣକ ୧୦ମ ଶ୍ରେଣୀରେ ପଢୁଥିଲେ। ସ୍କୁଲ ଛୁଟି ଥିବାରୁ ସେ ଘରେ ରହୁଥିଲେ। ସେହି ସମୟରେ ରୋହିତ ତାଙ୍କ ଗ୍ରାମକୁ କୁଣିଆ ହୋଇ ଆସିଥିଲେ। ପୀଡିତାଙ୍କ ସହ ବନ୍ଧୁତା ସ୍ଥାପନ କରିବା ପରେ ଭଲପାଉଛି କହି ନିଜେ ରହୁଥିବା ଘରକୁ ଡାକି ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। କିଛିଦିନ ପରେ ରୋହିତ ନିଜ ଗ୍ରାମ କେଲାପଡ଼ାକୁ ପଳାଇଥିଲେ। ପୀଡିତା ଜଣଙ୍କ ଗର୍ଭବତୀ ଥିବା ସନ୍ଦେହ କରି ଡାକ୍ତରୀ ପରୀକ୍ଷା କରାଇଥିଲେ। ସମସ୍ତ ବିଷୟ ସେ ନିଜ ମା'ଙ୍କୁ ଜଣାଇଥିଲେ। ମା' ଏ ନେଇ କ.ନୂଆଗାଁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ରୋହିତଙ୍କୁ ଗିରଫ କରିଥିଲା। ଘଟଣା ସମୟରେ ନାବାଳିକାଙ୍କୁ ୧୫ ଓ ରୋହିତଙ୍କୁ ୨୧ ବର୍ଷ ହୋଇଥିଲା। ବିଚାରପତି ମୋଟ ୨୦ ଜଣଙ୍କ ସାକ୍ଷ୍ୟ ପ୍ରମାଣ, ମେଡ଼ିକାଲ ରିପୋର୍ଟ ଏବଂ ଅନ୍ୟ ତଥ୍ୟକୁ ଆଧାର କରି ଦଣ୍ଡାଦେଶ ଦେଇଛନ୍ତି।

# ସିମ୍ ବକ୍ସରେ ପଠାଯାଉଥିଲା ମେସେଜ୍

### ସାଇବର ଠକ ଗ୍ୟାଙ୍ଗର ପର୍ଦ୍ଦାଫାଶ କଲା କ୍ରାଇମବ୍ରାଞ୍ଚ

### ମାଷ୍ଟରମାଇଣ୍ଡ ବିଶାଲଙ୍କ ସମେତ ୬ ଗିରଫ

କଟକ ଅଫିସ,୧୪।୯

ସାଇବର ଅପରାଧୀ ନୂଆ ନୂଆ ଉପାୟରେ ଲୋକଙ୍କୁ ଠକିବାରେ ଲାଗିଛନ୍ତି। ସିମ୍ ବକ୍ସ ମାଧ୍ୟମରେ ଏକ ସଙ୍ଗରେ ବହୁ ଲୋକଙ୍କୁ କେୱାଇସି (ନୋ ଇଓର କଷ୍ଟମର) କରାଇବା ଆଳରେ ମେସେଜ ପଠାଇ ସେମାନଙ୍କଠାରୁ ଅର୍ଥ ଆଦାୟ କରୁଛନ୍ତି। ଏଭଳି ଏକ ସାଇବର ଅପରାଧୀ ଗ୍ୟାଙ୍ଗକୁ ଟେଲିକମ୍ ମନ୍ତ୍ରଣାଳୟର ସୂଚନା ଆଧାରରେ ଧରାଯାଇଥିବା ନେଇ କ୍ରାଇମବ୍ରାଞ୍ଚ ଆଇଜି ଅମିତେନ୍ଦ୍ର ନାଥ ସିହ୍ନା ବୁଧବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ଗ୍ୟାଙ୍ଗର ମୋଟ ୬ ଜଣ ସାଇବର ଠକଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିବାବେଳେ ସେମାନଙ୍କ ଠାରୁ ୩ହଜାର ପ୍ରିଆକ୍ଟିଭେଟେଡ୍ ସିମ୍ ଓ ୨ଟି ମୋବାଇଲ ସିମ୍ ବକ୍ସ ଜବତ କରାଯାଇଛି। ଅଭିଯୁକ୍ତମାନେ ହେଲେ ମୟୂରଭଞ୍ଜ ବେତନଟୀ ଅଞ୍ଚଳର ବିଶାଲ ଖଣ୍ଡେଲୱାଲ୍, ତାପସ ପାତ୍ର, ନିଗମ ପାତ୍ର, ସୁଧାଂଶୁ ଦାସ, ଅଜ୍ଜୁ ପାତ୍ର ଓ ଅଜୟ ପାତ୍ର।

ଗ୍ୟାଙ୍ଗ୍ର ମାଷ୍ଟରମାଇଣ୍ଡ ବିଶାଲ ଖଣ୍ଡେଲୱାଲ ହୋଇଥିବାବେଳେ ଅନ୍ୟ ସଦସ୍ୟମାନଙ୍କ ସାଇବର ଜ୍ଞାନ ଅଧିକ ଥିବା ଜଣାପଡ଼ିଛି। ସେମାନେ ମୋବାଇଲ ସିମ୍ ବକ୍ସ ଜରିଆରେ ଏକକାଳୀନ ବହୁ ଲୋକଙ୍କୁ ମେସେଜ କରିପାରୁଥିଲେ। ପ୍ରତି ସିମ୍ ବକ୍ସରେ ୫୧୨ଟି ଲେଖାଏ ସିମ୍ ଖଞ୍ଜା ଯାଇଥିଲା। ଗୋଟିଏ ସିମ୍ ବକ୍ସରୁ ଥରକେ ୫୫ ହଜାର ୬୦୦ ମେସେଜ ପଠାଯାଇପାରୁଥିଲା। ଗୋଟିଏ ଦିନରେ ଗୋଟିଏ ସିମ୍ ବକ୍ସରୁ ସାଢେ ୬ଲକ୍ଷ ମୋବାଇଲକୁ ମେସେଜ ପଠାଯାଉଥିଲା। ଏହି ହିସାବରେ ଦୁଇଟି ସିମ୍ ବକ୍ସରୁ ଦୈନିକ ପ୍ରାୟ ୧୩ ଲକ୍ଷ ମୋବାଇଲକୁ ମିଥ୍ୟା ମେସେଜ ପଠାଯାଉଥିଲା। ମେସେଜର ଉତ୍ତର ଦେଉଥିବା ଲୋକଙ୍କଠାରୁ ଅଭିଯୁକ୍ତମାନେ ବିଭିନ୍ନ ସେବା ପ୍ରଦାନ କରିବା ଆଳରେ ଅର୍ଥ ଠକୁଥିଲେ। ବିଶାଲ ଖଣ୍ଡେଲୱାଲ ପ୍ରଥମେ ଏହି ସିମ୍ ବକ୍ସଟିକୁ କିଣିଥିଲେ। ମେସେଜ ପଠାଇବା କାର୍ଯ୍ୟରେ ସେ ନିଜ ବନ୍ଧୁ ତାପସଙ୍କୁ ନିୟୋଜିତ କରିଥିଲେ। ଏହି ଗ୍ୟାଙ୍ଗର ଅନ୍ୟ ଦୁଇ ପ୍ରମୁଖ ସଦସ୍ୟ ସୁଧାଂଶୁ ଓ ନିଗମ ପ୍ରି-ଆକ୍ଟିଭେଟ୍ ସିମ୍ ଯୋଗାଉଥିଲେ। ଏହିଭଳି କିଛି ମାସ ଚାଲିବା ପରେ ତାପସ ଆଉ ଦୁଇ ଜଣ ଯୁବକ ଅଜୟ ଓ ଅଜ୍ଜୁଙ୍କୁ ଏଥିରେ ନିୟୋଜିତ କରିଥିଲେ। ମୟୂରଭଞ୍ଜର ଖୁଣ୍ଟା ନିକଟସ୍ଥ ଏକ ଜଙ୍ଗଲ ମଧ୍ୟରେ ରହି ଏହି ଗ୍ୟାଙ୍ଗର ସଦସ୍ୟମାନେ କେୱାଇସି ଅପଡେଟ କରିବା ଆଳରେ ଦେଶର ବିଭିନ୍ନ ପ୍ରାନ୍ତର ଲୋକଙ୍କୁ ମେସେଜ ପଠାଇ ସେମାନଙ୍କୁ ଠକେଇ କରୁଥିଲେ। ଓଡ଼ିଶାରୁ ଦେଶର ବିଭିନ୍ନ ସ୍ଥାନର ଲୋକଙ୍କ ପାଖକୁ ଆସୁଥିବା ସନ୍ଦିଗ୍ଧ ମେସେଜ ସମ୍ପର୍କରେ କେନ୍ଦ୍ରୀୟ ଟେଲିକମ୍ୟୁନିକେଶନ ମନ୍ତ୍ରଣାଳୟ ଅବଗତ ହୋଇଥିଲେ। ଟେଲିକମ୍ ମନ୍ତ୍ରଣାଳୟ ପକ୍ଷରୁ ଏହି ମାମଲାର ତଦନ୍ତ କରିବା ପାଇଁ ଓଡ଼ିଶା କ୍ରାଇମବ୍ରାଞ୍ଚକୁ ସୂଚନା ଦିଆଯାଇଥିଲା। କ୍ରାଇମବ୍ରାଞ୍ଚ ଏହି ଗ୍ୟାଙ୍ଗ୍ର ମାଷ୍ଟରମାଇଣ୍ଡ ବିଶାଲ ଖଣ୍ଡେଲୱାଲ ପାଖରେ ପ୍ରଥମେ ପହଞ୍ଚିବା ପରେ ପୂରା ଘଟଣା ଜଣାପଡ଼ିଥିଲା ବୋଲି କ୍ରାଇମବ୍ରାଞ୍ଚ ସୂଚନା ଦେଇଛି।

# ବସ୍ତା ବିଧାୟକଙ୍କୁ ହତ୍ୟା ଧମକ ଘଟଣା: ଯାଜପୁରରୁ ଜଣେ ଗିରଫ

**ବାଲେଶ୍ୱର ଅଫିସ, ୧୪।୯:** ବାଲେଶ୍ୱର ଜିଲା ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁଙ୍କୁ ଫୋନ୍ ଯୋଗେ ଟଙ୍କା ମାଗିବା ସହ ହତ୍ୟା ଧମକ ଦେବା ଘଟଣାରେ ବୁଧବାର ପୋଲିସ ଜଣକୁ ଗିରଫ କରିଛି। ସେ ହେଲେ ଯାଜପୁର ଜିଲା ମଙ୍ଗଳପୁର ଥାନା କଟିପୁର ଗ୍ରାମର ଏସ୍.କେ. ମୁଜିଆମିଲ। ଦୁର୍ବୃତ୍ତ ଜଣକ ଫୋନ ନମ୍ବର ୮୦୯୩୮୯୯୦୮୮ରୁ ବିଧାୟକ ସାହୁଙ୍କୁ କଲ୍ କରି କହିଥିଲେ ଯେ, ସୁପାରିକିଲର ସମେତ ୩ଜଣ କାର୍ରେ ଆସି ତାଙ୍କୁ ହତ୍ୟା କରିବେ। ବିଧାୟକଙ୍କ ଅଭିଯୋଗ ପରେ ଏସ୍ପି ସୁଧାଂଶୁ ଶେଖର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ସାଇବର ଥାନା ଏବଂ ବାଲେଶ୍ୱର ଜିଲା ପୋଲିସ ମିଳିତ ଭାବେ ତଦନ୍ତ କରି ଯାଜପୁର ଜିଲା ପୋଲିସ ସହାୟତାରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

**NATIONAL POWER TRAINING INSTITUTE (ER)**
(Ministry of Power, Govt. of India)
City Centre, Durgapur-713216

**SPOT ADMISSION NOTICE**

Job oriented One Year Post Graduate Diploma in Power Plant Engineering
PGDC 27th Batch : 2022-23.

B.E./B.Tech or equivalent with minimum 60% marks in Mechanical/Electrical / Electrical & Electronic / Power Engineering from recognized University, may report to National Power Training Institute (Eastern Region), City Centre, Durgapur-713216 for direct admission on any working day from 14.09.2022 onwards between 10.00am to 5.00 pm alongwith all supporting documents and Admission fee Receipt. The admission is open till 30.09.2022.
**Placement Record of last 3 years: 2019-20:100%, 2020-21:100% & 2021-22: 86%** (Till 31st August 2022)
For details, please visit website: **www.nptidurgapur.co.in**

**For any Query please contact: 9233350873, 9875582379**
**(From 10.00 am to 05.00 pm)**

**ଏନ୍ସିସି ସାମୂହିକ ମୁଖ୍ୟାଳୟ, କଟକ**

**କଟକସ୍ଥିତ ୟୁନିଟ୍ ପରିଚାଳିତ କ୍ୟାଣ୍ଟିନରେ ବେସାମରିକ ପଦବୀଗୁଡ଼ିକୁ ପୂରଣ କରାଯିବା ସମ୍ବନ୍ଧୀୟ ବିଜ୍ଞପ୍ତି**

ନିମ୍ନଲିଖିତ ଖାଲି ପଦବୀଗୁଡ଼ିକ ପାଇଁ ଓଡ଼ିଶାରେ ବାସ କରୁଥିବା ଇଚ୍ଛୁକ ବେସାମରିକ ବ୍ୟକ୍ତିବିଶେଷଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି:

| ପଦବୀ | ଖାଲି ସ୍ଥାନ | ଯୋଗ୍ୟତା | ମନ୍ତବ୍ୟ |
|---|---|---|---|
| କ୍ଲର୍କ | ୦୨ | ଗ୍ରାଜୁଏଟ୍ ଏବଂ କମ୍ପ୍ୟୁଟର ଚାଳନାରେ ପାରଙ୍ଗମ ହୋଇଥିବା ଆବଶ୍ୟକ । (ଏମ୍ଏସ୍ ଅଫିସ୍ରେ ସାର୍ଟିଫିକେଟ୍) | ବେସାମରିକ ବ୍ୟକ୍ତିବିଶେଷ |
| କାଜୁଆଲ ଲେବର | ୦୪ | ୧୦ମ ଉତ୍ତୀର୍ଣ୍ଣ ଓ ତଦୂର୍ଦ୍ଧ୍ୱ | ବେସାମରିକ ବ୍ୟକ୍ତିବିଶେଷ |

ଆଗ୍ରହୀ ପ୍ରାର୍ଥୀମାନଙ୍କୁ ୦୫ ଅକ୍ଟୋବର, ୨୦୨୨ ସୁଦ୍ଧା ସାମୂହିକ ମୁଖ୍ୟାଳୟ ଏନ୍ସିସି, ଏସ୍ଓ-୧୫, କ୍ୟାଣ୍ଟନମେଣ୍ଟ ରୋଡ୍ ନିକଟ, କଟକଠାରେ ନିଜର ଦରଖାସ୍ତ ଜମା କରିବା ପାଇଁ ଅନୁରୋଧ କରାଯାଉଛି । ଏଥିପାଇଁ ଏକ ସାକ୍ଷାତ୍କାର ୦୭ ଅକ୍ଟୋବର, ୨୦୨୨ ଦିନ ଅନୁଷ୍ଠିତ ହେବ ।

**ଗ୍ରୁପ୍ କମାଣ୍ଡର, ଏନ୍ସିସି ସାମୂହିକ ମୁଖ୍ୟାଳୟ, କଟକ**

**LIC SAMBALPUR DIVISIONAL OFFICE**
**"JEEVAN PRAKASH", AINTHAPALI, SAMBALPUR- 768004**
**TENDER FOR PROVIDING OFFICE UPKEEP AND HOUSE KEEPING SERVICES**

LIC of Indian invites tenders from reputed Agencies/ Services/ Contractors in two bid systems for providing office upkeep and house-keeping services to different Branch Offices, Setellite Offices and Divisional Office under Sambalpur Division.
The tender documents are available in our Divisional Office O.S. Deptt. Last date for submission of Tender Papers is on or before **06/10/2022 up to 05.00PM**. Tender form and other details are also available in our website: **www.licindia.in/tenders**
LIC of India reserves the right to accept or reject any or all offers in full/part without assigning any reason whatsoever.
Dt.15.09.2022 Sr. Divisional Manager



ଚିର ଅବିଶ୍ୱାସୀ ଏଇ ମଣିଷ । ନିଜ ଭିତରୁ ପୋଛି ଚାଲିଥାଏ ଅହର୍ନିଶ ଭଗବାନଙ୍କୁ । ଅନ୍ଧକାର ଭଳି ବିଚରଣ କରୁଥାଏ ସେ- କାଳର ପଥ ବିପଥରେ । ଏଣେ ପୁଣି ଲୋପ କରି ଚାଲିଥାଏ ତାରକା ମଣ୍ଡଳୀଙ୍କୁ ତା' ମୁଣ୍ଡ ଉପରୁ ଏବଂ ମନ ବୁଦ୍ଧି ତା'ର ଏକମାତ୍ର ବ୍ୟାଖ୍ୟାକାର । ସେହି ମନର ଓ ବୁଦ୍ଧିର ସଂଶୟ ମେଘମାନେ ଘୋଡାଇପକାନ୍ତି ସୂର୍ଯ୍ୟ-ନିଃସୃତ ବାଣୀମାନଙ୍କୁ । **-ଶ୍ରୀଅରବିନ୍ଦ**

# ଜି୭ର ଶକ୍ତି ଜାଗରଣ



ସଲିମ୍ ଏଚ.ଅଲି

ଥରେ ନୋବେଲ ବିଜେତା ରାସାୟନଶାସ୍ତ୍ରବିତ୍ ରିଚାର୍ଡ ସ୍ମଲେଙ୍କୁ ଜରୁରୀଭିତ୍ତିରେ ବୈଶ୍ୱିକ ଆହ୍ୱାନଗୁଡ଼ିକୁ ତାଲିକାଭୁକ୍ତ କରିବାକୁ କୁହାଯାଇଥିଲା । ଦାରିଦ୍ର୍ୟ, କ୍ଷୁଧା, ସଂଘର୍ଷ ଏବଂ ସଂସାଧନ ଉପଲବ୍ଧତାର ଚିରାଚରିତ ପ୍ରସଙ୍ଗକୁ ଦର୍ଶାଇବାବେଳେ ସେ ଶକ୍ତି ସୁରକ୍ଷାକୁ ତାଙ୍କ ତାଲିକାର ଶୀର୍ଷରେ ରଖିଥିଲେ । ସ୍ମଲେ ଯୁକ୍ତି ବାଢ଼ିଥିଲେ ଯେ, ଯଦି ଆମେ ନିର୍ଭରଯୋଗ୍ୟ ଶକ୍ତି ଯୋଗାଣକୁ ନିଶ୍ଚିତ କରିପାରିବା ତେବେ ଅନ୍ୟ ସମସ୍ତ ଆହ୍ୱାନକୁ ସମାଧାନ କରିବାରେ ସକ୍ଷମ ହେବା । ଏବେ ଜି୭ ଦେଶଗୁଡ଼ିକ ସେମାନଙ୍କ ଅର୍ଥ ବ୍ୟବସ୍ଥା ଏବଂ ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକ ଉପରେ ଶକ୍ତି ଅସୁରକ୍ଷାର ବ୍ୟାପକ ପ୍ରଭାବକୁ ଅନୁଭବ କରୁଥିବାବେଳେ ସାରା ବିଶ୍ୱ ସ୍ମଲେଙ୍କ ଯୁକ୍ତି ଠିକ୍ ବୋଲି ଜାଣିପାରୁଛି । ଶକ୍ତି ସୁରକ୍ଷା ପରିପ୍ରେକ୍ଷୀରେ ଆମ ନିକଟରେ ଅନ୍ତର୍ଜାତୀୟ ବ୍ୟବସ୍ଥା କିମ୍ବା ବିଜ୍ଞାନ ଆଧାରିତ ନୀତି ନିର୍ଦ୍ଧାରଣର ସୀମିତ ଉପାୟ ରହିଛି । ଏଣୁ ଏବକାର ବୈଶ୍ୱିକ ଆର୍ଥିକ ସଙ୍କଟ ଏବଂ ୟୁକ୍ରେନ୍‌ରେ ଲାଗି ରହିଥିବା ଯୁଦ୍ଧ ଦ୍ୱାରା ହଠାତ୍ ସୃଷ୍ଟି ହୋଇଥିବା ଶକ୍ତି ଜାଗରଣ ଅଧିକ ଗଠନମୂଳକ କାର୍ଯ୍ୟକଳାପ ଏବଂ ଅନୁଭବ ଆଧାରିତ ଘରୋଇ ଶକ୍ତି ନୀତି ପାଇଁ ବାଟ କଢ଼ାଇ ନେବ ବୋଲି ଆଶା କରାଯାଏ । ଜୁଲାଇ ୬ରେ ଆଣବିକ ଶକ୍ତି ଓ ପ୍ରାକୃତିକ ବାଷ୍ପକୁ ୟୁରୋପୀୟ ସଂଘ(ଇୟୁ)ର ବୈଜ୍ଞାନିକ ବର୍ଗୀକରଣ ନିୟମ ଅଧୀନରେ ପରିବେଶୀୟ ସହନୀୟ ଆର୍ଥିକ କାର୍ଯ୍ୟକଳାପ ଭାବେ ବର୍ଗୀକୃତ କରିବାରେ ୟୁରୋପିଆନ ପାର୍ଲାମେଣ୍ଟ ସମର୍ଥନ କଲାବେଳେ ଏକ ସୂଚନା ମିଳିଥିଲା । ଏହି ବିଧେୟକ ସପକ୍ଷରେ ୩୨୮ ଭୋଟ ମିଳିଥିଲାବେଳେ ବିପକ୍ଷରେ ମିଳିଥିଲା ୨୭୮ ଭୋଟ । ୩୩ ଜଣ ସପକ୍ଷରେ କିମ୍ବା ବିପକ୍ଷରେ ଭୋଟ ଦେଇନଥିଲେ । ଏହି ଭୋଟ କରାଯିବା ଏକ ଉତ୍ତମ ପଦକ୍ଷେପ । ଏଥିରେ ୟୁରୋପର ପରିବେଶଗତ କାର୍ଯ୍ୟକ୍ରମ ପାଇଁ ଏକ ବିର୍ତ୍ତନୀୟ ପରିବର୍ତ୍ତନକୁ ସୂଚାଉଥିବା ସାଧାରଣ ବିଚାରକୁ ଗ୍ରହଣ କରାଯାଇଥିଲା ।

ଭୌଗୋଳିକ ବିଶେଷଜ୍ଞମାନେ ଶକ୍ତିକୁ ନେଇ ସାମାଜିକ ବିପଦ ସମ୍ପର୍କରେ ଯାହା କୁହନ୍ତି ଇୟୁର ଶକ୍ତି ନୀତିରେ ତାହାର ଦୃଷ୍ଟାନ୍ତ ଦେଖିବାକୁ ମିଳେ । ସମ୍ଭବତଃ ସବୁଠୁ ଉଲ୍ଲେଖନୀୟ ଯେ, ୨୦୧୧ରେ ଜାପାନରେ ଫୁକୁସୀମା ଦୁର୍ଘଟଣା ପରେ ଘରୋଇ ଆଣବିକ ଶକ୍ତି ପର୍ଯ୍ୟାୟକ୍ରମେ ବନ୍ଦ କରିବାରେ ଜର୍ମାନୀର ନିଷ୍ପତ୍ତି ଜାତିସଂଘ ବିଶେଷଜ୍ଞ କମିଟି ନିଷ୍କର୍ଷ ବିରୋଧରେ ଗଲା, କାରଣ ଉକ୍ତ କମିଟି ସବିଶେଷ ଡାଟା ରେକର୍ଡିଂର ୧୦ ବର୍ଷ ପରେ ନିର୍ଦ୍ଦିଷ୍ଟ ଅଞ୍ଚଳରେ କ୍ୟାନ୍‌ସର ସହ ଏହି ଘଟଣାର ସମ୍ପର୍କ ନିର୍ଦ୍ଧାରଣ କରିପାରି ନାହିଁ । ଅପରପକ୍ଷେ ଜାପାନ ନିଜେ ଆଣବିକ ଶକ୍ତି ଉତ୍ପାଦନ ଜାରି ରଖିଛି । ଉଭୟ ଜି ୭ ଏବଂ ଅନ୍ୟ ଦେଶରେ ରାଜନୈତିକ କ୍ଷେତ୍ରର ଦୁଇପକ୍ଷ(ବାମ ଓ ଦକ୍ଷିଣପନ୍ଥୀ) ଦ୍ୱାରା ଶକ୍ତି ଓ ପରିବେଶକୁ ନେଇ ନିଆଯାଉଥିବା ସାବଧାନତାପୂର୍ଣ୍ଣ ସିଦ୍ଧାନ୍ତକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉନାହିଁ । ଏଭଳି ସ୍ଥିତି ବହୁ ସମୟରେ ନୀତି ନିର୍ଦ୍ଧାରଣରେ ବିଜ୍ଞାନର ବିଚାରଶୀଳ ଉପଯୋଗ ଠାରୁ ଅଧିକ ପ୍ରଭାବଶାଳୀ ହୋଇଯାଉଛି । କିନ୍ତୁ ଏବେ ଦକ୍ଷିଣପନ୍ଥୀ ୟୁରୋପୀୟ ରାଜନୀତିଜ୍ଞମାନେ ପରିବେଶୀୟ ନୀତି ଆଡକୁ ଢ଼ଳୁଛନ୍ତି । ଚଳିତ ବର୍ଷ ପ୍ରାରମ୍ଭରେ ସର୍ବିୟାର ଏକ ଲିଥିୟମ ମାଇନିଂ ପ୍ରୋଜେକ୍ଟ ରଦ୍ଦ କରିବା ଘଟଣାରେ ଏହା ଦେଖାଯାଇଛି । ଏହି ସମୟରେ ଆମେରିକାରେ ଗୁରୁତ୍ୱପୂର୍ଣ୍ଣ ମିନେରାଲ୍ସ ଉପରେ ସରକାରୀ ନିର୍ଦ୍ଦେଶର ପୁନରାବୃତ୍ତି ସତ୍ତ୍ୱେ ଅନେକ ପ୍ରୋଜେକ୍ଟ ପରିବେଶୀୟ ବିବାଦ ଦ୍ୱାରା ପ୍ରଭାବିତ ହୋଇଛନ୍ତି । ନିକଟରେ ପାସ୍ ହୋଇଥିବା ଇନ୍‌ଫ୍ଲେଶନ ରିଡକ୍ସନ ଆକ୍ଟ ଲାଗୁ ହେବାରେ ବାଧା ସୃଷ୍ଟି ହେବାର ସମ୍ଭାବନା ରହିଛି । କାରଣ, ଏହାର ମାଇନିଂ ପ୍ରୋଭିଜନକୁ ବିରୋଧ କରିବାକୁ ପରିବେଶ ଲାଗି କାର୍ଯ୍ୟକରୁଥିବା ଗୋଷ୍ଠୀଗୁଡ଼ିକ ପ୍ରସ୍ତୁତ ହୋଇଗଲେଣି ।



ଏବକାର ଜଳବାୟୁ ସମ୍ପର୍କିତ ଲଢ଼େଇ ତୀବ୍ର ହୋଇଛି । ଏହା ପ୍ରକୃତି ଏବଂ ସାମାଜିକ ଓ ରାଜନୈତିକ ବ୍ୟବସ୍ଥା ମଧ୍ୟରେ ଥିବା ସମ୍ପର୍କକୁ ନେଇ ଲୋକମାନଙ୍କ ବିଚାରଧାରାରେ ରହିଥିବା ମୌଳିକ ବିବାଦକୁ ପ୍ରକାଶ କରିଛି । ଜଳବାୟୁ ଉପରେ ଜୀବାଶ୍ମ ଇନ୍ଧନ ଶିଳ୍ପର ପ୍ରଭାବକୁ ନେଇ ବୈଜ୍ଞାନିକମାନେ ଦୁଃଖପ୍ରକାଶ କରୁଥିଲାବେଳେ ସମୃଦ୍ଧ ଓ ସୁଖଦ ସମାଜ ଚାହୁଁଥିବା ଲୋକମାନଙ୍କର ଶକ୍ତି ଯୋଗାଣ ଦୃଷ୍ଟିକୋଣ ଏବକାର ସ୍ଥିତିରେ କୌଣସି ନିଷ୍ପତ୍ତିକୁ ଆଗକୁ ବଢ଼ିବାକୁ ଦେଉନାହିଁ । ପରିବେଶ ଓ ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ଉତ୍ତମ ଲକ୍ଷ୍ୟ ରଖିଥିବା ଗ୍ରେଟା ଥନ୍‌ବର୍ଗଙ୍କ ଭଳି କର୍ମକର୍ତ୍ତାମାନେ ପରିବେଶ ସଚେତନତା ଜାଗ୍ରତ କରିବାରେ ବହୁତ ବଡ଼ କାମ କରିଛନ୍ତି । କିନ୍ତୁ ପରିବେଶଗତ ସାକ୍ଷରତାକୁ ପ୍ରୋତ୍ସାହିତ କରିବା ବିଷୟରେ କିଛି କମ୍ ରହିଯାଇଛି । ଶକ୍ତି ଯୋଗାଣ ପାଇଁ ବୃହତ୍ କୋଇଲା କିମ୍ବା ଆଣବିକ ପ୍ଲାଣ୍ଟର ଆବଶ୍ୟକତା ଉପରେ ବିଚାର କରାଯାଉ । ସୌର ଓ ବାୟୁ ଶକ୍ତି ପାଇଁ ରହିଥିବା ବ୍ୟାଟେରି ଫାର୍ମ କିମ୍ବା ଜଳବିଦ୍ୟୁତ୍ ଶକ୍ତି ନିମନ୍ତେ ଗଚ୍ଛିତ ଭିତ୍ତିଭୂମି ଅନୁପସ୍ଥିତିରେ କେବଳ ଆଣବିକ ଶକ୍ତି ଏବଂ ଜୀବାଶ୍ମ ଇନ୍ଧନ ଅତ୍ୟଧିକ ଶକ୍ତି ଯୋଗାଇ ଦେବାର କ୍ଷମତା ରହିଛି ବୋଲି ଅନେକ ଜୀବାଶ୍ମ ଇନ୍ଧନ ସମର୍ଥକ କହନ୍ତି । କିନ୍ତୁ ଏହା ଉପରେ କମ୍ ଧ୍ୟାନ ଦେଉଛନ୍ତି । ଏହି ଭିତ୍ତିଭୂମି ଲାଗି ଆବଶ୍ୟକ ଗୁରୁତ୍ୱପୂର୍ଣ୍ଣ ଧାତବ ଉତ୍ତୋଳନ ପାଇଁ ଅନୁମତି ଦେବା ଲାଗି ପରିବେଶବିତ୍‌ମାନେ ସହମତି ପ୍ରକାଶ କରିବା ଦରକାର । ଶକ୍ତି ଚାହିଦା ଲାଗି ଏହାର ରିସାଇକ୍ଲିଂ ଏବଂ ଏକ ଚକ୍ରୀୟ ଅର୍ଥ ବ୍ୟବସ୍ଥାକୁ ପରିବର୍ତ୍ତନ କରିବା ଦରକାର । ଏଥିପାଇଁ ପ୍ରାରମ୍ଭିକ ସ୍ତରରେ ରିସାଇକେଲ କରିବାକୁ ଅଧିକ ଜିନିଷ ଗଚ୍ଛିତ ରଖିବାକୁ ପଡ଼ିବ । ଅନ୍ୟ ପକ୍ଷରେ ଖୁବ୍ ସହଜରେ ରିସାଇକେଲ ହୋଇପାରୁଥିବା ଉତ୍ପାଦ ପ୍ରସ୍ତୁତ କରିବାର ଆହ୍ୱାନକୁ ଗ୍ରହଣ କରିବାକୁ ହେବ । ଏଣୁ ଏକ ନୂଆ ଟେକ୍‌ନୋଲୋଜି ନିମନ୍ତେ ଉପଯୋଗିତା, ରିସାଇକେଲ ଏବଂ ନୂତନତ୍ୱ ମଧ୍ୟରେ କିଭଳି ସନ୍ତୁଳନ ରକ୍ଷା କରାଯାଇପାରିବ ତା'ର ମୂଲ୍ୟାୟନ କରିବା ଆବଶ୍ୟକ ।

ବ୍ୟାପକ ପ୍ରଯୁକ୍ତିଗତ ସମସ୍ୟା ଏବଂ ଚାଇନା ଓ ରୁଷିଆ ସହ ଜି୭ ଦେଶଗୁଡ଼ିକ ମଧ୍ୟରେ ଲାଗିରହିଥିବା ଉତ୍ତେଜନାକୁ ଦେଖିଲେ ଶକ୍ତି ନୀତିର ସମନ୍ୱୟ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ । ଜି୭ ଦେଶଗୁଡ଼ିକ ପ୍ରଥମେ ଉତ୍ସର ବିବିଧ କ୍ଷେତ୍ରରେ ନିବେଶକୁ ମାର୍ଗଦର୍ଶନ କରିବା ଲାଗି ଶକ୍ତି ସୁରକ୍ଷା ଉପରେ ଏକ ବୈଜ୍ଞାନିକ ପ୍ୟାନେଲ ଗଠନ କରିବାକୁ ହେବ । ଦେଶର ରାଜନୈତିକ ବିରଧାରାକୁ ବାଦ୍ ଦେଇ କେବଳ ବୈଜ୍ଞାନିକ ଓ ଇଞ୍ଜିନିୟରିଂ ଉପରେ ପ୍ୟାନେଲର କାର୍ଯ୍ୟ କେନ୍ଦ୍ରିତ ହେବା ଉଚିତ । ପ୍ୟାନେଲର ନିଷ୍ପତ୍ତିକୁ ଲାଗୁ କରିବା ପାଇଁ ପ୍ରତିଷ୍ଠିତ ସଂସ୍ଥା ସମେତ ଜାତୀୟ ଆଇନ ମଧ୍ୟ ଦରକାର ହୋଇପାରେ । ୨୦୨୩ରେ ଜାପାନରେ ଜି୭ ସମ୍ମିଳନୀ ଅନୁଷ୍ଠିତ ହେବ । ଗୋଟିଏ ବର୍ଷରୁ କମ୍ ସମୟ ଥିଲେ ବି ଜାପାନ ଶକ୍ତି ସୁରକ୍ଷା ଓ ଯୋଗାଣ କ୍ଷେତ୍ରରେ ଉଲ୍ଲେଖନୀୟ ପଦକ୍ଷେପ ନେଇଛି ।

ଜଳବାୟୁ ପରିବର୍ତ୍ତନ ରୋକିବା ଏବଂ ଶକ୍ତି ସୁରକ୍ଷା କରିବା ଲାଗି ସମାଧାନର ବାଟ ଦୀର୍ଘମିଆଦୀ ଯୋଜନା ମାଧ୍ୟମରେ ପ୍ରସ୍ତୁତ କରାଯିବା ଉଚିତ । ଏହା ପ୍ରକୃତିର ମୌଳିକ ନିୟମ ସହ ଅନୁକୂଳ ହେବା ଦରକାର , ରାଜନୈତିକ ଫାଇଦା ଲାଗି ନୁହେଁ । ଏବେ କାର୍ଯ୍ୟ କରୁଥିବା ଏନର୍ଜି ଚାର୍ଟର ତ୍ରୁଟି, ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସି କିମ୍ବା ଅନ୍ତର୍ଜାତୀୟ ଅକ୍ଷୟଶକ୍ତି ଏଜେନ୍ସିର ଆଇନ ବା ନିର୍ଦ୍ଦେଶର ଅଭାବ ରହିଛି ଓ ଏବକାର ସ୍ଥିତିରୁ ଅନେକ ସଦସ୍ୟ ଲାଭବାନ୍ ହେଉଛନ୍ତି । ଅନ୍ୟପକ୍ଷରେ ଏକ ମାନକ ସ୍ଥିର କରିବାର ଜି୭ର ମଧ୍ୟ କ୍ଷମତା ରହିଛି । ବିଶ୍ୱର ପ୍ରମୁଖ ବିକଶିତ ଅର୍ଥ ବ୍ୟବସ୍ଥାଗୁଡ଼ିକ ପାଇଁ ଏହି ମାନକ ଶକ୍ତି ସୁରକ୍ଷା କରିବା ସହ ଏହାକୁ ଅନୁକରଣ କରିବାକୁ ଅନ୍ୟ ଦେଶଗୁଡ଼ିକ ପାଇଁ ଏକ ସଙ୍ଗତ ବିଜ୍ଞାନ ଆଧାରିତ ମଡେଲ ସୃଷ୍ଟି କରିବ ।

**ପ୍ରାଧ୍ୟାପକ (ଶକ୍ତି ଓ ପରିବେଶ), ଡିଲାୱେର ବିଶ୍ୱବିଦ୍ୟାଳୟ, ଆମେରିକା**

# ବେସାହାରା ବାର୍ଦ୍ଧକ୍ୟ



ଅଭିମନ୍ୟୁ ଧଳ

ଜଣେ ଭାରତୀୟ ପ୍ରଶାସନିକ ସେବାର ଉଚ୍ଚପଦସ୍ଥ କର୍ମଚାରୀ ଯାହାଙ୍କର ଶହୀଦ ନଗରରେ ତିନିତାଲା ବିଶିଷ୍ଟ ପ୍ରାସାଦ । ଯଥେଷ୍ଟ ବ୍ୟାଙ୍କ ବାଲାନ୍ସ ଓ ମାସିକ ପେନ୍‌ସନ ୮୦ ହଜାରରୁ ଉର୍ଦ୍ଧ୍ୱ ସେ ଯେ ଘୋର ସନ୍ତାପ ମଧ୍ୟରେ ନିଜର ପତ୍ନୀଙ୍କ ସହିତ ବେସାହାରା ଜୀବନ ବିତାଉଛନ୍ତି । ଦୁଇ ପୁଅ ବିଦେଶରେ । ଅଭାବ ନ ଥିବା ମା'ବାପା ପୁଅବୋହୂ, ନାତିନାତୁଣୀଙ୍କ ସହିତ ଫୋନରେ ଦି'ପଦ କଥା ହୋଇ ନ ପାରି ଘୋର ମନସ୍ତାପରେ ଜୀବନ କାଟୁଛନ୍ତି । ଏହି ପରିପ୍ରେକ୍ଷୀରେ ଚିନ୍ତା କରାଯାଇପାରେ ନିର୍ଦ୍ଧନ ବାର୍ଦ୍ଧକ୍ୟ କେତେ ଯନ୍ତ୍ରଣାଦାୟକ ।

ଭାରତରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ଯେଉଁମାନଙ୍କ ବୟସ ୬୦ ବର୍ଷରୁ ଅଧିକ ପ୍ରାୟ ୧୦୪ ନିୟୁତ ଅର୍ଥାତ୍ ୧୦ କୋଟିରୁ ଅଧିକ । ବିଶ୍ୱର ମୋଟ ବୃଦ୍ଧ ସଂଖ୍ୟାର ୮.୬ ପ୍ରତିଶତ ଏମାନଙ୍କ ମଧ୍ୟରୁ ୬ ଲକ୍ଷ ଶତାୟୁ । ଭାରତରେ ହାରାହାରି ପରମାୟୁ ୬୯ ବର୍ଷରେ ପହଞ୍ଚିବା ବେଳେ ଓ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଆଯିବାରୁ ବୃଦ୍ଧବୃଦ୍ଧାଙ୍କ ସଂଖ୍ୟା ବୃଦ୍ଧିପାଉଛି । ୨୦୩୦ ସୁଦ୍ଧା ଏହି ସଂଖ୍ୟା ୫୬ ନିୟୁତ ବଢ଼ିଯିବ । ବୃଦ୍ଧ ଜନସଂଖ୍ୟାର ୪୭ ଭାଗ ପୁରୁଷ ଓ ୫୩ ଭାଗ ମହିଳା ।

ଯେଉଁମାନେ ବୟସର ଅପରାହ୍ନରେ ଉପନୀତ ସେମାନେ ଯନ୍ତ୍ରଣା, ଗାଳି, ଅପମାନ, ସ୍ୱାସ୍ଥ୍ୟ ସେବାରେ ତଥା ଦୁଇଓଳି ଦୁଇମୁଠା ଖାଇବାକୁ ନ ପାଇବା, ଭିକ୍ଷାବୃତ୍ତି କରିବା ଏପରି କି ଆତ୍ମହତ୍ୟା ପରି କରୁଣ ପରିଣତି ଦେଖିବାକୁ ମିଳୁଛି । ସମସ୍ତ ପୁଅ ବୋହୂ ଏମିତି ନୁହନ୍ତି, ଅଭାବ ଘରେ ବି ସେମାନେ ନିଜେ ନ ଖାଇ ମା'ବାପାଙ୍କୁ ଦିଅନ୍ତି, ପରନ୍ତୁ ଥିଲାବାଲା ଘରେ ମା'ବାପା ଅବହେଳିତ । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପେନ୍‌ସନଭୋଗୀଙ୍କ ସଂଖ୍ୟା ୧ କୋଟିରୁ ଅଧିକ । ସରକାରୀ କର୍ମଚାରୀଙ୍କ ମାସିକ ପେନ୍‌ସନ ସର୍ବନିମ୍ନ ୯୦୦୦ରୁ ୧ ଲକ୍ଷ ୨୫ ହଜାର ଟଙ୍କା । ଅବଶିଷ୍ଟ ୮୦ ଭାଗ ବୟସ୍କଙ୍କ ସାମାଜିକ ସୁରକ୍ଷା ନାହିଁ । ଭବିଷ୍ୟନିଧି ପେନ୍‌ସନ ଭୋଗୀଙ୍କ ସଂଖ୍ୟା ୭୫ ଲକ୍ଷରୁ ଅଧିକ । ସେମାନେ ପାଆନ୍ତି ମାସକୁ ୧୦୦୦ ଟଙ୍କାରୁ ୪୦୦୦ ଟଙ୍କା । ଏହା ବ୍ୟତୀତ ଦେଶର ଯେଉଁ ବୃହତ୍ ବର୍ଗର ବୃଦ୍ଧବୃଦ୍ଧା ରହିଲେ ବୟସ ଅନୁସାରେ ମାସିକ ୫୦୦ରୁ ୭୫୦ ଟଙ୍କା ଭତ୍ତା ପାଉଛନ୍ତି । ଏହି ଟଙ୍କାରେ ସେମାନେ ଚଳିବା ସମ୍ଭବ କି ? ଏହା ବ୍ୟତୀତ ଏମାନେ ସମସ୍ତେ ଔଷଧ ସେବନ କରନ୍ତି । ଦରଦାମ ବୃଦ୍ଧି ବେଢ଼ି ଉପରେ କୋରଡ଼ା ସାଜିଛି । ସରକାରଙ୍କଠାରୁ ଅଧିକ ପେନ୍‌ସନ ପାଉଥିବା ବୟସ୍କମାନେ ପରିବାରଠାରୁ ଅଲଗା ରହି ଏକପ୍ରକାର ନିଃସଙ୍ଗ ଜୀବନ ସାମ୍ନା କରି ନିଜକୁ ବେସାହାରା ମନେକରିବା ସ୍ୱାଭାବିକ । ଯେଉଁ ବିଶାଳ ବର୍ଗ ବୟସ୍କ ନଗଣ୍ୟ ଅର୍ଥରାଶି ପାଉଛନ୍ତି ତାହା ପରିବାର ହାତକୁ ଚାଲିଯାଏ । କେତେକ ସ୍ଥାନରେ ମାସ ମାସ ବିତିଗଲେ ସୁଦ୍ଧା ପେନ୍‌ସନ ନ ପାଇବା, ସେମାନଙ୍କ ଟିପଦେଇ ଅନ୍ୟ କେହି ଟଙ୍କା ହଡ଼ପ କରିବା ଏପରି କି ଚାଲିପାରୁ ନ ଥିବା ବୃଦ୍ଧବୃଦ୍ଧା ମାଇଲ ମାଇଲ ଯାଇ ଟଙ୍କା ଆଣିବା କାହାରିକୁ ଅଛପା ନାହିଁ ।

ବୃଦ୍ଧ କାଳର ସମସ୍ୟା ଅନେକ, ବାର୍ଦ୍ଧକ୍ୟ ମଣିଷର ଶକ୍ତି ହ୍ରାସ କରେ, ରୋଗ ଆଣେ ଓ ତାଙ୍କୁ ଅନ୍ୟ ଉପରେ ନିର୍ଭରଶୀଳ କରାଏ । କେତେକ କ୍ଷେତ୍ରରେ ଏହି ଲୋକମାନେ କିଛି ପାର୍ଟ ଟାଇମ କାମ କରିବା ବା ଫୁଲ୍ ଟାଇମ କାମ କରି କିଛି ଉପାର୍ଜନ କରିବାକୁ ଚାହୁଁଥିଲା ବେଳେ ତାହା ହୋଇପାରେ ନାହିଁ । ୨୦୨୨ ହେଲ୍ପେଜ ଇଣ୍ଡିଆର ସର୍ଭେରିପୋର୍ଟଅନୁସାରେ ୪୬ ପ୍ରତିଶତ ବରିଷ୍ଠ ନାଗରିକ କାମ କରି ଅର୍ଥ ରୋଜଗାର କରିବାକୁ ରାଜି । ଯେଉଁ ଦେଶରେ ଲକ୍ଷ ଲକ୍ଷ ଯୁବକଯୁବତୀ ବେକାରି ଜୀବନ ବିତାଉଛନ୍ତି, ଏମାନଙ୍କ କଥା ପଚାରେ କିଏ ?

ସମ୍ବିଧାନରେ ବରିଷ୍ଠ ନାଗରିଙ୍କ ସୁରକ୍ଷା ଓ ସେବା ସହ ଯତ୍ନ ଆଦିର ବ୍ୟବସ୍ଥା କଥା ଉଲ୍ଲେଖ ରହିଛି । ସେଥିପାଇଁ ରାଷ୍ଟ୍ର ଉପରେ ଦାୟିତ୍ୱ ନ୍ୟସ୍ତ ହୋଇଛି । ଆହୁରି ମଧ୍ୟ ବୁଢ଼ା ବୟସରେ ମା'ବାପାଙ୍କର ଦେଖାଶୁଣା କରିବା ବାଧ୍ୟତାମୂଳକ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି । ଏହା କେବଳ ଧର୍ମକୁ ଆଖିଠାର ଭଳି । ଯେଉଁ ମା'ବାପା ସ୍ନେହ ମମତା ଦେଇ ନିଜ ରକ୍ତର ମଙ୍ଗଳ କାମନା କରିଆସନ୍ତି ସେମାନେ ଅଦାଲତକୁ ଯିବା ଅପେକ୍ଷା ମୃତ୍ୟୁକୁ ଶ୍ରେଷ୍ଠ ମଣିଥାନ୍ତି । ପ୍ରତ୍ୟେକ ବର୍ଗର ଲୋକ ଧନୀଠାରୁ ଗରିବ ପରିବାର ପର୍ଯ୍ୟନ୍ତ ବୃଦ୍ଧ ମାତାପିତାଙ୍କୁ ଅଣଦେଖା କରିବା ପାଶ୍ଚାତ୍ୟ ସଭ୍ୟତାର ପ୍ରତିଫଳନ । ବୃଦ୍ଧ ଅବସ୍ଥାରେ ସେମାନଙ୍କର ଶିଶୁସୁଲଭ ଗୁଣ ପରିପ୍ରକାଶ ହୁଏ ଯାହାକୁ ଆମେ 'ବାଳଭୋଳ' ବୋଲି କହିଥାଉ । ସେମାନଙ୍କ କଥାକୁ ନ ମାନି ନମ୍ରତାର ସହିତ ଶୁଣିଯିବା ଉଚିତ ଏବଂ ଯାହାର ସାମାଜିକ ସମ୍ପର୍କ ଯେତେ ସୁଦୃଢ଼ ସେମାନେ ବୃଦ୍ଧକାଳରେ ସେତେ ଚାପମୁକ୍ତ । ଯେଉଁ ଦାୟାଦମାନେ ଏମାନଙ୍କୁ ପଚାରିବେ ନାହିଁ, ସେଥିପାଇଁ ସରକାର, ସ୍ୱେଚ୍ଛାସେବୀ ସଂଗଠନମାନେ ହାତ ବଢ଼ାଇ ଦିଅନ୍ତି । ଆଗକୁ ଏହି ସମସ୍ୟା ଆହୁରି ଉତ୍କଟ ହେବ । ତେଣୁ ଏମାନଙ୍କ ଅନ୍ତିମ ଜୀବନ ଭଲରେ କଟିବା ପାଇଁ ଅଧିକ ଜରାଶ୍ରମ ନିର୍ମାଣ କରି ଏହି ବେସାହାରାମାନଙ୍କୁ ଥଇଥାନ କଲେ ସମସ୍ୟାର ସମାଧାନ ହୋଇପାରିବ ।

**ଓସଂଗରା, ପଚ୍ଚାମୁଣ୍ଡାଇ, କେନ୍ଦ୍ରାପଡ଼ା**
**ମୋ : ୯୮୬୧୦୪୮୦୫୨**

## ଏଇ ଭାରତରେ

କପଡ଼ା କମ୍ପାନୀର ଅନେକ ହଜାର କେ.ଜି. ଅଦରକାରୀ କପଡ଼ା ଠୁଳ ହୋଇ ରହେ । ବହୁସମୟରେ ଏହାକୁ ବାହାରେ ଫିଙ୍ଗି ଦିଆଯାଏ, ଯାହା ପରିବେଶ ଲାଗି ବିପଦ । ଏହାର ଗମ୍ଭୀରତାକୁ ଚିନ୍ତା କରି ବର୍ଜ୍ୟ ବା ଅଦରକାରୀ କପଡ଼ାର ଅପସାଇକ୍ଲିଂ କରୁଛନ୍ତି ଦିଲ୍ଲୀର ଡିଜାଇନର କିର୍ତ୍ତୀ ତୁଲା । ସେ ବର୍ଜ୍ୟ କପଡ଼ାରୁ କମ୍ ପାଣି ଉପଯୋଗ କରି ବିଭିନ୍ନ ଡିଜାଇନ ପୋଷାକ ତିଆରି କରୁଛନ୍ତି । କିର୍ତ୍ତୀ ପରିବେଶ ଉପଯୋଗୀ ଫ୍ୟାଶନ ବ୍ରାଣ୍ଡ 'ଡୁଡୁଲେଜ' ଦ୍ୱାରା ଏହି କାର୍ଯ୍ୟ କରୁଛନ୍ତି । ସେ ୨୦୧୨ରେ ଉକ୍ତ ବ୍ରାଣ୍ଡ ପ୍ରତିଷ୍ଠା କରିଥିଲେ । କିର୍ତ୍ତୀ ଏବଂ ତାଙ୍କ ବ୍ରାଣ୍ଡ ସହରକୁ ଅଦରକାରୀ କପଡ଼ା ଠୁଳ ହେବା ସମସ୍ୟାରୁ ମୁକ୍ତ କରିବାରେ ବେଶ୍ ସହାୟକ ହୋଇପାରିଛି । କିର୍ତ୍ତୀ ଲଣ୍ଡନରେ ଡିଜାଇନିଂରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି । ଆଲାଏଡ ବ୍ଲେଣ୍ଡର୍ସ ଆଣ୍ଡ ଡିଷ୍ଟିଲେର୍ସ ପ୍ରାଇଭେଟ ଲିମିଟେଡ୍ ସହିତ ମିଶି ଏବେ ସୁଦ୍ଧା ୫,୦୦୦ କେଜି ଅଦରକାରୀ କପଡ଼ା ଉପଯୋଗ କରିସାରିଲେଣି ଓ ୪୬ ମିଲିୟନ ଲିଟର ପାଣି ବଞ୍ଚାଇ ପାରିଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

**୧୫ ସେପ୍ଟେମ୍ବର ୧୯୯୭**

- ସେନିଗାଲର ଦକ୍ଷିଣାଞ୍ଚଳରେ ସରକାରୀ ସୈନ୍ୟ ଏବଂ ବିଦ୍ରୋହୀଙ୍କ ମଧ୍ୟରେ ତୁମୁଳ ସଂଘର୍ଷ ଘଟି ୨୬ ନିହତ ।
- ଜର୍ମାନୀର ଏକ ସାମରିକ ବିମାନ ଆଙ୍ଗୋଲା ଉପକୂଳରେ ଦୁର୍ଘଟଣାଗ୍ରସ୍ତ ହୋଇ ଆଟଲାଣ୍ଟିକ ମହାସାଗର ମଧ୍ୟକୁ ଖସିପଡ଼ିବା ଫଳରେ ୨୪ ଯାତ୍ରୀ ମୃତ ।
- ମଧ୍ୟପ୍ରଦେଶର ବିଳାସପୁର ଜିଲାସ୍ଥିତ ଚାମ୍ପା ନିକଟରେ ଅହମ୍ମଦାବାଦ-ହାୱଡା ଦ୍ରୁତଗାମୀ ଟ୍ରେନ୍‌ର ୫ଟି ବଗି ହାଁସଦେବ ନଦୀ ମଧ୍ୟକୁ ଖସିପଡ଼ିବା ଫଳରେ ୧୦୦ ଯାତ୍ରୀଙ୍କ ମୃତ୍ୟୁ ।

# ଭାଷା ହିଁ ଜାତିର ଭବିଷ୍ୟତ



ଉପେନ୍ଦ୍ର ବିଶ୍ୱାଳ

କଟକସ୍ଥ ସିଡିଏ-୮ରେ ରୁହନ୍ତି ପ୍ରତିରକ୍ଷା ମନ୍ତ୍ରାଳୟର ଜଣେ ସେବାନିବୃତ୍ତ ଅଧିକାରୀ । ଏକଦା ପାଞ୍ଚଜଣିଆ ଯୁବାଦଳଟି ଆସି ପହଞ୍ଚିଲା ତାଙ୍କ ଘରେ । ହାତରେ ଥାଏ 'ପୂଜା' ରସିଦ । ଆଜ୍ଞାଙ୍କୁ ଦେଖି ସେମାନେ ବଢ଼େଇଦେଲେ ଦୁଇଶହ ଟଙ୍କାର ରସିଦ୍‌ଟିଏ । 'ରାଡାର' ବିଶେଷଜ୍ଞ ଜଣଙ୍କ ଶିଷ୍ଟତାରେ ପିଲାଙ୍କୁ ଡାକିନେଲେ ଘର ଭିତରକୁ । ସସ୍ନେହେ ପିଲାଙ୍କ କୁଶଳ ଜିଜ୍ଞାସା କରିସାରି କହିଲେ- ତୁମେମାନେ ଆଗ ନିର୍ଭୁଲ ଭାବେ 'ଗଣେଶ ପୂଜା' ବନାନ କହିଦେଲେ ଦୁଇ ବଦଳରେ ପାଞ୍ଚଶହ ଟଙ୍କା ଦେବି । ସମସ୍ତେ ନିରୁତ୍ତର ରହିବାରୁ ପୁଣି ସେ କହିଲେ- ''ତୁମେ କଲେଜ ପିଲାମାନେ ଗଣପତିଙ୍କ ପୂଜା ପାଇଁ ବାହାରିଛ, ଖୁବ୍ ଭଲକଥା । ପ୍ରଥମେ ତ ବନାନ ଜାଣିନ, ତା'ପରେ 'ଗଣେଶ'ଙ୍କୁ ବିକୃତ କରି ଲେଖିଛ 'ଗଣେଷ' । ଏହା କ'ଣ ବିଦ୍ୟାଦାତା ଗଣେଶଙ୍କ ପ୍ରତି ଅପମାନ ନୁହେଁ କି? ସେମିତି ବି ପାର୍ବଣ ପର୍ବ ଆସିଗଲେ ରସିଦ୍ ଧରି ତୁମେମାନେ ଆସି ପହଞ୍ଚିବ ଚାନ୍ଦା ପାଇଁ । ସେତେବେଳେ ସେମିତି ବି ଅପମାନ କରିଥାଅ ମା' ଦୁର୍ଗାଙ୍କୁ । ଦୁଷ୍ଟନାଶିନୀ, ଦୁର୍ଗତିନାଶିନୀ ମା' ଦୁର୍ଗାଙ୍କୁ ତୁମେସବୁ ନୂଆ ନାଁ ଦିଅ-'ଦୁର୍ଗା' । ସେ ପରା ଆମ ମାଆ । ଜ୍ଞାତରେ ହେଉ ଅବା ଅଜ୍ଞାତରେ, ଆମ ଦେବଦେବୀଙ୍କ ପ୍ରତି ଏଭଳି ଅସମ୍ମାନଭାବ ଦୋଷାବହ ନୁହେଁ କି? ଏତାଦୃଶ ତ୍ରୁଟିର ଅସଲ କାରଣ ହେଉଛି, ମାତୃଭାଷା ପ୍ରତି ତୁମ୍ଭର ଅନୁରାଗର ଅଭାବ । ବାବୁରେ, ମା', ମାତୃଭୂମି ଓ ମାତୃଭାଷାକୁ ଯଦି ଭଲ ନ ପାଇବୁ, ତେବେ କାହାକୁ ଆମେ ଭଲ ପାଇବା ? 'ଜୟ ସାଲିମାର' ମରୁ ଅଞ୍ଚଳରେ ଶତ୍ରୁର ବୋମାମାଡ଼ରେ ଗୋଟେ ଗୋଡ଼ ହରାଇଥିବା ତଥା ବିଶ୍ୱପ୍ରସିଦ୍ଧ 'ରିଡର ଡାଇଜେଷ୍ଟ' ପତ୍ରିକାର ପ୍ରାକ୍ତନ କର୍ମଚାରୀଙ୍କ ଏହି କେଇପଦ କଥା ପିଲାମାନଙ୍କୁ କେତେଦୂର ପ୍ରଭାବିତ କଲା କେଜାଣି, ଆଜ୍ଞାଙ୍କ ଚରଣ ଛୁଇଁ ସେଦିନ ଫେରିଆସିଥିଲେ ସମସ୍ତେ ।

ଲୋକମୁଖରେ ବୋଲାଯାଇଥାଏ ବହୁ ପ୍ରଚଳିତ ପ୍ରବାଦଟିଏ-''ଚାଷ ଛୁଡ଼ିଲେ ବରଷେ, ଭାଷା ଛୁଡ଼ିଲେ ପୁରୁଷେ ।'' ଅର୍ଥାତ୍ ଚାଷକାମରେ ଜଣେ ବିଫଳ ହେଲେ ବା ଚାଷ ପ୍ରତି ବିମୁଖ ହେଲେ, ଚାଷୀକୁ ବର୍ଷଟିଏ ଦୁର୍ଦ୍ଦଶା ଭୋଗିବାକୁ ପଡ଼ିଥାଏ, ମାତ୍ର ଭାଷା ବିମୁଖତା ବା ଅବହେଳା ପାଇଁ ଗୋଟେ ପୁରୁଷ ପର୍ଯ୍ୟନ୍ତ ଦୁର୍ଦ୍ଦିନକୁ ସାମ୍ନା କରିଥାଏ ଜାତି । ଭାଷା ଯେତେ ଉଦ୍ଭାସିତ ହେବ ସାହିତ୍ୟ-ସଂସ୍କୃତି ସେତେ ଐଶ୍ୱର୍ଯ୍ୟମୟ ହେବ । ଭାଷା ବି ଗୋଟେ ଭୂମିର ଭାଗ୍ୟ ଓ ଭବିଷ୍ୟତକୁ ନିର୍ଦ୍ଧାରଣ କରିଥାଏ, ଯାହାର ଜ୍ୱଳନ୍ତ ନମୁନା ହେଉଛି 'ଇସ୍ରାଏଲ'ର 'ହିବ୍ରୁ' ଭାଷା ।

ଏହି ପରିପ୍ରେକ୍ଷୀରେ ସବୁଠୁ ପ୍ରଣିଧାନ ପ୍ରସଙ୍ଗ ଯାହା ଗୋଟେ ଜାତି ପାଇଁ ଅତୀବ ଅପରିହାର୍ଯ୍ୟ, ତାହା ହେଉଛି ମାତୃଭାଷାର ସୁରକ୍ଷା, ସମୃଦ୍ଧି ଓ ସମ୍ବର୍ଦ୍ଧନ । ସେଥିପାଇଁ ଉତ୍କୃଷ୍ଟ ଉପାୟ ହେଉଛି, ମାତୃଭାଷାର ଉପଯୁକ୍ତ ଜ୍ଞାନ ଆହରଣ । ଆମ ଭାଷା ଏକ ପୂର୍ଣ୍ଣାଙ୍ଗ ଓ ପ୍ରାଚୀନ ଭାଷା । ବିଶ୍ୱର ସମୁଦାୟ ୭୧୦୨ ଭାଷା ମଧ୍ୟରେ ବହୁ କଥିତ ୩୬ତମ ଭାଷା ହେଉଛି ଓଡ଼ିଆ ଭାଷା । ଭାରତର ୨୯ଟି ସ୍ୱୀକୃତ ଭାଷା ମଧ୍ୟରୁ ଓଡ଼ିଆ ଭାଷାର ସ୍ଥାନ ଦଶମରେ ରହିଛି । ଏହା ମଧ୍ୟ ଝାଡ଼ଖଣ୍ଡର ୨ୟ ସରକାରୀ ଭାଷା ଏବଂ ଦେଶର ୬ଷ୍ଠ ଶାସ୍ତ୍ରୀୟ ଭାଷାର ଗୌରବ ବହନ କରେ । ଓଡ଼ିଆ ଭାଷା- ଆମ ଉତ୍କର୍ଷର ଉତ୍ପ୍ରେରକ । ଅତି ସୁନ୍ଦର ଆମ ମାତୃଭାଷାକୁ ଅଣଦେଖା କରି 'ଇଂଲିଶ୍' ଭାଷାକୁ ପ୍ରାଧାନ୍ୟ ଦେଉଥିବା ଆମ ଯୁବାବର୍ଗ ଜାଣିରଖିବା ଉଚିତ ଯେ ଆଜି ସୁଦ୍ଧା ସାରାବିଶ୍ୱର ମାତ୍ର ୧୧ଟି ଦେଶରେ ଏ ଭାଷା ପ୍ରଚଳିତ । ମିଳିତ ଜାତିସଂଘରେ ମଧ୍ୟ ଏହା ପ୍ରଚଳିତ ଭାଷା ନୁହେଁ (ପ୍ରଚଳିତ ଭାଷା-ଫରାସୀ) । ପୁଣି ଏହା ଏକ ଜଟିଳ ଭାଷା, ଉଭୟେ ପଢ଼ିବା-ଲେଖିବା-କହିବାରେ । ଅନ୍ୟପକ୍ଷରେ ଆମ ଓଡ଼ିଆ ଏକ ସରଳ, ସାବଲୀଳ, ବିଜ୍ଞାନସିଦ୍ଧ ସମୃଦ୍ଧ ଭାଷା । ଆମର ଏଥିରେ ମାତ୍ର ୬ଟି ସ୍ୱରଧ୍ୱନି ଥିବାରୁ ଉଚ୍ଚାରଣରେ ଅସୁବିଧା ନ ଥାଏ । ଯେଉଁଠି ଇଂଲିଶ ଭାଷାରେ ସ୍ୱରଧ୍ୱନି ରହିଛି ୪୪ଟି, ଯାହାକି ଉଚ୍ଚାରଣରେ ସାମଞ୍ଜସ୍ୟ ନ ଥାଏ କି ନ ଥାଏ ସ୍ପଷ୍ଟତା । ସେଇଥିପାଇଁ ତ ଜର୍ଜ ବର୍ନାଡ୍ ଶ' ଇଂଲିଶ ଭାଷାକୁ ଖୁବ୍ ତାଚ୍ଛଲ୍ୟ କରୁଥିଲେ । ଏକଦା 'GHOTI' ଲେଖି ଏହାର ଅର୍ଥ କହିପାରିଲେ ୫୦୦ ପାଉଣ୍ଡ ପୁରସ୍କାର ଦେବେ ବୋଲି ଘୋଷଣା କଲେ । କେହି ଜଣେ ହେଲେ ବି ଠିକ୍ କହିପାରିଲେ ନାହିଁ । ତାଙ୍କ କହିବାନୁଯାୟୀ 'Laugh'ରେ gh ହେଉଛି ''ଫ'', 'Women'ରେ wo ହେଉଛି 'ଇ' ଅର୍ଥାତ୍ o ହେଉଛି 'ଇ', Nationରେ ti ହେଉଛି 'ସ' । ତଦନୁସାରେ 'Gh-o-ti' ହେଉଛି 'ଫିସ୍' । ଭାଷା ରାଜ୍ୟରେ 'ଓଡ଼ିଆ' ଆମର ରାଜକୁମାରୀ ହେଲେ 'ସଂସ୍କୃତ' ରାଜରାଣୀ ଏବଂ 'ଇଂଲିଶ୍' ହେଉଛି ଚାକରାଣୀ । ଇଂଲିଶ ଭାଷା ମାତ୍ର ୨୬ ଅକ୍ଷରକୁ ନେଇ ଭାରାକ୍ରାନ୍ତ ଥିବାବେଳେ ଓଡ଼ିଆ ଭାଷା ୩୯ରୁ ଉର୍ଦ୍ଧ୍ୱ ଅକ୍ଷରକୁ ନେଇ ବେଶ୍ ସମୃଦ୍ଧ । ଦୃଷ୍ଟାନ୍ତସ୍ୱରୂପ ଇଂଲିଶ ଭାଷାରେ ଆମପରି ଶବ୍ଦର ସମ୍ଭାର ନ ଥିବାରୁ କକା, ବଡ଼ବାପା, ମାମୁ, ପିଉସା, ମଉସା, ପଡ଼ୋଶୀମାନଙ୍କୁ ଗୋଟେ ଶବ୍ଦ 'uncle'ରେ ହିଁ ସୂଚିତ କରାଯାଇଛି । ଏହା ତ ସେ ଭାଷାର ଦୈନ୍ୟତା ଓ ରୁଗ୍ଣତା । ଆମପରି ଶବ୍ଦର ସମ୍ଭାର ନ ଥିବାରୁ ଭାଷାର ଦୈନ୍ୟତା ଓ ଆମପରି ଭାବ ଓ ସମ୍ପର୍କର ଅଭାବରୁ ତାହା ଏକପ୍ରକାର ବେମାରି । କାରଣ କକା-ବଡ଼ବାପା-ମାମୁ-ମଉସା-ପିଉସାମାନେ ଗୋଟିଏ ନୁହଁ, ସେମାନେ ଆମର ଭିନ୍ନ ଭିନ୍ନ ସମ୍ପର୍କର । ସେମିତି ବି ଗୋଟିଏ 'aunty' ଶବ୍ଦରେ ଏକାଧିକ ସମ୍ପର୍କ ସୀମିତ । ସମ୍ପର୍କର ସେତୁଟିଏ 'ଆଇନ'ର ସାହାରାରେ ଗଢ଼ା ହେଲାଭଳି father/mother/brother/sister in 'law' । ଏବେ ଆସନ୍ତୁ ଟିକେ ସାମାନ୍ୟ ଦୃଷ୍ଟି ପକେଇବା ଓଡ଼ିଆ ଭାଷା ସମ୍ଭାର ଉପରେ ; 'ଇଚ୍ଛା' ଶବ୍ଦକୁ ନେଇ କେମିତି ଅନେକଗୁଡ଼ିଏ ଶବ୍ଦ ଏଥିରେ ଗୁନ୍ଥାଯାଇଛି । ଜିତିବାର ଇଚ୍ଛା- ଜିଗୀଷା, ଖାଇବାର ଇଚ୍ଛା-ଜିଘତ୍ସା, ଜାଣିବାର-ଜିଜ୍ଞାସା, କରିବାର-ଚିକୀର୍ଷା, ବଞ୍ଚିବାର-ଜିଜୀବିଷା, ବିଜୟର-ବିଜିଗୀଷା, କହିବାର-ବିବକ୍ଷା, ଦେଖିବାର-ଦିଦୃକ୍ଷା, ଯିବାର-ଜିଗମିଷା ଆଦି ଅନେକ । ଗଣମାଧ୍ୟମରେ ଭାଷା ଓ ଶବ୍ଦର ବିକୃତ ପରିବେଷଣ ଆଜି ଅତିମାତ୍ରାରେ ବ୍ୟଥିତ କରେ ଭାଷାପ୍ରେମୀ ଓ ଭାଷା ବିଶାରଦ୍‌ମାନଙ୍କୁ । କାରଣ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ସାଧାରଣ ଜନତା ମଧ୍ୟ ବାରମ୍ବାର ସେହି 'ଭାଷା ଓ ଶବ୍ଦ'ର ଭୁଲ୍ ବ୍ୟବହାରକୁ ଠିକ୍ ଭାବେ ଗ୍ରହଣ କରିନିଏ । ଶବ୍ଦର ଅସଦ୍‌ବ୍ୟବହାର/ଅପବ୍ୟବହାର ଯୋଗୁ ସଙ୍କଟଗ୍ରସ୍ତ ହୁଏ ଭାଷା । ପ୍ରଶାସନିକ କ୍ଷେତ୍ର ହେଉ ଅବା ବିଜ୍ଞାପନ କ୍ଷେତ୍ର, ଏପରି କି ସର୍ବସାଧାରଣ କ୍ଷେତ୍ରରେ ବି ଭାଷା ପ୍ରତି ପ୍ରୀତିଭାବ ଅଭାବରୁ ଅଣନିଃଶ୍ୱାସୀ ଆଜି ଆମ ଓଡ଼ିଆ ଭାଷା । ବିଳମ୍ବରେ ହେଲେ ବି ଏବେ ଆଗେଇ ଆସିଛି, 'ଓଡ଼ିଆ ଭାଷା ପ୍ରତିଷ୍ଠାନ' । ପ୍ରତିଷ୍ଠାନ ତରଫରୁ ବିଭିନ୍ନ ପର୍ଯ୍ୟାୟରେ ଆୟୋଜିତ ହେଉଛି କର୍ମଶାଳାମାନ । ଭାଷା ଓ ଭୂମି ପ୍ରତି ବିମୁଖ ହେବା, ସେଥିରୁ ବିଚ୍ଛିନ୍ନ ହୋଇ ରହିବା ଜାତି ପ୍ରତି ଆତ୍ମଘାତୀ ସଦୃଶ, ଯାହା ଥିଲା ମ୍ୟାକ୍‌ଲେଙ୍କ ସେଦିନର ରଣନୀତି । ସେଥିପାଇଁ ଆମ ଭାଷାର ସୁଯୋଗ୍ୟ ସେନାପତି 'ଫକୀର ମୋହନ' ଉଦ୍‌ଘୋଷ କରିଯାଇଛନ୍ତି- ''ଭାଷା ହିଁ ଜୀବନୀ ଶକ୍ତି ଜାତିମାନଙ୍କର ।''



**ମୋ-୯୪୩୭୪୩୬୦୭୩**

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 8 | | 7 | |
| | 7 | | | 3 | | 1 | | 5 |
| | | | | 2 | | 3 | 8 | 9 |
| 7 | | 6 | | | | | | |
| | | | | | 9 | | | |
| 3 | | 8 | | | | | | |
| | 3 | | 7 | 1 | | | | 6 |
| | 6 | 4 | | | 2 | 5 | | |
| 1 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 8 | 4 | 5 | 7 | 2 | 6 | 1 | 9 | 3 |
| 1 | 7 | 6 | 8 | 9 | 3 | 5 | 2 | 4 |
| 9 | 3 | 2 | 1 | 5 | 4 | 8 | 7 | 6 |
| 6 | 8 | 4 | 2 | 1 | 5 | 9 | 3 | 7 |
| 7 | 2 | 3 | 6 | 8 | 9 | 4 | 1 | 5 |
| 5 | 9 | 1 | 4 | 3 | 7 | 2 | 6 | 8 |
| 2 | 1 | 7 | 5 | 6 | 8 | 3 | 4 | 9 |
| 4 | 5 | 9 | 3 | 7 | 2 | 6 | 8 | 1 |
| 3 | 6 | 8 | 9 | 4 | 1 | 7 | 5 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଇନ୍ଦିରା ଆବାସରେ ଦୁର୍ନୀତି

ମହାଶୟ,

ପୁରୀ ଜିଲା ସତ୍ୟବାଦୀ (ସାକ୍ଷୀଗୋପାଳ) ବ୍ଲକ୍‌ରେ ଏବେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା କାର୍ଯ୍ୟରେ ଦୁର୍ନୀତ ହେଉଛି । ତଦନ୍ତ ଆଖିରେ ଧୂଳିଦେବା ପାଇଁ ବିଭିନ୍ନ ପ୍ରକାରେ ଚତୁରତାର ସହ ଏହି କାର୍ଯ୍ୟଗୁଡିକ କରାଯାଉଛି । ଠିକାଦାରମାନେ ମେଶିନ ଲଗାଇ ନାଳଗୁଡିକୁ ଖୋଳି ପକାଇ ଏହା ଡ୍ରେନେଜ ଓ ଇରିଗେସନ ବିଭାଗର ଟେଣ୍ଡର କ୍ଲାସ ବୋଲି କହି ଲୋକଙ୍କୁ ଭୁଆଁ ବୁଲାଇବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଜେଇ, ଭିଏଲ୍‌ଡବ୍ଲ୍ୟୁ, ସରପଞ୍ଚଙ୍କ ସଲାସୁତରାରେ ଜବ୍‌କାର୍ଡଧାରୀଙ୍କ ନାମ ଏଣ୍ଟ୍ରି କରି ଅର୍ଥ ହଡ଼ପ କରାଯାଉଛି । ମୋ ପୋଖରୀ ଯୋଜନାରେ ପୁରୁଣା ପୋଖରୀଗୁଡିକୁ ଚାଞ୍ଛି ବିଲ୍ କରାଇ ଅର୍ଥ ବାଣ୍ଟି ନେଉଥିବା ଅଭିଯୋଗ ଆସୁଛି । ଏପରି କି ଏହି ଦୁର୍ନୀତିରେ ଡ୍ରେନେଜ ଡିଭିଜନ ମଧ୍ୟ ସାମିଲ ହୋଇ ଗତବର୍ଷର ନରେଗା ଯୋଜନାରେ ଖୋଳାଯାଇଥିବା ନାଳଗୁଡିକୁ ନାମକୁମାତ୍ର ଟେଣ୍ଡର କରି ଉକ୍ତ ପୁରୁଣା କାମ ଉପରେ ବିଲ୍ କରି ନେବାର ପ୍ରମାଣ ଦେଖିବାକୁ ମିଳୁଛି । କେତେକ ପଞ୍ଚାୟତରେ ଡବଲ, ଟ୍ରିପଲ ଇନ୍ଦିରା ଆବାସ ପାଇଥିବା ପରିବାର ସଦସ୍ୟଙ୍କୁ ଚଞ୍ଚକତାପୂର୍ଣ୍ଣ ଭାବେ ବିଲ୍ କରି ଦେଇଥିବା ଘଟଣା ପ୍ରକାଶ ପାଉଛି । ତେବେ ଏସବୁ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ କରାଯିବା ଦରକାର ।

**-ଦେବଦତ୍ତ ମିଶ୍ର, ସାକ୍ଷୀଗୋପାଳ, ପୁରୀ**

### ଚିରନ୍ତନୀ

କାଶବନ କହେ, ବାରେ
ଭୁଲିଯାଅ ପଥ ଆରେ
ରହିଯାଅ ସାବଧାନ ପାନ୍ଥ !
ଧରାରେ ଖେଳୁଛି ଛବି କାନ୍ତ ।
**-(ଶରତ-ସନ୍ଧ୍ୟା)**
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ନୂତନ ଜିଲା ଦୌରାଜଜ୍‌ଙ୍କ କାର୍ଯ୍ୟରେ ଯୋଗଦାନ



**କେନ୍ଦ୍ରାପଡ଼ା ଅଫିସ, ୧୪।୯:** କେନ୍ଦ୍ରାପଡ଼ା ଜିଲା ଦୌରାଜଜ୍ ଭାବେ ବିଶ୍ୱଜିତ ମହାନ୍ତି ବୁଧବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏଥିଉପଲକ୍ଷେ କୋର୍ଟ ପରିସରରେ ଜିଲା ବାର ଆସୋସିଏଶନ ସହ ବରିଷ୍ଠ ଆଇନଜୀବୀମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଛନ୍ତି। ନୂତନ ଜିଲା ଦୌରାଜଜ୍ ଏହା ପୂର୍ବରୁ କଟକସ୍ଥିତ ରାଜ୍ୟ ଆଇନସେବା ପ୍ରାଧିକରଣ ସଦସ୍ୟ ସଚିବ ଭାବେ କାର୍ଯ୍ୟରତ ଥିଲେ। ବରିଷ୍ଠ ଆଇନଜୀବୀ ଗଗନ ବିହାରୀ ଜେନା, ସଞ୍ଜୟ କୁମାର ଜେନା, ନିହାର ମହାପାତ୍ର, ରମାକାନ୍ତ ସ୍ୱାଇଁ, ରମଣୀ ରଞ୍ଜନ ରାଉତରାୟ, ମାନସ ରଞ୍ଜନ ଧଳ ପ୍ରମୁଖ ଏହି ସ୍ୱାଗତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

### ଓଡ଼ିଶା ଭଲିବଲ ସଂଘ ଉପସଭାପତି ରବି ସମ୍ମାନିତ

**ପାରାଦୀପ,୧୪।୯(ସ୍ୱ.ପ୍ର.):** ଓଡ଼ିଶା ଭଲିବଲ ସଂଘର କର୍ମକର୍ତ୍ତା ଚୟନ ସରିଛି। ଏଥିରେ ପାରାଦୀପ ଗୋପବନ୍ଧୁ କ୍ରୀଡା ସଂସଦର ପରାମର୍ଶଦାତା ଥିବା ରବୀନ୍ଦ୍ର କୁମାର ଦାସଙ୍କୁ ଉପସଭାପତି ପଦ ମିଳିଛି। ଏହି ଖବର ଘୋଷଣା ପରେ ପାରାଦୀପର ଏକାଧିକ କ୍ରୀଡା ସଙ୍ଗଠନ ପକ୍ଷରୁ ଦାସଙ୍କୁ ସମ୍ମାନିତ କରାଯାଇଛି। ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ପୋର୍ଟସ କାଉନସିଲ ସଭାପତି ଡା. ଦୁର୍ଗାପ୍ରସାଦ ସେଠୀ, ବନ୍ଦର ଅଧକ୍ଷ ପି.ଏଲ. ହାରାନ୍ଧଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ ପାରାଦୀପର କ୍ରୀଡାବିତ୍‌ମାନେ ବଡ଼ ଟୁର୍ଣ୍ଣାମେଣ୍ଟରେ ସୁଯୋଗ ପାଇବେ ବୋଲି ଆଶାବାଦୀ ଅଛନ୍ତି। ସୂଚନାଯୋଗ୍ୟ ଏହି ଭଲିବଲ ସଂଘ ସଭାପତି ଭାବେ କନ୍ଧମାଳ ଏମ୍‌ପି ଡା. ଅଚ୍ୟୁତ ସାମନ୍ତ, ସମ୍ପାଦକ ଗଗନେନ୍ଦୁ ଦାସ ପ୍ରମୁଖଙ୍କୁ ଚୟନ କରାଯାଇଛି।

### ସିଂହାପୁର ପଞ୍ଚାୟତ ସଭାଗୃହରୁ ଚୋରି

**ରସୁଲପୁର,୧୪।୯(ଡି.ଏନ.ଏ.):** କୁଆଖିଆ ଥାନା ସିଂହାପୁର ପଞ୍ଚାୟତ ସଭାଗୃହରୁ ମଙ୍ଗଳବାର ରାତିରେ ଚୋରି ହୋଇଛି। ଏନେଇ ବୁଧବାର ସରପଞ୍ଚ ହୃଦାନନ୍ଦ ସାହୁ ଥାନାରେ ଅଭିଯୋଗ କରିଛନ୍ତି। ହୃଦାନନ୍ଦ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି, ପୂର୍ବାହ୍ନ ସାଢ଼େ ୧୦ଟାରେ ସେ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥିଲେ। ଏହି ସମୟରେ ସଭାଗୃହ ଖୋଲାଥିବା ଦେଖି ସେଠାକୁ ଯାଇଥିଲେ। ଉକ୍ତ ଗୃହରେ ଲାଗିଥିବା ୨ଟି ଏସି, ୨ଟି ଷ୍ଟାବଲାଇଜର, ୨ ସାଉଣ୍ଡ ବକ୍ସ, ୨ ଏସି ବକ୍ସ ଓ ଫ୍ୟାନ ଆଦି ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଦୁର୍ବୃତ୍ତ ସଭାଗୃହ ତାଲା ଭାଙ୍ଗି ଏଭଳି କାଣ୍ଡ ଘଟାଇଥିବା ଜଣାଯାଇଛି।

### କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା

**ଆଳି,୧୪।୯(ଡି.ଏନ୍.ଏ.):** ଶରତ କୁମାର ଦେବ ଉଚ୍ଚ ବିଦ୍ୟାଳୟ କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା ବୁଧବାର ସ୍ଥାନୀୟ ବ୍ରଜସୁନ୍ଦର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ କ୍ଲଷ୍ଟରସ୍ତରରେ ଥିବା ବିଦ୍ୟାଳୟ ମଧ୍ୟରୁ ୧୧ ସ୍କୁଲର ଶିକ୍ଷୟିତ୍ରୀ,ଶିକ୍ଷକମାନେ ଯୋଗ ଦେଇଥିଲେ। ଗୁଣାତ୍ମକ ଶିକ୍ଷାପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇ ଲୋକଷ୍ଟ, ନୋକଷ୍ଟ ନିୟମ ଉପରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହାକୁ ସାହିତ୍ୟିକ ବନମାଳୀ ସେନାପତି ଉଦ୍‌ଘାଟନ କରିଥିଲେ। ବ୍ରଜସୁନ୍ଦର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରେମଲତା ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ କ୍ଲଷ୍ଟର ସିଆରସିସି ହଳଧର ସାହୁ କର୍ମଶାଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଳି ବ୍ଲକ ସହଶିକ୍ଷା ଅଧିକାରୀ ତଥା ସିଆରସିସି ପାବନୀ କୁମାର ରାଉତ ଯୋଗ ଦେଇ ଶିକ୍ଷୟିତ୍ରୀ,ଶିକ୍ଷକମାନଙ୍କୁ ଦିଗଦର୍ଶନ ଦେବା ସହ କର୍ମଶାଳାରେ ଯେଉଁ ଶିକ୍ଷକ ଶିକ୍ଷୟିତ୍ରୀ,ଶିକ୍ଷକ ଭଲ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଛନ୍ତି ସେମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଦେସାହି ପ୍ରାଥମିକ ବିଦ୍ୟାଳୟ ପ୍ରଥମ, ଶରତ କୁମାର ଦେବ ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ଓ ଦଶିପୁର ପ୍ରାଥମିକ ବିଦ୍ୟାଳୟ ତୃତୀୟ ସ୍ଥାନରେ ରହି ପୁରସ୍କୃତ ହୋଇଥିଲେ। କର୍ମଶାଳାରେ ଲୋକାପଡା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ,ଦେମାଳ ପ୍ରାଥମିକ ବିଦ୍ୟାଳୟ, ମୂଳସାହି ପ୍ରାଥମିକ ବିଦ୍ୟାଳୟ, ବଡ ମୂଳସାହି ପ୍ରାଥମିକ ବିଦ୍ୟାଳୟ, ଗିରିବନ୍ଧ,ବଉଳ ଯୋଡ଼ି,ଦଶିପୁର,ବନ୍ଧସାହି ପ୍ରାଥମିକ ବିଦ୍ୟାଳୟ ଆଦି ସ୍କୁଲର ଶିକ୍ଷୟିତ୍ରୀ,ଶିକ୍ଷକମାନେ ଯୋଗ ଦେଇଥିଲେ।

# ନଦୀ ଆଁରେ ରେଖାଙ୍କ ଘର

**କେନ୍ଦ୍ରାପଡ଼ା ଅଫିସ,୧୪।୯**



କରାଣ୍ଡିଆ ନଦୀକୂଳରେ ଥିବା ରେଖା ସେଠୀଙ୍କ ଘର।

## ଲୁଣା କରାଣ୍ଡିଆ ଦ୍ୱୀପାଞ୍ଚଳବାସୀଙ୍କ ଦୁଃଖ

- ନଦୀଗର୍ଭରେ ଲୀନ ହେଲା ଅଧିକାଂଶ ଚାଷ ଜମି
- ପଥରବନ୍ଧ ନିର୍ମାଣ ପାଇଁ ଦାବି

ଗତ ଅଗଷ୍ଟରେ ମହାନଦୀରେ ବନ୍ୟା ଆସିଥିଲା । ଏହି ନଦୀ ସିଷ୍ଟମରେ ଥିବା ଲୁଣା ଓ କରାଣ୍ଡିଆ ନଦୀ ଫୁଲିଥିବା ବେଳେ କେନ୍ଦ୍ରାପଡ଼ା ଜିଲାର ଦ୍ୱୀପାଞ୍ଚଳରେ ଥିବା ୧୩ ଗ୍ରାମରେ ପାଣି ପଶିଥିଲା । ବନ୍ୟା ଜଳ ଛାଡି ଯାଇଛି । ସେହି ଅଞ୍ଚଳର କ୍ଷତି ଏବେ ସ୍ପଷ୍ଟ ହେଉଛି । ନଦୀକୂଳର ବହୁ ଚାଷ ଜମି ଏବେ ନଦୀ ଗର୍ଭକୁ ଚାଲିଯାଇଛି । ଆଇତିପୁର ପଞ୍ଚାୟତର ରେଖା ସେଠୀଙ୍କ ଘରକୁ ବନ୍ୟା ଜଳ ଉଜାଡ଼ି ଦେଇଛି । ପ୍ରତିବର୍ଷ ବନ୍ୟା ଜଳ ଏହି ଦ୍ୱୀପାଞ୍ଚଳରେ ଚାଷ ବାସ ନଷ୍ଟ କରୁଥିବାରୁ କରାଣ୍ଡିଆ ଓ ଲୁଣା ନଦୀରେ ପଥରପ୍ୟାକିଂ ବନ୍ଧ ନିର୍ମାଣ ପାଇଁ ସ୍ଥାନୀୟ ଲୋକ ମତ ଦେଇଛନ୍ତି।

ଆୟତପୁରର ପିନାକୀ ସାମନ୍ତରାୟ କହିଛନ୍ତି, ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ଏହି ୧୩ ଗାଁ ଅବହେଳିତ ଅବସ୍ଥାରେ ଅଛି । ଏନେଇ ଦ୍ୱୀପାଞ୍ଚଳବାସୀ ବାରମ୍ବାର ରାଜନେତା ଓ ପ୍ରଶାସକଙ୍କ ଦ୍ୱାରସ୍ଥ ହେଉଥିଲେ ମଧ୍ୟ ଅଦ୍ୟାବଧି ସୁଫଳ ମିଳିନାହିଁ । ସହରଠାରୁ ମାତ୍ର ୧୦ କିଲୋମିଟର ଦୂରରେ ଥିବା ଏହି ଦ୍ୱୀପାଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳଯୋଗାଣ ଆଦି ମୌଳିକ ସମସ୍ୟା ଲାଗି ରହିଛି । ଦ୍ୱୀପାଞ୍ଚଳର ୧୩ ଗ୍ରାମ ଏବେ ୩ ବ୍ଲକ ଅଧୀନ ୫ ପଞ୍ଚାୟତରେ ଅଛି । ମାର୍ଶାଘାଇ ବ୍ଲକ ଆଇତିପୁର ପଞ୍ଚାୟତର ଆଇତିପୁର, ବଳରାମପୁର, ବାଲିସିଂ, ଜଳପୋକ ପଞ୍ଚାୟତ ଅଧୀନରେ ଥିବା ଡିହଜଳପୋକ, ପକ୍ଷଟ, କଣିବାଙ୍କ ସହ ଡେରାବିଶ ବ୍ଲକର ବସପୁର ପଞ୍ଚାୟତ ଅଧୀନରେ ଥିବା ଡିହବସୁପୁର,ଓ ଇନ୍ଦାଲୋ ପଞ୍ଚାୟତ ଅଛି । ସେହିପରି ଗରଦପୁର ବ୍ଲକସ୍ଥ ବଙ୍ଗାଳପୁର ପଞ୍ଚାୟତର ସାନସଲାର, ଶିଶୁଆ ଓ ଷଠିଲୋ ଗ୍ରାମ ରହିଛି । ଏହି ୧୩ ରାଜସ୍ୱ ଗ୍ରାମର ଗୋଟିଏ ପାର୍ଶ୍ୱରେ କରାଣ୍ଡିଆ ନଦୀ ଓ ଅନ୍ୟପାର୍ଶ୍ୱରେ ଲୁଣାନଦୀ ପ୍ରବାହିତ ହେଉଛି । ଷଠିଲୋ ନିକଟରୁ ଏହି ଦ୍ୱୀପାଞ୍ଚଳ ଆରମ୍ଭ ହୋଇ ଡିହବଳରାମପୁରରେ ଶେଷ ହୋଇଛି । ଚଳିତ ବର୍ଷ ବନ୍ୟାରେ ସ୍ଥାନୀୟ ଅଧୀବାସୀଙ୍କ ଚାଷ ଓ ବାସ ଅଧିକ ନଷ୍ଟ ହୋଇଥିବା ସେ ପ୍ରକାଶ କରିଛନ୍ତି । ଏହି ଗ୍ରାମର ରେଖା ସେଠୀ କହିଛନ୍ତି, କରାଣ୍ଡିଆ ନଦୀ ଆମ ଜୀବନକୁ ଦୁର୍ବିସହ କରିଛି । ବନ୍ୟାରେ ୪ଟି ଘର ନଦୀଗର୍ଭକୁ ଚାଲିଯାଇଛି । ଏବେ ମାତ୍ର ଗୋଟିଏ ଘର ଅଛି । ଗତ କିଛି ବର୍ଷ ପୂର୍ବେ ନଦୀ ଏଠାରୁ ପ୍ରାୟ ୩୦୦ ମିଟର ଦୂରରେ ଥିଲା । ନଦୀର ଗତିପଥ ପରିବର୍ତ୍ତନ ହେଉଥିବାରୁ କୂଳ ଖାଇଯାଉଥିବା ସେ ପ୍ରକାଶ କରିଛନ୍ତି । ସରପଞ୍ଚ ବିଦ୍ୟୁଲତା ସାହୁ କହିଛନ୍ତି, ପ୍ରାୟ ୨୦୦ ଘର ମଧ୍ୟରୁ ୬୦ ଘର ଗତ ୧୦ ବର୍ଷ ମଧ୍ୟରେ ନଦୀଗର୍ଭକୁ ଚାଲିଗଲାଣି । କେବଳ ଘର ନୁହେଁ, ନଦୀ ପଠା ଏବେ ନଦୀ ଶଯ୍ୟାରେ ପରିଣତ ହୋଇଛି । ଫଳରେ ଚାଷ ଜମି ହ୍ରାସ ପାଇଛି । ଏଠାରେ ପଥରବନ୍ଧ ନିର୍ମାଣ ପାଇଁ ସ୍ଥାନୀୟ ବିଧାୟିକା ଓ ଜିଲା ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ସେ ପ୍ରକାଶ କରିଛନ୍ତି । ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ରାଜେଶ ନାୟକ କହିଛନ୍ତି, ନଦୀବନ୍ଧକୁ ପଥର ପ୍ୟାକିଂ କରିବାକୁ ଯୋଜନା ରହିଛି । ଏନେଇ ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ ।

## ପଡ଼ୋଶୀଙ୍କୁ ରକ୍ତ କର୍କଟ ହୋଇଥିବା କହି ଲକ୍ଷାଧିକ ଟଙ୍କା ଠକେଇ

**କେନ୍ଦ୍ରାପଡ଼ା ଅଫିସ,୧୪।୯**

- ଅନ୍ୟ ଡାକ୍ତରଙ୍କୁ ଦେଖାଇବା ପରେ ସତ ସାମ୍ନାକୁ ଆସିଲା
- ଥାନାରେ ମାମଲା ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍
- ଏସ୍‌ପିଙ୍କୁ ଭେଟିଲେ ଦମ୍ପତି

କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନା ଅନ୍ତର୍ଗତ ଢ଼ୋଲ ଗ୍ରାମର ବାସୁଦେବ ପଣ୍ଡା ନାମକ ଜଣେ ବ୍ୟକ୍ତି ଅସୁସ୍ଥ ପଡୋଶୀଙ୍କୁ ରକ୍ତ କର୍କଟ ହୋଇଛି କହି ଡାକ୍ତରଖାନା ନେବା ଆଳରେ ଲକ୍ଷାଧିକ ଟଙ୍କା ଠକି ନେଇଥିବା ଥାନାରେ ଅଭିଯୋଗ ହୋଇଛି । ଥାନାରେ ମାମଲା ରୁଜୁ ହୋଇଥିଲେ ମଧ୍ୟ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନାହିଁ । ଏପରି ଅଭିଯୋଗ କରି ଅଭିଯୋଗକାରୀ କରୁଣାକର ରଣା ଓ ତାଙ୍କ ସ୍ତ୍ରୀ ରଶ୍ମିତା ଏସ୍‌ପିଙ୍କୁ ବୁଧବାର ସାକ୍ଷାତ କରି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି । ଏସ୍‌ପି ମଡକର ସନ୍ଦିତ ସମ୍ପତ ଏହି ଘଟଣାକୁ ତଦନ୍ତ କରିବା ପାଇଁ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଏ ସମ୍ପର୍କରେ ଅଭିଯୋଗକାରୀ ରଣା କୁହନ୍ତି, ତାଙ୍କ ଦେହ ଖରାପ ହୋଇଥିଲା । ସାହାର୍ଯ୍ୟ କରିବାକୁ ଆଗେଇ ଆସି ବାସୁଦେବ କଟକ ମେଡିକାଲକୁ ମୋତେ ନେଇଥିଲେ । ସେଠାରେ କରୁଣାକରଙ୍କ ବ୍ଲଡ କ୍ୟାନସର ହୋଇଥିବା କହି ଚିକିତ୍ସା ପାଇଁ ପର୍ଯ୍ୟାୟ କ୍ରମେ ଲକ୍ଷାଧିକ ଟଙ୍କା ଠକି ନେଇଥିଲେ । ତେବେ କରୁଣାକର ଅନ୍ୟ ଡାକ୍ତରଙ୍କ ସହ ପରାମର୍ଶ କରିବା ସହ ପୂର୍ବ ରିପୋର୍ଟ ଦେଖାଇବାରୁ ତାଙ୍କର କୌଣସି ରୋଗ ନ ଥିବା ଜଣାପଡିଥିଲା । ସାଧାରଣ ଗ୍ୟାସ ହୋଇଥିବା ବିଭିନ୍ନ ପରୀକ୍ଷା ପରେ ସ୍ପଷ୍ଟ ହୋଇଥିଲା । ଏହାପରେ ଏହି ଦମ୍ପତି ବାସୁଦେବଙ୍କୁ ଟଙ୍କା ମାଗିଥିଲେ ମଧ୍ୟ ସେ ଫେରାଇ ନ ଥିଲେ । ଶେଷରେ ରଣା ଥାନାର ଦ୍ୱାରସ୍ଥ ହୋଇଥିଲେ । କେବଳ ଏତିକି ନୁହେଁ, ବାସୁଦେବ ବିଭିନ୍ନ ଲୋକଙ୍କ ସହିତ ସମ୍ପର୍କ ରହିଥିବା କହି ଓ ଫଟୋ ଦେଖାଇ ବହୁ ଲୋକଙ୍କୁ ଠକିଥିବା ଅଭିଯୋଗକାରୀ ରଣା ପ୍ରକାଶ କରିଛନ୍ତି ।

## ଉପକାରାଗାରରେ କଏଦୀ ମୃତ

### ସିଙ୍ଗିରି ସରପଞ୍ଚ ହତ୍ୟା ମାମଲାରେ ଦଣ୍ଡିତ ହୋଇଥିଲେ

**କେନ୍ଦ୍ରାପଡ଼ା ଅଫିସ,୧୪।୯**

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ବାରିମୂଳସ୍ଥ କେନ୍ଦ୍ରାପଡ଼ା ଉପକାରାଗାରରେ ଆଜୀବନ କରାଦଣ୍ଡ ଭୋଗୁଥିବା କଏଦୀ ପିତାମ୍ବର ଲେଙ୍କାଙ୍କ ବୁଧବାର ପରଲୋକ ହୋଇଛି । ଜେଲ କର୍ତ୍ତୃପକ୍ଷ ଏହା ହୃଦ୍‌ଘାତଜନିତ ମୃତ୍ୟୁ ବୋଲି ପ୍ରାଥମିକ ପର୍ଯ୍ୟାୟରେ ସୂଚନା ଦେଇଛନ୍ତି । ତେବେ ମୃତ ନାୟକଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ସବିଶେଷ ତଥ୍ୟ ମିଳିପାରିବ ବୋଲି ଆଲୋଚନା ହେଉଛି । ପୀତାମ୍ବରଙ୍କ ମୃତ୍ୟୁ ସମ୍ପର୍କରେ ଜେଲର ଶଶିକାନ୍ତ ମହାଲିକ କହିଛନ୍ତି, ଭୋର ପ୍ରାୟ ୪ଟା ସମୟରେ କଏଦୀ ନାୟକ ଛାତିରେ ଯନ୍ତ୍ରଣା ହେଉଥିବା ଦର୍ଶାଇ ଛାଟିପିଟି ହୋଇଥିଲେ । ତୁରନ୍ତ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଛନ୍ତି । ଜିଲାର ବହୁ ଚର୍ଚ୍ଚିତ ଆଳି ଥାନା ସିଙ୍ଗିରି ସରପଞ୍ଚ ଚିତ୍ରସେନ ଦାସଙ୍କ ହତ୍ୟା ମାମଲାର ଶୁଣାଣୀ ଗତ ୧୬ରେ ଶେଷ ହୋଇଥିଲା । ଏହି ମାମଲା (ଥାନା କେସ ନଂ– ୧୪୫/୧୬)ରେ ଜିଲା ଦୌରାଜଜ୍ ଗୋପାଳ ଚରଣ ବେହେରା ୮ ଜଣଙ୍କୁ ଆଜୀବନ କରାଦଣ୍ଡରେ ଦଣ୍ଡିତ କରିଥିଲେ । ୨୦୧୬ ଜୁନ ୮ରେ ଚିତ୍ରସେନ ଘରୁ ଆଳି ଯାଉଥିବା ସମୟରେ ଚଣ୍ଡୀବଜାର ଛକରେ ସୁମନ୍ତ, ସିଙ୍ଗିରି ଗ୍ରାମର କ୍ଷୀରୋଦ ଦାସ, ସଚ୍ଚିଦାନନ୍ଦ ପୃଷ୍ଟି, ବସନ୍ତ ସେଠୀ, ଅଳିହାର ପିତାମ୍ବର ଲେଙ୍କା, ବେଲାରୀର ଆଶିଷ ଦାସ, ରାଉତାର ସୁମନ୍ତ ପାଢ଼ୀ ଓ ମହାସାହାଣୀ ଗ୍ରାମର ବିଜୟ ନାୟକ ତାଙ୍କୁ ମରଣାତ୍ମକ ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ଚିତ୍ରସେନଙ୍କ ମୃତ୍ୟୁ ହୋଇଥିଲା । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହେବା ସହ କଟକ–ଚାନ୍ଦବାଲି ରାସ୍ତାକୁ ଚଣ୍ଡିବଜାରଠାରେ ଅବରୋଧ କରାଯାଇଥିଲା । ଏହି ମାମଲାକୁ ଅଗଷ୍ଟ ୨୯ରେ କ୍ରାଇମ୍‌ବ୍ରାଞ୍ଚକୁ ହସ୍ତାନ୍ତର ହୋଇଥିଲା । ଏଥିସହ ତତ୍କାଳୀନ ଆଇଆଇସି ନୀଳକଣ୍ଠ ପାତ୍ରଙ୍କ ବଦଳି କରାଯାଇଥିଲା ।

## ଆକ୍ରମଣକାରୀଙ୍କୁ ୫ ବର୍ଷ ଜେଲ

**କେନ୍ଦ୍ରାପଡ଼ା ଅଫିସ, ୧୪।୯**

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ ହଦୁଆ ଗାଁର ୨୦୧୪ ମସିହାର ଏକ ମାମଲା (ନଂ.୧୫୪/୧୪)ର ବିଚାର ସିଜେଏମ୍ ପୂଜା ଷଡଙ୍ଗୀଙ୍କ କୋର୍ଟରେ ବୁଧବାର ଶେଷ ହୋଇଛି। ଏହି ମାମଲାରେ ହଦୁଆ ଗାଁର ପରେମେଶ୍ୱର ପାତ୍ରଙ୍କୁ ୫ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦିଆଯାଇଛି। ଏଥିସହ ଜରିମାନା ବାବଦ ୧୦ ହଜାର ଟଙ୍କା ଓ ଅନାଦେୟରେ ଅଧିକ ଜେଲ ଦଣ୍ଡାଦେଶ ରାୟରେ ଉଲ୍ଲେଖ ରହିଛି। ଏ ସମ୍ପର୍କରେ ଏପିପି ରମାକାନ୍ତ ସ୍ୱାଇଁ କହିଛନ୍ତି, ପରେମେଶ୍ୱରଙ୍କ ସହିତ ସେହି ଗ୍ରାମର ଜ୍ଞାନରଞ୍ଜନ ପାତ୍ରଙ୍କ ସହିତ ଶତ୍ରୁତା ଥିଲା। ୨୦୧୪ ଜୁନ୍ ୨୫ ତାରିଖ ରାତି ପ୍ରାୟ ସାଢେ ୯ଟାରେ ପରେମେଶ୍ୱର ଏକ ଲୁହା ରଡରେ ଜ୍ଞାନରଞ୍ଜନଙ୍କୁ ମରଣାତ୍ମକ ଆକ୍ରମଣ କରିଥିଲେ।

## ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ କର୍ମଶାଳା




ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ କର୍ମଶାଳାରେ ଯୋଗଦେଇଥିବା ଅତିଥି।

**ରାଜନଗର,୧୪।୯(ଡି.ଏନ.ଏ.)**

ରାଜନଗର ବ୍ଲକ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରାଜନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ବିଡିଓ ରବିନ୍ଦ୍ର କୁମାର ପ୍ରଧାନ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଉକ୍ତ ବ୍ଲକର ୨୫୪ ଗାଁ ଏବଂ ବାତ୍ୟା ପ୍ରବଣ ସମୁଦ୍ର କୂଳବର୍ତ୍ତୀ ଗାଁରେ ବାତ୍ୟା ପୂର୍ବରୁ କିଭଳି ଧନଜୀବନ ସୁରକ୍ଷା ରହି ପାରିବେ ସେ ନେଇ ଆଲୋଚନା କରାଯାଇଥିଲା। ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମୀରଞ୍ଜନ ମହାନ୍ତି, ବ୍ଲକ ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ ଫାଇଲିନଠାରୁ ଆରମ୍ଭ କରି ୟାସ୍ ପର୍ଯ୍ୟନ୍ତ ସମ୍ମୁଖୀନ ହୋଇଥିବା ବାତ୍ୟା ସମ୍ପର୍କିତ ବିଭିନ୍ନ ଘଟଣା ଏବଂ ଲୋକମାନଙ୍କୁ କିଭଳି ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବା, ସେମାନଙ୍କ ଖାଦ୍ୟପେୟ ଓ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଷୟ ଉପରେ ବିସ୍ତୃତଭାବେ ଆଲୋଚନା କରାଯାଇଥିଲା।

କେବଳ ଜାତୀୟସ୍ତରରେ ନୁହେଁ ସାରା ବିଶ୍ୱରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜିରୋ କାଜୁଆଲିଟି ଭଳି ଯୁଗାନ୍ତକାରୀ ପଦକ୍ଷେପ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ଏହି କର୍ମଶାଳାରେ ଜିଲା ବିପର୍ଯ୍ୟୟ ପ୍ରଶମନ ସମିତିର କୋଅର୍ଡିନେଟର ଗିରିଶ ସାହୁ ଏବଂ ଜିଲା ପ୍ରକଳ୍ପ ଅଧିକାରୀ ମହେନ୍ଦ୍ର ସ୍ୱାଇଁ, ପ୍ରୋଜେକ୍ଟର ମାଧ୍ୟମରେ ବାତ୍ୟା ଏବଂ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକମାନଙ୍କୁ କିଭଳି ସୁରକ୍ଷିତ ରଖାଯାଇପାରିଛି, ଏ ନେଇ ପ୍ରକଳ୍ପଗୁଡିକୁ ଚିତ୍ର ମାଧ୍ୟମରେ ପ୍ରଦର୍ଶିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ନେଚର୍ସ କ୍ଲବର ପ୍ରମୁଖ ବିରଜା ପ୍ରସାଦ ପତି, ଅଲ୍ୟେଳ ବଳ, ବ୍ଲକ ପଶୁ ଚିକିତ୍ସାଧିକାରୀ ଡା. କିଶୋର ଚନ୍ଦ୍ର ସାହୁ, ଖବରଦାତା ଭାସ୍କର ରାଉତରାୟ ପ୍ରମୁଖ କର୍ମଶାଳାରେ ଯୋଗଦେଇଥିଲେ। ରାଜନଗର ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଜନ ପ୍ରତିନିଧିମାନେ ଯୋଗଦେଇଥିଲେ।

## ମୌଳିକ ଭାଷା,ଗଣିତ ଗୃହ ଉଦ୍‌ଘାଟିତ




ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥି।

**ମହାକାଳପଡ଼ା,୧୪।୯(ଡି.ଏନ.ଏ.)**

- ଉପାନ୍ତ ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ପ୍ରୟାସ
- ଉପକୃତ ହେବେ ବହୁ ମେଧାବୀ ଛାତ୍ରୀଛାତ୍ର

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ବତୀଘର ପଞ୍ଚାୟତରେ ମୌଳିକ ଭାଷା ଓ ଗଣିତ ଗୃହ ବୁଧବାର ଉଦ୍‌ଘାଟିତ ହୋଇଯାଇଛି । ଉପାନ୍ତ ଅଞ୍ଚଳରେ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ମାତୃଭାଷା ଓ ଗଣିତ ଶାସ୍ତ୍ର ଉପରେ ଛାତ୍ରୀଛାତ୍ରମାନେ କିପରି ଜ୍ଞାନ ଆହରଣ କରିବେ ସେଥିପାଇଁ ଏହି ଅଭିନବ ପ୍ରୟାସ ଶିକ୍ଷା ବିଭାଗ ପକ୍ଷରୁ ଆରମ୍ଭ ହୋଇଛି । ତୃଣମୂଳସ୍ତରରେ ଛାତ୍ରୀଛାତ୍ରମାନେ କିପରି ମାତୃଭାଷାରେ ଦକ୍ଷତା ହାସଲ କରିବେ, ବିଭିନ୍ନ ପାଠ୍ୟ ପୁସ୍ତକ ପ୍ରତି ଆକୃଷ୍ଟ ହେବେ ତା'ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏଥିସହ ଗଣିତ ଶାସ୍ତ୍ରରେ ବିଭିନ୍ନ ପ୍ରକାର କୌଶଳକୁ ଅବଲମ୍ବନ କରି ସ୍ୱଳ୍ପ ସମୟରେ ଜଟିଳ ପ୍ରଶ୍ନର କିପରି ସମାଧାନ ହୋଇ ପାରିବ ସେହି ସମ୍ପର୍କରେ ଆଲୋଚନା କରାଯାଇଥିଲା । ଗଣିତ ଶାସ୍ତ୍ରରେ ବ୍ୟବହାର କରାଯାଉଥିବା ବିଭିନ୍ନ ଉପକରଣ ପାଇଁ ଏକ ସ୍ୱତନ୍ତ୍ର ଶ୍ରେଣୀ ଗୃହ ନିର୍ମାଣ କରାଯାଇଛି । ବତୀଘର ପଞ୍ଚାୟତ ବିଦ୍ୟା ସାଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଆରସିସି ସୁନ୍ଦର ମୋହନ ସିଂ ଅଧକ୍ଷତା କରିଥିଲେ । କେନ୍ଦ୍ରାପଡ଼ା ଜିଲା ବାଲିଆ ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ରର ଅଧକ୍ଷ ଡ.ପୂର୍ଣ୍ଣ ଚନ୍ଦ୍ର ବ୍ରହ୍ମା ମୁଖ୍ୟଅତିଥି ଭାବେ ଯୋଗ ଦେଇ ନୂତନ ଗୃହକୁ ଉଦ୍‌ଘାଟନ କରିଥିଲେ । ପ୍ରଶିକ୍ଷକ ରାଜ କିଶୋର ନାୟକ, ଅତିରିକ୍ତ ଶିକ୍ଷା ଅଧିକାରୀ ବିଶ୍ୱାମିତ୍ରା ଜେନା , ପ୍ରଭାତୀ ସାମଲ, ସରପଞ୍ଚ ଶିବାନୀ ବିଜୁଳି, ସମିତି ସଭ୍ୟ କୃଷ୍ଣପଦ ମଣ୍ଡଳ , ନୋଡାଲ ସିଆରସିସି ଦିଲ୍ଲୀପ କୁମାର ବାରିକ, ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ଜିସ୍ଣୁ, ବତୀଘର ଫଲ୍ଡ ପଏଣ୍ଟ ଅଧିକାରୀ ଜୟନ୍ତ ଚାଟାର୍ଜୀ ,ମଳୟ କୁମାର ଲେଙ୍କାଙ୍କ ସମେତ ପଞ୍ଚାୟତର ୯ ବିଦ୍ୟାଳୟର ଶିକ୍ଷୟିତ୍ରୀ,ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

## ଓଡ଼ିଶା ଦଳରେ ଆଳିର ଭିନ୍ନକ୍ଷମ ଜୟପ୍ରକାଶ

### ଜାତୀୟ ଡିଫ୍ ଟି ୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ଆଳି,୧୪।୯(ଡି.ଏନ.ଏ)**



ଆସନ୍ତା ୧୮ ତାରିଖଠାରୁ ମହୀଶୂରରେ ଆରମ୍ଭ ହେବାକୁ ଥିବା ୬ଷ୍ଠ ଜାତୀୟ ଡିଫ ଟି ୨୦ ମ୍ୟାଚ ହେବ। ଏଥିପାଇଁ ଓଡ଼ିଶା ଦଳରେ ସ୍ଥାନ ପାଇଛନ୍ତି କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ନରେନ୍ଦ୍ରପୁର ଗାଁର ଭିନ୍ନକ୍ଷମ ଜୟପ୍ରକାଶ ସାହୁ। ସେ ଜଳଧର ଓ ଜ୍ୟୋତିପ୍ରିୟାଙ୍କ ଏକମାତ୍ର ପୁଅ। ବାପା ଜଳଧର ଗାଁରେ ଛୋଟିଆ ଚା'ଦୋକାନଟି କରି ଦୁଇ ଝିଅ, ପୁଅ, ପତ୍ନୀଙ୍କୁ ଚଳାନ୍ତି। ଜନ୍ମରୁ ମୂକ, ବଧିର ଥିବା ଜୟପ୍ରକାଶ ଭୁବନେଶ୍ୱରର ବିପିନ ବିହାରୀ ଚୌଧୁରୀ ସ୍କୁଲ ଅଫ ଡିଫ୍‌ରୁ ମାଟ୍ରିକ ପାସ୍ କରିବା ପରେ, କଟକ ଖପୁରିଆରେ ଆଇଟିଆଇ ଓ ସତ୍ୟଭାମା ଦେବୀ କଲେଜ ଅଫ୍ ହିୟରିଂ ଇମ୍ପେରିଆଲସରୁ ଯୁକ୍ତ ଦୁଇ କଳାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସ୍କୁଲରେ ପାଠ ପଢା ସମୟରୁ ଜୟପ୍ରକାଶ କ୍ରିକେଟ ପ୍ରତି ରୁଚି ରଖିଥିଲେ। ସ୍କୁଲ, କଲେଜରେ ନିଜର କ୍ରୀଡା ନୈପୁଣ୍ୟ ପ୍ରଦର୍ଶନ କରି ସଫଳତା ସାଉଁଟିବା ପରେ ଓ ଏକାଧିକବାର ଡିଫ୍ ଟି–ଟ୍ୱେଣ୍ଟି କ୍ରିକେଟ ଚାମ୍ପିୟାନସିପ୍‌ରେ ଭାଗନେଇ ସଫଳ କ୍ରିକେଟିୟର ପରିଚୟ ସୃଷ୍ଟି କରି ପୁରସ୍କୃତ ହୋଇଛନ୍ତି। ଏବେ ଆଉ ଏକ ସଫଳତା ହାସଲ କରି ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛନ୍ତି। ୬ଷ୍ଠ ଜାତୀୟ ଡିଫ ଟି ୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ଓଡ଼ିଶା ଟିମ୍‌ରେ ଜୟପ୍ରକାଶ ସ୍ଥାନ ପାଇବା ପରେ ଆଳିର ପୂର୍ବତନ କ୍ରିକେଟ ଖେଳାଳି ଆରବ ଅଲ୍ଲୀ, ବଂଶୀଧର ସ୍ୱାଇଁ, ରବୀନ୍ଦ୍ର ପରିଡ଼ା, ଶରତ ଦାସ, କୃଷ୍ଣଚନ୍ଦ୍ର ପଣ୍ଡା, ବୈଦ୍ୟନାଥ ମହାନ୍ତି, ସଦାନନ୍ଦ ସିଂ, ଭଗବାନ ନାୟକ ପ୍ରମୁଖ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଠିପି ଖୋଲା ମଦ ଦୋକାନକୁ ବିରୋଧ

**ପଟ୍ଟାମୁଣ୍ଡାଇ,୧୪।୯(ସ୍ୱ.ପ୍ର.)**




ପ୍ରସ୍ତାବିତ ମଦ ଦୋକାନ ପାଇଁ ନିର୍ମାଣ କରାଯାଇଥିବା ଦୋକାନ ଗୃହ।

## ଅଞ୍ଚଳବାସୀଙ୍କ ଆନ୍ଦୋଳନ ଚେତାବନୀ

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଅଧୀନ ଗୋଗୁଆ–ଚୌଦକୁଲାଟ ରାସ୍ତାରେ ଏକ ଠିପି ଖୋଲା ମଦ ଦୋକାନ ଓ ବାର ଖୋଲିବା ପାଇଁ ସରକାରୀସ୍ତରରେ ଯୋଜନା ଚାଲିଛି। ଏକଥା ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ପ୍ରସ୍ତାବରୁ ସରକାର ନ ଓହରିଲେ ବ୍ୟାପକ ଜନଆନ୍ଦୋଳନ ହେବ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି ।

ପୂର୍ବରୁ ପଟ୍ଟାମୁଣ୍ଡାଇ ଥାନା ଗୋଗୁଆ–ଚୌଦକୁଲାଟ ରାସ୍ତାରେ ଏକ ଲାଇସେନ୍ସପ୍ରାପ୍ତ ଠିପି ବନ୍ଦ ସରକାରୀ ମଦ ଦୋକାନ ରହିଛି । ମାତ୍ର ସେଠାରେ ଆଉ ଏକ ଠିପି ଖୋଲା ସରକାରୀ ମଦ ଦୋକାନ ଖୋଲିବା ପାଇଁ ଦୋକାନ ଗୃହ ନିର୍ମାଣ ଚାଲିଥିବା ସହିତ ବାର ପାଇଁ ଆବେଦନ କରାଯାଇଛି। ସରକାରୀ ନିୟମ ଅନୁସାରେ ହୋଟେଲ ଖୋଲାଯିବା ପରେ ବାର ପାଇଁ ଆବେଦନ କରାଯାଇଥାଏ । ଏଠାରେ ଆଦୌ ହୋଟେଲ ନ ଥିବାବେଳେ ଏକ ଅର୍ଦ୍ଧନିର୍ମିତ କୋଠାରେ ଭ୍ରମ ସୃଷ୍ଟି ପାଇଁ ବ୍ୟାନର ବନ୍ଧାଯାଇ ହୋଟେଲ ବୋଲି ସୂଚିତ କରାଯାଇଛି । କେନ୍ଦ୍ରାପଡ଼ା ସିଡିଏମ୍‌ଓ କେଉଁ ନିୟମକୁ ଆଧାର କରି ଫୁଡ୍ ଲାଇସେନ୍ସ ପ୍ରଦାନ କରିଛନ୍ତି ବୋଲି ଜିଲାପରିଷଦ ସଦସ୍ୟା ମଧୁଛନ୍ଦା ମହାନ୍ତି, ଚନ୍ଦନପୁର ସରପଞ୍ଚ ରମାକାନ୍ତ ମଳିକ, ପୂର୍ବତନ ସରପଞ୍ଚ ସୋନାଲି ବିଶ୍ୱାଳ, ପୂର୍ବତନ ସରପଞ୍ଚ ସୁବାସ ଶର୍ମା, ପୂର୍ବତନ ସରପଞ୍ଚ କୈଳାଶ ଚନ୍ଦ୍ର ମଳିକ ପ୍ରମୁଖ ପ୍ରଶ୍ନ କରିଛନ୍ତି । ଅନ୍ୟପକ୍ଷେ ଗୋଗୁଆ–ଚୌଦକୁଲାଟ ଏକ ବ୍ୟସ୍ତବହୁଳ ରାସ୍ତା । ଏହା ପଟ୍ଟାମୁଣ୍ଡାଇ ଧୋୟାଅଞ୍ଚଳର ମୁଖ୍ୟ ପ୍ରବେଶ ପଥ । ଠିପି ଖୋଲା ମଦ ଦୋକାନ ଖୋଲାଗଲେ ସେହି ଅଞ୍ଚଳରେ ଅସମାଜିକ ବ୍ୟକ୍ତିମାନଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବା ଦ୍ୱାରା ସ୍ଥାନୀୟ ଲୋକଙ୍କ ସୁରକ୍ଷା ବିପନ୍ନ ହେବାର ସମ୍ଭାବନା ରହିଛି ବୋଲି ମତ ପ୍ରକାଶ ପାଇଛି। ପ୍ରସ୍ତାବିତ ମଦ ଦୋକାନ ନିକଟବର୍ତ୍ତୀ ଅଞ୍ଚଳରେ ପ୍ରାଥମିକ ବିଦ୍ୟାଳୟ, ହାଇସ୍କୁଲ, ଚଉଦକୁଲାଟ କଲେଜ ଓ ୫ ଶହ ବର୍ଷର ପୁରାତନ ପ୍ରସିଦ୍ଧ ଚଉଦକୁଲାଟ ଦଧିବାମନଜୀଉଙ୍କ ମନ୍ଦିର ରହିଛି । ରାଜ୍ୟ ସରକାର, ଅବକାରୀ ବିଭାଗ ଓ ଜିଲା ପ୍ରଶାସନ ପ୍ରସ୍ତାବିତ ମଦ ଦୋକାନ ଖୋଲିବା ନିଷ୍ପତ୍ତିରୁ ଓହରି ଯିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି । ନ ହେଲେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କହିଛନ୍ତି ।

# ପାନୀୟ ଦୁର୍ଦ୍ଦଶାରେ ଖଣି ପ୍ରଭାବିତ ଗ୍ରାମବାସୀ

## ସରୁନି ସୁକିନ୍ଦାରେ ମେଗା ଜଳଯୋଗାଣ ପ୍ରକଳ୍ପ କାମ

- ବ୍ୟାପକ ତ୍ରୁଟି, ଦୀର୍ଘସ୍ଥାୟୀ ନେଇ ସନ୍ଦିହାନ
- ଡିସେମ୍ବର ସୁଦ୍ଧା ସାରିବାକୁ ନିର୍ଦ୍ଦେଶ ହୋଇଛି: ଯନ୍ତ୍ରୀ



ମେଗା ପାନୀୟଜଳ ପ୍ରକଳ୍ପ।

ଯାଜପୁର ଅଫିସ,୧୪।୯

ଯାଜପୁର ଜିଲା ସୁକିନ୍ଦା ଖଣି ଅଞ୍ଚଳରେ ଓଏମ୍‌ବିଏଡିସି (ଓଡିଶା ମିନେରାଲ ବିଅରିଂ ଏରିଆ ଡେଭଲପମେଣ୍ଟ କର୍ପୋରେଶନ) ପାଣ୍ଠିରେ ନିର୍ମାଣାଧୀନ ୨ ମେଗା ଜଳ ଯୋଗାଣ ପ୍ରକଳ୍ପ ଲୋକଙ୍କ କାମରେ ଏଯାଏ ଲାଗି ପାରିନାହିଁ। ଅଣଓଡ଼ିଆ ଠିକାସଂସ୍ଥା ଏନ୍‌ସିସିକୁ ଗତ ପ୍ରାୟ ୫ ବର୍ଷ ହେଲା ଏହି ଦୁଇ ପ୍ରକଳ୍ପ ନିର୍ମାଣ ଦାୟିତ୍ୱ ଦେଇ ରାଜ୍ୟ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ (ଆର୍‌ଡବ୍ଲ୍ୟୁଏସ୍‌ଏସ୍) ବିଭାଗ ଅଡୁଆରେ ପଡିଛି। ଅନ୍ୟପକ୍ଷରେ ସ୍ୱଚ୍ଛ ପାଣି ଆଶାରେ ଥିବା ୭୦ରୁ ଊର୍ଦ୍ଧ୍ୱ ଖଣି ପ୍ରଭାବିତ ଗ୍ରାମବାସୀ ଆଇରନଯୁକ୍ତ ପାଣି ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି।

ଖଣି ସମ୍ବନ୍ଧୀୟ ବେଆଇନ କାର୍ଯ୍ୟକଳାପ ହେତୁ ଜଙ୍ଗଲ ତଥା ପରିବେଶରେ ପ୍ରଭାବିତ ଅଞ୍ଚଳବାସୀଙ୍କ ବିକାଶ ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଓଏମ୍‌ବିଏଡିସି ଗଠନ ହୋଇଛି। ଏହି ଯୋଜନାରେ ୪୮୩୧ କୋଟି ଟଙ୍କାର ୨୦ଟି ମେଗା ଜଳଯୋଗାଣ ପ୍ରକଳ୍ପ କେନ୍ଦୁଝର, ଯାଜପୁର, ସୁନ୍ଦରଗଡ ଓ ମୟୂରଭଞ୍ଜ ଜିଲାର ଖଣି ପ୍ରଭାବିତ ଅଞ୍ଚଳରେ ଚାଲିଛି। ରାଜ୍ୟ ସରକାର ଏହି ଅର୍ଥକୁ ଯୋଜନାର ଗାଇଡ୍‌ଲାଇନ୍ ଅନୁସାରେ ସ୍ଥାନୀୟ ଅଧିବାସୀ ବା ସିଭିଲ ସୋସାଇଟି ସହିତ ପରାମର୍ଶ ନ କରି ଅଣଓଡ଼ିଆ ଠିକାସଂସ୍ଥାମାନଙ୍କୁ ନିଯୁକ୍ତି ଦେଇ ବ୍ୟାପକ ଅନିୟମିତତା କରାଯାଇଥିବା ଅଭିଯୋଗ ହୋଇଛି। ଯାଜପୁର ଜିଲାର ସୁକିନ୍ଦା ପ୍ରକଳ୍ପ-୧ ପାଇଁ ୫୪.୮୧ କୋଟି ଓ ସୁକିନ୍ଦା ପ୍ରକଳ୍ପ-୨ ପାଇଁ ୧୦୧.୨୪ କୋଟି ଭାବେ ସମୁଦାୟ ୧୫୬.୦୫ କୋଟି ଟଙ୍କା ମଞ୍ଜୁର ହୋଇ ଏନ୍‌ସିସି ନାଗାର୍ଜୁନ କନ୍‌ଷ୍ଟ୍ରକ୍ସନ କମ୍ପାନୀ ଦ୍ୱାରା କାର୍ଯ୍ୟକାରୀ ହେଉଛି। ୨୦୧୯ ଜୁଲାଇରେ ବିଭାଗୀୟ ଯନ୍ତ୍ରୀ ପ୍ରାଧିକରଣ(ଇଞ୍ଜିନିୟର୍ସ ଅଥରିଟି) ପକ୍ଷରୁ ସୁକିନ୍ଦା ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପର ନିରୀକ୍ଷଣ କରାଯାଇଥିଲା। ଏଥିରେ ଗୋଟିଏ ଖାତ (ଟ୍ରେଞ୍ଚ)ରେ ଆବଶ୍ୟକତାଠାରୁ କମ୍ ଗାତ ଖୋଳି ପାଇପ୍ ବିଛା, ଇଏସ୍‌ଆର ସ୍ତମ୍ଭ ସିଧା(ଭର୍ଟିକାଲ) ଭାବେ ନିର୍ମାଣ ନ ହେବା, ନିମ୍ନମାନର ଷ୍ଟିଲ୍ ସାମଗ୍ରୀ ବ୍ୟବହାର ଆଦି ଦେଖିବାକୁ ମିଳିଥିଲା। ଏହାପରେ ଇଞ୍ଜିନିୟର୍ସ ଅଥରିଟିର ରିପୋର୍ଟକୁ ଭିତ୍ତିକରି ବିଭାଗୀୟ ଇଞ୍ଜିନିୟର-ଇନ୍-ଚିଫ୍ ତାଙ୍କ ପତ୍ରସଂଖ୍ୟା ୭୨୨୮/୨୦।୮।୨୦୧୯ରେ କଟକ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ସର୍କଲ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ତୁରନ୍ତ ପ୍ରକଳ୍ପ ଅଞ୍ଚଳ ବୁଲି ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ଆରଡବ୍ଲ୍ୟୁଏସ୍‌ଏସ୍‌ର ଇଞ୍ଜିନିୟର-ଇନ୍-ଚିଫ୍ ତାଙ୍କ ପତ୍ର ସଂଖ୍ୟା ୬୦୩୩/୧୫।୭।୨୦୧୯ରେ କିଣାଯାଇଥିବା ସମସ୍ତ ଷ୍ଟିଲ୍ ସାମଗ୍ରୀକୁ ହଟାଇ ଦେବାକୁ ଠିକାସଂସ୍ଥା ଏନ୍‌ସିସିର ସିନିୟର ମ୍ୟାନେଜରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ କେତେକ ବିଭାଗୀୟ ଅଧିକାରୀଙ୍କୁ ହାତ କରି ଏହି ବିପଦରୁ ମୁକୁଳିବାକୁ ଯୋଜନା ହୋଇଥିଲା। ଏହିକ୍ରମରେ କିଣାଯାଇଥିବା ଷ୍ଟିଲ୍ ସାମଗ୍ରୀକୁ ଦ୍ୱିତୀୟ ଥର ପାଇଁ କଟକ ସେଣ୍ଟ୍ରାଲ ଲାବରେଟୋରି (ଆର ଆଣ୍ଡ ବି) ଏବଂ ଭୁବନେଶ୍ୱର ଆଇଏମ୍‌ଏମ୍‌ଟି ଲାବରେଟୋରିରେ ପରୀକ୍ଷା କରାଯାଇଥିଲା। ଯାହାର ରିପୋର୍ଟରେ ସେହି ଷ୍ଟିଲ୍ ସାମଗ୍ରୀର ଗୁଣବତ୍ତା ସନ୍ତୋଷଜନକ ଓ ବ୍ୟବହାର ଉପଯୋଗୀ ବୋଲି ଦର୍ଶାଯାଇଥିଲା। ଉକ୍ତ ରିପୋର୍ଟକୁ ଆଧାର କରି ଆରଡବ୍ଲ୍ୟୁଏସ୍‌ଏସ୍‌ର ଚିଫ୍ ଇଞ୍ଜିନିୟର ତାଙ୍କ ପତ୍ରସଂଖ୍ୟା ୭୮୪୨/୧୦।୪।୨୦୧୯ରେ ଠିକାସଂସ୍ଥା ଏନ୍‌ସିସିର ସହକାରୀ ଜେନେରାଲ ମ୍ୟାନେଜରଙ୍କୁ ଉକ୍ତ ଷ୍ଟିଲ୍ ସାମଗ୍ରୀକୁ ପୁଣି ବ୍ୟବହାର ହୋଇପାରିବ ବୋଲି ନିର୍ଦ୍ଦେଶ ଦେଇଥିଲେ। ଏଥିରେ ବିଭାଗୀୟ ଅଧିକାରୀ ଓ ଠିକାସଂସ୍ଥା ମଧ୍ୟରେ ଏକ ବଡ଼ଧରଣର ମୂଲଚାଲ ହୋଇଥିବା ସେତେବେଳେ ସନ୍ଦେହ ହୋଇଥିଲା। ଅନ୍ୟପକ୍ଷେ ସୁକିନ୍ଦା ପ୍ରକଳ୍ପ-୨ରେ ମଧ୍ୟ ବ୍ୟାପକ ତ୍ରୁଟି ପରିଲକ୍ଷିତ ହୋଇଥିଲା। ଏହି ପ୍ରକଳ୍ପର ପମ୍ପ ହାଉସ୍‌କୁ ପ୍ରବେଶ ବ୍ରିଜ୍ ଷ୍ଟ୍ରକ୍ଚରାଲ ଡିଜାଇନ ଅନୁସାରେ ହୋଇନାହିଁ। ତେଣୁ ଆବଶ୍ୟକ ଭିତ୍ତିଭୂମି ସହ ତୁରନ୍ତ ପୁନଃ ନିର୍ମାଣ କରିବାକୁ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ଚିଫ ଇଞ୍ଜିନିୟର-୨ ଗତ ଫେବୃୟାରୀ ୨୪ରେ ଠିକାସଂସ୍ଥା ଏନ୍‌ସିସି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଭଳି କାର୍ଯ୍ୟ ଭବିଷ୍ୟତ ପାଇଁ ବିପଦ ହୋଇପାରେ ବୋଲି ଚିଫ୍ ଇଞ୍ଜିନିୟର ପରୋକ୍ଷରେ ସୂଚାଇ ଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଏହି ବୈଷୟିକ ତ୍ରୁଟିକୁ ମଧ୍ୟ ରଫାଦଫା କରାଯାଇଥିବା ଅଭିଯୋଗ ହୋଇଛି। ଫଳରେ ଭବିଷ୍ୟତରେ ସୁକିନ୍ଦାବାସୀଙ୍କ ପାଇଁ ନିୟମିତ ଜଳଯୋଗାଣରେ ବାଧକ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।

ଏ ସଂକ୍ରାନ୍ତରେ ଯାଜପୁର ଆରଡବ୍ଲ୍ୟୁଏସ୍‌ଏସ୍‌ର ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ କୁମାର ଘଡ଼େଇଙ୍କୁ ପଚାରିବାରେ ସେ କହିଛନ୍ତି, ପ୍ରକଳ୍ପ-୧ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହେବାକୁ ଆଉ ୧ ମାସ ସମୟ ଲାଗିବ। ସେହିପରି ସୁକିନ୍ଦା-୨ ପ୍ରକଳ୍ପ ଡିସେମ୍ବର ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଧାରଣ କରାଯାଇଛି। ଯେଉଁସବୁ ତ୍ରୁଟି ପରିଲକ୍ଷିତ ହୋଇଥିଲା, ତାହାର ସୁଧାର କରାଯାଇଛି ବୋଲି ସେ କହିଛନ୍ତି।

## ମହିଳା, ଶିଶୁଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ପ୍ରାଥମିକତା



ବୈଠକରେ ଯୋଗ ଦେଇଥିବା ଆଶା, ଅଙ୍ଗନୱାଡି କର୍ମୀ ଓ ଅନ୍ୟମାନେ।

### ପଞ୍ଚାୟତ ଷ୍ଟାଣ୍ଡିଂ କମିଟି ବୈଠକ

ରସୁଲପୁର,୧୪।୯(ଡି.ଏନ.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତରେ ସରପଞ୍ଚ ସ୍ମୃତିରେଖା ରାଉତଙ୍କ ଅଧ୍ୟକ୍ଷତାରେ ମହିଳା, ଶିଶୁ ବିକାଶ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସମ୍ପର୍କିତ ଷ୍ଟାଣ୍ଡିଂ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମା' ଓ ଶିଶୁଙ୍କ ସ୍ୱାସ୍ଥ୍ୟର ଯତ୍ନକୁ ପ୍ରାଥମିକତା ଦିଆଯିବାକୁ ପରାମର୍ଶ ଦିଆଯାଇଛି। ଅଙ୍ଗନୱାଡି, ଆଶାକର୍ମୀ, ମହିଳା ଓ ପୁରଷ ସ୍ୱାସ୍ଥ୍ୟକର୍ମୀ, ଏନ୍‌ଏନ୍‌ଏମ୍, ସିଏଚ୍‌ଓମାନଙ୍କ କାର୍ଯ୍ୟଧାରାରେ ସମାଜରୁ ରୋଗ ନିରାକରଣ ସମ୍ଭବପର ହୋଇପାରିବ। ତେଣୁ ସୁସ୍ଥ ମା' ଓ ସନ୍ତାନ ଦେଶର ଉଜ୍ଜ୍ୱଳ ଭବିଷ୍ୟତ ସକାଶେ ନିତାନ୍ତ ଜରୁରୀ ବୋଲି ସରପଞ୍ଚ ରାଉତ ମତ ରଖିଥିଲେ।

ପ୍ରାରମ୍ଭରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ମାନସ ରାଉତ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ପଞ୍ଚାୟତ ଅଧୀନ ଉତ୍ତର ଭୋଟକା, ଦକ୍ଷିଣ ଭୋଟକା, ଇଚ୍ଛାପୁର, ବିଲିପଡ଼ା, ଅରଡ଼ା, ବଡ଼ରମ୍ପେଇ-ସେରପୁର, ସୁଆଁସାହି, ଉତ୍ତରଭୋଟକା ଗଉଡ଼ସାହି ଆଦି ଅଙ୍ଗନୱାଡିର କର୍ମୀ, ବିଲିପଡ଼ା, ଅରଡ଼ା, ଇଚ୍ଛାପୁର, ଉତ୍ତର ଭୋଟକା, ଦକ୍ଷିଣ ଭୋଟକା ଆଦି ଅଞ୍ଚଳରେ ଆଶାକର୍ମୀ ଯୋଗ ଦେଇଥିଲେ। କମିଟି ସଦସ୍ୟ ୱାର୍ଡ ସଭ୍ୟାସଭ୍ୟ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପଞ୍ଚାୟତର ବିଭିନ୍ନ ସ୍ଥାନରେ ଥିବା କେନ୍ଦ୍ରଗୁଡିକ ପରିଚାଳନା ଉପରେ ଗୁରୁତ୍ୱ ଦିଆଯିବା ସହ ମମତା, ଜନନୀ ସୁରକ୍ଷା, ପୁଷ୍ଟିକର ଖାଦ୍ୟ ଯୋଗାଣ, ଯାଞ୍ଚ କମିଟି, ମାତୃ କମିଟିଗୁଡ଼ିକୁ ଠିକ୍‌ରେ ପରିଚାଳନା କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଆଶା ଦିଦିମାନେ ଋତୁକାଳୀନ ସଂକ୍ରାମକ ରୋଗ ଓ ସର୍ବକାଳୀନ ଅଣସଂକ୍ରାମକ ରୋଗ ଆଦିକୁ ଚିହ୍ନଟ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଗର୍ଭବତୀ ଓ ପ୍ରସୂତିଙ୍କୁ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଆଦି ଦିଗରେ ଆଶା ଦିଦି ବିଶେଷ ଯତ୍ନବାନ ହେବା ପାଇଁ ଏଏନ୍‌ଏମ୍ ସାବିତ୍ରୀ ସେଠୀ ସୂଚନା ଦେଇଥିଲେ। ଅନ୍ୟପକ୍ଷରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାକେନ୍ଦ୍ରରେ ଆଶାକର୍ମୀଙ୍କୁ ପ୍ରବେଶ କରା ଯାଉନାହିଁ। ସେମାନେ ଗର୍ଭବତୀ ଓ ପ୍ରସୂତିଙ୍କ ନେଇ ଯାଉଥିଲେ ମଧ୍ୟ ଅସୁରକ୍ଷିତ ଭାବେ ଡାକ୍ତରଖାନା ବାହାରେ ରାତ୍ରୀ ଯାପନ କରୁଛନ୍ତି। ଏହାକୁ ନେଇ କର୍ମୀମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ତେଣୁ ଏ ଦିଗରେ ପଞ୍ଚାୟତ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସହ ଆଲୋଚନା ପାଇଁ ନିଷ୍ପତ୍ତି ନିଆଯାଇଛି।

## ମା',ଝିଅଙ୍କ ଅଶ୍ଳୀଳ ଫଟୋ, ଭିଡିଓ ଭାଇରାଲ

ବ୍ରହ୍ମବରଦା,୧୪।୯(ଡି.ଏନ.ଏ.)

ଯାଜପୁର ସଦର ଥାନା ଅଞ୍ଚଳର ଜଣେ ମହିଳା ଓ ତାଙ୍କ ଝିଅଙ୍କ ଅଶ୍ଳୀଳ ଫଟୋ ଏବଂ ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି। କେହି ଦୁର୍ବୃତ୍ତ ସେମାନଙ୍କ ଫଟୋ ଓ ଭଏସ୍‌କୁ ଏଡିଟ୍ କରି ବିଭିନ୍ନ ସୋସିଆଲ୍ ମିଡିଆରେ ଛାଡ଼ିଛନ୍ତି। ଏନେଇ ସମ୍ପୃକ୍ତା ମହିଳା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ତାଙ୍କ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଆରମ୍ଭ କରିଛି। ମହିଳା ଜଣକ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ, 'ମୁଁ ଜହ୍ନରୁ ବାଲୁଙ୍ଗା' ନାମକ ଏକ ସୋସିଆଲ୍ ମିଡିଆ ଆଇଡିରୁ ଅଶ୍ଳୀଳ ଭିଡିଓ ଏବଂ ଫଟୋ ସବୁ ଶେୟାର କରାଯାଇଛି। ତାଙ୍କ ପାଖକୁ ମଧ୍ୟ ଏସବୁ ଫଟୋ ଓ ଭିଡିଓ ଆସୁଛି। ତେଣୁ ତୁରନ୍ତ ପୋଲିସ ଉକ୍ତ ଆଇଡିକୁ ବନ୍ଦ କରିବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି।

GOVERNMENT OF ODISHA
OFFICE OF THE SUPERINTENDING ENGINEER, KALAHANDI RWS&S DIVISON, BHAWANIPATNA
e-mail: eerwsskld@gmail.com, eerwss_kld@nic.in, Phone No: 06670-230784
INVITATION OF BID THROUGH e- TENDERING
Bid Identification No- 49/SE/RWSS/2022-23 /Bpt Dated. 12.09.2022
No.O-975: 01.Name of the Work: As per Annexure-A

| Procurement Officer | Bid Identification No. | Availability of tender online for bidding on office hour only | | Date of Opening (Technical Bid) |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Kalahandi RWS&S Division, Bhawanipatna | 49/SE/RWSS/2022-23/Bpt Dated-12.09.2022 | 23.09.2022 10.00 AM | 13.10.2022 05.30 PM | 14.10.2022 10.00 AM onwards |

Cost of tender paper to be made online payment system. Further details can be seen from the e-procurement portal http://tenderodisha.gov.in. The original documents should be scanned and uploaded.
OIPR-25005/11/0015/2223 Sd./- Superintending Engineer, Kalahandi RWS&S Division, Bhawanipatna

ODISHA JOINT ENTRANCE EXAMINATION - 2022 (OJEE - 2022)
PUBLIC NOTICE REGARDING OJEE WEB COUNSELLING FOR 2022-23
No: OJEE/414 Date: 10.09.2022
**No.h-09:** This is for the information of all concerned that OJEE Web-Based Counselling Process for Technical Undergraduate Courses such as **B. Tech, B. Arch, B. Plan, B. CAT and Integrated M.Sc.** is going to start from 13th September, 2022.
Similarly, the counselling process for Technical / Professional Postgraduate courses like **MBA, MCA, M. Tech, M. Arch, and M. Plan** will commence from **12th September, 2022.**
Interested candidates are advised to visit OJEE websites (www.ojee.nic.in / www.odishajee.com) and see the **Tentative Counselling Schedule** for these courses.
They are further advised to carefully go through the documents, **"Counselling Brochure" and "Step-by-Step Procedure"**, available in the website to get detailed information about the entire counselling process.
**Sd./-Chairman, OJEE**
OIPR-14020/11/0016/2223

ODISHA STATE CIVIL SUPPLIES CORPORATION LTD.
(A Govt. of Odisha Undertaking)
REGISTERED OFFICE : C/2, NAYAPALLI, BHUBANESWAR-751012
CIN : U51211OR1980SGC000894
Tel. No. : 0674-2395391, Fax : 0674-2395291, Website : www.oscsc.in
Tender No. 13689/P-II/77/2021/PDS Dt.: 14.09.2022
Managing Director, Odisha State Civil Supplies Corporation Ltd., invites tenders in Double Cover System through **ONLINE MODE ONLY** for the works below:

| | | |
|---|---|---|
| 1 | Name of the Work | Selection and appointment of handling & transport contractors for handling & transportation of Custom Milled Rice (CMR) from source districts to recipient districts through Rake in the State of Odisha. |
| 2 | Availability of bid document in the portal | From 15.09.2022 |
| 3 | Last Date / Time for receipt of bids in the portal | Dt.21.09.2022 up to 5.00 P.M. |
| 4 | Date/Time of Opening of Technical bid | Dt.22.09.2022 at 11.00 A.M. |
| 5 | Name and address of the Officer Inviting Tender | Managing Director, OSCSC Ltd., C/2, Nayapalli, Bhubaneswar |

Tender Documents & other details can be seen from the e-procurement portal **www.oscsc.in**, **www.foododisha.in** & **www.tendersodisha.gov.in**. Amendments / corrigendum / cancellation / retenders etc. if any shall be published only in above websites.
By Order of Managing Director
Sd/- General Manager (PDS)

GOVT. OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, KEONJHAR
Tel. 06766-258301(O), email: se_nerwkjr@rediffmail.com
e-Procurement Notice for Bridge Work under BSY Identification No. Bridge Online NCB No. 348
No. 1954 / Date: 12-09-2022
**No.O-968:** 1.Name of the work : Construction of Bridge Works under BSY in the District of Keonjhar. 2.No. of work : 02 (Two) Nos. 3.Estimated Cost : As per Annexure. 4.Class of Contractor (Eligible) : 'A' & 'Special' Class of Contractor. 5.Period of Completion : 24 Calendar Months. 6.Other details:

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E.R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | Bridge Online NCB No.348 | Dt.20.09.22 at 11.00 A.M. | Dt.10.10.22 upto 5.00 P.M. | Dt.07.10.22 upto 5.00 P.M. | Dt.11.10.22 at 11.00 A.M. | Will be intimated later |

- Further details can be seen from the website: www.tendersorissa.gov.in

Sd./- Chief Construction Engineer, R.W.Circle, Keonjhar
OIPR-25177/11/0024/2223

ROURKELA DEVELOPMENT AUTHORITY, UDITNAGAR
ROURKELA-769012
INVITATION FOR BIDS (IFB)
No.1514, Dt.14.09.2022

| Sl. No. | Name of Work | Estimated Cost | Tender Paper Cost (Including VAT) | Available tender online for bidding | | Last date & time of bidding | Date & Time of Opening of tender |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Repair, renovation and development of VSS Market at Chhend, Rourkela | 71.75 Lakhs (Approx.) | 11,200.00 | 16.09.22 | 23.09.22 | 14.00 Hrs. of 20.09.22 | 11.00 Hrs. of 26.09.22 |

Sd./- Secretary
Rourkela Development Authority, Rourkela

SCHEDULES
No. XXV-02: ଓଡ଼ିଶା ରାଜ୍ୟର ଜଗତ୍‌ସିଂହପୁର ଜିଲ୍ଲାର କି.ମି. 333.340 ଠାରୁ କି.ମି. 334.950 (ତହସିଲଦାରଙ୍କ କାର୍ଯ୍ୟାଳୟ, ତିର୍ତ୍ତୋଲ, ଜିଲ୍ଲା: ଜଗତ୍‌ସିଂହପୁରର ବିସ୍ତାରଣରେ ଥିବା ନୂତନ ପ୍ରସ୍ତାବିତ ଜାତୀୟ ରାଜପଥ ନମ୍ବର – 55 ରାସ୍ତାକୁ ସଂଯୋଗ କରୁଥିବା ସମ୍ବଲପୁର ନିକଟସ୍ଥ ଏନ୍.ଏଚ୍. – 53 ରେଢ଼ାଖୋଲରୁ ଆରମ୍ଭ କରି ନୂଆଗାଁରେ ସମାପ୍ତ ହୋଇଛି, ଯାହାକି ଭୂମି ବିନିର୍ମାଣ (ପ୍ରଶସ୍ତ/ଚାରି ଲେନିଂ ଇତ୍ୟାଦି) ପାଇଁ ପ୍ରଯୁଜ୍ୟ।

| କ୍ର.ନଂ. | ଜିଲ୍ଲାର ନାମ | ତହସିଲର ନାମ | ଗ୍ରାମର ନାମ | ସର୍ଭେ ସଂଖ୍ୟା | ଜମିର ପ୍ରକାର | ଜମିର ପ୍ରକୃତି | ଅଧିଗ୍ରହଣ ଏରିଆ (ହେକ୍ଟରରେ) | ଟୋଟାଲ ଏରିଆ (ହେକ୍ଟରରେ) |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | ଜଗତ୍‌ସିଂହପୁର | ତିର୍ତ୍ତୋଲ | ୧. ଯାଁ ବେଢୁଆଁ | 1 | ବେସରକାରୀ | ବଗାୟତ ଦୁଇ | 0.042 | 0.1497 |
| | | | | 2 | ବେସରକାରୀ | ଚକ | 0.096 | 0.2550 |
| | | | | 3 | ବେସରକାରୀ | ଚକ | 0.145 | 0.2752 |
| | | | | 4 | ବେସରକାରୀ | ଚକ | 0.048 | 0.0850 |
| | | | | 5 | ବେସରକାରୀ | ଚକ | 0.097 | 0.1295 |
| | | | | 6 | ବେସରକାରୀ | ଚକ | 0.016 | 0.2873 |
| | | | | 10 | ବେସରକାରୀ | ଚକ | 0.009 | 0.1133 |
| | | | | 11 | ବେସରକାରୀ | ଚକ | 0.049 | 0.0728 |
| | | | | 17 | ବେସରକାରୀ | ଚକ | 0.028 | 0.1538 |
| | | | | 18 | ସରକାରୀ | ଚକ ରାସ୍ତା | 0.005 | 0.0445 |
| | | | | 19 | ବେସରକାରୀ | ଚକ | 0.022 | 0.2995 |
| | | | | 38 | ବେସରକାରୀ | ଚକ | 0.006 | 0.2307 |
| | | | | 39 | ବେସରକାରୀ | ଚକ | 0.024 | 0.0243 |
| | | | | 40 | ବେସରକାରୀ | ଚକ | 0.053 | 0.1700 |
| | | | | 41 | ବେସରକାରୀ | ଚକ | 0.077 | 0.2671 |
| | | | | 42 | ବେସରକାରୀ | ଚକ | 0.087 | 0.5140 |
| | | | | 43 | ବେସରକାରୀ | ଚକ | 0.055 | 0.2347 |
| | | | | 46 | ବେସରକାରୀ | ଚକ | 0.071 | 0.2104 |
| | | | | 47 | ବେସରକାରୀ | ଚକ | 0.066 | 0.1983 |
| | | | | 51 | ବେସରକାରୀ | ଚକ | 0.149 | 0.3035 |
| | | | | 52 | ବେସରକାରୀ | ଚକ | 0.145 | 0.2914 |
| | | | | 63 | ବେସରକାରୀ | ଚକ | 0.090 | 0.2307 |
| | | | | 64 | ବେସରକାରୀ | ଚକ | 0.019 | 0.0769 |
| | | | | 98 | ସରକାରୀ | ଚକ ନାଳ | 0.007 | 0.0567 |
| | | | | 99 | ସରକାରୀ | ଜଳାଶୟ ଦୁଇ | 0.041 | 0.0971 |
| | | | | 100 | ବେସରକାରୀ | ଚକ | 0.005 | 0.1133 |
| | | | | 349 | ସରକାରୀ | ନୟନ ଯୋରୀ | 0.015 | 0.5180 |
| | | | | 350 | ସରକାରୀ | କେନାଲ ବନ୍ଧ | 0.012 | 0.4775 |
| | | | | 351 | ସରକାରୀ | କେନାଲ | 0.022 | 0.4775 |
| | | | | 352 | ସରକାରୀ | କେନାଲ ବନ୍ଧ | 0.014 | 0.5423 |
| | | | | 353 | ସରକାରୀ | ନୟନ ଯୋରୀ | 0.027 | 0.6394 |
| | | | | 409 | ବେସରକାରୀ | ଚକ | 0.119 | 0.4816 |
| | | | | 417 | ସରକାରୀ | ଗୋଚର | 0.155 | 0.9186 |
| | | | | 418 | ସରକାରୀ | ପତିତ | 0.480 | 3.8688 |
| | | | | 419 | ସରକାରୀ | ପତିତ | 0.888 | 6.9201 |
| | | | | 422 | ସରକାରୀ | ରାସ୍ତା | 0.066 | 0.3723 |
| | | | | 423 | ସରକାରୀ | ଜଳ ନିଷ୍କାସନ ନାଳ | 0.043 | 0.2671 |
| | | | | 447 | ସରକାରୀ | ଗୋଚର | 0.246 | 2.8530 |
| | | | | 479 | ସରକାରୀ | ପାଣି ନାଳ | 0.596 | 2.0558 |
| | | | | 480 | ସରକାରୀ | ଜଳ ନିଷ୍କାସନ ନାଳ | 0.066 | 0.1214 |
| | | | | 481 | ସରକାରୀ | ରାସ୍ତା | 0.148 | 0.6273 |
| | | | | 482 | ବେସରକାରୀ | ଚକ | 0.012 | 0.0121 |
| 1 | ଜଗତ୍‌ସିଂହପୁର | ତିର୍ତ୍ତୋଲ | ୧. ଯାଁ ବେଢୁଆଁ | 483 | ବେସରକାରୀ | ଚକ | 0.037 | 0.1255 |
| | | | | 490 | ବେସରକାରୀ | ଚକ | 0.070 | 0.1538 |
| | | | | 491 | ବେସରକାରୀ | ଚକ | 0.049 | 0.0890 |
| | | | | 492 | ବେସରକାରୀ | ଚକ | 0.023 | 0.0809 |
| | | | | 493 | ବେସରକାରୀ | ଚକ | 0.065 | 0.1538 |
| | | | | 496 | ବେସରକାରୀ | ଚକ | 0.052 | 0.1052 |
| | | | | 498 | ବେସରକାରୀ | ଚକ | 0.036 | 0.0647 |
| | | | | 499 | ବେସରକାରୀ | ଚକ | 0.065 | 0.1457 |
| | | | | 500 | ବେସରକାରୀ | ଚକ | 0.005 | 0.0121 |
| | | | | 42/ 580 | ବେସରକାରୀ | ଚକ | 0.024 | 0.1578 |
| | | | | 447/ 579 | ବେସରକାରୀ | ଚକ | 0.077 | 0.2469 |
| | | | | 483/ 585 | ବେସରକାରୀ | ଶାରଦ ଜଳ ଦୋଫସଲି ଏକ | 0.043 | 0.0688 |
| | | | ୨. ଇବ୍ରିସିଂ | 1123 | ସରକାରୀ | ଚକ ରାସ୍ତା | 0.007 | 0.0121 |
| | | | | 1114 | ବେସରକାରୀ | ଚକ | 0.045 | 0.1376 |
| | | | | 1113 | ବେସରକାରୀ | ଚକ | 0.006 | 0.0688 |
| | | | | 1122 | ବେସରକାରୀ | ଚକ | 0.072 | 0.1416 |
| | | | | 1119 | ବେସରକାରୀ | ଚକ | 0.072 | 0.0931 |
| | | | | 1120 | ବେସରକାରୀ | ଚକ | 0.068 | 0.1052 |
| | | | | 1125 | ବେସରକାରୀ | ଚକ | 0.025 | 0.0850 |
| | | | | Grand Total Area | | | 5.2050 | |

ସ୍ୱା./– ତହସିଲଦାର, ତିର୍ତ୍ତୋଲ
OIPR-24089/14/0004/2223

ORISSA WATER SUPPLY AND SEWERAGE BOARD
STATE LEVEL SEPTAGE CELL
OFFICE OF THE PROJECT DIRECTOR (SEPTAGE)
3rd FLOOR, UNNATI BHAWAN, SATYANAGAR, BHUBANESWAR-7
No.CAD-1813: e-mail: pdslsc.owssb@gmail.com
CORRIGENDUM-I dt.13.09.2022 to
BID IDENTIFICATION NO. 01/ PDSEPTAGE/2022-23 DT.26.08.2022
1. The eligible class of contractors shall be read as 'A' Class or 'Special' Class in place of 'Special' Class and 'Super' Class.
2. The last date and time of bidding online may be read as 17.00 hours of 23.09.2022 in place of 17.00 hours of 17.09.2022.

Bidders are requested to visit the e-procurement portal https://tendersorissa.gov.in for viewing / downloading the complete bid document and informations thereof.
All other terms and conditions remain unaltered.
OIPR-32457/11/0003/2223 Sd./- Project Director (Septage)

ODISHA TOURISM DEVELOPMENT CORPORATION LTD.
(A Govt. of Odisha Undertaking)
Lewis Road, Bhubaneswar- 751014
No. 4511 /OTDC Dtd: 14.09.2022
QUOTATION CALL NOTICE
**No.CAD-1819:** Odisha Tourism Development Corporation Ltd. invites sealed quotations from the registered company/firm/trust/society/nonprofit organization for selection of agency to organize heritage walks in Bhubaneswar, Cuttack and Puri, Odisha. The last date for submission of quotation is up to 3 PM on dated 21.09.2022 through speed post/registered post and also can be received in the drop box placed at the Marketing Division OTDC Head Office, Lewis road, Bhubaneswar-751014. The same shall be opened at 5 PM on same day in presence of the quotationer or their authorized representatives. Applications received after due date and time will summarily be rejected and not to be considered for further processing. The detail terms and conditions, eligibility criteria etc can be downloaded from the website: www.odishatourism.gov.in
Sd./-General Manager, OTDC
OIPR-37002/11/0011/2223

**୨୨୪ ପଏଣ୍ଟ ଖସିଲା ସେନ୍‌ସେକ୍ସ**

ନୂଆଦିଲ୍ଲୀ: କ୍ରମାଗତ ୪ଦିନ ଲାଗି ଶେୟାର ବଜାରରେ ଭଲ ଫଳାଫଳ ଦେଖିବାକୁ ମିଳିଥିଲା। ଏପରିକି ଚଳିତ ସପ୍ତାହର ୨ କାର୍ଯ୍ୟ ଦିବସରେ ମଧ ନିବେଶକମାନେ ଭଲ କାରବାର କରିଥିଲେ। ହେଲେ ୩ୟ କାର୍ଯ୍ୟଦିବସର ଫଳାଫଳ ନିବେଶକମାନଙ୍କୁ ନିରୁତ୍ସାହିତ କରି ଦେଇଛି। ଫଳରେ ଦଲାଲ ଷ୍ଟ୍ରିଟ୍‌ର ନିବେଶକମାନେ କିଛି ପରିମାଣର ନିବେଶ ହରାଇଛନ୍ତି। ବୁଧବାର ଉଭୟ ସେନ୍‌ସେକ୍ସ ଏବଂ ନିଫ୍ଟିରେ ପ୍ରାୟ ୧% କାରବାର ହ୍ରାସ ପାଇଥିଲା। ବୁଧବାର ସେନ୍‌ସେକ୍ସ ୨୨୪ (୨୨୪.୧୧) ପଏଣ୍ଟ ଖସି ୬୦,୩୪୬.୯୭ ଅଙ୍କରେ କାରବାର ବନ୍ଦ କରିଥିବା ବେଳେ ନିଫ୍ଟି-୫୦ରେ ମଧ ୬୬ (୬୬.୩୦) ପଏଣ୍ଟ ହ୍ରାସ ଘଟି ୧୮,୦୦୩.୭୫ ଅଙ୍କରେ ବଜାର ବନ୍ଦ ହୋଇଛି।

# ଗୁଜରାଟରେ ୧.୫୪ ଲକ୍ଷ କୋଟି ନିବେଶ କରିବ ବେଦାନ୍ତ

ନୂଆଦିଲ୍ଲୀ,୧୪।୯




■ଅହମଦାବାଦରେ ସେମିକଣ୍ଡକ୍ଟର, ଡିସ୍‌ପ୍ଲେ ଫ୍ୟାବ୍ ୟୁନିଟ୍ ସ୍ଥାପନ

■ ୧ ଲକ୍ଷ ଲୋକଙ୍କୁ ମିଳିବ ନିଯୁକ୍ତି

ସେମିକଣ୍ଡକ୍ଟର ଓ ଡିସ୍‌ପ୍ଲେ କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭର କରାଇବା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆତ୍ମନିର୍ଭର ଭାରତ ଆହ୍ୱାନ ଅନୁସାରେ ଗୁଜରାଟର ଅହମଦାବାଦ ଜିଲାରେ ଏକ ସେମିକଣ୍ଡକ୍ଟର ଫ୍ୟାବ୍ ୟୁନିଟ୍ ସହ ଏକ ଡିସ୍‌ପ୍ଲେ ଫ୍ୟାବ୍ ୟୁନିଟ୍, ସେମିକଣ୍ଡକ୍ଟର ଆସେମ୍ବ୍ଲି ଓ ଟେଷ୍ଟିଂ ୟୁନିଟ୍ ସ୍ଥାପନ କରିବା ଲାଗି ବେଦାନ୍ତ ପକ୍ଷରୁ ଗୁଜରାଟ ସରକାରଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି। ଉକ୍ତ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ସମାରୋହରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ଭାଇ ପଟେଲ, ପ୍ରମୁଖ ସଚିବ ସଞ୍ଜୟ ପ୍ରସାଦ, ବେଦାନ୍ତ ଗ୍ରୁପ୍‌ର ଅଧ୍ୟକ୍ଷ ଅନିଲ୍ ଅଗ୍ରୱାଲ, ବେଦାନ୍ତର ଗ୍ଲୋବାଲ ମ୍ୟାନେଜିଂ ଡାଇରେକ୍ଟର୍ (ଡିସ୍‌ପ୍ଲେ ଆଣ୍ଡ ସେମିକଣ୍ଡକ୍ଟର) ଆକର୍ଷ ହେବାର୍‌ଙ୍କ ସମେତ ଉଭୟ ପକ୍ଷର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ମଧ ଉପସ୍ଥିତ ଥିଲେ। ଉକ୍ତ ପ୍ରକଳ୍ପ ଗୁଜରାଟକୁ ବିଶ୍ୱ ସିଲିକନ୍ ମାନଚିତ୍ରରେ ସ୍ଥାନିତ କରିବ ବୋଲି ଉଭୟ ପକ୍ଷରୁ ଦାବି କରାଯାଇଛି। ଏପରିକି ଉକ୍ତ ପ୍ରକଳ୍ପରେ ମୋଟ ୧,୫୪,୦୦୦ କୋଟି ଟଙ୍କାର ନିବେଶ ସହ ୧ ଲକ୍ଷ ଲୋକଙ୍କୁ ନିଯୁକ୍ତି ପ୍ରଦାନ କରିବ ବୋଲି ବେଦାନ୍ତ ପକ୍ଷରୁ କୁହାଯାଇଛି। ସେହିଭଳି ସେମିକଣ୍ଡକ୍ଟର ମାନୁଫାକ୍ଚରିଂ ଫ୍ୟାବ୍ ୟୁନିଟ୍ ୨୮ଏନ୍‌ଏମ୍ ଟେକ୍ନୋଲୋଜି ନୋଡ୍‌ରେ ପରିଚାଳିତ ହେବ। ଡିସ୍‌ପ୍ଲେ ମାନୁଫାକଚରିଂ ୟୁନିଟ୍‌ରେ କ୍ଷୁଦ୍ର, ମଧ୍ୟମ ଓ ବଡ଼ ପ୍ରୟୋଗ ପାଇଁ ଜେନେରେଶନ ୮ଡିସ୍‌ପ୍ଲେ ଉତ୍ପାଦନ କରାଯିବ। ଏପରିକି ଫକ୍ସକନ୍ ସହଯୋଗରେ ସ୍ଥାପନ କରାଯାଇଥିବା ଯୌଥ ଉଦ୍ୟୋଗରେ ମଧ ବେଦାନ୍ତର ୬୦% ଓ ଫକ୍ସକନ୍‌ର ୪୦% ଅଂଶଧନ ରହିବ। ଏହି ଯୌଥ ଉଦ୍ୟୋଗ ଆସନ୍ତା ୨ ବର୍ଷମଧ୍ୟରେ ଉକ୍ତ ସେମିକଣ୍ଡକ୍ଟର ଉତ୍ପାଦନ କାରଖାନା ସ୍ଥାପନ କରିବ।

ଏହି ପରିପ୍ରେକ୍ଷୀରେ ଗୁଜରାଟ ମୁଖ୍ୟମନ୍ତ୍ରୀ କହିଛନ୍ତି,ସେମିକଣ୍ଡକ୍ଟର କାରଖାନା ପାଇଁ ବେଦାନ୍ତ-ଫକ୍ସକନ୍ ଯୌଥ ଉଦ୍ୟୋଗ ଶିଳ୍ପ ସମୃଦ୍ଧ ରାଜ୍ୟ ଗୁଜରାଟକୁ ଚୟନ କରିଥିବାରୁ ଆମେ ବହୁତ ଖୁସି। ସେହିଭଳି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ କହିଛନ୍ତି, 'ସେମିକଣ୍ଡକ୍ଟର ମାନୁଫାକଚରିଂ କ୍ଷେତ୍ରରେ ଆତ୍ମନିର୍ଭର ହେବା ଲାଗି ପ୍ରଧାନମନ୍ତ୍ରୀଙ୍କର ରହିଥିବା ଲକ୍ଷ୍ୟ ଅନୁସାରେ ଏହି ପ୍ରକଳ୍ପ ସ୍ଥାପନ କରାଯାଉଛି। ଏହି ପଦକ୍ଷେପ ଗ୍ରହଣ କରିବା ଏବଂ ଭାରତକୁ ସେମିକଣ୍ଡକ୍ଟର୍ କାରଖାନା ଆଣିଥିବାରୁ ମୁଁ ବେଦାନ୍ତ ଓ ଫକ୍ସକନ୍‌କୁ ଅଭିନନ୍ଦନ ଜଣାଉଛି। ସେହିପରି ବେଦାନ୍ତ ଅଧ୍ୟକ୍ଷ କହିଛନ୍ତି, ଆମର ଡିସ୍‌ପ୍ଲେ ଓ ସେମିକଣ୍ଡକ୍ଟର ଫ୍ୟାବ୍ ସଂସ୍ଥା ପାଇଁ ଗୁଜରାଟକୁ ଉପଯୁକ୍ତ ସ୍ଥାନ ଭାବେ ଘୋଷଣା କରି ଆମେ ଅତ୍ୟନ୍ତ ଆନନ୍ଦିତ। ଏକ ମାନୁଫାକଚରିଂ ହବ୍ ଭାବେ ଏହି ରାଜ୍ୟ ସାରା ବିଶ୍ୱରେ ପରିଚିତ ଏବଂ ଆମେ ଆଶା କରୁଛୁ ଯେ ଭାରତର ଆଗାମୀ ଇଲେକ୍ଟ୍ରୋନିକ୍ସ ବ୍ୟବସ୍ଥା ଆଗକୁ ବଢ଼ିବା ସହ ପ୍ରତି ରାଜ୍ୟ ନିଜର ଇଲେକ୍ଟ୍ରୋନିକ୍ସ ମାନୁଫାକଚରିଂ ହବ୍ ସ୍ଥାପନ କରି ଉପକୃତ ହେବେ।

## ଆଇଡିବିଆଇ ବ୍ୟାଙ୍କକୁ ୩ ପୁରସ୍କାର

ନୂଆଦିଲ୍ଲୀ,୧୪।୯

ଦେଶର ସର୍ବପୁରାତନ ବାଣିଜ୍ୟିକ ସଙ୍ଗଠନ ଆସୋଚାମ୍‌ର ୧୭ତମ ବାର୍ଷିକ ବ୍ୟାଙ୍କିଙ୍ଗ୍ ସମିଟ୍ ଆଣ୍ଡ ଆୱାର୍ଡସ୍ କାର୍ଯ୍ୟକ୍ରମରେ ଆଇଡିବିଆଇ ବ୍ୟାଙ୍କ ୩ଟି ବର୍ଗରେ ପୁରସ୍କୃତ ହୋଇଛି। ବିଶେଷକରି ଲେଣ୍ଡିଂ (ଋଣ ପ୍ରଦାନ), ନନ୍ ଲେଣ୍ଡିଂ(ଅଣ ଋଣ) ଏବଂ ମଧ୍ୟମ ବର୍ଗର ବ୍ୟାଙ୍କ ଶ୍ରେଣୀର ସାମଗ୍ରିକ ବ୍ୟାଙ୍କିଙ୍ଗ୍ ବର୍ଗରେ ଆଇଡିବିଆଇ ବ୍ୟାଙ୍କକୁ ଉକ୍ତ ୩ ପୁରସ୍କାର ମିଳିଥିବା କୁହାଯାଇଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ଉଭୟ ଡିଏମ୍‌ଡି ସାମୁଏଲ୍ ଯୋସେଫ ଓ ସୁରେଶ ଖଟ୍‌ନହାର ଭାରତୀୟ ରିଜର୍ଭ ବ୍ୟାଙ୍କର ଡେପୁଟି ଗଭର୍ନର ଏମ୍. ରାଜେଶ୍ୱର ରାଓଙ୍କଠାରୁ ଉକ୍ତ ପୁରସ୍କାର ଗ୍ରହଣ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଆଇବିଏର ସିଇଓ ସୁନୀଲ ମେହେଟ୍ଟାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ତଥା ଜଣାଶୁଣା ବ୍ୟକ୍ତିବିଶେଷ ମଧ ଉପସ୍ଥିତ ଥିଲେ।

## ପୂର୍ବତଟ ରେଳପଥ ପକ୍ଷରୁ ରାଜଭାଷା ପକ୍ଷ ଉଦ୍‌ଘାଟିତ




ଭୁବନେଶ୍ୱର,୧୪।୯

ପୂର୍ବତଟ ରେଳପଥର ମୁଖ୍ୟାଳୟ ସ୍ଥାନୀୟ ଚନ୍ଦ୍ରଶେଖରପୁରସ୍ଥିତ ରେଳସଦନଠାରେ ବୁଧବାର ହିନ୍ଦୀ ଦିବସ ସହ ରାଜଭାଷା ପକ୍ଷ ମଧ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ପୂର୍ବତଟ ରେଳପଥର କାର୍ଯ୍ୟକାରୀ ମହାପ୍ରବନ୍ଧକ ଶରଦ କୁମାର ଶ୍ରୀବାସ୍ତବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଳପଥର ମୁଖ୍ୟ ରାଜଭାଷା ଅଧିକାରୀ ରବି ଶଙ୍କର ମିତ୍ରଙ୍କ ସମେତ ପୂର୍ବତଟ ରେଳପଥର ପ୍ରମୁଖ ଅଧିକାରୀମାନେ ମଧ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଶରଦ ରେଳପଥର ଅଧିକାରୀ ଓ କର୍ମଚାରୀମାନଙ୍କୁ ହିନ୍ଦୀ ଦିବସର ଶପଥ ପାଠ କରାଇବା ସହ ରେଳମନ୍ତ୍ରୀଙ୍କ ବାର୍ତ୍ତାକୁ ମଧ ଦୋହରାଇଥିଲେ। ସେହିଭଳି ରବି ଶଙ୍କର ସଭାକୁ ସମ୍ବୋଧନ କରି ହିନ୍ଦୀ ଦିବସର ଇତିହାସ ସମ୍ପର୍କରେ ବିଶେଷ ଆଲୋକପାତ ସହ ହିନ୍ଦୀର ମହତ୍ତ୍ୱ ବିଷୟରେ ମଧ ବିସ୍ତୃତ ଆଲୋଚନା କରିଥିଲେ। ଏପରିକି ରେଳ କର୍ମଚାରୀମାନେ ଅଧିକରୁ ଅଧିକ ଅଫିସ୍ କାର୍ଯ୍ୟ ରାଜଭାଷା ମାଧ୍ୟମରେ କରିବାକୁ ଶ୍ରୀବାସ୍ତବ ପରାମର୍ଶ ଦେଇଥିଲେ। ସେହିପରି ବିଭିନ୍ନ ପ୍ରତିଯୋଗିତା ଏବଂ ରାଜଭାଷା ସହ ଜଡ଼ିତ ଅନ୍ୟ ପ୍ରତିଯୋଗିତାରେ ଭାଗନେଇ ସଫଳ ହୋଇଥିବା କୃତୀ ପ୍ରତିଯୋଗୀମାନଙ୍କୁ ମହାପ୍ରବନ୍ଧକଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ରେଳପଥର ରାଜଭାଷା ଅଧିକାରୀ ୟାଲିନା ପଣ୍ଡା ପରିଚାଳନା କରିଥିଲେ।

## ୮ ଧନୀ ହରାଇଲେ ୪୧ ବିଲିୟନ ଡଲାର

ନୂଆଦିଲ୍ଲୀ,୧୪।୯

ଆମେରିକା ଶେୟାର ବଜାରରେ ମଙ୍ଗଳବାର ଏକ ବଡ଼ ଧରଣର କ୍ଷତି ସହ କାରବାର ମଧ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ଫଳରେ ବିଶ୍ୱର ଶୀର୍ଷ ୧୦ ବିଲିୟନେୟାରଙ୍କ ମଧ୍ୟରୁ ୮ ଜଣଙ୍କର ପ୍ରାୟ ୪୧ ବିଲିୟନ ଡଲାରରୁ ଅଧିକ ଟଙ୍କାର ସମ୍ପତ୍ତି ହ୍ରାସ ପାଇଛି। ବିଶେଷକରି ଆମାଜନ୍‌ର ପୂର୍ବତନ ସିଇଓ ଜେଫ୍ ବେଜୋସ୍‌ଙ୍କର ସର୍ବାଧିକ ୯.୮୪ ବିଲିୟନ ଡଲାର କ୍ଷତି ହୋଇଥିବା ବେଳେ ଟେସ୍‌ଲା ସିଇଓ ଏଲନ ମସ୍କଙ୍କ ୮.୩୫ ବିଲିୟନ ଡଲାର ଏବଂ ବିଲ୍ ଗେଟସ୍‌ଙ୍କ ୨.୮୪ ବିଲିୟନ ଡଲାରର ସମ୍ପତ୍ତି ହ୍ରାସ ହୋଇଛି। ଅପରପକ୍ଷରେ ମଙ୍ଗଳବାର କାରବାରରେ କେବଳ ଗୌତମ ଆଦାନୀ ଓ ମୁକେଶ ଅମ୍ବାନୀଙ୍କର ସମ୍ପତ୍ତି ବୃଦ୍ଧି ହୋଇଥିବା ଜଣାପଡ଼ିଛି। ଏପରିକି ବ୍ଲୁମ୍‌ବର୍ଗ ବିଲିୟନେୟାର ଇଣ୍ଡେକ୍ସ ଟପ୍-୧୦ ଲିଷ୍ଟରେ ସାମିଲ ଉଦ୍ୟୋଗପତିଙ୍କ ସମ୍ପତ୍ତି ସୂଚୀରେ ୮ଜଣଙ୍କର ହ୍ରାସ ପାଇଥିବା ବେଳେ ୨ଜଣଙ୍କର ବୃଦ୍ଧି ଘଟିଥିବା ଉଲ୍ଲେଖ କରାଯାଇଛି। ଏଥିରେ ଆଦାନୀଙ୍କ ସମ୍ପତ୍ତିରେ ୧.୫୮ ବିଲିୟନ ଡଲାରର ଅଭିବୃଦ୍ଧି ହୋଇଥିବା ବେଳେ ଅମ୍ବାନୀଙ୍କ ସମ୍ପତ୍ତିରେ ୧.୨୩ ବିଲିୟନ ଡଲାରର ବୃଦ୍ଧି ପାଇଛି। ଫଳରେ ଧନିକଙ୍କ ସୂଚୀର ତୃତୀୟ ସ୍ଥାନକୁ ଆଦାନୀ ପହଞ୍ଚିଥିବା ବେଳେ ଅମ୍ବାନୀ ନବମ ସ୍ଥାନକୁ ଉଠିଛନ୍ତି। ଉଲ୍ଲେଖଯୋଗ୍ୟ, ଆମେରିକା ଶେୟାର ବଜାର ଡାଉଜୋନ୍ସ ସୂଚକାଙ୍କ ଅନୁସାରେ ମଙ୍ଗଳବାର ୧୨୭୬ ପଏଣ୍ଟରୁ ଅଧିକ ହ୍ରାସ ହୋଇ ୩୧,୧୦୪ରେ ବନ୍ଦ ହୋଇଥିଲା।

## କାଳିଦାସପୁରଠାରେ ଆମ୍ପେରେର ନୂଆ ଇଭି ଶୋ'ରୁମ୍

ଭୁବନେଶ୍ୱର,୧୪।୯




ଦେଶର ପ୍ରମୁଖ ଇଭି ନିର୍ମାତା ତଥା ଗ୍ରିଭ୍‌ସ ଇଲେକ୍‌ଟ୍ରିକ୍ ମୋବିଲିଟିର ଇଲେକ୍‌ଟ୍ରିକ୍ ଟୁ-ହ୍ୱିଲର ସ୍କୁଟର ବ୍ରାଣ୍ଡ ଆମ୍ପେରେ ପକ୍ଷରୁ ନିକଟରେ ବାଲେଶ୍ୱରର କାଳିଦାସପୁରଠାରେ ନୂଆ ଇଭି ଡିଲରଶିପ୍ ଓ ଶୋ'ରୁମ୍‌ର ଶୁଭାରମ୍ଭ ହୋଇଯାଇଛି। ବିଶେଷକରି ଏହା ଜରିଆରେ (ଡିଲରଶିପ୍) କମ୍ପାନୀ ଓଡ଼ିଶା ବଜାରରେ ବ୍ରାଣ୍ଡର ଉପସ୍ଥିତିକୁ ସୁଦୃଢ଼ କରିବ।

ଏହି ଅବସରରେ ବାଲେଶ୍ୱରର ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ୍ ନିଲୁ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଗ୍ରିଭ୍‌ସ ଇଲେକ୍‌ଟ୍ରିକ୍ ମୋବିଲିଟିର ସିଇଓ ତଥା କାର୍ଯ୍ୟକାରୀ ନିର୍ଦ୍ଦେଶକ ସଞ୍ଜୟ ବେହେଲ କହିଛନ୍ତି, ବାଲେଶ୍ୱରରେ ଆମର ନୂଆ ଡିଲରଶିପ୍‌ର ଶୁଭାରମ୍ଭ କରି ବେଶ୍ ଆନନ୍ଦିତ । ଓଡ଼ିଶା ଗ୍ରିଭ୍‌ସ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର ଏବଂ ଏଠାକାର ଗ୍ରାହକମାନେ ବର୍ତ୍ତମାନ ନୂଆ ଇଭି ମଡେଲ ସହ ଏକାଧିକ ଇଭି ଆକ୍‌ସେସରିଜ୍ ଏବଂ ନୂଆ ମ୍ୟାଗ୍‌ନସ୍ ଇଏକ୍ସ ସମେତ ନିଜ ପସନ୍ଦର ଆମ୍ପେରେ ଇଲେକ୍‌ଟ୍ରିକ୍ ସ୍କୁଟରଗୁଡିକର ଏକ ବିସ୍ତୃତ ରେଞ୍ଜରୁ କ୍ରୟ କରିପାରିବେ।

## ୨୦୨୫ ସୁଦ୍ଧା ୫୦୦୦ ନୂଆ ଷ୍ଟାର୍ଟଅପ୍ ସୃଷ୍ଟି ଲକ୍ଷ୍ୟ

ଭୁବନେଶ୍ୱର,୧୪।୯

ଷ୍ଟାର୍ଟଅପ୍ ଓଡ଼ିଶାର ଏକ ପଦକ୍ଷେପ ଭାବେ ଷ୍ଟାର୍ଟଅପ୍ ଓଡ଼ିଶା ଯାତ୍ରା-୨.୦ର ଶୁଭାରମ୍ଭ କରାଯାଇଥିଲା। ନିକଟରେ ଆରମ୍ଭ ହୋଇଥିବା ଉକ୍ତ ଯାତ୍ରା ମାତ୍ର କିଛିଦିନ ମଧ୍ୟରେ ରାଜ୍ୟର ୧୪ ଜିଲାରେ ପହଞ୍ଚି ଏକ ନୂଆ ମାଇଲଖୁଣ୍ଟ ହାସଲ କରିଛି। ଏହା ସହ ୬୧ ଶିକ୍ଷାନୁଷ୍ଠାନର ୪୫୦୦ରୁ ଅଧିକ ଛାତ୍ରୀଛାତ୍ରଙ୍କ ନିକଟରେ ପହଞ୍ଚିଛି ଏବଂ ଏହାର ମେଣ୍ଟରମାନଙ୍କୁ ୫୦୦ରୁ ଅଧିକ ଆଇଡିଆ ପଠାଯାଇଛି। ଓଡ଼ିଶା ୨୦୨୫ ସୁଦ୍ଧା ୫୦୦୦ ନୂଆ ଷ୍ଟାର୍ଟଅପ୍ ସୃଷ୍ଟି ଲକ୍ଷ୍ୟ ଦିଗରେ ଅଗ୍ରସର ହେଉଥିବା ବେଳେ ଷ୍ଟାର୍ଟଅପ୍ ଓଡ଼ିଶା ଯାତ୍ରା-୨.୦ ଅଭିନବ ବିଚାରଗୁଡ଼ିକୁ ଆଗକୁ ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଷ୍ଟାର୍ଟଅପ୍ ଓଡ଼ିଶା ଅଭିଯାନକୁ ଆନୁଷ୍ଠାନିକ ଓ ତୃଣମୂଳସ୍ତରରେ ଉଦୀୟମାନ ଉଦ୍ୟୋଗୀଙ୍କ ପାଇଁ ଅଧିକ ସୁଗମ କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ୨୬ ଅଗଷ୍ଟରେ ଷ୍ଟାର୍ଟଅପ୍ ଓଡ଼ିଶା ଯାତ୍ରା-୨.୦ର ଶୁଭାରମ୍ଭ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଷ୍ଟାର୍ଟଅପ୍ ଓଡ଼ିଶା ଡା.ଓମ୍‌କାର ରାଏ କହିଛନ୍ତି, ଓଡ଼ିଶାରେ ଷ୍ଟାର୍ଟଅପ୍ ଇକୋସିଷ୍ଟମ ବିଷୟରେ ଯୁବକମାନଙ୍କୁ ତୃଣମୂଳସ୍ତରରେ ଅବଗତ କରାଇବା ଏବଂ ଚିନ୍ତାଧାରାର ସଂସ୍କୃତି ଜାଗ୍ରତ କରିବା ଓ ସ୍ୱୀକୃତି ଏବଂ ସମର୍ଥନ ପାଇଁ ଉଦ୍ଭାବକମାନଙ୍କୁ ଚିହ୍ନଟ କରିବା ପାଇଁ ଆମେ ତାଙ୍କ ନେତୃତ୍ୱ ଅଧୀନରେ ଷ୍ଟାର୍ଟଅପ୍ ଓଡ଼ିଶା ଯାତ୍ରା-୨.୦ର ଆରମ୍ଭ କରିଥିଲୁ।

**ଫୁର୍‌ସତ୍**



ଅଜୟ ଦେବଗନ୍

## ଅଡୁଆରେ ଅଜୟଙ୍କ 'ଥ୍ୟାଙ୍କ୍ ଗଡ୍'

**ମୁମ୍ବାଇ:** ମୁକ୍ତିଲାଭ କରିବାକୁ ଥିବା ହିନ୍ଦୀ ଫିଲ୍ମ 'ଥ୍ୟାଙ୍କ୍ ଗଡ୍'କୁ ନେଇ ବଲିଉଡ୍ ଅଭିନେତା ଅଜୟ ଦେବଗନ୍, ସିଦ୍ଧାର୍ଥ ମାଲହୋତ୍ରା ଏବଂ ନିର୍ଦ୍ଦେଶକ ଇନ୍ଦ୍ର କୁମାର ଏବେ ଅଡୁଆରେ ଛନ୍ଦି ହୋଇଯାଇଛନ୍ତି। ଫିଲ୍ମଟି ହିନ୍ଦୁ ଧର୍ମୀୟ ଭାବନାକୁ ପ୍ରଭାବିତ କରୁଥିବା ନେଇ ଉତ୍ତର ପ୍ରଦେଶର ଜାଉନପୁର କୋର୍ଟରେ ଆଇନ୍‌ଜୀବୀ ହିମାଂଶୁ ଶ୍ରୀବାସ୍ତବ ଦୁଇ ନାୟକ ଓ ଫିଲ୍ମ ନିର୍ଦ୍ଦେଶକଙ୍କ ନାଁରେ ଅଭିଯୋଗ କରିଛନ୍ତି। ନିକଟରେ ଫିଲ୍ମର ଟ୍ରେଲର ରିଲିଜ୍ ହୋଇଥିବାବେଳେ ଏହା ହିନ୍ଦୁ ଧର୍ମୀୟ ଭାବନାକୁ ଆଘାତ ଦେଉଥିବା ହିମାଂଶୁ ନିଜ ପିଟିଶନ୍‌ରେ ଉଲ୍ଲେଖ କରିଛନ୍ତି। ଅଜୟ ଦେବଗନ ଚିତ୍ରଗୁପ୍ତଙ୍କ ଛବି ଥିବା ଏକ ପୋଷାକ ପିନ୍ଧି ଜୋକ୍ କରୁଥିବାବେଳେ ଅଶାଳୀନ ଭାଷା ବ୍ୟବହାର କରୁଥିବାର ମଧ ଦେଖିବାକୁ ମିଳିଛି। ସ୍ୱର୍ଗରେ ରହି ଚିତ୍ରଗୁପ୍ତ ମନୁଷ୍ୟର ଭଲ ଓ ମନ୍ଦ କାମର ହିସାବ ରଖୁଥିବାବେଳେ ତାଙ୍କ ଚିତ୍ର ଥିବା ପୋଷାକ ଫିଲ୍ମରେ ବ୍ୟବହାର ହେବା ଅନୁଚିତ୍ ବୋଲି ହିମାଂଶୁ ପିଟିଶନ୍ ଜରିଆରେ କହିଛନ୍ତି। ଅଭିଯୋଗ ନେଇ ନଭେମ୍ବର ୧୮ରେ ଶୁଣାଣି ହେବାକୁ ଥିବାବେଳେ ଫିଲ୍ମଟି ଅକ୍ଟୋବର ୨୪ରେ ମୁକ୍ତିଲାଭ କରିବାକୁ ଅଛି।

## ୩ ଦଶନ୍ଧି ପୂର୍ବରୁ ତିଆରି ହୋଇଥିଲା ମହାରାଣୀଙ୍କ କଫିନ୍

ଲଣ୍ଡନ





ଶେଷ ନିଃଶ୍ୱାସ ତ୍ୟାଗ କରିବା ପୂର୍ବରୁ ବ୍ରିଟେନ୍ ମହାରାଣୀ ଏଲିଜାବେଥ ଦ୍ୱିତୀୟଙ୍କ ପାଇଁ ମୃତ୍ୟୁର କଫିନ୍ ତିଆରି ହୋଇ ରହିଥିଲା। ରାଜପରିବାରର ପରମ୍ପରା ଅନୁସାରେ ପାଖାପାଖି ୩୨ ବର୍ଷ ପୂର୍ବରୁ ଓକ୍ ଗଛର ଶକ୍ତ କାଠରୁ ମହାରାଣୀଙ୍କ ପାଇଁ ଏହି ସ୍ୱତନ୍ତ୍ର କଫିନ୍ ନିର୍ମିତ ହୋଇଛି। ମହାରାଣୀଙ୍କ ମୃତ୍ୟୁ ପରେ ଏହାକୁ ସ୍କଟ୍‌ଲାଣ୍ଡରୁ ଅଣାଯାଇଥିଲା। ବାହାର ବାୟୁ ଯେମିତି କଫିନ ମଧ୍ୟକୁ ପ୍ରବେଶ ନ କରିବ ସେଥିପାଇଁ ଏହାକୁ ଏୟାର୍ ଟାଇଟ୍ କରାଯାଇଛି। ଏହି ସ୍ୱତନ୍ତ୍ର ପ୍ରକାର କଫିନ୍‌ରେ ରାଜମୁକୁଟ, ଓର୍ବ (ଗୋଲାକାର ପଦାର୍ଥ) ଏବଂ ସେପ୍ଟର (ରାଜପରିବାରର ଲୋକେ ବ୍ୟବହାର କରୁଥିବା ବାଡ଼ି) ଖଞ୍ଜା ଯାଇଥାଏ।

ଏଲିଜାବେଥଙ୍କ ସ୍ୱାମୀ ରାଜକୁମାର ଫିଲିପ୍‌ଙ୍କ ପାଇଁ ମଧ ସମାନ ପଦ୍ଧତିରେ କଫିନ୍ ତିଆରି କରାଯାଇଥିଲା। ଏଲିଜାବେଥଙ୍କ କଫିନ୍‌କୁ ସେହି କ୍ରିପ୍ଟ (ଶିଳାରେ ତିଆରି ଏକ ପ୍ରକୋଷ୍ଠ, ଯାହା ଚର୍ଚ୍ଚ କିମ୍ବା ବିଲ୍ଡିଂ ତଳେ ତିଆରି ହୋଇଥାଏ) ରେ ପୋତାଯିବ ଯେଉଁଠାରେ ଫିଲିପ୍‌ଙ୍କୁ ସମାଧି ଦିଆଯାଇଛି। ଫିଲିପ୍‌ଙ୍କ ସମାଧି କଡ଼ରେ ଏଲିଜାବେଥଙ୍କୁ ସମାଧି ଦିଆଯିବ । କଫିନ୍‌ଟି ଭାରି ହୋଇଥିବା କାରଣରୁ ୮ ଜଣ ଲୋକ ତାକୁ କାନ୍ଧେଇ କ୍ରିପ୍ଟ ନେବେ। କଫିନ୍ କେଉଁମାନେ ତିଆରି କରନ୍ତି ତାହା କାହାରିକୁ ଜଣା ନଥିବା ରାଜ ପରିବାରର ଅନ୍ତ୍ୟେଷ୍ଟିକ୍ରିୟା ନିର୍ଦ୍ଦେଶକ ଲେଭେରଟୋନ ଆଣ୍ଡ ସନ୍ସ କହିଛନ୍ତି । ୧୯୯୧ରୁ ସେ ରାଜପରିବାରରେ କାମ କରିଆସୁଛନ୍ତି। ୧୯ ତାରିଖରେ ଏଲିଜାବେଥଙ୍କ ଶେଷକୃତ୍ୟ ସମ୍ପନ୍ନ ହେବାକୁ ଥିବାବେଳେ ୱିଣ୍ଡସରରେ ଥିବା କିଙ୍ଗ୍ ଜର୍ଜ ଷଷ୍ଠଙ୍କ ମେମୋରିଆଲ ଚାପେଲରେ ଫିଲିପଙ୍କ ପାଖରେ ମହାରାଣୀଙ୍କୁ ସମାଧି ଦିଆଯିବ।

## ଗୁଆ ବିକ୍ରି ଟଙ୍କାରେ କିଣାହେଲା ବସ୍

**ବେଙ୍ଗାଲୁରୁ:** କର୍ନାଟକର ଦକଶିନ କନ୍ନଡ଼ ଜିଲାରେ ଥିବା ଏକ ସରକାରୀ ସ୍କୁଲ କର୍ତ୍ତୃପକ୍ଷ ଗୁଆ ବିକ୍ରି କରି ଏକ ବସ୍ କିଣିଛନ୍ତି। ୪.୧୫ ଏକର ପରିମିତ ଜାଗାରେ ଏହି ୧୧୨ ବର୍ଷ ପୁରୁଣା ସ୍କୁଲ ରହିଛି। ୨୦୧୭ରେ ସ୍କୁଲ ଉନ୍ନୟନ ଏବଂ ପରିଚାଳନା କମିଟି ଓ ବିଦ୍ୟାଳୟ ଶିକ୍ଷକମାନେ ମିଶି ୬୨୮ ଟି ଗୁଆଗଛ ଲଗାଇଥିଲେ। ଗତବର୍ଷ ଗଛରେ ଫଳ ଆସିବା ଆରମ୍ଭ ହୋଇଥିବାବେଳେ ସ୍କୁଲ କର୍ତ୍ତୃପକ୍ଷ ଏହାକୁ ବିକ୍ରି କରି ଆୟ ଅର୍ଥକୁ ବିଦ୍ୟାଳୟ ଉନ୍ନୟନ କାମରେ ଲଗାଇବା ନେଇ ନିଷ୍ପତ୍ତି ନେଇଥିଲେ। ଗୁଆ ବିକ୍ରି କରି ଗତବର୍ଷ ସାଢ଼େ ୨ ଲକ୍ଷ ଟଙ୍କା ରୋଜଗାର ହୋଇଛି, ଯେଉଁଥିରେ ସ୍କୁଲ ୨୬ ସିଟ୍ ବିଶିଷ୍ଟ ଏକ ବସ୍ କିଣିଥିବା ପ୍ରଧାନ ଶିକ୍ଷକ ସରୋଜ କହିଛନ୍ତି। ବସ୍‌ର ମୂଲ୍ୟ ୫ ଲକ୍ଷ ଟଙ୍କା। ଗୁଆ ବିକ୍ରି ଟଙ୍କାରୁ ଯାହା ଆୟ ହେବ ସେଥିରେ ବସ୍‌ର ମେଣ୍ଟେନାନ୍ସ କାମ କରାଯିବ। ସ୍କୁଲରେ ମୋଟ ୧୧୮ ଜଣ ଛାତ୍ରୀଛାତ୍ର ପାଠ ପଢୁଥିବାବେଳେ ସେମାନଙ୍କ ଘର ସ୍କୁଲଠାରୁ ବହୁତ ଦୂର।




ଯାତାୟାତରେ ସେମାନଙ୍କୁ ବହୁ ଅସୁବିଧା ହେଉଥିବା କାରଣରୁ ଏହାକୁ ଲାଘବ କରିବା ପାଇଁ ସ୍କୁଲ କର୍ତ୍ତୃପକ୍ଷ ଏ ପ୍ରକାର ନିଷ୍ପତ୍ତି ନେଇଛନ୍ତି। ଏରିକା ଗଛର ଏହି ବିଶେଷ ପ୍ରକାର ଗୁଆରୁ ବିଭିନ୍ନ ପ୍ରକାର ଔଷଧ ତିଆରି ହେଉଥିବା ହେତୁ ଏହାର ଚାହିଦା ଖୁବ୍ ଅଧିକ ରହିଛି। ଏହି କାରଣରୁ ଗୁଆସବୁ ଭଲ ଦରରେ ବିକ୍ରି ହେଉଥିବାବେଳେ ଏଥିରୁ ଭଲ ଆୟ ହେଉଥିବା କୁହାଯାଉଛି।

## ପୃଥିବୀ ବିକାଶ ପାଇଁ ଗଣତନ୍ତ୍ର ଅପରିହାର୍ଯ୍ୟ

**ଅନ୍ତର୍ଜାତୀୟ ଗଣତନ୍ତ୍ର ଦିବସ**

**ପୃ**ଥିବୀର ବିକାଶ ପାଇଁ ଗଣତନ୍ତ୍ର ଅପରିହାର୍ଯ୍ୟ। ଗଣତନ୍ତ୍ରର ଭୂମିକାକୁ ଉପଲବ୍ଧି କରି ୨୦୦୭ରେ ମିଳିତ ଜାତିସଂଘର ସାଧାରଣ ସଭା ଗଣତନ୍ତ୍ରର ନୀତିକୁ ପ୍ରୋତ୍ସାହନ ତଥା ସମର୍ଥନ କରିବା ଉଦ୍ଦେଶ୍ୟରେ ୧୫ ସେପ୍ଟେମ୍ବରକୁ ଅନ୍ତର୍ଜାତୀୟ ଗଣତନ୍ତ୍ର ଦିବସ ଭାବରେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲା ଏବଂ ସମସ୍ତ ସଦସ୍ୟ ରାଷ୍ଟ୍ର ତଥା ସଙ୍ଗଠନକୁ ଏହି ଦିନକୁ ଉପଯୁକ୍ତ ଢଙ୍ଗରେ ସ୍ମରଣ କରିବାକୁ ଆମନ୍ତ୍ରଣ କରିଥିଲା। ଗଣତନ୍ତ୍ର ହେଉଛି ଏକ ବିଶ୍ୱସ୍ତରୀୟ ମୂଲ୍ୟବୋଧ ଆଧାରିତ ପ୍ରଣାଳୀ। ଗଣତାନ୍ତ୍ରିକ ରାଷ୍ଟ୍ର ନିଜର ରାଜନୈତିକ, ଅର୍ଥନୈତିକ, ସାମାଜିକ ଏବଂ ସାଂସ୍କୃତିକ ପ୍ରଣାଳୀ ଏବଂ ଜୀବନର ସମସ୍ତ ଦିଗରେ ସେମାନଙ୍କର ସମ୍ପୂର୍ଣ୍ଣ ଅଂଶଗ୍ରହଣ କରିବାକୁ ଲୋକମାନଙ୍କର ମୁକ୍ତ ଭାବରେ କାର୍ଯ୍ୟ କରିଥା'ନ୍ତି।

## ଆଧୁନିକ ଭାରତର ବିନ୍ଧାଣି ବିଶ୍ୱେଶ୍ୱରାୟା

**ଇଞ୍ଜିନିୟର୍ସ ଡେ'**



**ସେ**ପ୍ଟେମ୍ବର ୧୫ରେ ଭାରତ ରତ୍ନ ମୋକ୍ଷଗୁଣ୍ଡମ ବିଶ୍ୱେଶ୍ୱରାୟାଙ୍କ ଜନ୍ମଦିନକୁ ଭାରତରେ ଇଞ୍ଜିନିୟର୍ସ ଦିବସ (ଇଞ୍ଜିନିୟର୍ସ ଡେ') ଭାବରେ ପାଳନ କରାଯାଏ। ଇଞ୍ଜିନିୟରିଂ ଏବଂ ଶିକ୍ଷା କ୍ଷେତ୍ରରେ ସାର୍ ଏମ୍. ବିଶ୍ୱେସରାୟାଙ୍କର ଉଲ୍ଲେଖନୀୟ ଅବଦାନ ରହିଛି। ସେ ସର୍ବଶ୍ରେଷ୍ଠ ରାଷ୍ଟ୍ର ନିର୍ମାଣକାରୀଙ୍କ ମଧ୍ୟରେ ବିବେଚିତ ହୋଇଥିଲେ, ଯେଉଁମାନେ ଆଧୁନିକ ଭାରତର ବନ୍ଧ, ଜଳଭଣ୍ଡାର ଏବଂ ଜଳ ବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଆଧୁନିକ ଭାରତର ବିନ୍ଧାଣି ଭାବେ ବିଶ୍ୱେଶ୍ୱରାୟାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କର୍ନାଟକର କୃଷ୍ଣରାଜ ସାଗର ବନ୍ଧ ଏବଂ ହାଇଦ୍ରାବାଦର ବନ୍ୟା ସୁରକ୍ଷା ବ୍ୟବସ୍ଥା ସମେତ ମୁଖ୍ୟ ଇଞ୍ଜିନିୟର ଭାବରେ ସାର୍ ଏମ୍. ବିଶ୍ୱେଶ୍ୱରାୟା ଦେଶର ବହୁ ମୁଖ୍ୟ ସ୍ଥାପତ୍ୟର ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ। ୧୯୬୮ ମସିହାରେ ଭାରତ ସରକାର ସାର୍ ଏମ୍. ବିଶ୍ୱେଶ୍ୱରାୟାଙ୍କ ଜନ୍ମ ବାର୍ଷିକକୁ ଇଞ୍ଜିନିୟର୍ସ ଦିବସ ଭାବରେ ଘୋଷଣା କରିଥିଲେ। ସେବେଠାରୁ, ଏହି ଦିନଟି ସମସ୍ତ ଇଞ୍ଜିନିୟରଙ୍କୁ ସମ୍ମାନ ଏବଂ ସମ୍ମାନିତ କରିବା ପାଇଁ ପାଳନ କରାଯାଏ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୫ ସେପ୍ଟେମ୍ବର, ୨୦୨୨



## ସଂକ୍ଷେପରେ

### ଜଗଦ୍‌ଗୁରୁ ରାମାନନ୍ଦାଚାର୍ଯ୍ୟଙ୍କ ପଟ୍ଟ ଅଭିଷେକ ଉତ୍ସବ



ବିରିଡି,୧୪।୯ (ଡି.ଏନ.ଏ.) : ଆଜିର ମଣିଷ ସମାଜରେ ସମସ୍ତେ ଚାହାନ୍ତି ଶାନ୍ତି, ଶୁଖ ଓ ସମୃଦ୍ଧି। କିନ୍ତୁ ତାହା କୌଣସି ଈଶ୍ୱର ବା ଗୁରୁ ଦିଅନ୍ତି ନାହିଁ। ମଣିଷ ନିଜେ ଯଦି ନ ଚାହିଁବ ତା'ର ନିଜ ମନ ଭିତରର ଈଶ୍ୱର ଚେତନାକୁ ଜାଗ୍ରତ ଓ ନିଜ ଭିତରେ ଶାନ୍ତି ଉଜ୍ଜିବିତ କରି ନ ପାରିବ ତାହା କେହିବି ପ୍ରଦାନ କରି ପାରିବେ ନାହିଁ। ଗୁରୁ କେବଳ ବାଟ ଦେଖାଇ ଦେବେ। ଶିଷ୍ୟ ଯଦି ସେ ବାଟରେ ନ ଯାଏ ତେବେ ପଥଭ୍ରଷ୍ଟ ହେବା ନିଶ୍ଚିତ ବୋଲି ବୁଧବାର ବିରିଡି ବ୍ଲକ ନୂଆପାରିସ୍ଥିତ ମଦନ ମୋହନ ମଠ ପରିସରରେ ଥିବା ଜଗତଗୁରୁ ରାମାନନ୍ଦାଚାର୍ଯ୍ୟ ସ୍ୱାମୀ ଅରୁପାନନ୍ଦଜୀ ମହାରାଜଙ୍କ ୭ମ ବାର୍ଷିକ ପଟ୍ଟ ଅଭିଷେକ ଉତ୍ସବରେ ସେ ପ୍ରକାଶ କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାରମ୍ଭରେ ମଦନ ମୋହନ ପୂଜାର୍ଚ୍ଚନା, ଗୋମାତା ପୂଜା, ସୂର୍ଯ୍ୟ ପୂଜା ସହ ଜଗତଗୁରୁ ଅରୁପାନନ୍ଦଜୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଧାନକୁଦ ପୀଠର ପୀଠାଧିଶ ବାବା ଅରକ୍ଷିତ ଦାସମହାରାଜ ଯୋଗଦେଇ ଏ କ୍ଷେତ୍ର ଓ ଜଗତଗୁରୁଙ୍କ ମହିମା ବିଷୟରେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ଭୟାନନ୍ଦ ମହାରାଜ, ପୂଜକ ସୁବୋଧ ଷଡଙ୍ଗୀ, ନାଗା ହରିହର ଦାସ, ମୁକ୍ତାନନ୍ଦ ମହାରା, ଆନନ୍ଦ ବାବା, ଲଳିତ ବାବା, ଗୋପୀନାଥ ଦାସ, ଅଙ୍କୁର ବାବାଙ୍କ ସହ ଶତାଧିକ ଭକ୍ତ, ଜନସାଧାରଣ ଯୋଗଦେଇଥିଲେ।

### ସୁପୋଷଣ ଦିବସରେ ଚିତ୍ରାଙ୍କନ ପ୍ରତିଯୋଗିତା



କୁଜଙ୍ଗ ୧୪।୯ (ଡି.ଏନ.ଏ.) : ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସେପ୍ଟେମ୍ବର ୧ରୁ ୨୩ ତାରିଖ ପର୍ଯ୍ୟନ୍ତ ମହିଳା, କିଶୋରୀ ଓ ଶିଶୁମାନଙ୍କ ଉଦ୍ଦେଶ୍ୟରେ ସୁପୋଷଣ ଦିବସ ପାଳିତ ହେଉଛି। ଏଥିରେ ଉତମ ସ୍ୱାସ୍ଥ୍ୟ, ମାନସିକ ଓ ବୌଦ୍ଧିକ ଅଭିବୃଦ୍ଧି ସମ୍ପର୍କରେ ସଚେତନତା କରାଯାଏ। ସେହିକ୍ରମରେ ବୁଧବାର କୁଜଙ୍ଗ ବ୍ଲକ ଅନ୍ତର୍ଗତ ଫତେପୁର ପଞ୍ଚାୟତର ଜଳଧରପୁର ଅଙ୍ଗନୱାଡି କେନ୍ଦ୍ରରେ ସୁପୋଷଣ ଦିବସ ପାଳିତ ହୋଇଯାଇଛି। ଏଥିରେ ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। କିଶୋରୀମାନଙ୍କର ମାନସିକ ଓ ବୌଦ୍ଧିକ ଅଭିବୃଦ୍ଧି ପାଇଁ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଳଧରପୁରସ୍ଥିତ ସରକାରୀ ଉନ୍ନୀତ ଶ୍ରୀମା ରାମଚଣ୍ଡୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ ପ୍ରସାଦ ବେହେରା, ବିଚାରକ ଭାବେ ଶିକ୍ଷକ ବିଜୟ ପ୍ରଧାନ ଓ ଶଶିକାନ୍ତ ଖଟୁଆ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି କୃତୀ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଅଙ୍ଗନୱାଡି କର୍ମୀ ନିତମ୍ବିନୀ ସାମନ୍ତରାୟ ପରିଚାଳନା କରିଥିଲେ।

# ଅଭିଯୋଗ ପରେ ବଦଳିବେ ସିଆର୍‌ସିସି

## ୬ ସିଆର୍‌ସିସିଙ୍କ ପଦୋନ୍ନତି ଯୋଗୁ ବଦଳି

ଜଗତ୍‌ସିଂହପୁର ଅଫିସ, ୧୪।୯

ଶିକ୍ଷାର ଗୁଣାତ୍ମକମାନ ଅଭିବୃଦ୍ଧି ପାଇଁ କ୍ଲଷ୍ଟର ରିସୋର୍ସ ସେଣ୍ଟର (ସିଆରସି) ଗଢ଼ାଯାଇଛି। ସରକାରୀ ନିୟମ ଅନୁଯାୟୀ, କ୍ଲଷ୍ଟର ରିସୋର୍ସ ସେଣ୍ଟର କୋଅର୍ଡିନେଟର (ସିଆର୍‌ସିସି)ମାନେ ଶିକ୍ଷକମାନଙ୍କ ତାଲିମ, ଶିକ୍ଷା ସମ୍ବନ୍ଧରେ ଶିକ୍ଷକ ଓ ଶିକ୍ଷାନୁଷ୍ଠାନକୁ ସହଯୋଗ କରିବା କଥା। ଏପରି କି ଲୋକଙ୍କ ସହ ସମନ୍ୱୟ ରକ୍ଷା କରି ଶିକ୍ଷଣୀୟ ପରିବେଶ ସୃଷ୍ଟି କରିବା ମୂଳ ଲକ୍ଷ୍ୟ। କିନ୍ତୁ ଜଣେ ସିଆର୍‌ସିସି ଭାବେ ଗୋଟିଏ ସିଆର୍‌ସିରେ ୫ ବର୍ଷ ରହିପାରିବେ। ଜଗତ୍‌ସିଂହପୁର ଜିଲାର ଏକାଧିକ ଶିକ୍ଷକ ସିଆର୍‌ସିସି ପଦବୀରେ ୫ ବର୍ଷରୁ ଅଧିକ ସମୟ ଧରି ଗାଦି ମାଡ଼ି ବସିଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣଙ୍କ ନାମରେ ନାନା ଅଭିଯୋଗ ହେବାରୁ ଜିଲା ଶିକ୍ଷା ବିଭାଗ ସମ୍ପୃକ୍ତ ସିଆର୍‌ସିସିମାନଙ୍କୁ ବଦଳି ପାଇଁ ନିଷ୍ପତ୍ତି ନେଇଛି। ଏଥିସହ କେତେଜଣଙ୍କ ପଦୋନ୍ନତି ହୋଇଯିବାରୁ ସେମାନଙ୍କ ବଦଳି ପାଇଁ ଚୂଡ଼ାନ୍ତ ନିଷ୍ପତ୍ତି ହୋଇଥିବା ଜଣାଯାଇଛି।

ଜିଲାରେ ମୋଟ ୧୧୫ ସିଆର୍‌ସିସି ପଦବୀ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ତିର୍ତ୍ତୋଲ ଓ ଜଗତ୍‌ସିଂହପୁର ବ୍ଲକର ୨ଟି ପଦବୀ ଖାଲି ପଡିଛି। ଜିଲାର ନାଉଗାଁ ଓ ବାଲିକୁଦା ବ୍ଲକକୁ ବାଦ୍ ଦେଲେ ଅନ୍ୟ ବ୍ଲକରେ କାର୍ଯ୍ୟରତ ସିଆର୍‌ସିସିମାନଙ୍କ କାର୍ଯ୍ୟକାଳ ସେମାନଙ୍କ କ୍ଲଷ୍ଟରରେ ୫ ବର୍ଷ ପୂରିନି। ନାଉଗାଁ ବ୍ଲକ ଅନ୍ତର୍ଗତ ୫ କ୍ଲଷ୍ଟର ଯଥା ଗଙ୍ଗଦାହାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ସିଆର୍‌ସିସି ଫକୀର ଚରଣ ସ୍ୱାଇଁ, ଜାମୁଗାଁସ୍ଥିତ ପଞ୍ଚାୟତ ବାଣୀପୀଠ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସିଆର୍‌ସିସି ରୁଦ୍ର ପ୍ରସାଦ ସ୍ୱାଇଁ ଓ କୋରୁଅ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସିଆର୍‌ସିସି କାଳନ୍ଦୀ ଚରଣ ବିଶ୍ୱାଳ ୫ବର୍ଷରୁ ଅଧିକ ସମୟ ନିର୍ଦ୍ଦିଷ୍ଟ ସ୍ଥାନରେ ରହିଥିଲେ। ସେମାନଙ୍କ ବଦଳି ହୋଇପାରି ନ ଥିଲା। ଏମାନଙ୍କ ବଦଳି ପାଇଁ ପ୍ରକ୍ରିୟା ଚାଲିଛି। ଏହି ବ୍ଲକ ଅନ୍ତର୍ଗତ ଅଙ୍ଗେଶ୍ୱରପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ କ୍ଲଷ୍ଟରରେ କାର୍ଯ୍ୟରତ ସିଆର୍‌ସିସି ଶରତ ଚନ୍ଦ୍ର ରାଉତ ଓ କଟୁଣିଆହାଟ ସରକାରୀ ଉଚ୍ଚ ବିଦ୍ୟାଳୟ ସିଆର୍‌ସିସି ପ୍ରଦୀପ କୁମାର ସ୍ୱାଇଁଙ୍କ ଲେଭଲ-୪ ପ୍ରଧାନ ଶିକ୍ଷକ ପଦବୀକୁ ପଦୋନ୍ନତି ହୋଇଛି। ସେହିପରି ବାଲିକୁଦା ବ୍ଲକର ୬ଟି କ୍ଲଷ୍ଟର ଯଥା ମଲ୍ଲିକାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସିଆର୍‌ସିସି ମାନସ ରଞ୍ଜନ ବାରିକ ଓ ମୁଲୁଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସିଆର୍‌ସିସି ଅଭିଳାସ ତରାଇ ଗୋଟିଏ ସ୍ଥାନରେ ୫ ବର୍ଷରୁ ଅଧିକ ସମୟ ରହିଛନ୍ତି। ଆମ୍ବାଶାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସିଆର୍‌ସିସି ସ୍ମୃତିରଞ୍ଜନ ନାୟକ, ମାଳପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସିଆର୍‌ସିସି ଅଭୟ କୁମାର ସାହାଣୀ, ନାରଦିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସିଆର୍‌ସିସି ବସନ୍ତ କୁମାର ମଲ୍ଲିକ ଓ ପି.ଏସ୍. ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସିଆର୍‌ସିସି ପ୍ରଫୁଲ୍ଲ କୁମାର ବେହେରା ଲେଭଲ-୪ ପ୍ରଧାନ ଶିକ୍ଷକ ପଦବୀକୁ ପଦୋନ୍ନତି ପାଇଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରାଙ୍କୁ ପଚାରିବାରେ ସିଆର୍‌ସିସିଙ୍କ ବଦଳି ପ୍ରକ୍ରିୟା ଚାଲିଛି। ଖୁବ୍‌ଶୀଘ୍ର ଏହା କାର୍ଯ୍ୟକାରୀ ହେବ ବୋଲି ସେ କହିଛନ୍ତି।

# ଅଭିଯୋଗ ବିରୋଧରେ ଏସ୍‌ଡିଓଙ୍କୁ ଫେରାଦ ହେଲେ ଏସ୍‌ଇଏମ୍



ଏସ୍‌ଡିଓଙ୍କୁ ସ୍ୱାବଲମ୍ବୀ କାରିଗରମାନେ ଫେରାଦ ହେଉଛନ୍ତି।

ରଘୁନାଥପୁର,୧୪।୯ (ଡି.ଏନ୍.ଏ.)

ଜଣେ ଯନ୍ତ୍ରୀଙ୍କ ନାମରେ ଜଗତ୍‌ସିଂହପୁର ଜିଲାପାଳଙ୍କୁ କରାଯାଇଥିବା ଅଭିଯୋଗ ବିରୋଧରେ ବୁଧବାର ରଘୁନାଥପୁର ବ୍ଲକ ପାନୀୟଜଳ ପ୍ରକଳ୍ପ ବିଭାଗ ଏସ୍‌ଡିଓଙ୍କୁ କେତେଜଣ ଏସ୍‌ଇଏମ୍(ସ୍ୱାବଲମ୍ବୀ କାରିଗର) ଫେରାଦ ହୋଇଛନ୍ତି। ଗୋଟିଏ କାର୍ଯ୍ୟ ପାଇଁ ସାଦା କାଗଜରେ ହୋଇଥିବା ଦସ୍ତଖତକୁ ଚଞ୍ଚକତା କରାଯାଇ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇଥିବା ସମ୍ପର୍କରେ ଏସ୍‌ଇଏମ୍‌ମାନେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଜୁଲାଇ ୨୮ରେ ଧରାଧାରପୁରଠାରେ ରଘୁନାଥପୁର ବ୍ଲକ ଅଞ୍ଚଳରେ କାର୍ଯ୍ୟ କରୁଥିବା ଏସ୍‌ଇଏମ୍‌ମାନଙ୍କର ଏକ ଟ୍ରେନିଂ ହୋଇଥିଲା। ସେଠାରେ ସଂଘ ଗଠନ ନାମରେ ୩ରୁ୪ ଜଣ ଏସ୍‌ଇଏମ୍ ସାଦା କାଗଜରେ ସମସ୍ତଙ୍କ ଦସ୍ତଖତ କରାଇ ପରବର୍ତ୍ତୀ ସମୟରେ ଏହାକୁ ଅପବ୍ୟବହାର କରିଛନ୍ତି। ନିଜ କାର୍ଯ୍ୟରେ ଅବହେଳା କରି ରକ୍ଷା ପାଇବା ପାଇଁ ଯନ୍ତ୍ରୀଙ୍କ ମୁଣ୍ଡରେ ଅଠା ବୋଳୁଛନ୍ତି। ଗତ ସୋମବାର ଜନଶୁଣାଣିରେ ଜିଲାପାଳ ପାରୁଲ ପଟୱାରୀଙ୍କ ନିକଟରେ ହୋଇଥିବା ଅଭିଯୋଗ ଭିତ୍ତିହୀନ ଏବଂ ଏଥିପାଇଁ ଆମେ ଦସ୍ତଖତ ଦେଇନାହୁଁ କିମ୍ବା ଆମ୍ଭେମାନେ ଦାୟୀ ନୁହଁ ବୋଲି ଏସ୍‌ଇଏମ୍ ଉମାକାନ୍ତ ନାୟକ, ଦିଲୀପ ମହାରଣା, ରତ୍ନାକର ଖୁଣ୍ଟିଆ, ଦୁଃଶାସନ ସାହୁ, ବାବାଜୀ ଚରଣ ଦାସ, ରଶ୍ମିରଞ୍ଜନ ବିଶ୍ୱାଳ, ଗଜେନ୍ଦ୍ର ମହାପାତ୍ର, ଗୌରାଙ୍ଗ ସ୍ୱାଇଁ, ଜଗବନ୍ଧୁ ଗୋଛାୟତ ଓ ସଚ୍ଚିଦ୍ରନାଥ ଭୋଇ ଏସ୍‌ଡିଓ ରବୀନ୍ଦ୍ର କୁମାର ସେଠୀଙ୍କୁ ଭେଟି ପ୍ରକାଶ କରିଛନ୍ତି। ଏହାଛଡା ଆମ ଦସ୍ତଖତର ଅପବ୍ୟବହାର କରି ଆମମାନଙ୍କ ମଧ୍ୟରେ ବିଭ୍ରାଟ ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉପସ୍ଥିତ ଏସ୍‌ଇଏମ୍‌ମାନେ ଏସ୍‌ଡିଓ ସେଠୀଙ୍କୁ ଆପତ୍ତି କରିଛନ୍ତି।

# ଇଫ୍‌କୋର ନାନୋ ପ୍ଲାଣ୍ଟ ପାଇଁ ପରିବେଶୀୟ ଜନଶୁଣାଣି



ଜନଶୁଣାଣିରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ।

ପାରାଦୀପ,୧୪।୯(ସ୍ୱ.ପ୍ର.)

ପାରାଦୀପର ମଧୁବନ ପୌର କଲ୍ୟାଣମଣ୍ଡପଠାରେ ବୁଧବାର ଇଫ୍‌କୋର ନୂତନ ନାନୋ ପ୍ଲାଣ୍ଟ ପାଇଁ ପରିବେଶୀୟ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୦ ଜଣ ବ୍ୟକ୍ତି ମତ ରଖିଥିଲେ। ସେଥିରୁ ହାତଗଣତି ୨ରୁ ୩ ଜଣ କମ୍ପାନୀର ଏହି ପ୍ରସ୍ତାବିତ କାରଖାନାକୁ ବିରୋଧ କରିଥିବା ବେଳେ ଅନ୍ୟ ସମସ୍ତେ ସ୍ୱାଗତ କରିଥିଲେ। ଜନଶୁଣାଣିକୁ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀର ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା ପରିଚାଳନା କରିଥିଲେ। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶୁଣାଣି ହୋଇଥିଲା। ପ୍ରାୟ ସମସ୍ତେ କମ୍ପାନୀର ବର୍ଦ୍ଧିତ ପ୍ଲାଣ୍ଟକୁ ସମର୍ଥନ ଦେଇଥିଲେ ହେଁ ନିଯୁକ୍ତି ଓ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଅନୁରୋଧ କରିଥିଲେ।

### ଇଫ୍‌କୋର ନାନୋ ୟୁରିଆ ବିଶ୍ୱରେ ପ୍ରଥମ

ଫସଲର ଉପଯୁକ୍ତ ଗଠନ ଏବଂ ବୃଦ୍ଧି ପାଇଁ ନାନୋ ୟୁରିଆ ତରଳ ପଦାର୍ଥ ଭାବେ ବଜାରକୁ ଆସିବ। ଏହାକୁ ବ୍ୟବହାର କରିବା ଦ୍ୱାରା ୟୁରିଆ ସାର ୫୦ ପ୍ରତିଶତ କମ୍ ବ୍ୟବହାର ହୋଇଥାଏ। ଏହି ନାନୋ ୟୁରିଆ ୫୦୦ ମିଲିଗ୍ରାମ ୪୫ କିଲୋଗ୍ରାମ ବ୍ୟାଗ ସହିତ ସମାନ। ଏହା ଫସଲର ମାନ ଓ ଗୁଣବତ୍ତା ବଢାଇଥାଏ। ୧ ଲିଟର ପାଣିରେ ୪ ମିଲିଗ୍ରାମ ନାନୋ ମିଶାଇ ଏହାକୁ ଗଛର ପତ୍ର ଉପରେ ସିଞ୍ଚନ କରିବାକୁ ହେବ। ଗୋଟିଏ ଏକର ଜମି ପାଇଁ ୫୦୦ ମିଲିଗ୍ରାମ ବୋତଲ ନାନୋ ଯଥେଷ୍ଟ। ଏହି ସାର ମୃତ୍ତିକାକୁ କ୍ଷତି କରିବ ନାହିଁ। ଏହାକୁ ପ୍ରଥମେ କମ୍ପାନୀ ଗୁଜରାଟ ଉତ୍ପାଦନ କରାଯାଇଥିଲା। ଏମିତି ୯୦ ଟି ଫସଲ ଉପରେ ବାୟୋଟେକ୍ନୋଲୋଜି ରିସର୍ଚ୍ଚ ସେଣ୍ଟର ପରୀକ୍ଷା କରାଯାଇଛି ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ରିପୋର୍ଟରେ ଦର୍ଶାଯାଇଛି। ଏଥିପାଇଁ ଇଫ୍‌କୋ କମ୍ପାନୀର ନିଜସ୍ୱ ଜାଗାର ୧୦ ଏକର ଜମିରେ ଏହାକୁ ସ୍ଥାପନା କରିଛି। ଏଥିପାଇଁ ୨୨୫ କୋଟି ଟଙ୍କା ପୁଞ୍ଜି ବିନିଯୋଗ ହେବ। ବର୍ଷକୁ ୩୩ ହଜାର କିଲୋ ଲିଟର ନାନୋ ସାର ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖିଛି। ଏଥିରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ନିଯୁକ୍ତି ସୁଯୋଗ ରହିଛି ବୋଲି କମ୍ପାନୀ ପକ୍ଷରୁ ଦର୍ଶାଯାଇଛି।

# ପାଲ ଖଣ୍ଡେ ଦେଇ ପ୍ରଶାସନ ଚୁପ୍

### ଲଘୁଚାପଜନିତ ବର୍ଷାରେ ଘରକାନ୍ଥ ଭୁଶୁଡ଼ିବା ଘଟଣା



ରଘୁନାଥପୁର,୧୪।୯(ଡି.ଏନ୍.ଏ.)

ଲଘୁଚାପଜନିତ ଲଗାଣ ବର୍ଷାରେ ଗତ ରବିବାର ରାତିରେ ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତ ଗୋକୁଳପୁର ଗାଁର ଦିଗାମ୍ବର ଜେନାଙ୍କ ଘର କାନ୍ଥ ଭୁଶୁଡି ପଡିଥିଲା। ସୌଭାଗ୍ୟବଶତଃ ଜେନା ଦମ୍ପତି ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ତହସିଲ ପ୍ରଶାସନ ପାଲ ଖଣ୍ଡେ ଦେଇଥିବାବେଳେ ବ୍ଲକ ପ୍ରଶାସନ ଆମ ପାଖରେ କିଛି ବିଧି ବ୍ୟବସ୍ଥା ନାହିଁ କହି ଚୁପ ରହିଛି। ଦିଗାମ୍ବରଙ୍କ ସବୁକିଛି ଭଗ୍ନକାନ୍ଥ ତଳେ ଚାପି ହୋଇ ରହିଯାଇଥିଲା। ଏପରିକି ରୋଷେଇ କରି ଖାଇବା ପାଇଁ ଡାଲି ଚାଉଳ ଓ ହାଣ୍ଡି ଡେକ୍‌ଚି ମାଟି ତଳେ ପୋତି ହୋଇ ଯାଇଥିଲା। ଖବରପାଇ ଆରଆଇ ଘଟଣାସ୍ଥଳକୁ ଆସି ତଦନ୍ତ କରି ରିପୋର୍ଟ ତହସିଲଦାରଙ୍କୁ ଦେବା ପରେ ବୁଧବାର ତହସିଲ ପ୍ରଶାସନ ପକ୍ଷରୁ ଦିଗାମ୍ବରଙ୍କୁ ପାଲ ଖଣ୍ଡେ ମିଳିଛି। ଏ ଦୟନୀୟ ସ୍ଥିତି ସମ୍ପର୍କରେ ବିଡିଓଙ୍କୁ ଅବଗତ କରି କିଛିଦିନ ପାଇଁ ବାସହରା ଦମ୍ପତିଙ୍କୁ ଚୁଡା, ଚାଉଳ ଦେବା ପାଇଁ ସ୍ଥାନୀୟ ଗ୍ରାମବାସୀ ଅନୁରୋଧ କରିଥିଲେ। ତେବେ ରିଲିଫ କୋଡ୍ ଅନୁଯାୟୀ ସେମିତି କିଛି ବ୍ୟବସ୍ଥା ନାହିଁ ବୋଲି ବିଡିଓ ଲମ୍ବୋଦର ଖୁଣ୍ଟିଆ କହିଥିଲେ। ବିଚରା ଦିଗାମ୍ବର ବ୍ଲକଠାରୁ ତହସିଲ ପର୍ଯ୍ୟନ୍ତ ଦୌଡ଼ି ନିରାଶ ହେବା ପରେ କର୍ମ ଆଦରି ରହିବା ସାର ହୋଇଛି। ଗ୍ରାମବାସୀ ଓ ସ୍ଥାନୀୟ ସରପଞ୍ଚ ଯାହାକିଛି ସହଯୋଗର ହାତ ବଢ଼ାଇଛନ୍ତି। ଉକ୍ତ ବାସହରା ଦମ୍ପତିଙ୍କୁ ଆବାସ ଗୃହଟିଏ ଯୋଗାଇ ଦେବାକୁ ଜିଲାପାଳ ଦୃଷ୍ଟି ଦେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

# ଔଷଧକୁ ଖାଦ୍ୟ ପଦାର୍ଥ ପରି ବ୍ୟବହାର କରିବା ଅନୁଚିତ



ବିଶ୍ୱ ରୋଗୀ ନିରାପତ୍ତା ସପ୍ତାହରେ ଉପସ୍ଥିତ ଅତିଥିମାନେ।

ବିରିଡି,୧୪।୯ (ଡି.ଏନ.ଏ.)

**ବିଶ୍ୱ ରୋଗୀ ନିରାପତ୍ତା ସପ୍ତାହ**

ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବିଶ୍ୱ ରୋଗୀ ନିରାପତ୍ତା ସପ୍ତାହ ସ୍ୱାସ୍ଥ୍ୟକେନ୍ଦ୍ର ସଭା ଗୃହରେ ବୁଧବାର ପାଳିତ ହୋଇଯାଇଛି। ସ୍ୱାସ୍ଥ୍ୟ ଅଧିକାରୀ ଡା. ଦିବ୍ୟଦର୍ଶନ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ୨୦୦୦ମସିହାରୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ପରାମର୍ଶକ୍ରମେ ଏହି ସପ୍ତାହ ପାଳନ ହେଉଛି। ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ରୋଗୀମାନଙ୍କର ସମସ୍ତ ପ୍ରକାର ନିରାପତ୍ତାକୁ ସୁନିଶ୍ଚିତ କରିବା ତଥା ନିରାପତ୍ତା ସଂକ୍ରାନ୍ତିୟ ସୂଚନାକୁ ସେମାନଙ୍କୁ ଅବଗତ କରାଇବା ଏହି ଦିବସର ଲକ୍ଷ୍ୟ। ଏ ବର୍ଷର ବିଷୟ ବସ୍ତୁ 'ଔଷଧୀୟ ନିରାପତ୍ତା' ଶୀର୍ଷକ ଆଲୋଚନାରେ ଭାଗ ନେଇ ସ୍ୱାସ୍ଥ୍ୟ ଅଧିକାରୀ ଡା. ଲୋକନାଥ ସାହୁ 'ଔଷଧ ଏକ ଜୀବନ ରକ୍ଷାକାରୀ ପଦାର୍ଥ' ଏହାକୁ ଖାଦ୍ୟ ପଦାର୍ଥ ପରି ବ୍ୟବହାର କରିବା ଅନୁଚିତ। ଜଣେ ରୋଗୀ ଡାକ୍ତରଖାନାରେ ନିଜର ପୂର୍ବ ରୋଗ ବିବରଣୀ ତଥା ବ୍ୟବହାର କରୁଥିବା ଔଷଧ ବାବଦରେ ସବୁ ତଥ୍ୟ ଦେବାସହ ଔଷଧ ନେବା ବେଳେ ଔଷଧ ନାମ, ମାତ୍ରା, ଖାଇବା ପ୍ରଣାଳୀ, ବିଧି, ପାର୍ଶ୍ୱ ପ୍ରତିକ୍ରିୟା ବାବଦରେ ସେବା ପ୍ରଦାନକାରୀଙ୍କଠାରୁ ଭଲ ଭାବରେ ବୁଝିବା ଦରକାର। ଏହାଦ୍ୱାରା ଔଷଧୀୟ ନିରାପତ୍ତାକୁ ସୁନିଶ୍ଚିତ କରିବା ସହ ରୋଗୀର ଚିକିତ୍ସା ସହଜ ହୋଇଥାଏ। ରୋଗୀ ତା'ର ପରିବାର ଏବଂ ସ୍ୱାସ୍ଥ୍ୟ ଅନୁଷ୍ଠାନର କର୍ମଚାରୀମାନଙ୍କ ମଧ୍ୟରେ ସୁସମନ୍ୱୟ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା. ସୌମ୍ୟା ମହାନ୍ତି, ଡା. ଆଦର୍ଶ ମୃତ୍ୟୁଞ୍ଜୟ, ବିପିଏମ୍ ସ୍ମୃତିରେଖା ମହାନ୍ତିଙ୍କ ସହ ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ। ଶେଷରେ ବିପିଏମ୍ ମହାନ୍ତି ଧନ୍ୟବାଦ ଦେଇଥିଲେ।



ଆଇଜି ଆଇ.ଏସ. ଚୌହାନଙ୍କୁ ଗାର୍ଡ ଅଫ ଅନର ପ୍ରଦାନ କରାଯାଉଛି।

# କୋଷ୍ଟଗାର୍ଡ ଉତ୍ତର ପୂର୍ବାଞ୍ଚଳ ଆଇଜି ହେଲେ ଆଇ.ଏସ. ଚୌହାନ

ପାରାଦୀପ,୧୪।୯(ସ୍ୱ.ପ୍ର.)

କୋଷ୍ଟଗାର୍ଡର ଉତ୍ତର ପୂର୍ବାଞ୍ଚଳ ଇନ୍ସପେକ୍ଟର ଜେନେରାଲ (ଆଇଜି) ଭାବେ ଇକବାଲ୍ ସିଂ ଚୌହାନ ବୁଧବାର ଦାୟିତ୍ୱ ନେଇଛନ୍ତି। ତାଙ୍କୁ କୋଷ୍ଟଗାର୍ଡର ଭାଇସ ଆଇଜିଏମ୍ ଭି. ପାଠକ କୋଲକତା ମୁଖ୍ୟାଳୟଠାରେ ସ୍ୱାଗତ କରିଥିଲେ। ତାଙ୍କୁ ଯବାନମାନେ ଗାର୍ଡ ଅଫ ଅନର ଜଣାଇଥିଲେ ବୋଲି କୋଷ୍ଟଗାର୍ଡ ପାରାଦୀପ ପକ୍ଷରୁ ସୂଚନା ମିଳିଛି।

# ଓଡ଼ିଶା ଜୀବିକା ମିଶନ ପକ୍ଷରୁ ବ୍ଲକସ୍ତରୀୟ ନିଯୁକ୍ତି ମେଳା



ବିଡିଓ ଅଟଳ ବିହାରୀ ସ୍ୱାଇଁ ନିଯୁକ୍ତି ମେଳାକୁ ଉଦ୍‌ଘାଟନ କରୁଛନ୍ତି।

ତିର୍ତ୍ତୋଲ, ୧୪।୯ (ଡି.ଏନ.ଏ.)

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ପରିସରରେ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଦିନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ଏକ ନିଯୁକ୍ତି ମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ୨୫୦ ଜଣରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇ ଆବେଦନପତ୍ର ଦାଖଲ କରିଥିଲେ। ନିଯୁକ୍ତି ମେଳାକୁ ବିଡିଓ ଅଟଳ ବିହାରୀ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଏଥିରେ ଓଡ଼ିଶା ଜୀବିକା ମିଶନର ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର ଲିପିକା ଷଡଙ୍ଗୀ, ବ୍ଲକ ଅଧ୍ୟକ୍ଷ ମନୋଜ ବେହେରା, ବ୍ଲକ ଉପାଧ୍ୟକ୍ଷା ସନ୍ଧ୍ୟାରାଣୀ ମହାନ୍ତି, ଏବିଡିଓ ସତ୍ୟଜିତ ସ୍ୱାଇଁ, ଦିନ୍ ଦୟାଲ ସ୍କିଲର ଜିଲା ଅଧ୍ୟକ୍ଷ ପବିତ୍ର କୁମାର ସ୍ୱାଇଁ, ଓରମାସର ଜିଲା ଅଧ୍ୟକ୍ଷ ପ୍ରଭାତ କୁମାର ଦାଶ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥିତ ଆବେଦନକାରୀଙ୍କୁ ସୂଚନା ପ୍ରଦାନ କରିଥିଲେ। ଏଥିରେ ଭାଗ ନେଇଥିବା ୪ ଟି କମ୍ପାନୀ ପକ୍ଷରୁ ଷ୍ଟଲ ଖୋଲାଯାଇ ନାମ ପଞ୍ଜୀକରଣ କରାଯାଇଥିଲା।

# ସଂଗ୍ରାମୀ, ଗାନ୍ଧୀ ବାର୍ତ୍ତା ପ୍ରଚାର କରିବ ଅହିଂସା ରଥ

- ୨୫ରୁ ୨୭ ପର୍ଯ୍ୟନ୍ତ ଜିଲା ପରିକ୍ରମା କରିବ
- ସମ୍ବର୍ଦ୍ଧିତ ହେବେ ସ୍ୱାଧୀନତା ସଂଗ୍ରାମୀ, ଶହୀଦ ପରିବାର

ଜଗତ୍‌ସିଂହପୁର ଅଫିସ, ୧୪।୯

ସାରା ଦେଶରେ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ପାଳନ କରାଯାଉଛି। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମରେ ଅବଦାନ ଓ ମହାତ୍ମା ଗାନ୍ଧୀଙ୍କ ବାର୍ତ୍ତାର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ରାଜ୍ୟ ସରକାର ରାଜ୍ୟବ୍ୟାପୀ ଅହିଂସା ରଥ ପରିକ୍ରମା ଅଭିଯାନ ଆରମ୍ଭ କରିଛନ୍ତି। ଏଭଳି କରିବାର ଉଦ୍ଦେଶ୍ୟ ହେଉଛି ଅତୀତର ଏହି ସ୍ମୃତିକୁ ଜନମାନସରେ ଉଜ୍ଜୀବିତ କରି ରଖିବା। ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ। ଅହିଂସା ରଥ ଆସନ୍ତା ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ଜଗତ୍‌ସିଂହପୁର ଜିଲା ସାରା ପରିକ୍ରମା କରିବ। ବୁଧବାର ଅପରାହ୍ଣରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅହିଂସା ରଥ ପରିକ୍ରମା ସମ୍ପର୍କିତ ପ୍ରସ୍ତୁତି ବୈଠକରେ ଏହା କୁହାଯାଇଛି। ଏଥିରେ ଏକଥା କୁହାଯାଇଥିଲା ଅହିଂସା ରଥ ୧ ଓ ୨କୁ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ଆସନ୍ତା ୨୫ ତାରିଖ ପୂର୍ବାହ୍ଣ ୯ଟାରେ କୁଜଙ୍ଗ ବ୍ଲକ ଅନ୍ତର୍ଗତ ଭୁତମୁଣ୍ଡେଇଠାରେ ଜଗତ୍‌ସିଂହପୁର ଜିଲା ପ୍ରଶାସନକୁ ହସ୍ତାନ୍ତର କରିବେ। ଏହି ରଥ ପରିକ୍ରମା ସମୟରେ ୮ଟି ବ୍ଲକ ଓ ୨ ପୌରାଞ୍ଚଳ ପରିକ୍ରମା କରିବ। ବ୍ଲକ ପ୍ରଶାସନ, ଜନପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ମିଶନ ଶକ୍ତି, ବିଦ୍ୟାଳୟ ଛାତ୍ରୀଛାତ୍ର, ସାଂସ୍କୃତିକ ଦଳ ଆଦି ଉପସ୍ଥିତ ରହି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବାର କାର୍ଯ୍ୟକ୍ରମ ରହିଛି। ରଥ ପରିକ୍ରମା ସମୟରେ ବିଭିନ୍ନ ସ୍ଥାନରେ ସ୍ୱାଧୀନତା ସଂଗ୍ରାମୀ, ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟଦ, ଶହୀଦ ପରିବାରଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହି ସମୟରେ ନୃତ୍ୟ, ଗୀତ, ସଂକୀର୍ତ୍ତନ ସାଙ୍ଗକୁ ଭିଡିଓ ସୋ ପ୍ରଦର୍ଶିତ ହେବ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ରଙ୍ଗୋଲିର ଆୟୋଜନ ହେବ। ଶ୍ରୀକୃଷ୍ଣ ଏକାଡେମୀଠାରୁ ଜିଲାପାଳ କାର୍ଯ୍ୟାଳୟ ପରିସର ପଡିଆ ପର୍ଯ୍ୟନ୍ତ ସାଂସ୍କୃତିକ ଶୋଭାଯାତ୍ରା ସହ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ସେପ୍ଟେମ୍ବର ୨୮ରେ ୨ ରଥଙ୍କୁ ବିରିଡ଼ି ବ୍ଲକ ସୀମାରେ କଟକ ଜିଲା ପ୍ରଶାସନକୁ ହସ୍ତାନ୍ତର କରାଯିବ। ଜିଲାପାଳ ପାରୁଲ ପଟାୱରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଜଗତ୍‌ସିଂହପୁର ବିଧାୟକ ତଥା ରାଜ୍ୟ ସରକାରଙ୍କ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଅତିରିକ୍ତ ଜିଲାପାଳ ଚିନ୍ମୟୀ ବିଶ୍ୱାଳ, ଜିଲା ପରିଷଦ କାଯର୍ୟନିର୍ବାହୀ ଅଧିକାରୀ ରୁଦ୍ର ନାରାୟଣ ଦାଶ, ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ଜିଲାସ୍ତରୀୟ ଅଧିକାରୀ, ବିଡିଓ, ତହସିଲଦାର, ସିଡିପିଓ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।



ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

# ପଦ୍ମ ଧରିଲେ ୮ କଂଗ୍ରେସ ବିଧାୟକ

## ଗୋଆ ରାଜନୀତି ଚଳଚଞ୍ଚଳ

### ଦିଗାମ୍ବର କାମାଥ, ମାଇକେଲ ଲୋବୋ ବିଦ୍ରୋହର ସୂତ୍ରଧର



ଭାଜପାରେ ସାମିଲ ବିଧାୟକମାନଙ୍କୁ ସ୍ୱାଗତ କରୁଛନ୍ତି ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ।

ପଣଜୀ,୧୪।୯

ଗୋଆ ରାଜନୀତି ଏବେ ଉଠୁଛି ପଡୁଛି। କାରଣ ଏହି ଉପକୂଳ ରାଜ୍ୟର ୧୧ କଂଗ୍ରେସ ବିଧାୟକଙ୍କ ମଧ୍ୟରୁ ୮ ଜଣ ଦଳ ତ୍ୟାଗକରି ଭାଜପାରେ ସାମିଲ ହୋଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗାମ୍ବର କାମାଥ ଓ ଦୁଇମାସ ତଳେ ଦଳବଦଳ ଉଦ୍ୟମ ପାଇଁ ବିଧାନସଭା ବିରୋଧୀ ଦଳ ପଦ ହରାଇଥିବା ମାଇକେଲ ଲୋବୋଙ୍କ ନେତୃତ୍ୱରେ ଏହି ଏମ୍‌ଏଲ୍‌ଏମାନେ ଶାସକ ଦଳରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତଙ୍କ ହାତମୁଠାକୁ ଟାଣ କରିଛନ୍ତି। ଫଳରେ ୪୦ ଆସନ ବିଶିଷ୍ଟ ରାଜ୍ୟ ବିଧାନସଭାରେ କଂଗ୍ରେସ ବିଧାୟକଙ୍କ ସଂଖ୍ୟା ୩କୁ ଖସିଆସିଥିବାବେଳେ ଭାଜପା ସଦସ୍ୟଙ୍କ ସଂଖ୍ୟା ୨୮ରେ ପହଞ୍ଚିଛି। ଅନ୍ୟପକ୍ଷେ ସଂଖ୍ୟାଗରିଷ୍ଠ ଦୁଇ-ତୃତୀୟାଂଶ ବିଦ୍ରୋହୀ ବିଧାୟକ କଂଗ୍ରେସ ଛାଡ଼ିଥିବାରୁ ସେମାନଙ୍କ କ୍ଷେତ୍ରରେ ଦଳବଦଳ ନିରୋଧୀ ଆଇନ ଲାଗୁ ହେବ ନାହିଁ। ଅର୍ଥାତ୍ ଏହି ବିଦ୍ରୋହୀମାନଙ୍କ ସଦସ୍ୟତା ରଦ୍ଦ ହେବ ନାହିଁ।

କଂଗ୍ରେସ ଛାଡ଼ି ଭାଜପାରେ ସାମିଲ ହୋଇଥିବା ବିଧାୟକଙ୍କ ମଧ୍ୟରେ ଅଛନ୍ତି ମାଇକେଲ ଲୋବୋଙ୍କ ସ୍ତ୍ରୀ ଦେଲିଲାହ ଲୋବୋ, ରାଜେଶ ଫଲଦେଶାଇ, କେଦାର ନାଏକ, ସଂକଳ୍ପ ଅମୋନକର, ଅଲେଇକ୍ସୋ ସେକ୍ୱେଇରା ଏବଂ ରୁଡୋଲ୍ଫ ଫର୍ନାଣ୍ଡିଜ୍। କଂଗ୍ରେସ ନେତା ରାହୁଲ ଗାନ୍ଧୀ 'ଭାରତ ଯୋଡ଼ୋ ଯାତ୍ରା' ଚଳାଇଥିବାବେଳେ ବିଧାୟକଙ୍କ ଗଣଦଳତ୍ୟାଗ ଲଜ୍ଜାଜନକ ସ୍ଥିତି ସୃଷ୍ଟି କରିଛି। ଏହାକୁ ଦେଖି ଭାଜପା କହିଛି, ରାହୁଲ ପ୍ରଥମେ ନିଜ ଦଳକୁ ଯୋଡ଼ନ୍ତୁ, ଭାରତକୁ ପରେ ଯୋଡ଼ିବେ। 'କଂଗ୍ରେସ ଛୋଡ଼ୋ, ଭାଜପା କୋ ଯୋଡ଼ୋ' ବୋଲି ମାଇକେଲ ଲୋବୋ କହିଛନ୍ତି। କଂଗ୍ରେସ ଏହାକୁ ଆଉ ଏକ 'ଅପରେଶନ ଲୋଟସ୍' ବୋଲି ଅଭିହିତ କରିଛି। କଂଗ୍ରେସ ମୁଖପାତ୍ର ପବନ ଖେରା କହିଛନ୍ତି, ଏହା ହେଉଛି ଅପରେଶନ କିଚଡ଼। କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରାରେ ଆତଙ୍କିତ ଭାଜପା ସବୁ ପ୍ରକାର କୌଶଳ ଆପଣାଉଛି। କେନ୍ଦ୍ରୀୟ ତଦନ୍ତ ସଂସ୍ଥା, ଗୁଣ୍ଡାଙ୍କ ଜରିଆରେ ଧମକ, ଅର୍ଥ ପ୍ରଲୋଭନ ବଳରେ ଏସବୁ କରାଯାଉଛି। ଦଳବଦଳ ପାଇଁ ଦିଗାମ୍ବର କାମାଥ ଓ ମାଇକେଲ ଲୋବୋଙ୍କୁ ଦାୟୀ କରାଯାଉଛି, ଯାହାଙ୍କ ନେତୃତ୍ୱରେ ଦୁଇମାସ ତଳେ ଏକ ବିଦ୍ରୋହ ମୁଣ୍ଡ ଟେକିଥିଲା। କିନ୍ତୁ ସେତେବେଳେ ହାଇକମାଣ୍ଡଙ୍କ ହସ୍ତକ୍ଷେପ ପରେ ଏହି ବିଦ୍ରୋହକୁ ଚପାଇ ଦିଆଯାଇଥିଲା। ଲୋବୋଙ୍କୁ ବିରୋଧୀ ଦଳ ନେତା ପଦରୁ କଂଗ୍ରେସ ହଟାଇ ଦେଇଥିଲା। ବିଧାନସଭା ଅଧିବେଶନ ଚାଲି ନ ଥିଲେ ହେଁ ବୁଧବାର ସକାଳେ ବିଧାୟକମାନେ ବାଚସ୍ପତିଙ୍କୁ ଭେଟିବା ପରେ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ତେବେ ସେମାନେ ଗୈରିକ ଦଳରେ ସାମିଲ ହେବାକୁ ଯାଉଛନ୍ତି ବୋଲି ରାଜ୍ୟ ଭାଜପା ସଭାପତି ସଦାନନ୍ଦ ଶେଟ ତନାଭଡେ ସୂଚନା ଦେଇଥିଲେ। କାମାଥ କହିଛନ୍ତି, କଂଗ୍ରେସକୁ ନେଇ ଆମେ ଅସନ୍ତୁଷ୍ଟ। ନିକଟରେ କଂଗ୍ରେସ ଛାଡ଼ିଥିବା ଗୁଲାମନବୀ ଆଜାଦ ରାହୁଲଙ୍କ ରାଜନୈତିକ ବୁଦ୍ଧିମତ୍ତାକୁ ନେଇ ପ୍ରଶ୍ନ ଉଠାଇବାରୁ କ'ଣ ହେଲା ଆମେ ଦେଖିଛୁ। ଗୋଆର ଉନ୍ନତି ପାଇଁ ଆମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତଙ୍କ ସହ ମିଶି କାମ କରିବୁ। ପ୍ରକାଶ ଯେ, ୨୦୧୯ରେ ମଧ୍ୟ ଅନୁରୂପ ଚିତ୍ର ଦେଖିବାକୁ ମିଳିଥିଲା। ସେତେବେଳେ କଂଗ୍ରେସର ୧୫ ବିଧାୟକଙ୍କ ମଧ୍ୟରୁ ୧୦ ଜଣ ଭାଜପାରେ ସାମିଲ ହୋଇଥିଲେ।

## 'ଓଡ଼ିଶାରେ ଭାଜପା ସରକାର ଗଢ଼ିବା ମୂଳ ଲକ୍ଷ୍ୟ'

### ପ୍ରାଦେଶିକ ପ୍ରଶିକ୍ଷଣ ଶିବିର

ପୁରୀ ଅଫିସ, ୧୪।୯

ଭାରତୀୟ ଜନତା ପାର୍ଟି (ଭାଜପା) ପକ୍ଷରୁ ପୁରୀ ବଳିଆପଣ୍ଡାସ୍ଥିତ ଏକ ହୋଟେଲରେ ଚାଲିଥିବା ତିନିଦିନିଆ ପ୍ରାଦେଶିକ ପ୍ରଶିକ୍ଷଣ ଶିବିରର ବୁଧବାର ଦ୍ୱିତୀୟ ଦିବସରେ ୬ଟି ସତ୍ର ଅନୁଷ୍ଠିତ ହେବା ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି। ପଣ୍ଡିତ ଦୀନ ଦୟାଳଜୀଙ୍କ ଅନ୍ତ୍ୟୋଦୟ ଏବଂ ଏକାତ୍ମମାନବବାଦ ଦର୍ଶନ, ଗଣମାଧ୍ୟମ ପରିଚାଳନା, ନିର୍ବାଚନ ପରିଚାଳନା, ରାଷ୍ଟ୍ରୀୟ ସୁରକ୍ଷା, ଆତ୍ମନିର୍ଭର ଭାରତ, ସାଂସ୍କୃତିକ ରାଷ୍ଟ୍ରବାଦ, ବୈଦେଶିକ ନୀତି ଭଳି ମହତ୍ତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଏଥିରେ ଭାଜପା ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର ଉଦ୍‌ବୋଧନ ଦେଇ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନାକୁ ଓଡ଼ିଶାର ପ୍ରତ୍ୟେକ ଲୋକଙ୍କ ପାଖରେ ପହଞ୍ଚାଇବା ଓ ଏହାର ସଫଳ କାର୍ଯ୍ୟାନ୍ୱୟନ ହେଉଛି ଭାଜପାର ପ୍ରାଥମିକତା। ମୋଦି ସରକାରଙ୍କ ରାଷ୍ଟ୍ରୀୟ ସୁରକ୍ଷା, ବିଦେଶ ନୀତି ଏବଂ ସର୍ବୋପରି ଆତ୍ମନିର୍ଭର ଓ ବିଶ୍ୱଗୁରୁ ରୂପେ ଭାରତବର୍ଷକୁ ଗଢ଼ି ତୋଳିବା ପାଇଁ ପ୍ରଚେଷ୍ଟା ଅତ୍ୟନ୍ତ ପ୍ରଶଂସନୀୟ। ଅନ୍ୟପଟେ ଦୀର୍ଘ ୨୩ବର୍ଷ ଧରି ନିରଙ୍କୁଶ ଶାସନ କ୍ଷମତାରେ ଥିବା ରାଜ୍ୟ ସରକାରଙ୍କ ମହିଳା, ଗରିବ ଓ ଶିକ୍ଷାମାରଣ ନୀତି ଅତ୍ୟନ୍ତ ଚିନ୍ତାଜନକ। ଶାସକ ବିଜେଡି ରାଜ୍ୟବାସୀଙ୍କୁ ବାରମ୍ବାର ପ୍ରତାରିତ କରିବା ସହ ବିକାଶରେ ବାଧକ ସାଜିଛି। ମୋଦି ସରକାରଙ୍କ ବିଭିନ୍ନ ଜନ ଓ ଗରିବ କଲ୍ୟାଣ ଯୋଜନାର ସୁଫଳ ପାଇବାରୁ ଓଡ଼ିଶାବାସୀ ବଞ୍ଚିତ ହେଉଛନ୍ତି। ଭାଜପାକୁ ଅଧିକ ସଙ୍ଗଠିତ ଓ ଶକ୍ତିଶାଳୀ କରି ଆସନ୍ତା ୨୦୨୪ ସାଧାରଣ ନିର୍ବାଚନରେ ବିଜୟ ସହ ଓଡ଼ିଶାରେ ସରକାର ଗଠନ କରିବା ହେଉଛି ଦଳର ମୂଳ ଲକ୍ଷ୍ୟ ବୋଲି ବକ୍ସିପାତ୍ର କହିଛନ୍ତି। କେନ୍ଦ୍ର ଆଦିବାସୀ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ କହିଥିଲେ, ରାଜ୍ୟରେ ବିଜେଡି ସରକାର ୨୨ବର୍ଷ ହେଲା ସୁଶାସନ ଦେଇ ଆସୁଥିବା ପ୍ରଚାର କରୁଛି, ଯାହାର ସତ୍ୟତା ନାହିଁ। ରାଜ୍ୟ ସରକାର ଯଦି ୨୨ବର୍ଷରେ ୨୨ଟି ଭଲ କାର୍ଯ୍ୟ କରିବାର ପ୍ରମାଣ ଦେବେ ତେବେ ସେ ରାଜନୀତି ଛାଡ଼ିଦେବେ ବୋଲି କହିଛନ୍ତି। ଏହି ଅବସରରେ ଅନୁଷ୍ଠିତ ଏକ ପ୍ରଦର୍ଶନୀକୁ ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି ଉଦ୍‌ଘାଟନ କରିଥିଲେ। ରାଜ୍ୟ ସଭାପତିଙ୍କ ସମେତ ପ୍ରଶିକ୍ଷଣ ପ୍ରକୋଷ୍ଠ ରାଷ୍ଟ୍ରୀୟ ସଂଯୋଜକ ମହେଶ ଚନ୍ଦ୍ର ଶର୍ମା, ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର, ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ରାଷ୍ଟ୍ରୀୟ ପ୍ରଶିକ୍ଷଣ ପ୍ରକୋଷ୍ଠ ପ୍ରଭାରୀ ଡି.ମୁରଲୀଧର ରାଓ, ପ୍ରଶିକ୍ଷଣ ପ୍ରକୋଷ୍ଠ ସଦସ୍ୟ ବି. ସତୀଶ ଏବଂ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଉଦ୍‌ବୋଧନ ଦେଇଥିଲେ। ତୃଣମୂଳ ସ୍ତର ପର୍ଯ୍ୟନ୍ତ ଦଳର ବାର୍ତ୍ତାକୁ ପହଞ୍ଚାଇବା ପାଇଁ ଏହି ପ୍ରଶିକ୍ଷଣ ଶିବିର ଅତ୍ୟନ୍ତ ସହାୟକ ହେବ ବୋଲି ମତ ପ୍ରକାଶ ପାଇଛି। ଏହା ଦଳର କାର୍ଯ୍ୟକର୍ତ୍ତାଙ୍କୁ ଇନ୍ଧନ ଯୋଗାଇଛି ବୋଲି ଭାଜପା ନେତାମାନେ ମତବ୍ୟକ୍ତ କରିଛନ୍ତି। ଶିବିରରେ ସମସ୍ତ ଭାଜପା ଏମ୍‌ପି, ବିଧାୟକ, ପଦାଧିକାରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ଜିଲା ସଭାପତିମାନେ ଯୋଗଦେଇଛନ୍ତି।



ପୁରୀଠାରେ ଚାଲିଥିବା ପ୍ରାଦେଶିକ ପ୍ରଶିକ୍ଷଣ ଶିବିରର ବୁଧବାର ଦ୍ୱିତୀୟ ଦିବସରେ ଯୋଗଦେଇଥିବା ଭାଜପା କର୍ମକର୍ତ୍ତା ଓ ନେତୃବୃନ୍ଦ।

## ଛାତ୍ର କଂଗ୍ରେସର 'ଛାତ୍ର ଯୋଡ଼ୋ ଭାରତ ଯୋଡ଼ୋ' ପଦଯାତ୍ରା

ଭୁବନେଶ୍ୱର,୧୪।୯(ବ୍ୟୁରୋ)

ଛାତ୍ର କଂଗ୍ରେସ ପକ୍ଷରୁ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ବୁଧବାର ମହର୍ଷି କଲେଜଠାରୁ ଉତ୍କଳ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ 'ଛାତ୍ର ଯୋଡ଼ୋ ଭାରତ ଯୋଡ଼ୋ' କାର୍ଯ୍ୟକ୍ରମରେ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଛାତ୍ର କଂଗ୍ରେସ କର୍ମକର୍ତ୍ତା ଓ ଛାତ୍ରୀଛାତ୍ରମାନେ ପଦଯାତ୍ରାରେ ଉତ୍କଳ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ନୱାଜ କହିଥିଲେ, ଦେଶର ଅଖଣ୍ଡତା ରକ୍ଷା କରିବା, ଗଣତନ୍ତ୍ର ଓ ସମ୍ବିଧାନକୁ ସଶକ୍ତ କରିବା, ଦେଶର ସମ୍ପତ୍ତି ବିକ୍ରିକୁ ରୋକିବା ହେଉଛି ଭାରତ ଯୋଡ଼ୋ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ରାଜ୍ୟ ସରକାରଙ୍କ ଛାତ୍ର ବିରୋଧୀ ନୀତିର ତୀବ୍ର ସମାଲୋଚନା କରି ସେ କହିଛନ୍ତି, ଓଡ଼ିଶାର ଶିକ୍ଷାନୁଷ୍ଠାନଗୁଡ଼ିକୁ ଛାତ୍ର ବିଜେଡିର ଦଳୀୟ କାର୍ଯ୍ୟାଳୟରେ ପରିଣତ କରିବା ପାଇଁ ଚକ୍ରାନ୍ତ ଚାଲିଛି। ଗୋଟିଏ ପଟେ ୪ବର୍ଷ ହେଲା ଛାତ୍ର ସଂସଦର ନିର୍ବାଚନ ବନ୍ଦ ରହିଥିବା ବେଳେ ଛାତ୍ର ବିଜେଡି ପକ୍ଷରୁ କ୍ୟାମ୍ପସ କମିଟି ଗଠନ କାର୍ଯ୍ୟକ୍ରମ ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି। ଛାତ୍ର ବିଜେଡି କେବେ ଛାତ୍ରସ୍ୱାର୍ଥପାଇଁସ୍ୱର ଉତ୍ତୋଳନ କରେ ନାହିଁ।

## ଆମେ କଂଗ୍ରେସ ନୁହେଁ ଯେ ଆମକୁ କିଣିଦେବ: କେଜ୍‌ରିୱାଲ

ନୂଆଦିଲ୍ଲୀ,୧୪।୯

ଭାରତୀୟ ଜନତା ପାର୍ଟି (ଭାଜପା) ଏବଂ ଆମ ଆଦମୀ ପାର୍ଟି (ଏଏପି) ମଧ୍ୟରେ ବାକ୍‌ଯୁଦ୍ଧ ଥମିବାର ନାଁ ଧରୁନି। ଗୋଆରେ କଂଗ୍ରେସ ବିଧାୟକ ଭାଜପାରେ ଯୋଗଦାନକୁ ନେଇ ଭାଜପା ଉପରେ ବର୍ଷିଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଏଏପି ସୁପ୍ରିମୋ ଅରବିନ୍ଦ କେଜ୍‌ରିୱାଲ। ସେ କହିଛନ୍ତି, ଦିଲ୍ଲୀ ପରେ ଏହି ଲୋକମାନେ (ଭାଜପା) ଏଏପିର ବିଧାୟକଙ୍କୁ କିଣିବା ପାଇଁ ପଞ୍ଜାବରେ ପହଞ୍ଚିଛନ୍ତି। ଏମାନଙ୍କ ପାଖରେ ହଜାର ହଜାର କୋଟି ଟଙ୍କା କେଉଁଠୁ ଆସୁଛି। ଏମାନେ ବୁଝିଯାଆନ୍ତୁ ଯେ, ଆମେ କଂଗ୍ରେସ ନୁହେଁ, ଆମକୁ କିଣିବା ସହଜ ମଧ୍ୟ ନୁହେଁ।

କେଜ୍‌ରିୱାଲ ଆହୁରି ମଧ୍ୟ କହିଛନ୍ତି, ଭାଜପା ଅନ୍ୟ ଦଳର ବିଧାୟକଙ୍କୁ କିଣିବା ଲାଗି ସବୁବେଳେ ଚେଷ୍ଟା କରି ଆସୁଛି। ପଞ୍ଜାବରେ ମଧ୍ୟ ଏଏପିର ୧୦ ବିଧାୟକଙ୍କୁ ଯୋଗାଯୋଗ କରି ନିଜ ଆଡ଼କୁ ନେବା ପାଇଁ ଭାଜପା ପ୍ରୟାସ କରିଥିଲା। ଦିଲ୍ଲୀରେ ମଧ୍ୟ ସମାନ ଚେଷ୍ଟା କରି ଭାଜପା ବିଫଳ ହୋଇଥିଲା।

ସୂଚନାଯୋଗ୍ୟ, ବୁଧବାର ଗୋଆରେ ବଡ଼ ରାଜନୈତିକ ଓଲଟପାଲଟ ଦେଖିବାକୁ ମିଳିଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗମ୍ବର କାମତ, ବିରୋଧୀ ଦଳର ନେତା ମାଇକେଲ ଲୋବୋଙ୍କ ସମେତ କଂଗ୍ରେସର ୮ ବିଧାୟକ କଂଗ୍ରେସ ଛାଡି ଭାଜପାରେ ଯୋଗଦେଇଥିଲେ।

# ଖେଳ ଖବର

## ୭୦ କୋଟିର ବ୍ୟୟବରାଦକୁ କ୍ୟାବିନେଟ ମଞ୍ଜୁରୀ

**ନୂଆଦିଲ୍ଲୀ,୧୪।୯(ପି.ଟି.):** ଭାରତରେ ପ୍ରଥମ ଥର ପାଇଁ ହେବାକୁ ଯାଉଛି ୧୭ ବର୍ଷରୁ କମ ମହିଳା ଫିଫା ବିଶ୍ୱକପ୍। ପୂର୍ବରୁ କେନ୍ଦ୍ର କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଫିଫାକୁ ଏକ ସାଇନିଂ ଗ୍ୟାରେଣ୍ଟି ପ୍ରଦାନ କରାଯାଇଥିଲା। ବୁଧବାର କେନ୍ଦ୍ର ସରକାରଙ୍କ କ୍ୟାବିନେଟ ପକ୍ଷରୁ ଏହି ସାଇନିଂ ଗ୍ୟାରେଣ୍ଟିକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବୈଠକରେ ୭୦ କୋଟି ଟଙ୍କାର ଖର୍ଚ୍ଚକୁ ମଞ୍ଜୁରୀ ମିଳିଛି। ତୃତୀୟ ପକ୍ଷ ହସ୍ତକ୍ଷେପ ଅଭିଯୋଗ କାରଣରୁ ଫିଫା ସର୍ବଭାରତୀୟ ଫୁଟବଲ ମହାସଂଘକୁ ବାସନ୍ଦ କରିବା କାରଣରୁ ଏହି ମଞ୍ଜୁରୀ ବିଳମ୍ବିତ ହୋଇଥିଲା। ଟୁର୍ଣ୍ଣାମେଣ୍ଟ ଆୟୋଜନ ପାଇଁ ୬୦ କୋଟି ଟଙ୍କାର ବ୍ୟୟବରାଦ ଧାର୍ଯ୍ୟ କରାଯାଇଥିବା ବେଳେ ସର୍ବଭାରତୀୟ ଫୁଟବଲ ମହାସଂଘ(ଏଆଇଏଫଏଫ୍)କୁ ୧୦ କୋଟି ଟଙ୍କା ପ୍ରଦାନ କରାଯିବ।

## ଡୁରାଣ୍ଡ କପ୍ ଫାଇନାଲରେ ମୁମ୍ବାଇ ସିଟି ଏଫ୍‌ସି

କୋଲକାତା,୧୪।୯(ପି.ଟି.)

ଡୁରାଣ୍ଡ କପ୍‌ର ୧୩୧ ତମ ସଂସ୍କରଣର ଫାଇନାଲରେ ପ୍ରବେଶ କରିଛି ମୁମ୍ବାଇ ସିଟି ଏଫ୍‌ସି। ବୁଧବାର ଖେଳାଯାଇଥିବା ପ୍ରଥମ ସେମି ଫାଇନାଲରେ ବିପିନ ସିଂଙ୍କ ଅନ୍ତିମ ମିନିଟ ଗୋଲ ବଳରେ ଦଳ ୧-୦ରେ ମହମ୍ମଡାନ ସ୍ପୋର୍ଟିଂକୁ ପରାସ୍ତ କରି ଫାଇନାଲ ବର୍ଥ ସୁରକ୍ଷିତ କରିଛି। ମୁମ୍ବାଇ ଦଳ ସାମାନ୍ୟ ଶକ୍ତିଶାଳୀ ମନେ ହେଉଥିଲେ ହେଁ ମହମ୍ମଡାନ ସ୍ପୋର୍ଟିଂ କଡ଼ା ଟକ୍କର ଦେଇଥିଲା। ଉଭୟ ଦଳ ପକ୍ଷରୁ ଗୋଲ ସ୍କୋର କରିବାକୁ ପ୍ରୟାସ କରାଯାଇଥିଲେ ହେଁ ଗୋଲ ସ୍କୋର ହୋଇନଥିଲା। ମ୍ୟାଚଟି ଅତିରିକ୍ତ ସମୟ ଆଡକୁ ଯିବା ଭଳି ମନେ ହେଉଥିଲା। ହେଲେ ୯୦ମିନିଟରେ ବିପିନ ସିଂଙ୍କ ଗୋଲ ବଳରେ ମ୍ୟାଚ ଜିତି ନେଇଥିଲା ମୁମ୍ବାଇ। ଅନ୍ୟତମ ୱିଙ୍ଗର ଲାଲ୍ଲିଆନଜୁଲା ଛାଙ୍ଗଟେଙ୍କ ପାଶକୁ ଗୋଲରେ ପରିଣତ କରିଥିଲେ ବିପିନ। ଏହି ଗୋଲ ସ୍କୋର ହେବାର ୩ ମିନିଟ ମଧ୍ୟରେ ହୁଟର ବାଜିବା ସହିତ ଦଳ ପ୍ରଥମ ଥର ଫାଇନାଲରେ ପ୍ରବେଶ କରିଥିଲା। ପୂର୍ବରୁ କ୍ୱାର୍ଟର ଫାଇନାଲରେ ମହମ୍ମଡାନ ସ୍ପୋର୍ଟିଂ ୩-୦ରେ ଗୋକୁଲମ କେରଳକୁ ହରାଇଥିବା ବେଳେ ୫-୩ରେ ଚେନ୍ନାୟିନ୍ ଏଫ୍‌ସି ବିଦା କରିଥିଲା ମୁମ୍ବାଇ। ଫାଇନାଲରେ ହାଇଦ୍ରାବାଦ ଏଫ୍‌ସି ଓ ବେଙ୍ଗାଲୁରୁ ଏଫ୍‌ସି ମ୍ୟାଚର ବିଜେତା ମୁମ୍ବାଇକୁ ଭେଟିବ।



ଗୋଲ କରିବା ପରେ ମୁମ୍ବାଇ ସିଟି ଏଫ୍‌ସି ଖେଳାଳିମାନେ ଖୁସି ମନାଉଛନ୍ତି।

## ସେମିଫାଇନାଲରେ ବିଡ଼ାନାସୀ କ୍ଲବ

### ସୁପର କପ୍ ଫୁଟବଲ

ଭୁବନେଶ୍ୱର, ୧୪।୯ (କ୍ରୀଡ଼ା ପ୍ରତିନିଧି)

ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକରେ ଚାଲିଥିବା ସୁପର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟର ଫାଇନାଲରେ ବିଡ଼ାନାସୀ କ୍ଲବ ୫-୩ ଗୋଲରେ ୟଙ୍ଗ ଉତ୍କଳ କ୍ଲବକୁ ପରାସ୍ତ କରିଛି। ଏଥିସହ ବିଡ଼ାନାସୀ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ନିର୍ଦ୍ଧାରିତ ସମୟର ଖେଳ ଗୋଲଶୂନ୍ୟ ଡ୍ର ରହିଥିଲା। ପରେ ପେନାଲ୍ଟି ଶୁଟ୍‌ଆଉଟରେ ବିଡ଼ାନାସୀ ପକ୍ଷରୁ ଆଶିଷ ପ୍ରଧାନ, ରାଜେଶ ନାୟକ, ବିଲ୍ଟୁ ଦେବନାଥ, ଚନ୍ଦନ ଦାଶ ଓ ଚିନ୍ମୟ ବେହେରା ଏବଂ ୟଙ୍ଗ ଉତ୍କଳ ପକ୍ଷରୁ ବବୁଲ ରାଉତ, ବାପୁନି ବିନ୍ଧାଣୀ ଓ ରାକେଶ ସାହୁ ଗୋଲ ଦେଇଥିଲେ। ଗୁରୁବାର ସନ୍‌ରାଇଜ୍ କ୍ଲବ ଓ ରାଇଜିଂ ଷ୍ଟାର କ୍ଲବ ମଧ୍ୟରେ ପ୍ରଥମ ସେମିଫାଇନାଲ ଅପରାହ୍ନ ୨ଟା ୩୦ରେ ଅନୁଷ୍ଠିତ ହେବ।



ବିଡ଼ାନାସୀ କ୍ଲବ ଓ ୟଙ୍ଗ ଉତ୍କଳ କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

## ରିଫ୍ରେଶର କୋର୍ସ ଭାରୋତ୍ତୋଳନ ବିକାଶରେ ସହାୟକ ହେବ: ସାନ୍ଧୁ

ଭୁବନେଶ୍ୱର, ୧୪।୯ (କ୍ରୀଡ଼ା ପ୍ରତିନିଧି)

ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଭାରତୀୟ ଭାରୋତ୍ତୋଳନ ଫେଡେରେଶନ (ଆଇଡବ୍ଲ୍ୟୁଏଲ୍‌ଏଫ୍)ର ମିଳିତ ଉଦ୍ୟମରେ କଳିଙ୍ଗ ଷ୍ଟାଡିୟମରେ ଏକ ୩ ଦିନିଆ ଟେକ୍ନିକାଲ ଅଫିସିଆଲ ରିଫ୍ରେଶର କୋର୍ସ (ନ୍ୟାଶନାଲ କାଟେଗୋରି-୨ ଓ କାଟେଗୋରି-୧) ଏବଂ ଆଇଡବ୍ଲ୍ୟୁଏଲ୍‌ଏଫ୍ ଲେଭଲ-୧ ସାର୍ଟିଫିକେଶନ ଇଣ୍ଡ୍ରୋଡକ୍ଟରି କୋର୍ସ ଅନୁଷ୍ଠିତ ହୋଇଯାଇଛି। ଏହା ୧୨ ତାରିଖରୁ ଆରମ୍ଭ ହୋଇ ୧୪ରେ ଶେଷ ହୋଇଛି। ଦ୍ରୋଣାଚାର୍ଯ୍ୟ ପୁରସ୍କାରପ୍ରାପ୍ତ କୋଚ୍ ପାଲ୍ ସିଂ ସାନ୍ଧୁ ଏବଂ ଆଇଡବ୍ଲ୍ୟୁଏଲ୍‌ଏଫ୍‌ର ବୈଷୟିକ ଅଧିକାରୀ କୁମ୍ପାସି ସୁବ୍ରମଣ୍ୟ ଏହି ଟ୍ରେନିଂ ପ୍ରୋଗ୍ରାମକୁ ପରିଚାଳନା କରିଥିଲେ। ଏଥିରେ ଓଡ଼ିଶାର ମୋଟ ୨୨ କୋଚ୍ ଅଂଶଗ୍ରହଣ କରିଥିଲେ। ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାଗୁଡ଼ିକରେ ପ୍ରତିନିଧିତ୍ୱ କରିବା ପାଇଁ ରାଜ୍ୟରେ କ୍ୱାଲିଫାଏଡ ଟେକ୍ନିକାଲ ଅଫିସିଆଲଙ୍କ ସଂଖ୍ୟା ବୃଦ୍ଧି ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

"ଓଡ଼ିଶାରେ ବୈଷୟିକ ଦୃଷ୍ଟିରୁ ଅଧିକାରୀଙ୍କ ସଂଖ୍ୟା ଅଳ୍ପ। ଏହି କାର୍ଯ୍ୟକ୍ରମ ଦ୍ୱାରା ଆମେ ଅଂଶଗ୍ରହଣକାରୀଙ୍କ ଦକ୍ଷତା ଜାଣିପାରିଲୁ। ଏକ ପରୀକ୍ଷା କରାଯାଇଛି। ମେରିଟ ଭିତ୍ତିରେ ସେମାନେ ନ୍ୟାଶନାଲ କାଟେଗୋରି -୨ ଓ କାଟେଗୋରି -୧ ରେଫରି ପାଇଁ ଯୋଗ୍ୟତା ଅର୍ଜନ କରିବେ" ବୋଲି ପାଲ୍ ସିଂ ସାନ୍ଧୁ ପ୍ରକାଶ କରିଛନ୍ତି। ନ୍ୟାଶନାଲ-୧ କାଟେଗୋରି ପାଇଁ ଯୋଗ୍ୟତା ଅର୍ଜନ କରିଥିବା ରେଫରିମାନେ ଜାତୀୟ ଓ ରାଜ୍ୟସ୍ତରୀୟ ଚାମ୍ପିୟନଶିପ୍ ପରିଚାଳନା କରିପାରିବେ। କାଟେଗୋରି-୨ ରେଫରି ଜିଲାସ୍ତରରେ ପ୍ରତିଯୋଗିତା ପରିଚାଳନା କରିବେ। ଦୀର୍ଘକାଳୀନଭିତ୍ତିରେ ଏହି ପ୍ରକ୍ରିୟା ଜାରି ରହିଲେ ଏହା ଓଡ଼ିଶାରେ ଭାରୋତ୍ତୋଳନର ବିକାଶରେ ସହାୟକ ହୋଇପାରିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଓଡ଼ିଶା ଭାରୋତ୍ତୋଳକଙ୍କର ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଭଲ ପ୍ରଦର୍ଶନ କରିବାର ଦକ୍ଷତା ଅଛି ବୋଲି ସୁବ୍ରମଣ୍ୟ କହିଛନ୍ତି। "୩ ଦିନିଆ କୋର୍ସ ଓଡ଼ିଶାର ଭାରୋତ୍ତୋଳନ ଦୃଶ୍ୟପଟରେ ପରିବର୍ତ୍ତନ ଆଣିବ। ଆମେ ଏକ ପରୀକ୍ଷା କରିଛୁ, ଯାହାକି ଭାରତୀୟ ଭାରୋତ୍ତୋଳନ ଫେଡେରେଶନ ଦ୍ୱାରା ସ୍ୱୀକୃତିପ୍ରାପ୍ତ। ଯୋଗ୍ୟତାସମ୍ପନ୍ନ ଅଂଶଗ୍ରହଣକାରୀମାନେ ବୈଷୟିକ ଅଧିକାରୀ ହୋଇପାରିବେ। କ୍ୱାଲିଟି ବୈଷୟିକ ଅଧିକାରୀ ବାହାର କରିବା ପାଇଁ ପ୍ରଥମଥର ପାଇଁ ଦେଶରେ ଏକ ରାଜ୍ୟ ସରକାର ଭାରୋତ୍ତୋଳନରେ ଏପରି ଏକ କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି। ଏହି କ୍ରୀଡ଼ାକୁ ପ୍ରମୋଟ କରିବା ପାଇଁ ଅନ୍ୟ ରାଜ୍ୟମାନେ ମଧ୍ୟ ଏପରି ପଦକ୍ଷେପ ନେବା ଆବଶ୍ୟକ" ବୋଲି ସୁବ୍ରମଣ୍ୟ ପ୍ରକାଶ କରିଛନ୍ତି।

ଅଂଶଗ୍ରହଣକାରୀଙ୍କ ମଧ୍ୟରୁ ବ୍ରହ୍ମପୁରର ପଦ୍ମିନୀ ପାଢ଼ୀ କହିଛନ୍ତି ଯେ, ଭାରୋତ୍ତୋଳନ ଇଭେଣ୍ଟ ଅବସରରେ ବିଭିନ୍ନ ପାରାମିଟର ଜଜ୍ କରିବା ପାଇଁ ରିଫ୍ରେଶର କୋର୍ସ ଆମକୁ ଅନେକ ସାହାଯ୍ୟ କରିଛି। ଆମେ ବିଭିନ୍ନ ନୀତି ନିୟମ ସମ୍ପର୍କରେ ଅବଗତ ହେଲୁ, ଯାହାକି ପ୍ରତିଯୋଗିତା ସମୟରେ ଆମକୁ ସହାୟତା କରିବ। ସେହିପରି ରାଜ୍ୟ କ୍ରୀଡ଼ା ଛାତ୍ରାବାସରେ ବାଳିକାଙ୍କ ପାଇଁ ଭାରୋତ୍ତୋଳନ କୋଚ୍ ଦାୟିତ୍ୱ ନିର୍ବାହ କରୁଥିବା ଧର୍ମା ରାଓଙ୍କ ମତରେ, ଏହା ଓଡ଼ିଶାର କୋଚ୍‌ମାନଙ୍କୁ ଜଣେ ରେଫରିଭାବେ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାଗୁଡ଼ିକର ବିଭିନ୍ନ କାଟେଗୋରିରେ ଅଂଶଗ୍ରହଣ ପାଇଁ ସହାୟତା କରିବ। ପୂର୍ବତନ ଜାତୀୟ ଭାରୋତ୍ତୋଳିକା ରାନୁ ମହାନ୍ତି କହିଛନ୍ତି ଯେ, ଏପରି କୋର୍ସ ସିନିୟର ଖେଳାଳିଙ୍କୁ ମୋଟିଭେଟ କରିବ।



ରିଫ୍ରେଶର କୋର୍ସ ପରିଚାଳନା ଅବସରରେ ପାଲ୍ ସିଂ ସାନ୍ଧୁ।

CLASSIFIED DISPLAY
MORE SPACE • SAME PRICE

GALAXY TOWER
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance
45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Market Complex, B wing, Bangalore, Karnataka-400021
8901110759

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି
ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ସୌଦାମିନି ଷଡ଼ଙ୍ଗୀ
ଆବିର୍ଭାବ : ତା.୨୯.୦୯.୧୯୫୬
ତିରୋଧାନ : ତା.୦୬.୦୯.୨୦୨୨
ଶୋକସନ୍ତପ୍ତ ପରିବାରବର୍ଗ
D-1521




# ସ୍ୱର ଯାଦୁଗର ରାଜକୁମାର

ଅପେରା ମଞ୍ଚ ଉପରେ ପାଦ ଦେବା ମାତ୍ରେ ଦର୍ଶକ ବିମୋହିତ ହୋଇଯାଆନ୍ତି। ତାଙ୍କ ଗୀତର ପ୍ରତିଟି ଧାଡ଼ିରେ ତାଳିମାଡ଼ ଦେଖିବାକୁ ମିଳିଥାଏ। ଏପରି କି କେତେକ ଦର୍ଶକ ମଞ୍ଚ ଉପରେ ତାଙ୍କୁ ପୁରସ୍କାର ପ୍ରଦାନ କରିବାକୁ ଭୁଲି ନ ଥାନ୍ତି। ଜଲିଉଡ୍‌ରେ ଜଣେ ନାମୀ ଗାୟକ ଭାବରେ ବେଶ୍ ପରିଚିତ ସେ। ହଁ, ସେହି ଗାୟକ ଜଣକ ଆଉ କେହି ନୁହନ୍ତି, ଅନ୍ୟତମ ଅଗ୍ରଣୀ ଅପେରା ଅନୁଷ୍ଠାନ କୋଣାର୍କ ଗଣନାଟ୍ୟରେ ଦୀର୍ଘ ୧୫ବର୍ଷ ଧରି ସଙ୍ଗୀତ ପରିବେଷଣ କରିଚାଲିଛନ୍ତି। ଏବେ ତାଙ୍କ ପରିଚୟ ଦେବା କେବଳ ଔପଚାରିକତା ମାତ୍ର। ସେ ହେଉଛନ୍ତି ସ୍ୱରର ଯାଦୁଗର ଶ୍ୱେତ କୁମାର ରଥ ଓରଫ୍ ରାଜକୁମାର। ଗଞ୍ଜାମ ଜିଲା ଛତ୍ରପୁର ଅନ୍ତର୍ଗତ ସାମନ୍ତରାପୁରରେ ତାଙ୍କର ଜନ୍ମ। ବାପା ଅନାମ ଚନ୍ଦ୍ର ରଥ ଜଣେ କଳାକାର। ଦୀର୍ଘ ୨୨ ବର୍ଷର କ୍ୟାରିୟର ସମ୍ପର୍କରେ ସେ କୁହନ୍ତି, 'ସ୍କୁଲ୍‌ରେ ପଢ଼ିବା ସମୟରୁ ମୁଁ ଗୀତ ଗାଇ ଆସୁଛି। ଘରେ ହାର୍‌ମୋନିୟମ ଶିଖୁଥିଲି। ତା'ପରେ ଗଞ୍ଜାମର ବିନୋଦ ବିହାରୀ କ୍ଲବ୍‌ରୁ ନିୟମିତ ଗୀତ ଶିଖିବା ସହ ଗାଁ ନାଟକରେ ଗୀତ ବୋଲିବା ଆରମ୍ଭ କଲି। ମୋ ସାଙ୍ଗ ନାରାୟଣ ବରାଳ ଯାତ୍ରା ଜଗତରେ ଏଣ୍ଟ୍ରି କରିବାକୁ ଉତ୍ସାହିତ କରିଥିଲେ। ୨୦୦୦ରେ ମୁଁ ପ୍ରଥମେ ତ୍ରିନାଥ ଗଣନାଟ୍ୟରେ ଯୋଗ ଦେଲି। ତା'ପରେ ପାର୍ବତୀ ଏବଂ ଏବେ ଦୀର୍ଘ ୧୫ ବର୍ଷ ଧରି କୋଣାର୍କ ଗଣନାଟ୍ୟରେ ମୁଁ ମୋ ଗାୟକ ଜୀବନକୁ ଆଗେଇ ନେଉଛି। ମୁଁ କେବଳ କିଶୋର କୁମାର, ମହମ୍ମଦ ରଫି ଏବଂ ସୁରେଶ ୱାଡେକରଙ୍କ ଗୀତ ଗାଇଥାଏ। ତା'ସହ ଅନେକ ନାଟକର ଟାଇଟଲ ଏବଂ ଅନ୍ୟ ଗୀତ ମଧ୍ୟ ଗାଇଛି। ମୋ ପାଇଁ ଦର୍ଶକ ସବୁକିଛି। ସେମାନଙ୍କର ଭଲ ପାଇବା ମୋତେ ଆଜି ଆଣି ଏହି ସ୍ଥାନରେ ପହଞ୍ଚାଇଛି।' ଓଡ଼ିଶୀ ଭୋକାଲରେ ବିଶାରଦ ଡିଗ୍ରୀ ହାସଲ କରିଥିବା ରାଜକୁମାର ନିଜକୁ ଜଣେ ଗାୟକ ଭାବେ ଆଗେଇନେବାକୁ ସତେଯେମିତି ପଣ କରିଛନ୍ତି। ସଙ୍ଗୀତ ଉପରେ ଯଥେଷ୍ଟ ଅଭିଜ୍ଞତା ଥିଲେ ମଧ୍ୟ ସଙ୍ଗୀତ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବାକୁ ସେ କେବେ ଇଚ୍ଛା କରିନାହାନ୍ତି ଏବଂ ଗୁରୁ ନୁହେଁ, ଜଣେ ଛାତ୍ର ହୋଇ ରହିବି ବୋଲି କହନ୍ତି ସେ। ଏକଦା ରାଉରକେଲାରେ ଗୋଟିଏ ଗୀତ ପାଇଁ ଜଣେ ବ୍ୟକ୍ତି ତାଙ୍କୁ ୪୮୦୦ ଟଙ୍କା ପୁରସ୍କାର ଆକାରରେ ଦେବା କଥାକୁ ସ୍ମରଣ କରନ୍ତି ରାଜକୁମାର। ସେ ଗୀତ ଗାଇଥିବା ଚର୍ଚ୍ଚିତ ନାଟକଗୁଡ଼ିକ ମଧ୍ୟରେ ରହିଛି 'ଯାଜ୍ଞସେନୀ, ଚିରାକାଗଜ, ନାଁ ଦେବେ ଆପଣ, କେନ୍ଦ୍ରାପଡ଼ାର ବାବା, ବେଇମାନ, ଦଇତାରୀ ପଣ୍ଡା ବାହା ହେଉଛି, କିଏ ହୀରା କିଏ ମୋତି ମାଣିକ, ବଦନାମ୍ ହେଲି ତୋରି ପାଇଁ ଏବଂ ଚଳିତବର୍ଷ କୋଣାର୍କ ଗଣନାଟ୍ୟର ପରିବେଷିତ ନାଟକ 'ତୋ ବିନା ମୁଁ ଅଧା ଅଧା' ଆଦି ଶତାଧିକ ନାଟକ।

# ଅନୁଷ୍କା ଯାହା ଚାହୁଁଥିଲେ...


'ଚକଡା ଏକ୍ସପ୍ରେସ୍' ଫିଲ୍ମରେ ଅନୁଷ୍କା

ଅନୁଷ୍କା ଶର୍ମା ଅନେକ ସିନେମାରେ ନାୟିକା ସାଜିସାରିଛନ୍ତି। ହେଲେ ତାଙ୍କର ଏକ ଆଶା ନିକଟରେ ପୂରଣ ହୋଇଛି। ଅନୁଷ୍କାଙ୍କ ଇଚ୍ଛା ଥିଲା, ଏକ କ୍ରିକେଟ୍‌ଭିତ୍ତିକ ସିନେମାରେ ଅଭିନୟ କରିବେ। ଯାହା ହେଉ ବିଲେଇ କପାଳକୁ ଶିକା ଛିଣ୍ଡିବା ପରି ଶୁଟିଂ ଚାଲିଥିବା 'ଚକଡା ଏକ୍ସପ୍ରେସ୍'ରେ ସେ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି। ଭାରତୀୟ ମହିଳା କ୍ରିକେଟ୍ ଦଳର ଅନ୍ୟତମ ଲୋକପ୍ରିୟ ଖେଳାଳି ତଥା ଫାଷ୍ଟ ବୋଲର ଝୁଲଣ ଗୋସ୍ୱାମୀଙ୍କ ଜୀବନୀକୁ ନେଇ ପ୍ରସ୍ତୁତ ହେଉଛି ଏହି ହିନ୍ଦୀ ସିନେମା। ଏଥିରେ ଝୁଲଣ ଭୂମିକାରେ ଅଭିନୟ କରୁଛନ୍ତି ଅନୁଷ୍କା। ଏପରି ସୁଯୋଗ ସମ୍ପର୍କରେ ସେ କୁହନ୍ତି, 'ଯେତେବେଳେ ଏହି ଅଫର ମୋତେ ମିଳିଲା ସେତେବେଳେ ମୁଁ ଏ ସମ୍ପର୍କରେ ବିରାଟଙ୍କ ସହ ବିଶଦ୍ ଭାବେ ଆଲୋଚନା କରିଥିଲି। ମା' ହେବା ପରେ ଏହା ହେଉଛି ମୋର ପ୍ରଥମ ସିନେମା। ତେଣୁ ଏହାକୁ ନେଇ ମୁଁ ବେଶ୍ ଉତ୍ସାହିତ ଅଛି।' ଏହି ଫିଲ୍ମର ପ୍ରଯୋଜନା କର୍ଣ୍ଣେସ୍ ଶର୍ମା କରିଛନ୍ତି ଏବଂ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଉନ୍ତି ପ୍ରୋସିତ୍ ରାୟ। ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଝୁଲଣ ଜଣେ ମହିଳା ପେସ୍ ବୋଲର ଭାବେ ବିଶ୍ୱରେ ସର୍ବାଧିକ ଉଇକେଟ ନେବାର ଗୌରବ ଅର୍ଜନ କରିଛନ୍ତି। ୨୦୧୮ରେ ତାଙ୍କୁ ସମ୍ମାନ ଦେବାକୁ ଯାଇ ଭାରତୀୟ ଡାକ ବିଭାଗ ତାଙ୍କ ନାମରେ ଏକ ଡାକଟିକଟ ଉନ୍ମୋଚନ କରିଥିଲା।

# କାହାକୁ ଡରନ୍ତି ଅନନ୍ୟା

ଚଙ୍କି ତନୟା ଅନନ୍ୟା ପାଣ୍ଡେ ଗୋଟିଏ ଜିନିଷକୁ ଭାରି ଭୟ କରନ୍ତି। ଯଦି ସେ ତାହାକୁ ଦେଖିବାକୁ ପାଇଲେ ତେବେ ତାଙ୍କ ଅବସ୍ଥା ନ କହିବା ଭଲ। ହେଲେ ତାହା କ'ଣ ଜାଣିବେନି? ନିଜ ଛାଇ। ଏକଦା ଏକ ସନ୍ଧ୍ୟା ସମୟରେ ଇନ୍‌ଡୋର ଶୁଟିଂ ଚାଲିଥାଏ। ଏହି ସମୟରେ ସେ ଯେମିତି ପଛକୁ ଚାହିଁ ଦେଇଛନ୍ତି ତାଙ୍କର ଅକଲ ଗୁଡୁମ୍। ସେ ଶଟ୍ ଦେବେ କ'ଣ ଚିତ୍କାର କରି ଉଠିଲେ। କ'ଣ ପାଇଁ ତାଙ୍କର ଏଭଳି ଅବସ୍ଥା ହେଲା ଜାଣିବେନି? ସେଦିନ ପଛକୁ ଚାହିଁବା ପରେ ଅନନ୍ୟା ନିଜ ଛାଇକୁ ଦେଖି ଡରିଯାଇଥିଲେ। ଏପରି କି ସେଦିନ ସେଥିପାଇଁ ଶୁଟିଂକୁ କିଛି ସମୟ ବନ୍ଦ ରଖିବାକୁ ପଡ଼ିଥିଲା। ଏ ସମ୍ପର୍କରେ ଅନନ୍ୟା କୁହନ୍ତି, 'ସତକଥା ହେଲା ନିଜ ଛାଇ ଦେଖିଲେ ମୋତେ ଭାରି ଡର ଲାଗେ। ଥରେ ଏଥିପାଇଁ ମୁଁ ଅଭିନୟ କରିଥିବା ଏକ ସିନେମାର ଶୁଟିଂକୁ କିଛି ସମୟ ବନ୍ଦ ରଖିବାକୁ ପଡ଼ିଥିଲା। କ୍ୟାମେରା ସାମ୍ନାକୁ ଯିବା ପରେ ମୁଁ ଟିକେ ପଛକୁ ଚାହିଁଦେଲି। ଆଉ ତା'ପରେ ମୁଁ ଡାଏଲଗ୍ କହିବି କ'ଣ ଭୟରେ ଚିତ୍କାର କରି ଉଠିଲି। ଏହା ଦେଖି ନିର୍ଦ୍ଦେଶକ ଦଉଡ଼ି ଆସିଲେ। ହେଲେ ମୁଁ ମୋ ଛାଇକୁ ଦେଖି ଡରିଲି ବୋଲି କହିବା ପରେ ସେଠାରେ କିଛି ସମୟ ପାଇଁ ହାସ୍ୟରୋଳ ସୃଷ୍ଟି ହୋଇଥିଲା। ତା' ସହ ଶୁଟିଂ ମଧ୍ୟ କିଛି ସମୟ ବନ୍ଦ ରହିଥିଲା। ତା'ପରେ ମୁଁ ସାଧାରଣ ଅବସ୍ଥାକୁ ଆସି ଶଟ୍ ଦେଇଥିଲି।'


ଅନନ୍ୟା

# ମନ ଦୁଃଖ ଅନ୍ତରାଳେ...

ବଲିଉଡ୍‌ରେ ବାଣୀ କପୁର ଏଣ୍ଟ୍ରି କରିବା ଇତିମଧ୍ୟରେ ୯ ବର୍ଷ ହୋଇଗଲାଣି। ହେଲେ ସେ ମାତ୍ର ସାତୋଟି ସିନେମାରେ ଅଭିନୟ କରିଛନ୍ତି। ତେବେ ଏହି ସମୟ ଭିତରେ ତାଙ୍କୁ ମନଲାଖି ଅଫରଟିଏ ମିଳିନି କି ଅଭିନୀତ ଫିଲ୍ମର ସଂଖ୍ୟା ମଧ୍ୟ ହାତଗଣତି। ବାଣୀଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଶୁଦ୍ଧ ଦେଶୀ ରୋମାନ୍ସ'। ନିକଟରେ ତାଙ୍କ ଅଭିନୀତ ସପ୍ତମ ଫିଲ୍ମ 'ସମସେରା' ମୁକ୍ତିଲାଭ କରିଛି। ଯେତେବେଳେ ସେ ବଲିଉଡ୍‌ରେ ଏଣ୍ଟ୍ରି କଲେ, ସେତେବେଳେ ଆଖିରେ ଆଖିଏ ସ୍ୱପ୍ନ। କିନ୍ତୁ ସେ ଯାହା ଆଶା କରୁଥିଲେ ତାହା ପୂରଣ ହେଲାନାହିଁ। ତେଣୁ ଯେଉଁ ଅଫର ମିଳିଲା, ତାହାକୁ ହାତଛଡ଼ା କରି ନ ଥିଲେ ସେ। ନିଜ କ୍ୟାରିୟର ସମ୍ପର୍କରେ ବାଣୀ କୁହନ୍ତି, 'ନଅ ବର୍ଷ ଭିତରେ ମୁଁ ମାତ୍ର ସାତୋଟି ସିନେମାରେ ଅଭିନୟ କରିଛି। ଅବଶ୍ୟ ମନ ଦୁଃଖ ଲାଗୁଛି। ହେଲେ ଫିଲ୍ମଟିଏ ମିଳିବା ତ ମୋ ହାତର କଥା ନୁହେଁ। ଯେତେବେଳେ ପ୍ରଯୋଜକ ଚାହିଁବେ, ମୋତେ ଚାନ୍ସ ଦେବେ। ତେଣୁ ସବୁକିଛି ମୋ ଭାଗ୍ୟର ଦୋଷ। ହେଲେ ଏତିକି କହିବି, ଏ ପର୍ଯ୍ୟନ୍ତ ମୋତେ ଯେଉଁ ଭୂମିକାଗୁଡ଼ିକ ମିଳିଛି ତାହା ମୋତେ ଶତପ୍ରତିଶତ ଆତ୍ମତୃପ୍ତି ଦେଇଛି।' ବାଣୀ ଏ ପର୍ଯ୍ୟନ୍ତ ଅଭିନୟ କରିଥିବା ସିନେମାଗୁଡ଼ିକ ହେଲା 'ଶୁଦ୍ଧ ଦେଶୀ ରୋମାନ୍ସ', 'ଆହା କଲ୍ୟାନମ୍' (ତେଲୁଗୁ), 'ବେଫିକ୍ରେ', 'ୱାର୍', 'ବେଲ୍ ବଟମ୍', 'ଚଣ୍ଡିଗଡ଼ କରେ ଆସିକ୍' ଏବଂ 'ସମସେରା।'


ବାଣୀ କପୁର

# କ୍ୟାରିୟର ଆଗ, ମ୍ୟାରେଜ୍ ପଛ

ଜାହ୍ନବୀ କପୁରଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। କାରଣ କ'ଣ ଜାଣନ୍ତି? ସେ କୁଆଡ଼େ ଚଳିତବର୍ଷ ହାତକୁ ଦି'ହାତ ହେବାକୁ ଯାଉଛନ୍ତି। ଏ କଥା ଆଲୋଚନାର ଶିରୋନାମା ପାଲଟିବା ପରେ ତାହା ତାଙ୍କ କାନରେ ପଡ଼ିଥିଲା। ଆଉ ଏପରି କଥା ଶୁଣି ସେ ଯେତିକି ଅଭିମାନ କରିଥିଲେ ସେତିକି ଦୁଃଖ ମଧ୍ୟ ପ୍ରକାଶ କରିଥିଲେ। ଏଭଳି କଥାକୁ ନେଇ ଜାହ୍ନବୀ କୁହନ୍ତି, 'କେହି ଜଣେ ମୋତେ ଅଯଥା ବଦନାମ୍ କରିବାକୁ ଏଭଳି ପ୍ରଚାର କରୁଛନ୍ତି। ମୋର ଏବେ ମ୍ୟାରେଜ୍ କରିବାର କୌଣସି ଯୋଜନା ନାହିଁ। କାରଣ ବର୍ତ୍ତମାନ ମୁଁ ମୋ କ୍ୟାରିୟରକୁ ଅଧିକ ଗୁରୁତ୍ୱ ଦେଉଛି। ଯେତେବେଳେ ସେହି ଶୁଭ ସମୟ ଆସିବ ସେତେବେଳେ ସେକଥା ସମସ୍ତେ ଜାଣିବେ। କାରଣ ମୋର ଲୁଚିଛପି ବିବାହ କରିବାର ଆଦୌ ଯୋଜନା ନାହିଁ। ତେଣୁ ଏପରି କଥାକୁ କେହି ବିଶ୍ୱାସ ନ କରିବାକୁ ଅନୁରୋଧ କରୁଛି।' ଜାହ୍ନବୀ ଏବେ ନିଜ ଫିଟ୍‌ନେସ୍ ପ୍ରତି ଅଧିକ ସଚେତନ ରହୁଛନ୍ତି। ନିୟମିତ ଜିମ୍ ଯିବା ସହ ଡାଏଟିଂ ପ୍ରତି ନଜର ଦେଉଛନ୍ତି। କାରଣ ଖୁବ୍‌ଶୀଘ୍ର ସେ ଏକ ଆକ୍ସନଭିତ୍ତିକ ଫିଲ୍ମରେ ଅଭିନୟ କରିବାର ଯୋଜନା ରହିଛି।


ଜାହ୍ନବୀ

# ଦୁର୍ଗାପୂଜାରେ 'ରୁଦ୍ରାଣୀ'

ଝିଲିକ୍ ମୋଶନ ପିକ୍ଚର୍ସ ବ୍ୟାନରରେ ନିର୍ମିତ 'ରୁଦ୍ରାଣୀ' ଏଥର ଦଶହରାରେ ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଝିଲିକ୍ ଭଟ୍ଟାଚାର୍ଯ୍ୟ ଏହାର ପ୍ରଯୋଜନା କରିବା ସହ ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି। ଏହି ଫିଲ୍ମ ବିଷୟରେ ସେ କୁହନ୍ତି, 'ରୁଦ୍ରାଣୀ ହେଉଛି ଏକ ଭିନ୍ନଧରଣର ଫିଲ୍ମ। ମିଛର ଉହାଡ଼ ଭିତରେ କେମିତି ସତ୍ୟ ଲୁଚିଯାଏ ଓ ସତ୍ୟର ସନ୍ଧାନ କରିବା କେତେ କଷ୍ଟକର, ତାହା ଏହି ଫିଲ୍ମରେ ଦେଖିବାକୁ ମିଳିବ। ଏହି ସିନେମାଟି ମୌଳିକ ଓଡ଼ିଆ କାହାଣୀକୁ ନେଇ ପ୍ରସ୍ତୁତ ଏବଂ ଏଥିରେ ନାରୀଶକ୍ତିକୁ ପ୍ରାଧାନ୍ୟ ଦିଆଯାଇଛି। ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାର ପର୍ଦ୍ଦାଫାଶ କରିବାକୁ ଜଣେ ଯୁବତୀ ଶପଥ ନେଇଛି ଏବଂ ସେଥିପାଇଁ ସେ ଏକ ନୂଆ ଅବତାର ନେଇଛି।' ଏହି ସିନେମାର କାହାଣୀ, ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଦେଇଛନ୍ତି କେ.ମୁରଲୀ କ୍ରିଷ୍ଣା। ସିନେମାର ସଂଳାପ ଲେଖିଛନ୍ତି ଡ. ରଜନୀ ରଞ୍ଜନ। ପ୍ରେମାନନ୍ଦ ଏଥିରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ କ୍ରିଏଟିଭ୍ ହେଡ୍ ରହିଛନ୍ତି ପ୍ରଣୟ ଜେଠୀ। ଚଳଚ୍ଚିତ୍ରର କାର୍ଯ୍ୟକାରୀ ପ୍ରଯୋଜକ ଭାବେ ଦାୟିତ୍ୱ ତୁଲାଇଛନ୍ତି ଅରୁଣ ସ୍ୱାଇଁ ଓ ରତୁରାଜ ଖଟୁଆ। ଝିଲିକ୍‌ଙ୍କ ବ୍ୟତୀତ ଶୁଭାଶିଷ ଶର୍ମା(ମଣ୍ଟୁ), ଲୋହିତାକ୍ଷ ପଟ୍ଟନାୟକ, ନବାଗତା ମୁସ୍କାନ, ବାପି ବାବୁ, ବବି ମିଶ୍ର, ପିଣ୍ଟୁ ନନ୍ଦ, ଭିକି ମିଶ୍ର, ଜୀବନ ପଣ୍ଡା, ଇଲୁ ବାନାର୍ଜୀ, ଟିଲୁ, ପ୍ରତିଭା ପଣ୍ଡା, ଶୁଭଙ୍କରୀ, ଅନୁରାଧା, ଗୁଡ୍ଡୁ, ଅମର, ସରୋଜ, ଧରିତ୍ରୀ ପ୍ରମୁଖ ଏଥିରେ ଅଭିନୟ କରିଛନ୍ତି।


'ରୁଦ୍ରାଣୀ' ଫିଲ୍ମରେ ଝିଲିକ୍

# ଡବଲ ଅବତାର

ଗୋଟିଏ ପଟେ ସିନେମାଟିଏ ପ୍ରଯୋଜନା କରିବା ପୁଣି ସେଥିରେ ଖଳନାୟକ ଚରିତ୍ରରେ ଅବତୀର୍ଣ୍ଣ ହେବା-ଏ ଦୁଇଟି ସହଜ କଥା ନୁହେଁ। କାରଣ ଏଭଳି ଦାୟିତ୍ୱ ତୁଲାଇବାକୁ ନିଜକୁ ପ୍ରଥମେ ମାନସିକ ସ୍ତରରେ ପ୍ରସ୍ତୁତ ହେବାକୁ ପଡ଼ିଥାଏ। ହଁ, ସେଭଳି ରୂପରେ ଖୁବ୍‌ଶୀଘ୍ର ଦର୍ଶକ ଜଣେ ନବାଗତଙ୍କୁ ଦେଖିବାକୁ ପାଇବେ। ସେ ହେଲେ ସୁଶୀଲ କୁମାର ପ୍ରଧାନ। ନିର୍ମାଣାଧୀନ ଓଡ଼ିଆ ସିନେମା 'ସଦର ଥାନାରୁ ଇନ୍‌ସ୍ପେକ୍ଟର ସନା'ର ସେ ହେଉଛନ୍ତି ପ୍ରଯୋଜକ। ପ୍ରଥମଥର ପାଇଁ ଓଡ଼ିଆ ସିନେମାଟିଏ ତିଆରି କରିବାକୁ ଅଣ୍ଟା ଭିଡ଼ିଛନ୍ତି। ତା'ସହ ଏଥିରେ ତାଙ୍କୁ ଖଳନାୟକ ଭାବେ ଦେଖିବାକୁ ମିଳିବ। ଏ ନେଇ ସୁଶୀଲ କୁହନ୍ତି, 'ପେସାରେ ମୁଁ ଜଣେ କ୍ରିକେଟ୍ ଖେଳାଳି। ହେଲେ ଏବେ ସିନେମା ନିର୍ମାଣ କ୍ଷେତ୍ରରେ ପାଦ ଦେଇଛି। ଏହି ଫିଲ୍ମର କାହାଣୀ ମୌଳିକ ଏବଂ ଏଥିରୁ ଦର୍ଶକ ଶତପ୍ରତିଶତ ମନୋରଞ୍ଜନ ପାଇବେ ବୋଲି ମୋର ଦୃଢ଼ ବିଶ୍ୱାସ। ତା'ସହ ଏହି ସିନେମାରେ ମୁଁ ଖଳନାୟକ ଅଭିନୟ କରୁଛି। ବିଶେଷକରି ଆଖିକୁ ନେଇ ଏକ୍ସପେରିମେଣ୍ଟ କରାଯାଇଛି, ଯାହା ଦର୍ଶକଙ୍କ ପାଇଁ ସ୍ପେଶାଲ ହେବ ବୋଲି ମୋର ଆଶା।' ପ୍ରସ୍ତୁତ ହେଉଥିବା ଉକ୍ତ ଚିତ୍ରର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି 'ଗୁଆ ଘିଅ' ଫେମ୍ ବଣ୍ଟି ଆର. ସାମଲ ଓରଫ ଅନୁଗୁଳିଆ ବଣ୍ଟି ଏବଂ ତାଙ୍କ ନାୟିକା ସାଜିଛନ୍ତି ଅର୍ଚ୍ଚିତା ମହାନ୍ତି। ଏହାର ଅନ୍ୟତମ ପ୍ରଯୋଜକ ଅଛନ୍ତି ସୁଦୀପ୍ତ ଷ୍ଟାଲିନ୍ ମହାପାତ୍ର ଏବଂ ନିର୍ଦ୍ଦେଶନା ଦେଉଛନ୍ତି ରାଜା ଡି.।


'ସଦର ଥାନାରୁ ଇନସ୍ପେକ୍ଟର ସନା' ଫିଲ୍ମରେ ସୁଶୀଲ

ଧରିତ୍ରୀ DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୧୫/୨୦୨୨ | Bhubaneswar, Thursday, September 15/ 2022

# ଗାଙ୍ଗୁଲି, ଶାହାଙ୍କ କାର୍ଯ୍ୟକାଳ ବଢ଼ିବ

**ନୂଆଦିଲ୍ଲୀ, ୧୪।୯ (ପି.ଟି.)**

ବିସିସିଆଇ ପଦାଧିକାରୀଙ୍କ କାର୍ଯ୍ୟକାଳ ବୃଦ୍ଧି ସମ୍ବନ୍ଧିତ ସମ୍ବିଧାନ ସଂଶୋଧନକୁ ସୁପ୍ରିମକୋର୍ଟ ମଞ୍ଜୁରୀ ଦେଇଛନ୍ତି। ସମ୍ବିଧାନ ସଂଶୋଧନକୁ ମଞ୍ଜୁରୀ ମିଳିବା ସହିତ ବର୍ତ୍ତମାନର ସଭାପତି ସୌରଭ ଗାଙ୍ଗୁଲି ଓ ସମ୍ପାଦକ ଜୟ ଶାହାଙ୍କ କାର୍ଯ୍ୟକାଳ ବଢ଼ିବା ସ୍ପଷ୍ଟ ହୋଇଛି। ବୁଧବାର ସର୍ବୋଚ୍ଚ କୋର୍ଟ ଏହି ମାମଲାର ବିଚାର କରିବା ସହିତ ବିସିସିଆଇ ସପକ୍ଷରେ ରାୟ ପ୍ରକାଶ କରିଛନ୍ତି। ନୂତନ ରାୟ ଅନୁସାରେ ଏଣିକି ବିସିସିଆଇର ଅଧିକାରୀମାନେ କୌଣସି ରାଜ୍ୟ ବୋର୍ଡରେ ୬ ବର୍ଷ ଓ ବିସିସିଆଇରେ ୬ ବର୍ଷ ଭାବରେ କାମ କରିବା ପରେ କୁଲିଂ ଅଫ୍ ପିରିୟଡ(ଅବ୍ୟାହତି) ନେବେ। ପୂର୍ବରୁ ଏହି ସମୟସୀମା ଉଭୟ ରାଜ୍ୟ ଓ ବିସିସିଆଇ ପାଇଁ ୩ ବର୍ଷ ରହିଥିଲା। ଉଭୟ ରାଜ୍ୟ ଓ ବିସିସିଆଇରେ ୩ ବର୍ଷ କାମ କରିବା ପରେ ୩ ବର୍ଷର ବାଧ୍ୟତାମୂଳକ କୁଲିଂ ଅଫ୍ ପିରିୟଡ ରହୁଥିଲା। ବିସିସିଆଇ ପକ୍ଷରୁ ଆଗତ ମାମଲାର ବିଚାର କରି କୋର୍ଟ ଏହି ନିଷ୍ପତ୍ତି ଶୁଣାଇଛନ୍ତି। ଜଣେ ବ୍ୟକ୍ତି ଯେକୌଣସି ରାଜ୍ୟ ଆସୋସିଏଶନ ଓ ବିସିସିଆଇ ସହିତ ଲଗାତର ଦୁଇଟି ଟର୍ମ କାମ କରିପାରିବେ। ଏହା ସହିତ ୧୨ ବର୍ଷର ଏହି ସମୟସୀମା ଶେଷ ହେବା ପରେ କୁଲିଂ ଅଫ୍ ପିରିୟଡ ବାଧ୍ୟତାମୂଳକ କରାଯିବ।

**ବିସିସିଆଇ ସମ୍ବିଧାନକୁ ସୁପ୍ରିମକୋର୍ଟଙ୍କ ମଞ୍ଜୁରୀ**

୨୦୧୫-୨୦୧୯ ଯାଏ ଗାଙ୍ଗୁଲି ବେଙ୍ଗଲ କ୍ରିକେଟ ଆସୋସିଏଶନର ସଭାପତି ରହିଥିବା ବେଳେ ୨୦୧୯ରୁ ବିସିସିଆଇ ସଭାପତି ରହିଛନ୍ତି। ଅନ୍ୟପକ୍ଷରେ ଗୃହମନ୍ତ୍ରୀ ଅମିତ ଶାହାଙ୍କ ପୁଅ ଜୟ ଶାହା ୨୦୧୩ରୁ ଗୁଜରାଟ କ୍ରିକେଟ ଆସୋସିଏଶନର ଯୁଗ୍ମ ସମ୍ପାଦକ ରହିଥିଲେ। ଉଭୟ ୨୦୧୯ରେ ବିସିସିଆଇରେ ସଭାପତି ଓ ସମ୍ପାଦକ ଭାବରେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ ଓ ଜଷ୍ଟିସ ହିମା କୋହଲିଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ଉଭୟ ରାଜ୍ୟ ସଂଘ ଓ ବିସିସିଆଇରେ ଜଣେ ବ୍ୟକ୍ତି ଦୁଇଥର ଲେଖାଏ କାର୍ଯ୍ୟ କରିପାରିବେ ଏବଂ ଏହା ପରେ ତାଙ୍କୁ କୁଲିଂ ଅଫ୍ ପିରିୟଡର ସାମ୍ନା କରିବାକୁ ହେବ। ବିସିସିଆଇର ଅନୁରୋଧ କ୍ରମେ କାର୍ଯ୍ୟକାଳ ବୃଦ୍ଧିକୁ ଗ୍ରହଣ କରିଥିଲେ ହେଁ କୁଲିଂ ଅଫ୍ ପିରିୟଡ ଶେଷ କରିବାକୁ କୋର୍ଟ ମନା କରିଛନ୍ତି। ବିସିସିଆଇ ସଭାପତି ଓ ସମ୍ପାଦକ ଭାବରେ ଉଭୟ ଗାଙ୍ଗୁଲି ଓ ଶାହାଙ୍କ କାର୍ଯ୍ୟକାଳ ପୂରଣ ହେବାକୁ ଯାଉଥିବା ବେଳେ ଏହା ପୂର୍ବରୁ ଉଭୟଙ୍କ କାର୍ଯ୍ୟକାଳ ବୃଦ୍ଧି ପାଇବା ସ୍ପଷ୍ଟ ହୋଇଛି। ବୋର୍ଡରେ ଏକଚ୍ଛତ୍ରବାଦ ସମାପ୍ତ କରିବା ପାଇଁ କୁଲିଂ ଅଫ୍ ପିରିୟଡ ବ୍ୟବସ୍ଥା ଆରମ୍ଭ କରାଯାଇଛି। ତେଣୁ ଏହାକୁ ବନ୍ଦ କରିବା ଅସମ୍ଭବ ବୋଲି ଖଣ୍ଡପୀଠ ନିଜ ରାୟରେ ପ୍ରକାଶ କରିଥିଲେ। ଏହା ସହିତ ସମ୍ବିଧାନ ସଂଶୋଧନ ସମ୍ପର୍କିତ ଜଷ୍ଟିସ୍ ଆର.ଏମ୍. ଲୋଧାଙ୍କ ରିପୋର୍ଟକୁ ମଧ୍ୟ ସର୍ବୋଚ୍ଚ କୋର୍ଟ ଗ୍ରହଣ କରି ନେଇଛନ୍ତି। ପୂର୍ବରୁ ସିଓଏଙ୍କ ପ୍ରସ୍ତାବିତ ସମ୍ବିଧାନକୁ ମଧ୍ୟ ସୁପ୍ରିମକୋର୍ଟ ମଞ୍ଜୁରୀ ଦେଇଥିଲେ। ପୂର୍ବ ସମ୍ବିଧାନ ଅନୁସାରେ ଜଣେ ବ୍ୟକ୍ତି କୌଣସି ରାଜ୍ୟ ଆସୋସିଏଶନ ଏବଂ ବିସିସିଆଇ କର୍ମକର୍ତ୍ତା ଭାବରେ ସର୍ବାଧିକ ୩ ବର୍ଷ ଲେଖାଏ କାର୍ଯ୍ୟ କରିପାରିବେ। ୭୦ ବର୍ଷରୁ ଅଧିକ ବର୍ଷର ବ୍ୟକ୍ତି ଆଇସିସିରେ ଭାରତର ପ୍ରତିନିଧିତ୍ୱ କରୁଥିବା ନେଇ ମଧ୍ୟ ଖଣ୍ଡପୀଠ ପ୍ରଶ୍ନ ଉଠାଇଛନ୍ତି। ପୂର୍ବତନ ବିସିସିଆଇ ସଭାପତି ଏନ୍ ଶ୍ରୀନିବାସନଙ୍କୁ ଭାରତ ଆଇସିସିକୁ ପଠାଇଥିବା ବେଳେ କୋର୍ଟ ଏହାକୁ ଭର୍ତ୍ସନା କରିଛନ୍ତି। ଶ୍ରୀନିବାସନଙ୍କ କାର୍ଯ୍ୟକାଳ ନଭେମ୍ବରରେ ଶେଷ ହେଉଥିବା ବେଳେ ଗାଙ୍ଗୁଲି ଏହି ପଦର ଦୃଢ ଦାବିଦାର ଅଛନ୍ତି। ଏପରିକି ଗାଙ୍ଗୁଲି ପରବର୍ତ୍ତୀ ଆଇସିସି ସଭାପତି ହେବାର ସମ୍ଭାବନା ରହିଛି। ଏପରି ହେଲେ ଜୟ ଶାହାଙ୍କୁ ବିସିସିଆଇର ସଭାପତି କରାଯିବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ୭୦ ବର୍ଷ ପରିବର୍ତ୍ତେ ୬୦ ବର୍ଷୀୟ ବ୍ୟକ୍ତିଙ୍କୁ ଆଇସିସିଙ୍କୁ ପଠାଇବା ସପକ୍ଷରେ କୋର୍ଟ ମତ ଦେଇଛନ୍ତି। ସେହିପରି ଆଇପିଏଲ ଚେୟାରମ୍ୟାନ ଥିବା ବ୍ରିଜେଶ ପଟେଲ ୭୦ ବର୍ଷରେ ନିଜ ଦାୟିତ୍ୱରୁ ଓହରୁଛନ୍ତି। କେଉଁ ପରିସ୍ଥିତିରେ ଶ୍ରୀନିବାସନଙ୍କୁ ଦାୟିତ୍ୱ ଦିଆଗଲା ତାକୁ ନେଇ ପ୍ରଶ୍ନ ଉଠିଛି। କୋର୍ଟଙ୍କ ତାଗିଦ ପରେ ବିସିସିଆଇ ଏହି ମାମଲାରେ ନୀରବତା ଅବଲମ୍ବନ କରିଛି। ଗାଙ୍ଗୁଲି ଓ ଶାହାଙ୍କ ମାମଲା ପରେ ଏହା ଉପରେ ନିଷ୍ପତ୍ତି ନିଆଯିବ।



ସୌରଭ ଗାଙ୍ଗୁଲି ଓ ଜୟ ଶାହା।

## ଉତ୍ଥପ୍ପାଙ୍କ ଅବସର

**ନୂଆଦିଲ୍ଲୀ,୧୪।୯(ପି.ଟି.)**

ଭାରତୀୟ ଦଳର ପୂର୍ବତନ ଓପନର ତଥା ୨୦୦୭ ଟି୨୦ ବିଶ୍ୱକପ ବିଜୟୀ ଦଳର ସଦସ୍ୟ ରବିନ ଉତ୍ଥପ୍ପା କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଦୀର୍ଘ ୨୦ ବର୍ଷ ଧରି ପ୍ରଫେସନାଲ କ୍ରିକେଟ ଖେଳିବା ପରେ ଶେଷରେ ଏଥିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ଏହା ସହିତ ଜୀବନର ଏକ ନୂତନ ଅଧ୍ୟାୟ ଆରମ୍ଭ କରିବେ ବୋଲି ଟ୍ୱିଟ୍ କରି ସୂଚନା ଦେଇଛନ୍ତି। ଭାରତ ପାଇଁ ୫୯ଟି ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିବା ଉତ୍ଥପ୍ପା ୧୧୦୦ରୁ ଅଧିକ ରନ୍ ସଂଗ୍ରହ କରିଛନ୍ତି। ୪୬ ଦିନିକିଆରେ ୯୩୪ ରନ୍ ଓ ୧୩ ଟି୨୦ରେ ସେ ୨୪୯ ରନ କରିଛନ୍ତି। ଏହା ସହିତ ୨୦୦୭ ବିଶ୍ୱକପ ବିଜୟୀ ଦଳର ସଦସ୍ୟ ରହିଥିବା ଉତ୍ଥପ୍ପା ପାକିସ୍ତାନ ବିପକ୍ଷ ବୋଲ ଆଉଟରେ ଅଂଶଗ୍ରହଣ କରିଥିଲେ।









ପ୍ଲେୟର ଅଫ୍ ଦ ମ୍ୟାଚ୍ ସ୍ମୃତି ମନ୍ଧାନା।

# ଇଂଲଣ୍ଡକୁ ହରାଇଲା ଭାରତ

**ଡର୍ବି,୧୪।୯(ପି.ଟି.)**

ଓପନର ସ୍ମୃତି ମନ୍ଧାନାଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟି୨୦ ଅନ୍ତର୍ଜାତୀୟ ମୁକାବିଲାରେ ବିଜୟୀ ହୋଇଛି ଭାରତ। ୩ ମ୍ୟାଚ ବିଶିଷ୍ଟ ସିରିଜ ବର୍ତ୍ତମାନ ୧-୧ରେ ରହିଥିବା ବେଳେ ଗୁରୁବାର ଅନ୍ତିମ ମ୍ୟାଚ ଖେଳାଯିବ। ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ଫ୍ରେୟା କେମ୍ପଙ୍କ ଅପରାଜିତ ୫୧ ରନ ବଳରେ ୬ ଉଇକେଟ ହରାଇ ୧୪୨ ରନ କରିଥିଲା। ଜବାବରେ ସ୍ମୃତି ମନ୍ଧାନାଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଭାରତ ୧୬.୪ ଓଭରରେ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା।

ଟସ୍ ଜିତି ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରିଥିବା ବେଳେ ଭାରତୀୟ ବୋଲର ଟାଇଟ ବୋଲିଂ କରିଥିଲେ। ସୋଫିଆ ଡଙ୍କଲି(୫), ଡାନିଏଲ ୱାୟାଟ(୬) ଓ ଆଲିସ୍ କ୍ୟାପସେ(୫) ସହଜରେ ଆଉଟ ହେବା ସହିତ ଇଂଲଣ୍ଡ ୧୬ ରନରେ ୩ ଉଇକେଟ ହରାଇଥିଲା। ପରେ ସ୍ନେହ ରଣାଙ୍କ ଘାତକ ବୋଲିଂ ବଳରେ ଇଂଲଣ୍ଡ ୫୪ ରନରେ ୫ ଉଇକେଟ ହରାଇଥିଲା। ତେବେ କେମ୍ପ(୫୧*) ଓ ମାଇଆ ବୌଚିଅର(୩୪)ଙ୍କ ମଧ୍ୟରେ ୬୫ ରନର ଭାଗୀଦାରି ହୋଇଥିଲା। ୧୭ ବର୍ଷୀୟା କେମ୍ପ ୩୭ ବଲର ଇନିଂସରେ ୩ଟି ଲେଖାଏ ଛକା ଓ ଚୌକା ମାରିଥିଲେ। ୧୮ ତମ ଓଭରରେ ରଣା ବୌଚିଅରଙ୍କୁ ଆଉଟ କରି ଏହି ଭାଗୀଦାରି ଭାଙ୍ଗିଥିଲେ। ନିର୍ଦ୍ଧାରିତ ଓଭରରେ ଇଂଲଣ୍ଡ ୬ ଉଇକେଟରେ ୧୪୨ ରନ ସଂଗ୍ରହ କରିଥିଲା। ସ୍ନେହ ରଣା ୨୪ ରନରେ ୩ ଉଇକେଟ ନେଇଥିବା ବେଳେ ରେଣୁକା ସିଂ ଓ ଦୀପ୍ତି ଶର୍ମା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୧୪୩ ରନର ପିଛା କରୁଥିବା ଭାରତ ପକ୍ଷରୁ ଦୁଇ ଓପନର ସ୍ମୃତି ମନ୍ଧାନା(୭୯*) ଓ ଶେଫାଳି ବର୍ମା(୨୦) ପାୱାର ପ୍ଲେରେ ଯୋଡିଥିଲେ ୫୫ ରନ୍। ୧୭ ବଲ ଖେଳି ୨୦ ରନ୍ କରିଥିବା ଶେଫାଳି ପାୱାର ପ୍ଲେର ଅନ୍ତିମ ବଲରେ ଆଉଟ ହୋଇଥିଲେ। ଏହାର ୧୬ ବଲ ମଧ୍ୟରେ ଦୟଲାନ ହେମଲତା ମାତ୍ର ୯ ରନ କରି ଫ୍ରେୟା ଡେଭିସଙ୍କ ବଲରେ ବୋଲ୍ଡ ହୋଇଥିଲେ। ୭୭ ରନରେ ଦୁଇ ଉଇକେଟର ପତନ ପରେ ଅଧିନାୟିକା ହରମନପ୍ରୀତ କ୍ରିଜ୍‌ରେ ଯୋଗ ଦେଇଥିଲେ। ସେ ମନ୍ଧାନାଙ୍କ ସହିତ ୬୯ ରନ ଯୋଡି ଦଳକୁ ବିଜୟୀ କରିଥିଲେ। ୫୩ ବଲ୍ ଖେଳ ସ୍ମୃତି ୧୩ ଚୌକା ସହିତ ଅପରାଜିତ ୭୯ ରନ କରିଥିଲେ। ସେହିପରି ୨୨ ବଲ ଖେଳି ହରମନପ୍ରୀତ୍ ୪ ଚୌକା ମାରିଥିଲେ। ମ୍ୟାଚ ବିଜୟୀ ଇନିଂସ ପାଇଁ ମନ୍ଧାନାଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

# ଭାରତ ବିପକ୍ଷ ସିରିଜରୁ ମାର୍ଶ, ଷ୍ଟାର୍କ, ଷ୍ଟୋଇନିସ ଓହରିଲେ



ମିଚେଲ ଷ୍ଟାର୍କ, ମାର୍କୁସ ଷ୍ଟୋଇନିସ ଓ ମିଚେଲ ମାର୍ଶ।

**ମେଲବୋର୍ନ, ୧୪।୯ (ପି.ଟି.)**

ଆସନ୍ତା ଭାରତ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ କ୍ରିକେଟ ସିରିଜରୁ ଅଷ୍ଟ୍ରେଲିଆର ମିଚେଲ ମାର୍ଶ, ମିଚେଲ ଷ୍ଟାର୍କ ଓ ମାର୍କୁସ ଷ୍ଟୋଇନିସ ଓହରି ଯାଇଛନ୍ତି। ଆହତ ସମସ୍ୟା କାରଣରୁ ଏହି ଖେଳାଳିମାନେ ଭାରତରେ ହେବାକୁଥିବା ସିରିଜପାଇଁ ଉପଲବ୍ଧ ହୋଇପାରିବେ ନାହିଁ ବୋଲି ବୁଧବାର କ୍ରିକେଟ ଅଷ୍ଟ୍ରେଲିଆ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଷ୍ଟାର୍କ ଆଣ୍ଠୁରେ ଆଘାତ ପାଇଥିବାବେଳେ ମାର୍ଶ ଓ ଷ୍ଟୋଇନିସ ଯଥାକ୍ରମେ ପାଦ ଓ ସାଇଡ୍ ଷ୍ଟ୍ରେନ୍ ସମସ୍ୟାରେ ଅଛନ୍ତି। ଆହତ ସମସ୍ୟା ମାମୁଲି ଥିଲେ ହେଁ ଆଗକୁ ଟି୨୦ କ୍ରିକେଟ ବିଶ୍ୱକପକୁ ଦୃଷ୍ଟିରେ ରଖି ଅଷ୍ଟ୍ରେଲିଆ ରିସ୍କ ନେବାକୁ ଚାହୁଁନାହିଁ। ଅକ୍ଟୋବରରେ ଅଷ୍ଟ୍ରେଲିଆ ଏହାର ଘରୋଇ ମାଟିରେ ଟି୨୦ କ୍ରିକେଟ ବିଶ୍ୱକପ ଖେଳିବ। ଭାରତ ବିପକ୍ଷ ଟୁର୍ ପାଇଁ ଡେଭିଡ ୱାର୍ନରଙ୍କୁ ବିଶ୍ରାମ ଦିଆଯାଇ ସାରିଥିବାରୁ ଆହତ ଏହି ୩ ଖେଳାଳିଙ୍କ ସ୍ଥାନରେ ଚୟନକର୍ତ୍ତାମାନେ ଆଉ ୩ ଜଣଙ୍କୁ ନେବାକୁ ବାଧ୍ୟ ହୋଇଛନ୍ତି। ବଦଳ ଖେଳାଳିଭାବେ ଅଷ୍ଟ୍ରେଲିଆ ଦଳରେ ନାଥାନ ଏଲିସ, ଡାନିଏଲ ସାମ୍ସ ଓ ସିଅନ ଆବୋଟ ସ୍ଥାନ ପାଇଛନ୍ତି। ମାର୍ଶ ଓ ଷ୍ଟୋଇନିସ ଯଥାକ୍ରମେ ଜିମ୍ବାୱେ ଓ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜରେ ଆଘାତ ପାଇଥିଲେ। ଷ୍ଟାର୍କଙ୍କ ପାଦରେ ସ୍କାନ କରାଯିବାପରେ ତାଙ୍କୁ ବିଶ୍ରାମ ପରାମର୍ଶ ଦିଆ ଯାଇଛି। ଅଷ୍ଟ୍ରେଲିଆ ଦଳ ସେପ୍ଟେମ୍ବର ୨୦, ୨୩ ଓ ୨୫ରେ ଯଥାକ୍ରମେ ମୋହାଲି, ନାଗପୁର ଓ ହାଇଦ୍ରାବାଦରେ ୩ଟି ଟି୨୦ ଖେଳିବ। ଭାରତ ଟୁର୍‌ପରେ ଅଷ୍ଟ୍ରେଲିଆ ଆଗାମୀ ବିଶ୍ୱକପ ପୂର୍ବରୁ ୱେଷ୍ଟଇଣ୍ଡିଜ ଓ ଇଂଲଣ୍ଡ ବିପକ୍ଷରେ ଟି୨୦ ସିରିଜ ଖେଳିବ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ପାନୀୟ ଜଳ ପ୍ରକଳ୍ପରୁ ଚୋରି: ଜଣେ ଗିରଫ

**ଧର୍ମଶାଳା,୧୪।୯(ଡି.ଏନ.ଏ.):** ଜେନାପୁର ଥାନା ଅନ୍ତର୍ଗତ ବାଲିକୁଦିଆଠାରେ ନିର୍ମାଣାଧୀନ ମେଗା ପାନୀୟ ଜଳ ପ୍ରକଳ୍ପରୁ ଲୁହା ପ୍ଲେଟ୍ ଚୋରି ମାମଲାରେ ପୋଲିସ ଜଣକୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଏଥିସହିତ ତାଙ୍କ ନିକଟରୁ ଚୋରି ହୋଇଥିବା ୮୦ କେଜି ଲୁହା ପ୍ଲେଟ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ବାଲିକୁଦିଆ ଅଞ୍ଚଳର ପ୍ରଦୀପ ମଲ୍ଲିକ। ମଙ୍ଗଳବାର ରାତିରେ କେତେଜଣ ଦୁର୍ବୃତ୍ତ ପ୍ରକଳ୍ପ ସାଇଟରେ ପଶି ଚୋରି କରିଥିଲେ। ଏନେଇ କମ୍ପାନୀ କର୍ମଚାରୀ ଚନ୍ଦନ କୁମାର ଧଳ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୪୫/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପ୍ରଦୀପଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

### ସିଂହାପୁର ପଞ୍ଚାୟତ ସଭାଗୃହରୁ ଚୋରି

**ରସୁଲପୁର,୧୪।୯(ଡି.ଏନ.ଏ.):** କୁଆଖିଆ ଥାନା ଅନ୍ତର୍ଗତ ସିଂହାପୁର ପଞ୍ଚାୟତ ସଭାଗୃହରୁ ମଙ୍ଗଳବାର ରାତିରେ ଚୋରି ହୋଇଛି। ଏନେଇ ବୁଧବାର ସରପଞ୍ଚ ହୃଦାନନ୍ଦ ସାହୁ ଥାନାରେ ଅଭିଯୋଗ କରିଛନ୍ତି। ହୃଦାନନ୍ଦ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି, ପୂର୍ବାହ୍ନ ସାଢ଼େ ୧୦ଟାରେ ସେ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥିଲେ। ଏହି ସମୟରେ ସଭାଗୃହ ଖୋଲାଥିବା ଦେଖି ସେଠାକୁ ଯାଇଥିଲେ। ଉକ୍ତ ଗୃହରେ ଲାଗିଥିବା ୨ଟି ଏସି, ୨ଟି ଷ୍ଟାବଲାଇଜର, ୨ ସାଉଣ୍ଡ ବକ୍ସ, ୨ ଏସି ବକ୍ସ ଓ ଫ୍ୟାନ ଆଦି ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଦୁର୍ବୃତ୍ତ ସଭାଗୃହ ତାଲା ଭାଙ୍ଗି ଏଭଳି କାଣ୍ଡ ଘଟାଇଥିବା ଜଣାଯାଇଛି।

### ଯାଜପୁର ଜିଲା ଯୁବ କଂଗ୍ରେସ କମିଟି ପୁନର୍ଗଠିତ

**ଯାଜପୁର ଟାଉନ,୧୪।୯(ଡି.ଏନ.ଏ.):** ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ କମିଟି ସଭାପତି ସ୍ମିତିରଞ୍ଜନ ଲେଙ୍କାଙ୍କ ଅନୁମୋଦନ କ୍ରମେ ଯାଜପୁର ଜିଲା ଯୁବ କଂଗ୍ରେସର ଏକ ପୂର୍ଣ୍ଣାଙ୍ଗ କମିଟି ଗଠନ କରାଯାଇଛି। ଜିଲା ଯୁବ କଂଗ୍ରେସ ସଭାପତି ସନ୍ତୋଷ କୁମାର ବେହେରା ଏହି କମିଟିର କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଛନ୍ତି। ପୂର୍ବରୁ ଯାଜପୁର ଜିଲା ଯୁବ କଂଗ୍ରେସ କମିଟି ସଭାପତି ଘୋଷଣା ହୋଇଥିବା ବେଳେ ଏହାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଏକ ୩୦ଜଣିଆ ଟିମ୍ ଗଠନ କରାଯାଇଛି। ଏଥିରେ ଉପସଭାପତି ଭାବେ ଶ୍ରଦ୍ଧେନ୍ଦୁ ପତି, ସାଗର ସଂଗମ ଦାସ, ହିମାଂଶୁ ଶେଖର ମହଲ, ସାଧାରଣ ସମ୍ପାଦକ ଭାବେ ଉତ୍କଳ କେଶରୀ ପାଣିଗ୍ରାହୀ, ଜଗନ କେତକୀ, ସଞ୍ଜୀବ କୁମାର ଦାସ, ଶିଶିର ସାମଲ, ବିଜୟ କୁମାର ମହନ୍ତ, ଅଜିତ କୁମାର ନାୟକ, ସୁରେଶ ପ୍ରସାଦ ସାହୁଙ୍କୁ ନିଯୁକ୍ତି ଦିଆଯାଇଛି। ସମ୍ପାଦକ ଭାବେ ତୁଷାର କାନ୍ତ ସାହୁ, ଅର୍ଣ୍ଣବ କୁମାର ମିଶ୍ର, ସତ୍ୟଜିତ ନନ୍ଦ, ଜତିନ ସେନାପତି, ସୁନୀଲ କୁମାର ସିଂ, ପୀତବାସ ରାଉତ, ଶ୍ୟାମସୁନ୍ଦର ରାଉତ, ଓମ୍‌ପ୍ରକାଶ ଦାସ, ଧରଣୀଧର ମଲିକ, ସତ୍ୟବ୍ରତ ସାମଲ, ନୀଳାଦ୍ରି ସାମଲ, କମରୁଜ ଖାଁ, ଆଶୁତୋଷ ପରିଡ଼ା, ସୁଲୋଚନା ଦାସ, ବିଜୟ କୁମାର ଦାସ, ଶିବାଜୀ ମହନ୍ତ, ନୀରାକାର ମହନ୍ତ, ସୁଜିତ କୁମାର ଜେନା, ସତ୍ୟବ୍ରତ କୁଅଁର ଓ ଜ୍ୟୋତିସ୍ମିତା ରାଉତଙ୍କୁ ଚୟନ କରାଯାଇଛି। ଜିଲା ସଭାପତି ବେହେରା ଏହି କମିଟିକୁ ନେଇ କଂଗ୍ରେସକୁ ଅଧିକ ମଜଭୁତ କରିପାରିବେ ବୋଲି ଆଶାବାଦୀ ଅଛନ୍ତି।

# ଜରି ପଞ୍ଚାୟତରେ ଜରିପାଲ ଭରସା

- ଆବାସ ପ୍ଲସ୍‌ରେ ପ୍ରାଥମିକ ତାଲିକା ପ୍ରକାଶ ପାଇନାହିଁ
- ମିଥ୍ୟା ତାଲିକା ଦେଖାଇ ଅର୍ଥ ଆଦାୟ ଅଭିଯୋଗ


ଜରି ପଞ୍ଚାୟତର ଦୁଇ ପରିବାର ଜରିପାଲ ତଳେ ଆଶ୍ରୟ ନେଇଛନ୍ତି।

**ଯାଜପୁର ଅଫିସ/ ବିଞ୍ଝାରପୁର, ୧୪।୯(ଡି.ଏନ.ଏ.)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ଆବାସ ପ୍ଲସ୍‌ର ପ୍ରାଥମିକ ତାଲିକା ପ୍ରକାଶ ପାଇନାହିଁ। ଯେବେ ଏହା ପ୍ରକାଶ ପାଇବ ସର୍ବସାଧାରଣ ନିମନ୍ତେ ଅବଗତ କରାଇ ଦିଆଯିବ। ଏନେଇ ସରକାରଙ୍କ ସ୍ପଷ୍ଟ ନିର୍ଦ୍ଦେଶନାମା ଆସିନାହିଁ। ଆବାସ ତାଲିକା ନେଇ ସୂଚନା ଅଧିକାର କର୍ମୀ ସିମନ୍ତ କୁମାର ପାତ୍ରଙ୍କ ଆବେଦନରେ ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ପ୍ରକଳ୍ପ ସଂଯୋଜକ ବିକାଶ ରଞ୍ଜନ ଦାସ ଏଭଳି ଉତ୍ତର ରଖିଛନ୍ତି। ଅଥଚ ବ୍ଲକର କେତେଜଣ ରାଜନୈତିକ ବ୍ୟକ୍ତି ଜରି ପାଲ ତଳେ ବସବାସ କରୁଥିବା ଜରି ପଞ୍ଚାୟତର ଗରିବ ଲୋକଙ୍କଠାରୁ ଆବାସ ଯୋଜନାରେ ସାମିଲ କରାଯିବ ବୋଲି ମିଥ୍ୟା ପ୍ରତିଶ୍ରୁତି ଦେଇ ୧୦ ରୁ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ଆଦାୟ କରୁଥିବା ଅଭିଯୋଗ ହୋଇଛି। ପୂର୍ବରୁ ଆବାସ ଦୁର୍ନୀତିରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବା ବିଞ୍ଝାରପୁର ବ୍ଲକରେ ପୁଣି ଏକ ଗରିବ ଶୋଷଣ ନୀତି ଯୋଡି ହୋଇଯାଇଛି। ୨୦୧୯ରେ ଆଦର୍ଶ ଗ୍ରାମ ଭାବେ ଘୋଷଣା କରାଯାଇଥିବା ଜରି ପଞ୍ଚାୟତରେ ଶତାଧିକ ଗରିବ ପରିବାର ଚାଳଛପର ଉପରେ ଜରି ପାଲ ପକାଇ ଜୀବନ ଜିଉଛନ୍ତି। ଏପରି ପରିସ୍ଥିତିରେ ସେମାନଙ୍କୁ ରାଜନୈତିକ ମିଥ୍ୟା ପ୍ରତିଶ୍ରୁତି ମିଳିବା ଦୁର୍ଭାଗ୍ୟଜନକ ବୋଲି ମତପ୍ରକାଶ ପାଇଛି।

ଜନ ସୂଚନା ଅଧିକାରୀଙ୍କ କହିବା ଅନୁଯାୟୀ, ପ୍ରଥମେ ପଞ୍ଚାୟତଗୁଡିକରେ ଗ୍ରାମସଭା ଓ ପଲ୍ଲୀସଭା ମାଧ୍ୟମରେ ଆବାସ ପାଇବା ପାଇଁ ଯୋଗ୍ୟ ହିତାଧିକାରୀ ଚୟନ କରାଯିବ। ଏହାପରେ ଆବାସ ପ୍ଲସ୍‌ରେ ପ୍ରାଥମିକ ତାଲିକା ପ୍ରସ୍ତୁତ ହେବ। ପ୍ରାୟ ୩ ବର୍ଷ ହେବ କେନ୍ଦ୍ର ସରକାର ଏହି ୱେବସାଇଟ୍‌କୁ ବନ୍ଦ ରଖିଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠେ, ଯଦି ସରକାର ଏହି ୱେବସାଇଟକୁ ଖୋଲି ଦିଅନ୍ତି ତେବେ ଅପ୍ରସ୍ତୁତ ବ୍ଲକ ପ୍ରଶାସନ କାହାର ତାଲିକା ଦେବେ। ଏଭଳି ଅବହେଳା ପୁଣି ଥିଲାବାଲା ଆବାସ ପାଇବାରେ ଖୋରାକ ଯୋଗାଇବ ବୋଲି ମତପ୍ରକାଶ ପାଇଛି। ୨୦୧୮ରେ ବିଞ୍ଝାରପୁର ବ୍ଲକରେ ଆବାସ ଯୋଜନାରେ ବ୍ୟାପକ ହେରାଫେରି ହୋଇଥିବା ପର୍ଦ୍ଦାଫାସ ହୋଇଥିଲା। ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା ସର୍ବହରାଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଉଦ୍ଦେଶ୍ୟରେ ପ୍ରଣୀତ ଆବାସ ଯୋଜନା କୋଟିପତିଙ୍କ ହାତରେ ଟେକି ଦିଆଯାଇଥିଲା। ଫଳରେ ଏବେ ଏହି ବ୍ଲକରେ ଶତାଧିକ ଗରିବ ପରିବାର ପଲିଥିନ ତଳେ ଆଶ୍ରୟ ନେଇଥିବା ଦେଖିବାକୁ ମିଳିଛି। ଏଥିରେ ଜରି ପଞ୍ଚାୟତ ସୂତାରସାହିର ଛଇଳା ସୂତାର, ବାରିକସାହିର ଅନ୍ନପୂର୍ଣ୍ଣା ମଲିକ, ଶ୍ରୀଧର ବାରିକ, ବୈଷ୍ଣବସାହିର ପ୍ରବିଣା ଦାସ, ଅରେଇସାହିର ଅମିନ ମଲିକ, ନାଉବାଙ୍କ ଗ୍ରାମର ଜ୍ୟୋତ୍ସ୍ନା ମଲିକ, ଲକ୍ଷ୍ମୀପ୍ରିୟା ଦାସ, ସଜନୀ ମଲିକ, ମୋତି ମଲିକ, ସୁମିତ୍ରା ମଲିକ, ଉର୍ବଶୀ ମଲିକ, ଅର୍ଜ୍ଜୁନ ଜେନା ପ୍ରମୁଖ ଶତାଧିକ ପରିବାର ନଡାଛପର ଘରେ ଜରି(ପଲିଥିନ) ପକାଇ ରହୁଛନ୍ତି। ସେମାନେ ପକ୍କା ଘରଟିଏ ପାଇଁ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇ ନୟାନ୍ତ ହୋଇ ସାରିଛନ୍ତି। କିନ୍ତୁ ପ୍ରତିଶ୍ରୁତି ଛଡା କିଛି ମିଳୁନି ବୋଲି ସେମାନେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ପ୍ରାୟ ପ୍ରତିବର୍ଷ ଖରସ୍ରୋତା ନଦୀ ବନ୍ୟାରେ ଏହି ଗରିବ ପରିବାରଙ୍କ ଜୀବନ ଦୁର୍ବିସହ ହୋଇ ପଡିଥାଏ। ଏଭଳିସ୍ଥିତିରେ ଆବାସ ଯୋଜନାରେ ଗ୍ରାମସଭା କରି ତାଲିକା ପ୍ରକାଶ ପାଇଁ ପ୍ରସ୍ତୁତ ନ ହେବା ଗରିବ ଲୋକଙ୍କ ଆଶାକୁ ଚୂରମାର କରି ଦେଇଛି। ଏହାବାଦ ମିଥ୍ୟା ତାଲିକା ଦେଖାଇ ଆବାସ ଯୋଗାଇ ଦେବା ନାମରେ ଅର୍ଥ ଆଦାୟ ଅଭିଯୋଗ ଉପରେ ଉପଯୁକ୍ତ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ମହିଳାଙ୍କ ମୃତ୍ୟୁ ଘଟଣା, ହତ୍ୟା ମାମଲା ରୁଜୁ

**କଣ୍ଟାପଡା, ୧୪।୯(ଡି.ଏନ୍.ଏ.)**

ଗୋବିନ୍ଦପୁର ଥାନା ବଡ ୱାଉବରାଇ ଗ୍ରାମର ମହିଳା ଦୀପ୍ତିମୟୀ ମିଶ୍ରଙ୍କ ସୋମବାର ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ଯୌତୁକ ପାଇଁ ଶାଶୁଘର ଲୋକେ ତାଙ୍କୁ ବିଷ ଦେଇ ମାରି ଦେଇଥିବା ଭାଇ ଗଣେଶ ପ୍ରସାଦ ମିଶ୍ର ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଦଫା ୩୦୨ ଅନୁଯାୟୀ ଏକ ହତ୍ୟା ମାମଲା(ନଂ.୧୨୫/୨୨) ରୁଜୁ କରିଛି। ଏଥିସହ ଦୀପ୍ତିମୟୀଙ୍କ ଶ୍ୱଶୁର ଓ ଦିଅରଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଯାଜପୁର ଜିଲା ପାଣିକୋଇଲି ଥାନା ଛୋଟରାୟପୁର ଗ୍ରାମର ଦୀପ୍ତିମୟୀଙ୍କୁ ୧ ବର୍ଷ ତଳେ ବଡ ୱାଉବରାଇ ଗ୍ରାମର ରଶ୍ମିରଞ୍ଜନ ପ୍ରେମବିବାହ କରିଥିଲେ। ସୋମବାର ରାତିରେ ଦୀପ୍ତିମୟୀ ଘରେ ଶୋଇଥିବାବେଳେ ତାଙ୍କର ଶିଶୁକନ୍ୟା କାନ୍ଦିଥିଲା। କାନ୍ଦ ଶୁଣି ପରିବାର ଲୋକ ସେଠାରେ ପହଞ୍ଚିବାବେଳକୁ ଦୀପ୍ତିମୟୀ ମୁମୂର୍ଷ ଅବସ୍ଥାରେ ପଡିଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ଅଡଶପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା। ଦୀପ୍ତିମୟୀଙ୍କ ମୃତ୍ୟୁ ଖବର ପାଇବା ପରେ ଗଣେଶ ଥାନାରେ ଅଭିଯୋଗ କରିଥିଲେ।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର


ପରୀକ୍ଷା ପାଇଁ ଶିବିରାର୍ଥୀ ଧାଡ଼ିରେ ଠିଆ ହୋଇଛନ୍ତି।

**ଚଣ୍ଡିଖୋଲ,୧୪।୯(ଡି.ଏନ.ଏ.)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ଧାନମଣ୍ଡଳ ସରକାରୀ ବିଦ୍ୟାଳୟ ପରିସରରେ ବୁଧବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮୬୪ଜଣ ଭିନ୍ନକ୍ଷମ ସେମାନଙ୍କ ନାମ ପଞ୍ଜୀକରଣ କରିଥିଲେ। ଭେଷଜ, ହାଡ଼ଭଙ୍ଗା, ଆଖି, କାନ, ନାକ ଆଦି ବିଭିନ୍ନ ବିଭାଗର ଭିନ୍ନକ୍ଷମଙ୍କୁ ଡାକ୍ତରମାନେ ପରୀକ୍ଷା କରିଥିଲେ। ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟ ସହାୟତାରେ ୬ଜଣ ବିଭିନ୍ନ ବିଭାଗୀୟ ଡାକ୍ତର ପରୀକ୍ଷା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ବିଡିଓ ଅଜିତ ନାରାୟଣ ଗିରିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବ୍ଲକ ସମାଜ ମଙ୍ଗଳ ଅଧିକାରୀ ସୁକାନ୍ତ ମାଧବ ରାଉତ, ପ୍ରୀତୀଶ ରଞ୍ଜନ ସ୍ୱାଇଁ, ଶ୍ରୀନାଥ ସ୍ୱାଇଁ ପ୍ରମୁଖ ବିଭିନ୍ନ ବିଭାଗୀୟ ଅଧିକାରୀ ପରିଚାଳନା କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାବେଳେ ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦଙ୍କ ସମେତ ସମସ୍ତ ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ଥିଲେ। ୪୩ ପଞ୍ଚାୟତ ମଧ୍ୟରୁ ୨୩ ପଞ୍ଚାୟତ ପାଇଁ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଆସନ୍ତା ଶୁକ୍ରବାର ଅନ୍ୟ ୨୦ ପଞ୍ଚାୟତ ପାଇଁ ବାଲିଚନ୍ଦ୍ରପୁର ସରକାରୀ ବିଦ୍ୟାଳୟ ପରିସରରେ ଶିବିର ଆୟୋଜିତ ହେବ ବୋଲି ବିଡିଓ ସୂଚନା ଦେଇଛନ୍ତି।

### ଚାଷୀ ସତ୍ୟାଗ୍ରହ ପାଇଁ ପ୍ରସ୍ତୁତି

**ଚଢ଼େଇଧରା,୧୪।୯(ଡି.ଏନ.ଏ.)**

ଅକ୍ଟୋବର ୧୪ରୁ ଅନିର୍ଦ୍ଦିଷ୍ଟ କାଳ ଚାଷୀ ସତ୍ୟାଗ୍ରହ ନିମନ୍ତେ ନବନିର୍ମାଣ କୃଷକ ସଙ୍ଗଠନ ଡାକରା ଦେଇଛି। ଯାଜପୁର ଜିଲାର ଧାନମଣ୍ଡଳ ରେଳଷ୍ଟେଶନଠାରୁ ଏହି ସତ୍ୟାଗ୍ରହ ଆରମ୍ଭ ହେବ ବୋଲି ସଂଗଠନ ପକ୍ଷରୁ ଘୋଷଣା କରାଯାଇଛି। ଏହି ଉପଲକ୍ଷେ ସଂଗଠନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଧର୍ମଶାଳା ବ୍ଲକ୍ ଅଧୀନ ଗଡ଼ମଧୁପୁର ପଞ୍ଚାୟତର ରଗଡ଼ିପଶି ହିଙ୍ଗୁଳା ପୀଠରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନ ରାଜ୍ୟ ସହ-ସଂଯୋଜକ ନିମାଇଁ ରାୟ ବୈଠକରେ ସଭାପତିତ୍ୱ କରିଥିଲେ। ଧର୍ମଶାଳା ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶତାଧିକ ଚାଷୀ ଯୋଗଦେଇ ଆଗାମୀ ଆନ୍ଦୋଳନର ରୂପରେଖ ଉପରେ ମତ ରଖିଥିଲେ। ମୁଖ୍ୟଅତିଥି ଭାବରେ ସଂଗଠନ ପ୍ରତିଷ୍ଠାତା ତଥା ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଯୋଗଦେଇ ପ୍ରାଇସ, ପ୍ରେଷ୍ଟିଜ, ପେନସନର ପ୍ରାସଙ୍ଗିକତା ଉପରେ ଆଲୋଚନା କରିଥିଲେ। ଆନ୍ଦୋଳନ ପାଇଁ ପ୍ରତି ଗାଁରୁ ଚାଷୀ ଯୋଗଦେବାକୁ ସେ ଆହ୍ୱାନ କରିବା ସହ ପ୍ରତି ଘରୁ ଅର୍ଥ ସଂଗ୍ରହ କରିବାକୁ ନିବେଦନ କରିଥିଲେ। ଅନ୍ୟତମ ଅତିଥି ପ୍ରାଧ୍ୟାପକ ରମେଶ ଚନ୍ଦ୍ର ସିଂ, ଡାକ୍ତର ଦାମୋଦର ଦାସ ପ୍ରମୁଖ ଯୋଗଦେଇ ଆନ୍ଦୋଳନ ଆଗକୁ ବଢ଼ାଇବା ଉପରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବସନ୍ତ ଦାସ, ଅମୀୟ ବେହେରା, ପ୍ରହ୍ଲାଦ ରାଉତ, ଅଜୟ ରାଉତ, ଦୁର୍ଯ୍ୟୋଧନ ସାମଲ, ଶ୍ରୀଧର ସାମଲ ପ୍ରମୁଖ ଉପସ୍ଥିତ ରହି ସେମାନଙ୍କ ମତାମତ ରଖିଥିଲେ। ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ଏନ୍‌ଇଇଟି ପରୀକ୍ଷାରେ କୃତିତ୍ୱ ହାସଲ କଲେ ଚାଷୀଙ୍କ ପୁଅ


ଜଗନ ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ରସୁଲପୁର,୧୪।୯(ଡି.ଏନ.ଏ.)**

**ଗାଁ କମିଟି ପକ୍ଷରୁ ସମ୍ବର୍ଦ୍ଧନା**

ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ପରିଚାଳିତ ଏନ୍‌ଇଇଟି (ୟୁଜି)-୨୦୨୨ ପରୀକ୍ଷାରେ ରସୁଲପୁର ବ୍ଲକ ଅନ୍ତର୍ଗତ ମୁଗୁପାଳ ପଞ୍ଚାୟତ ୧୨ ନମ୍ବର ୱାର୍ଡର ଚାଷୀ ମୋହନ ସେଠୀ, ନିରୁପମା ସେଠୀଙ୍କ ପୁଅ ଜଗନ ସେଠୀ କୃତିତ୍ୱ ଅର୍ଜନ କରିଛନ୍ତି। ସେ ୭୨୦ରୁ ୬୦୬ ନମ୍ବର ରଖି ସର୍ବ ଭାରତୀୟ ର୍‍ୟାଙ୍କିଂରେ ୧୮୨୮୯ତମ ସ୍ଥାନ ଅଧିକାର କରିଛନ୍ତି। ଏହି ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ଜଗନଙ୍କ ସଫଳତା ପାଇଁ ତାଙ୍କୁ ମୁଗୁପାଳ ପଞ୍ଚାୟତ ଗାଁ କମିଟି କଲ୍ୟାଣୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଗ୍ରାମଦେବତୀ ମା'କଲ୍ୟାଣୀ ମନ୍ଦିର ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ କମିଟି ସଭାପତି ଲକ୍ଷ୍ମୀଧର ପଣ୍ଡା ଅଧ୍ୟକ୍ଷତା କରିଥିଲେ।

କାର୍ଯ୍ୟକ୍ରମରେ ସମିତିସଭ୍ୟ ନରୋତ୍ତମ ସାହୁ, ଯୁବନେତା ଦୁଷ୍ମନ୍ତ ମଲ୍ଲିକ, ବରିଷ୍ଠ ନାଗରିକ କାର୍ତ୍ତିକ ପଣ୍ଡା, ପ୍ରଭାକର ସ୍ୱାଇଁ, ପୀତାମ୍ବର ସେଠୀ, ସୁବାସ ସେଠୀ, ହରିହର ସେଠୀ ଓ ବାବୁଲା ପଣ୍ଡା ପ୍ରମୁଖ ଯୋଗଦେଇ କୃତୀ ଛାତ୍ରଙ୍କୁ ସମ୍ମାନିତ କରିବା ସହ ଗରିବୀ ତାଙ୍କ ନିକଟରେ ହାର ମାନିଛି ବୋଲି ମତ ରଖିଥିଲେ। ଜଗନ ଡାକ୍ତର ହୋଇ ଲୋକଙ୍କ ସେବା କରିବେ। ବିଶେଷକରି ଜନ୍ମମାଟିର ଲୋକଙ୍କ ସେବା କରିବାକୁ ସୁଯୋଗ ମିଳିଲେ ସେ ବିଶେଷ ଖୁସି ହେବେ ବୋଲି କହିଛନ୍ତି। ତେବେ ତାଙ୍କର ସଫଳତା ପାଇଁ ମାତାପିତାଙ୍କ ଆଶୀର୍ବାଦ ଓ ଅଧ୍ୟାପକ ଲକ୍ଷ୍ମଣ ମହାନ୍ତି ଏବଂ କ୍ରିଷ୍ଣା ଦାସଙ୍କ ବିଶେଷ ଭୂମିକା ରହିଛି ବୋଲି ସେ ପ୍ରକାଶ କରିଛନ୍ତି।

## ଖବରକାଗଜ ବିତରକଙ୍କୁ ଆକ୍ରମଣ

**ଥାନାରେ ଅଭିଯୋଗ, କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ କରିବ ସଂଘ**

**ବରୀ,୧୪।୯(ଡି.ଏନ.ଏ.)**

ବରୀ ରାମଚନ୍ଦ୍ରପୁର ଥାନା ଅଞ୍ଚଳର ଖବରକାଗଜ ବିତରକ ରମେଶ ଚନ୍ଦ୍ର କବିଙ୍କୁ ଆକ୍ରମଣ ହୋଇଛି। ସେ ବୁଧବାର ଉକ୍ତ ଥାନା ଅଧୀନ କଳାମାଟିଆ ପଞ୍ଚାୟତ ଉପରକାଇପଡ଼ା ଗ୍ରାମର ବିନୋଦ କୁମାର ପରିଡ଼ାଙ୍କୁ ଖବରକାଗଜ ଦେବା ସହ ବିଗତ ଦିନର ବକେୟା ପ୍ରାପ୍ୟ ମାଗିଥିଲେ। ଏହି ସମୟରେ ପରିଡ଼ା ରାଗିଯାଇ ତାଙ୍କୁ ଗାଳିଗୁଲଜ କରିଥିଲେ। ମୁଁ ଯେତେବେଳେ ଇଚ୍ଛା କରିବି ପଇସା ଦେବି। ମୋ ଘର ପାଖରେ ପଇସା ମାଗିବାକୁ ସାହସ କଲୁ କେମିତି କହି କବିଙ୍କୁ ମାଡ଼ ମାରିବା ସହ ତାଙ୍କ ପକେଟରେ ଥିବା ୧୬୦୦ ଟଙ୍କା ଛଡ଼ାଇ ନେଇଥିଲେ। ଏନେଇ କବି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ତାଙ୍କ ଅଭିଯୋଗ ଆଧାରରେ ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବରୀ ଖବରକାଗଜ ବିତରକ ସଂଘର ପ୍ରଶାନ୍ତ କବି, ରମେଶ ଚନ୍ଦ୍ର ମଲ୍ଲିକ, ପ୍ରସନ୍ନ କୁମାର ଦାସ, ବାବାଜୀ ଚରଣ ମହାନ୍ତି ଓ ରବୀନ୍ଦ୍ର କୁମାର ମଲ୍ଲିକ ପ୍ରମୁଖ ଥାନା ଅଧିକାରୀଙ୍କୁ ଭେଟି ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏହା ନ ହେଲେ ସେମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ କହିଛନ୍ତି, ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ଆଗକୁ ଦେଖିବାକୁ ଅପେକ୍ଷା ପୋଲିସ ଏ ଦିଗରେ କି ପଦକ୍ଷେପ ଗ୍ରହଣ କରୁଛି। ଏ ନେଇ ବିନୋଦଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

### ମାଙ୍କଡ଼ା ବୋଝେଇ ଗାଡ଼ି ଜବତ, ଚାଳକ ଗିରଫ

**ବେଗୁନିଆ,୧୪।୯(ଡି.ଏନ.ଏ)**

ଖୋର୍ଦ୍ଧା ଜିଲା ବେଗୁନିଆ ପୋଲିସ ବୁଧବାର ଏକ ମାଙ୍କଡା ବୋଝେଇ ମିନି ଟ୍ରକକୁ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଟିକାତାଳ ଗ୍ରାମର ଚିତ୍ତରଞ୍ଜନ ପ୍ରଧାନ। ମିନି ଟ୍ରକ ବେଆଇନ ଭାବେ ମାଙ୍କଡ଼ା ବୋଝେଇ କରିଯାଉଥିଲା। ଥାନା ଅଧିକାରୀ ଲକ୍ଷ୍ମୀପ୍ରସାଦ ଶତପଥୀ ପାଟ୍ରୋଲିଂ ସାରି ଫେରୁଥିବା ବେଳେ ଗଡମାଣତିର ଗାଁ ନିକଟରେ ଉକ୍ତ ଗାଡି ସନ୍ଦେହଜନକ ଭାବେ ଯିବା ଦେଖି ଯାଞ୍ଚ କରିଥିଲେ। ଚାଳକ କାଗଜପତ୍ର ନ ଦେଖାଇବାରୁ ଗାଡ଼ି ଜବତ କରାଯାଇଥିଲା।

# ଟାଟା ଷ୍ଟିଲ୍‌ର ମାସିକିଆ ଫିଟର ପ୍ରଶିକ୍ଷଣ

**କଳିଙ୍ଗନଗର,୧୪।୯(ଡି.ଏନ.ଏ.)**

ଆଇଟିଆଇ ଓ ଡିପ୍ଲୋମା ପାଠ୍ୟକ୍ରମ ସମାପ୍ତ କରିଥିବା ସ୍ଥାନୀୟ ଯୁବବର୍ଗଙ୍କ ଦକ୍ଷତା ବୃଦ୍ଧି ଲକ୍ଷ୍ୟରେ ଟାଟା ଷ୍ଟିଲ ଫାଉଣ୍ଡେଶନ୍ ପକ୍ଷରୁ ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମ ଜିଲା ଅନ୍ତର୍ଗତ ଜଗନ୍ନାଥପୁର ଟିଏସ୍‌ଏସ୍‌ଡିଏସ୍ ପ୍ରାଇଭେଟ ଆଇଟିଆଇଠାରେ ମାସିକିଆ ଫିଟର ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଡୁବୁରୀଠାରେ ଅବସ୍ଥିତ ଟାଟା ଷ୍ଟିଲ ଫାଉଣ୍ଡେଶନ୍ କାର୍ଯ୍ୟାଳୟରେ କଳିଙ୍ଗନଗର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଯୁବବର୍ଗଙ୍କୁ ନେଇ ୧୬ ଜଣିଆ ବ୍ୟାଚକୁ ବୁଧବାର ମାସିକିଆ ପ୍ରଶିକ୍ଷଣ ପାଇଁ ପଠାଯାଇଛି। ଏକ ଚୟନ ପ୍ରକ୍ରିୟାର ଅଂଶବିଶେଷ ଭାବେ କଳିଙ୍ଗନଗର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଗତ କିଛି ବର୍ଷ ମଧ୍ୟରେ ଆଇଟିଆଇ ଓ ଡିପ୍ଲୋମା ପାଠ୍ୟକ୍ରମ ସମାପ୍ତ କରିଥିବା ୪୨ଜଣ ଛାତ୍ରୀଛାତ୍ରଙ୍କ ଦକ୍ଷତାର ମୂଲ୍ୟାଙ୍କନ କରାଯାଇଥିଲା। ଏହି ମୂଲ୍ୟାଙ୍କନ ପରୀକ୍ଷାରେ ଜଣାପଡ଼ିଥିଲା, ପ୍ରାକ୍ଟିକାଲ କ୍ଲାସ୍ ନ କରିବା ଯୋଗୁ ସେମାନଙ୍କ ଦକ୍ଷତା ବିକାଶ ତଥା ପ୍ରାକ୍ଟିକାଲରେ ଏକ ବଡ଼ ବ୍ୟବଧାନ ସୃଷ୍ଟି ହୋଇଛି। ଏହି ବ୍ୟବଧାନକୁ ପୂରଣ କରିବା ପାଇଁ ଦକ୍ଷତା ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଆସନ୍ତା ମାସରେ ଅଧିକ ଛାତ୍ରୀଛାତ୍ରଙ୍କୁ ସମାନ ପ୍ରଶିକ୍ଷଣ ନିମନ୍ତେ ପଠାଯିବ, ଯାହାଦ୍ୱାରା ସେମାନଙ୍କୁ ଶିଳ୍ପାନୁଷ୍ଠାନରେ କାର୍ଯ୍ୟ କରିବା ପାଇଁ ପ୍ରସ୍ତୁତ କରାଯାଇପାରିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।


ପ୍ରଶିକ୍ଷଣରେ ଯୋଗଦେଇଥିବା ଛାତ୍ରମାନେ।

# ନଦୀଗର୍ଭରେ ଚାରାରୋପଣକୁ ବିରୋଧ

**ରସୁଲପୁର,୧୪।୯(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ଅତଲାପୁର ପଞ୍ଚାୟତର ଅତଲାପୁର ଘେରିବନ୍ଧ ପାର୍ଶ୍ୱ ଦଶଘର ସାହିଠାରୁ କ୍ଷେତ୍ରପାଳ ପର୍ଯ୍ୟନ୍ତ ବ୍ରାହ୍ମଣୀ ନଦୀ ଗର୍ଭରେ ଚାରାରୋପଣ କରାଯାଉଛି। ଫଳରେ ଏହାକୁ ଗ୍ରାମବାସୀଙ୍କ ପକ୍ଷରୁ ବିରୋଧ କରାଯାଇଛି। ନଦୀ ଗର୍ଭରେ ଚାରାରୋପଣ କରାଗଲେ ସରକାରୀ ଅର୍ଥ ପାଣିରେ ପଡ଼ିବ ବୋଲି ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ତେଣୁ ଉକ୍ତ ସ୍ଥାନରେ ଚାରାରୋପଣକୁ ତୁରନ୍ତ ବନ୍ଦ କରିବା ପାଇଁ ଗ୍ରାମର ସେକ୍ କମାଲ ଉଦ୍ଦିନ, ରାମ ନାଥ, ମାୟାଧର ବାରିକ, ଅର୍ଜ୍ଜୁନ ମଲିକ, ଶମ୍ଭୁନାଥ ସେଠୀ, ଶ୍ରୀଧର ସେଠୀଙ୍କ ସମେତ ବହୁ ଗ୍ରାମବାସୀ ଦାବି କରିଛନ୍ତି।

ସୂଚନା ମୁତାବକ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଘେରିବନ୍ଧ ପାର୍ଶ୍ୱ ନଦୀପଠାରେ ଚାରାରୋପଣ ଚାଲିଛି। ଉକ୍ତ ସ୍ଥାନଟି ନଦୀ ମଧ୍ୟରେ ଅବସ୍ଥିତ। ଏହା ଗୋଚର କିସମର ଜମି ହୋଇଥିବାରୁ ଏଠାରେ ଗୋରୁ ଚରାବୁଲା କରନ୍ତି। ସେହିପରି ପ୍ରକଳ୍ପ ସ୍ଥଳରେ ଶ୍ରମିକ ବଦଳରେ ମେଶିନରେ କାର୍ଯ୍ୟ କରାଯାଉଛି। ଏଠାରେ ଚାରାରୋପଣ କରାଗଲେ ସାମୂହିକ କାର୍ଯ୍ୟରେ ବାଧା ଉପୁଜିବ। ନଦୀରେ ବନ୍ୟା ଆସିଲେ ଗଛଗୁଡ଼ିକ ଭାସିଯିବ। ଉକ୍ତ ପ୍ରକଳ୍ପଟି କାର୍ଯ୍ୟକାରୀ ହେଲେ ଜବ୍‌କାର୍ଡଧାରୀଙ୍କ ବଦଳରେ କେତେକ ଠିକାଦାର ଲାଭବାନ ହେବେ ବୋଲି ଅଭିଯୋଗ ହେଉଛି। ଏଭଳି ସ୍ଥିତି ବିଗତ ଦିନରେ ଉପୁଜିଥିବାର ନଜିର ରହିଛି। ବ୍ଲକ ଅଞ୍ଚଳର ଅତଲାପୁର, ରାଜେନ୍ଦ୍ରପୁର, ସିଂହାପୁର ଆଦି ପଞ୍ଚାୟତର ବିଭିନ୍ନ ସ୍ଥାନରେ ବ୍ରାହ୍ମଣୀ ନଦୀପଠା ଓ କୁଦ ଆଦି ସ୍ଥାନରେ ପଞ୍ଚାୟତ ଏବଂ ବ୍ଲକ ପ୍ରଶାସନ ପକ୍ଷରୁ ଚାରାରୋପଣ କରାଯାଇଥିଲା। ୨୦୨୦ରେ ନଦୀରେ ବନ୍ୟା ଆସିବା ଫଳରେ ବିଭିନ୍ନ ସ୍ଥାନର ବନୀକରଣ ପ୍ରକଳ୍ପଗଡ଼ିକ ନଷ୍ଟ ହୋଇଯାଇଥିଲା। ମାତ୍ର ସମାନ ସ୍ଥିତି ଏଠାରେ ଉପୁଜିବା ଆଶଙ୍କା ରହିଛି ବୋଲି ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ଚୁନମୁନ ନାୟକ କହିଛନ୍ତି, ଲୋକଙ୍କ ଅନୁରୋଧ କ୍ରମେ ସେଠାରେ ଗଛ ଲଗାଯିବା ପାଇଁ ପଦକ୍ଷେପ ନିଆଯାଇଛି। ଗଛ ଲାଗିଲେ ଘେରିବନ୍ଧ ପାର୍ଶ୍ୱରେ ଥିବା ଜନବସତି ସୁରକ୍ଷିତ ରହିବ। ମାତ୍ର ଏହାକୁ ଗାଁର କେତେଜଣ ଲୋକ ବିରୋଧ କରୁଥିବାରୁ ଉକ୍ତ ପ୍ରକଳ୍ପ କାର୍ଯ୍ୟକୁ ବନ୍ଦ କରି ଦିଆଯାଇଛି।


ଚାରାରୋପଣ କରାଯାଉଥିବା ସ୍ଥାନ।

## ସଂକ୍ଷେପରେ

### ଗୋରୁ ବୋଝେଇ ଟ୍ରକ ଜବତ

**ନୟାଗଡ଼ ଅଫିସ,୧୪।୯:**ଇଟାମାଟି ଥାନା ପୋଲିସ ନାଟୁଗାଁ ଚମ୍ପତିପୁର ରାସ୍ତାରୁ ଏକ ଗୋରୁ ବୋଝେଇ ଟ୍ରକ ଜବତ କରିବା ସହ ଜଣେ ଗୋରୁ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଇଟାମାଟି ଥାନା ଭୁତଡିହି ଗାଁର ଅଜୟ ପ୍ରଧାନ(୪୨)ଙ୍କ ଜାମିନ ନାମଞ୍ଜୁର ପରେ ତାଙ୍କୁ ନୟାଗଡ ସବ୍‌ଜେଲକୁ ପଠାଇ ଦିଆଯାଇଛି । ଭୁତଡିହି ଗାଁର ଅଜୟ ୩ ସହଯୋଗୀଙ୍କ ସହ ମିଶି ଓଡି୦୨ଏଭି ୨୯୦୮ ନଂ. ଟ୍ରକରେ ୮ଟି ଗୋରୁ ଧରି ଖୋର୍ଦ୍ଧା ଜିଲା ବେଗୁନିଆ ଥାନାର ଜାମୁସାହିକୁ ଯାଉଥିଲେ । ହେଲେ ବେଆଇନ ଗୋଚାଲାଣ ଖବର ପାଇ ପୋଲିସ ଚଢ଼ାଉ କରି ଗୋରୁ ବୋଝେଇ ଟ୍ରକକୁ କାବୁ କରିଥିଲା । ୨ଜଣ ଖସି ଯାଇଥିଲେ । ପୋଲିସ ଏନେଇ ୨୧୪/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

### ସିସିଟିଭି ଧରାଇଲା ଚୋର

ନୟାଗଡ଼ ଅଫିସ,୧୪।୯:ସିସିଟିଭି ଫୁଟେଜ ଧରାଇଲା ଚୋର । ନୟାଗଡ଼ ସଦର ଥାନା ପୋଲିସ ଶରଣକୂଳ ଥାନା ନରେନ୍ଦ୍ରପୁରର ଘନଶ୍ୟାମ ନାୟକ(୨୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ପରେ ବୁଧବାର ଘନଶ୍ୟାମ ନୟାଗଡ଼ ସବ୍‌ଜେଲ ଯାଇଛନ୍ତି । ସୂଚନା ଅନୁସାରେ ମଙ୍ଗଳବାର ମାଛିପଡାର ଏକ ମାଛ ଦୋକାନରୁ ୫ ହଜାର ଚୋରି ହୋଇଥିଲା । ଘନଶ୍ୟମ ଚୋରି କରିଥିବା ସିସିଟିଭି ଫୁଟେଜରୁ ଜଣା ପଡିଥିଲା । ପୋଲିସ ଘନଶ୍ୟାମଙ୍କ ପାଖରୁ ୪ହଜାର ୫ଶହ ଟଙ୍କା ଜବତ କରିଛି । ସେ ୫୦୦ ଟଙ୍କା ଖର୍ଚ୍ଚ କରିଥିବା ଜଣାପଡିଛି । ପୋଲିସ ୧୪୩/୨୨ରେ ମାମଲା ରୁଜୁ କରି ତଦନ୍ତ କରୁଛି ।

### ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

**ଦଶପଲ୍ଲା,୧୪।୯(ଡି.ଏନ.ଏ.):** କୁଜାମେଣ୍ଡି ପଞ୍ଚାୟତର ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରି ଜନସାଧାରଣଙ୍କୁ ଡେଙ୍ଗୁ, ମ୍ୟାଲେରିଆ ସମେତ ବିଭିନ୍ନ ରୋଗର କାରଣ ଓ ଏହାର ନିରାକରଣ ସମ୍ବନ୍ଧରେ ସଚେତନ କରାଯାଇଛି । ଦଶପଲ୍ଲା ସ୍ୱାସ୍ଥ୍ୟ ବିଭାଗ ଇତିମଧ୍ୟରେ ଦଶପଲ୍ଲା ବ୍ଲକ୍ କୁଜାମେଣ୍ଡି ପଞ୍ଚାୟତର ଆମ୍ବଲିମ୍ବା, କୁମ୍ଭିକିଲା ସମେତ ଆଖପାଖ ଅଞ୍ଚଳରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଛି । ଏହି କାର୍ଯ୍ୟକ୍ରମରେ ବିପିଏମ୍ ତୁଷାର ରଞ୍ଜନ ସାହୁ, ଏମ୍‌ଟିଏସ୍ ମନୋଜ କୁମାର ମହାପାତ୍ର,ସ୍ଥାନୀୟ ସମିତି ସଭ୍ୟ ଶ୍ରଦ୍ଧାଞ୍ଜଳି ସାହୁ, ଆଶାକର୍ମୀ ରଞ୍ଜିତା ନାୟକ ଓ ଅଙ୍ଗନୱାଡି କର୍ମୀ ପ୍ରମିଳା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ ।

### ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଆକ୍ରମଣ ଘଟଣା, ୨ ଗିରଫ

**ଫୁଲବାଣୀ ଅଫିସ, ୧୪।୯:** ଫୁଲବାଣୀ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରିୟବ୍ରତ ସାମନ୍ତରାୟଙ୍କୁ ଆକ୍ରମଣ ଘଟଣାରେ ଟାଉନ ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସୂର୍ଯ୍ୟକାନ୍ତ ପଟ୍ଟନାୟକ ଓରଫ ଟେରୁ ଏବଂ ମନୋରଞ୍ଜନ ସାହୁ। ଗତ ୬ ତାରିଖ ରାତିରେ ସୂର୍ଯ୍ୟକାନ୍ତ ଅନ୍ୟ କେତେଜଣ ଯୁବକଙ୍କ ସହ ମିଶି ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସାମନ୍ତରାୟଙ୍କ ସରକାରୀ ବାସଭବନରେ ପଶି ତାଙ୍କୁ ମାଡ ମାରିଥିଲେ।

# ୬ ମାସରେ ଗଲାଣି ୮ ଜୀବନ

**ଗଞ୍ଜାମ ଜିଲା**
■ରାଜନୈତିକ ହିଂସା ନେଉଛି ମୁଣ୍ଡ

ବ୍ରହ୍ମପୁର ଅଫିସ,୧୪।୯

ରକ୍ତରଞ୍ଜିତ ହୋଇ ଉଠିଛି ଗଞ୍ଜାମ ଜିଲା। କଥା କଥାରେ ଗାଁରେ ଖଣ୍ଡା ବୁଲି ମୁଣ୍ଡ ଗଡୁଛି। ରାଜନୀତିରେ କ୍ଷମତା ଦଖଲକୁ କେନ୍ଦ୍ରକରି ହିଂସାକାଣ୍ଡ ଘଟି ଜୀବନ ହାନି ହେଉଛି। ଗତ ପ୍ରାୟ ୬ ମାସ ମଧ୍ୟରେ ୮ ଜଣଙ୍କ ମୃତ୍ୟୁ ହୋଇ ସାରିଲାଣି ଏହି ହିଂସାକାଣ୍ଡରେ। କିନ୍ତୁ ପୋଲିସ ସେହି ବଡ଼ବଡ଼ିଆଙ୍କ ସମ୍ପୃକ୍ତିକୁ ଠାବ କରିପାରୁ ନ ଥିବାରୁ ସହଜରେ ସେମାନେ ଖସି ଯାଉଛନ୍ତି। ଗଞ୍ଜାମ ଜିଲା ସଦର ଥାନା ଅନ୍ତର୍ଗତ ରେଗିଡି ଛକରେ ଗତ ୧୩ ତାରିଖରେ ଘଟିଥିବା ରାଜନୈତିକ ହିଂସାକାଣ୍ଡରେ ଜଣେ ଠିକାଦାରଙ୍କ ଜୀବନ ଚାଲିଯାଇଛି। ଠିକାଦାର ଜଣକ ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ଋଷିପୁର ପଞ୍ଚାୟତ ରାମସା ଗ୍ରାମର ପୂର୍ଣ୍ଣଚନ୍ଦ୍ର ନାହାକ (୪୨)। ରାଜନୈତିକ ଶତ୍ରୁତାରୁ ଏହି କାଣ୍ଡ ଘଟିଥିବା ନେଇ ମୃତକଙ୍କ ସ୍ତ୍ରୀ ମିନତୀ ନାହାକ ଅଭିଯୋଗ କରିଛନ୍ତି। ଏଥିପୂର୍ବରୁ ଗତ ଜୁନରେ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଯାମୁନି ଗାଁରେ ଘଟିଥିବା ପୁଣି ଏକ ରାଜନୈତିକ ହିଂସାରେ ଜଣେ ଯୁବକଙ୍କ ଜୀବନ ଯାଇଥିଲା। ତାଙ୍କ ନାମ ଯୋଗେଶ ବେହେରା। ଏହି ଘଟଣାରେ ଅନ୍ୟ ଜଣେ ଯୁବକ ମଧ୍ୟ ଆହତ ହୋଇଥିଲେ। ରାଜନୈତିକ ଶତ୍ରୁତାରୁ ଏହି କାଣ୍ଡ ଘଟିଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଏବେ ଅଶାନ୍ତ ହୋଇ ପଡ଼ିଛି ଗଞ୍ଜାମ ଜିଲା। ପଞ୍ଚାୟତ ନିର୍ବାଚନ ପରଠାରୁ କିଛିକିଛି ଦିନର ବ୍ୟବଧାନରେ ସଂଘର୍ଷ ଘଟୁଛି।

ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ଅଧୀନ ଚଷାନିମଖଣ୍ଡି ପଞ୍ଚାୟତ ସିନ୍ଧବା ଗ୍ରାମ ନିକଟ ସଉରା ପାହାଡ଼ ମୁଖ୍ୟରାସ୍ତାରେ ଏପ୍ରିଲ୍ ୨୩ ରାତିରେ ଦୁଇଜଣ ଯୁବ ବିଜେଡି ନେତାଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ମୃତକମାନେ ଥିଲେ ଚଷାନିମଖଣ୍ଡି ପଞ୍ଚାୟତ ପାଳଖଡ଼ି ଗ୍ରାମର ସୁଧୀରକାନ୍ତ ପାତ୍ର ଓ ସୁଦର୍ଶନ ସୁଆର। ଚଷାନିମଖଣ୍ଡି ପଞ୍ଚାୟତରେ ନିର୍ବାଚନ ଫଳାଫଳକୁ ନେଇ ହତ୍ୟାକାଣ୍ଡ ଘଟିଥିବା ପୋଲିସ ପ୍ରମାଣ ପାଇଥିଲା। ଏହି ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ସମେତ ୯ଜଣଙ୍କୁ ଗିରଫ କରିଥିଲା। ଏହା ପଛରେ ୫୦ହଜାର ଟଙ୍କାର ସୁପାରି କାରବାର ହୋଇଥିବା ପୋଲିସ ସ୍ପଷ୍ଟ କରିଥିଲା। ପରେ ଦିଗପହଣ୍ଡି ଥାନା ଅନ୍ତର୍ଗତ ନବରଙ୍ଗପୁର ଗ୍ରାମରେ ମେ’ ୨୯ରେ ବାବୁ ଗୌଡ଼ ନାମକ ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିଲା। ଏହା ପଛରେ ମଧ୍ୟ ରାଜନୈତିକ ଶତ୍ରୁତା ଥିବା ପୋଲିସ ସ୍ପଷ୍ଟ କରିଥିଲା। ଏହି ଘଟଣାରେ ପ୍ରଦୀପ ସାହୁ ନାମକ ଜଣେ ଯୁବକ ଗୁରୁତର ହୋଇଥିଲେ। ଘଟଣାର ୫ଦିନ ପରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହାପୂର୍ବରୁ ଫେବୃୟାରୀ ୧୮ରେ ପୋଲସରାରେ ଗୋଟାଏ ଏବଂ ମାର୍ଚ୍ଚ ୧୨ରେ ଆସିକା ଥାନା ଅଞ୍ଚଳରେ ଗୋଟାଏ ଏଭଳି ଦୁଇଟି ହତ୍ୟାକାଣ୍ଡ ଘଟିଥିଲା। ଏହି ସମସ୍ତ ଘଟଣା ପଛରେ ରାଜନୈତିକ ଗୋଷ୍ଠୀ କନ୍ଦଳ ହିଁ ମୁଖ୍ୟ କାରଣ ବୋଲି ଜଣାପଡ଼ିଥିଲା। ଜୁନ ୬ ରାତିରେ କୁକୁଡ଼ାଖଣ୍ଡି ବ୍ଲକ ମସିହା ଖାଲି ଗ୍ରାମରେ ଶୀତଳଷଷ୍ଠୀ ଯାତ୍ରା ଚାଲିଥିବା ବେଳେ ସରପଞ୍ଚ ଓ ପୂର୍ବତନ ସରପଞ୍ଚ ଗୋଷ୍ଠୀ ମଧ୍ୟରେ ହଣାକଟା ହୋଇଥିଲା। ଏହି ଘଟଣାରେ ପୂର୍ବତନ ସରପଞ୍ଚଙ୍କ ସମେତ ତାଙ୍କର ଦୁଇ ସମର୍ଥକ ଗୁରୁତର ହୋଇଥିଲେ। ଏଥିରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଶାସକ ଦଳର ସରପଞ୍ଚଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ଆଇଆଇଟି ଆଡ୍‌ଭାନ୍ସଡ ପରୀକ୍ଷାରେ ଆର୍ଯ୍ୟଭଟ୍ଟର ସଫଳତା



କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର।

ବ୍ରହ୍ମପୁର ଅଫିସ,୧୪।୯

ଆଇଆଇଟି ଆଡ୍‌ଭାନ୍ସଡ ପରୀକ୍ଷାଫଳରେ ବ୍ରହ୍ମପୁରର ଆର୍ଯ୍ୟଭଟ୍ଟ ଛାତ୍ରୀଛାତ୍ରମାନେ ୧୬ ବର୍ଷର ସଫଳତା ବଜାୟ ରଖିଛନ୍ତି। ଉକ୍ତ ଅନୁଷ୍ଠାନର ୩୩ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୩ ଜଣ ଆଡ୍‌ଭାନ୍ସଡ ପରୀକ୍ଷା ପାଇଁ ପ୍ରସ୍ତୁତି ହେଉଥିଲେ। ଏଥିମଧ୍ୟରୁ ୮ ଜଣ କୃତିତ୍ୱ ହାସଲ କରିଛନ୍ତି। ବିଘ୍ନେଶ୍ୱର ସାମନ୍ତରାୟ(୧୭୯୯), ସଞ୍ଜୟ ରଥ(୩୬୨୧), ସମ୍ଭିତ କୁମାର ପଣ୍ଡା (୫୯୬୭)(ଇଡବ୍ଲ୍ୟୁଏସ୍ ୭୨୧), ସଞ୍ଜୀବ କୁମାର ସାହୁ (୯୬୮୩)(ଓବିସି ୨୧୬୧), ପ୍ରୀତମ ସୁନ୍ଦର ଦାଶ (୧୫୧୦୬), ସମୀର ରଥ (୧୬୩୪୭), ଜୟବର୍ଦ୍ଧନ ପାଢୀ (୧୮୦୦୦)(ଓବିସି ୫୧୪୧) ଓ ପ୍ରେମାଂଶୁ ପ୍ରଧାନ (୨୦୧୯୯) କୃତିତ୍ୱ ହାସଲ କରିଛନ୍ତି। ଉକ୍ତ ଛାତ୍ରମାନେ ଜେଇଇ ମେନ୍ ସହ ଏନ୍‌ଇଏସ୍‌ଟି, ଆଇଆଇଏସଇଆର, କେଭିପିଓାଇ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଯୁକ୍ତ୨ ପରୀକ୍ଷାରେ ଉତ୍ତମ ଫଳ ପ୍ରଦର୍ଶନ କରିଥିଲେ।

ସୂଚନାଯୋଗ୍ୟ, ଆର୍ଯ୍ୟଭଟ୍ଟ ୨୦୦୭ରୁ ନିରବଚ୍ଛିନ୍ନ ଭାବେ ଜିଲା ତଥା ଦକ୍ଷିଣ ଓଡ଼ିଶାରୁ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ରାଷ୍ଟ୍ରୀୟ ଅନୁଷ୍ଠାନକୁ ପଠାଇ ଆସୁଛି। ଯେଉଁମାନେ ବର୍ତ୍ତମାନ ଦେଶ ତଥା ବିଶ୍ୱର ବିଖ୍ୟାତ ଅନୁଷ୍ଠାନରେ ଗବେଷଣାରତ ଓ ଉଚ୍ଚ ପଦରେ ଅଧିଷ୍ଠିତ। ଏଥିସହ ଅନେକ ଆର୍ଥିକ ଦୁର୍ବଳ ଶ୍ରେଣୀର ଛାତ୍ରୀଛାତ୍ରମାନେ ଆର୍ଯ୍ୟଭଟ୍ଟ ସହାୟତାରେ ଦେଶ ଓ ଦେଶ ବାହାରେ ଉଚ୍ଚ ପଦବୀ ଓ ଗବେଷଣା ଅନୁଷ୍ଠାନରେ ଅଧିଷ୍ଠିତ ହୋଇଛନ୍ତି।

## ଦଶପଲ୍ଲା ବ୍ଲକରେ ଜନଶୁଣାଣି ଶିବିର


ଜନଶୁଣାଣି ଶିବିରରେ ଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀ ।

ଦଶପଲ୍ଲା,୧୪।୯(ଡି.ଏନ.ଏ.)

ବୁଧବାର ଦଶପଲ୍ଲା ବ୍ଲକ ପରିସରରେ ଥିବା ସଭାଗୃହରେ ବ୍ଲକ ପ୍ରଶାସନ ପକ୍ଷରୁ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଉପଜିଲାପାଳ ଲଗ୍ନଜିତ୍ ରାଉତ, ଜିଲା ପରିଷଦ ସଭ୍ୟ ବସନ୍ତ କୁମାର ପ୍ରଧାନ, ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶଶୀରେଖା ଜେନା, ଜିଲା ସାମାଜିକ ସମୀକ୍ଷକ ବିଜୟ ବଳିଆର ସିଂ, ଏସିଓ ପ୍ରିୟ ରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଉକ୍ତ ଶିବିରରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମିଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ପଞ୍ଚଦଶ ଅର୍ଥ ଆୟୋଗ ଅନୁଦାନର ବିନିଯୋଗ, ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ, ସମନ୍ୱିତ ଶିଶୁ ବିକାଶ ଯୋଜନା ସମ୍ବନ୍ଧରେ ଜନ ଶୁଣାଣି କରାଯାଇଥିଲା । ବାଣିଗୋଛା ପଞ୍ଚାୟତରେ ମୃତ ବ୍ୟକ୍ତିଙ୍କ ନାମରେ ଭତ୍ତା ଓ ରାଶନ ସାମଗ୍ରୀ ଦିଆଯାଉଥିବା ସମ୍ପର୍କରେ ଉପସ୍ଥିତ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । କୁଜାମେଣ୍ଡି ପଞ୍ଚାୟତ ଓ ଦଶପଲ୍ଲା ବ୍ଲକ୍‌ର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରରେ ଶିଶୁମାନଙ୍କୁ ଠିକ୍‌ରେ ଖାଦ୍ୟ ଦିଆ ଯାଉ ନ ଥିବା ଓ ସୁପରଭାଇଜର୍‌ମାନେ ଏହାର ତଦାରଖ କରୁ ନ ଥିବା ସମ୍ପର୍କରେ କୁଜାମେଣ୍ଡି ପଞ୍ଚାୟତର ସମିତି ସଭ୍ୟ ଭାସ୍କର ସାହୁ ଅଭିଯୋଗ କରିଥିଲେ । ଏହି ଜନଶୁଣାଣି ଶିବିରରେ ଦଶପଲ୍ଲା ବ୍ଲକର ବିଭିନ୍ନ ବିଭାଗର ବହୁ ଅଧିକାରୀ ଓ ଜନପ୍ରତିନିଧି ଯୋଗ ଦେଇଥିଲେ ।

**ଅବକାରୀ ଚଢାଉ ବେଳେ ୩୩ ଲକ୍ଷ ମିଳିବା ଘଟଣା**

## ପୋଲିସକୁ ମିଳିଲାନି ସୁରାକ, ଆୟକର ବିଭାଗକୁ ହସ୍ତାନ୍ତର

ବ୍ରହ୍ମପୁର ଅଫିସ,୧୪।୯

ଗଞ୍ଜେଇ ଚୋରାଚାଲଣ ହେଉଥିବା ଖବର ପାଇ ଅବକାରୀ ଧରପଗଡ଼ ବେଳେ ମଙ୍ଗଳବାର ଏକ ଯାତ୍ରୀବାହୀ ବସରେ କଟକ ଯାତ୍ରା କରୁଥିବା ଜଣେ ବଙ୍ଗୀୟ ଯୁବକଙ୍କ ନିକଟରୁ ପ୍ରାୟ ୩୩ଲକ୍ଷ ଟଙ୍କା ଭର୍ତ୍ତି ବ୍ୟାଗ୍ ମିଳିଥିଲା। ଏତେ ଟଙ୍କା କେଉଁଠୁ ଆଣିଲେ, କେଉଁ ଆଡ଼େ ଯାଉଥିଲେ ତା’ର ତଦନ୍ତ କରିବା ଭାର ବୈଦ୍ୟନାଥପୁର ଥାନାକୁ ହସ୍ତାନ୍ତର କରାଯାଇଥିଲା। ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗୋଟିଏ ଦିନ ଥାନାରେ ଅଟକ ରଖି ତାଙ୍କୁ ପଚରା ଉଚରା କରିଥିଲେ ମଧ୍ୟ ପୋଲିସକୁ କୌଣସି ସୁରାକ୍ ମିଳିନାହିଁ। ଅଟକ ଥିବା ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଥିବା ବେଳେ ସେ ତଦନ୍ତରେ ସହଯୋଗ କରୁନାହାନ୍ତି। ତେଣୁ ଏହି ମାମଲାର ତଦନ୍ତ ଭାର ଆୟକର ବିଭାଗକୁ ହସ୍ତାନ୍ତର କରାଯାଇଥିବା ସମ୍ପର୍କରେ ବ୍ରହ୍ମପୁର ଏସପି ଡା.ଶରବଣା ବିବେକ ଏମ୍. ପ୍ରକାଶ କରିଛନ୍ତି। ଗତ ଅଗଷ୍ଟରେ ଏଭଳି ଜଣେ ସନ୍ଦିଗ୍ଧ ବ୍ୟକ୍ତି (ମହାରାଷ୍ଟ୍ରର ମୂଳ ବାସିନ୍ଦା)ଙ୍କଠାରୁ ଅବକାରୀ ବିଭାଗ କୋଟିଏର ଊର୍ଦ୍ଧ୍ୱ ଟଙ୍କା ଜବତ କରି ପୋଲିସକୁ ହସ୍ତାନ୍ତର କରିଥିଲା। ପୋଲିସ ଏହାର ତଦନ୍ତ କରି ସୁନା କିଣାବିକା ଲିଙ୍କ୍ ପାଇଥିଲା। କିନ୍ତୁ ଟିକସ୍ ପାଙ୍କିବା ଅବା ସୁନା ଚୋରାଚାଲାଣ ହେବା ନେଇ ଅଧିକ ତଦନ୍ତ କରିବାକୁ ଆୟକର ବିଭାଗକୁ ହସ୍ତାନ୍ତର କରିଥିଲା। କିନ୍ତୁ ଏହାର କିଛି ସୁଫଳ ମିଳିନଥିଲା। ମଙ୍ଗଳବାର ପୁଣିଥରେ ଗଞ୍ଜେଇ ସନ୍ଦେହରେ ଅବକାରୀ ବିଭାଗ ଜାତୀୟ ରାଜପଥ ୧୬ ଲାଞ୍ଜିପଲ୍ଲୀ ବାଇପାସ୍ ନିକଟରେ ଯାଞ୍ଚ କଲାବେଳେ ଜଣେ ବ୍ୟକ୍ତି ଠାରୁ ବିପୁଳ ପରିମାଣର ଟଙ୍କା ମିଳିବା ନେଇ ସନ୍ଦେହ ଜାତ ହୋଇଥିଲା। ଟଙ୍କା ଭର୍ତ୍ତି ବ୍ୟାଗ୍ ସହ ସେହି ବ୍ୟକ୍ତିଙ୍କୁ ପୋଲିସକୁ ହସ୍ତାନ୍ତର କରିଥିଲା।

## ବହିଷ୍କୃତ ହେଲେ ଜିଆର୍‌ଏସ୍

**ଖଇରଗାଡିଆ ୨୩.୭୪ ଲକ୍ଷ ଦୁର୍ନୀତି ମାମଲା**

ନୟାଗଡ଼ ଅଫିସ,୧୪।୯

ନୟାଗଡ଼ ଜିଲା ଭାପୁର ବ୍ଲକ ପଦ୍ମାବତୀ ପଞ୍ଚାୟତର ଗ୍ରାମ ରୋଜଗାର ସେବକ (ଜିଆର୍‌ଏସ୍) ଜିତେନ୍ଦ୍ର ଚୌଧୁରୀ ଖଇରଗାଡିଆ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନଆରଇଜିଏସ୍) ଦୁର୍ନୀତୀରେ ବହିଷ୍କୃତ ହୋଇଛନ୍ତି । ଜିଆରଏସ୍‌ଙ୍କ ବିରୋଧରେ ଆସିଥିବା ଏମଜିଏନଆରଇଜିଏସରେ ଗୁରୁତର ଅର୍ଥ ଅନିୟମିତତା ଅଭିଯୋଗକୁ ନୟାଗଡ଼ ଜିଲାପାଳ ପୋମା ଟୁଡୁ ଶୁଣାଣୀ କରି କାର୍ଯ୍ୟରୁ ଅଗଷ୍ଟ ୧୦ରୁ ବହିଷ୍କୃତ କରିଛନ୍ତି।

ପ୍ରକାଶ ଯେ, ଭାପୁର ପଞ୍ଚାୟତରେ ଜିଆରଏସ୍ ଭାବେ କାମ କରୁଥିବାବେଳେ ଖଇରଗାଡିଆ ଗାଁର ୩ଟି ପ୍ରକଳ୍ପ ପାଇଁ ୨୩ଲକ୍ଷ ୭୪ହଜାର ୪୧୭ ଟଙ୍କା ତୋଷାରପାତର ହୋଇଥିବା ଅଭିଯୋଗ ଥିଲା । ୨୦୨୦-୨୧ ଆର୍ଥିକ ବର୍ଷରେ ଖଇରଗାଡିଆ ଗାଁର ପାଣିଚୁଆ ପୋଖରୀ ପାଇଁ ୭ ଲକ୍ଷ ୯୮ ହଜାର୨୪୭ଟଙ୍କା, ନିମଚୁଆ ପୋଖରୀ ପାଇଁ ୭ ଲକ୍ଷ ୯୬ ହଜାର ୬୩୦ ଟଙ୍କା, ଖଇରଗାଡିଆ ଗ୍ରାମ ଠାରୁ ମନ୍ଦରବେରେଣୀ ରାସ୍ତା ପାଇଁ ୭ ଲକ୍ଷ ୭୦ ହଜାର ୫୪୦ ଟଙ୍କା ଏପରି ୩ଟି ପ୍ରକଳ୍ପ ପାଇଁ ଉପରୋକ୍ତ ଟଙ୍କା ମଞ୍ଜୁର ହୋଇଥିଲା । ଏହି ୩ଟି ପ୍ରକଳ୍ପର କାମ ନ କରି ଫଲସ ବିଲ୍ ଉଠାଣ ହୋଇଥିଲା । ଏହି ଦୁର୍ନୀତି ସୂଚନା ଆଇନରେ ତଥ୍ୟ ମାଗିବା ପରେ ଜଣା ପଡିଥିଲା । ପରେ ସ୍ଥାନୀୟ ବାସିନ୍ଦା ଏହି ଦୁର୍ନୀତିର ପ୍ରତିବାଦ କରି ବ୍ଲକ ଓ ଜିଲା ପ୍ରଶାସନ ନିକଟରେ ଫେରାଦ୍ ହୋଇଥିଲେ । ତିନି ଥର ତଦନ୍ତ ପରେ ଫଲସ୍ ବିଲ୍ ହୋଇଥିବା ଜଣାପଡିଥିଲା । ଏଣୁ ସରକାରୀ ଅର୍ଥ ଦୁର୍ନୀତି କରିଥିବା ଅଧିକାରୀ ଓ କର୍ମଚାରୀଙ୍କଠାରୁ ଟଙ୍କା ଆଦାୟ ପାଇଁ ଜିଲାପାଳ ପୋମା ଟୁଡୁ ଗତ ଜୁନ ୧୮ରେ ଚିଠି ନଂ. ୧୭୮୫ରେ ତତ୍କାଳୀନ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲାପାଳଙ୍କ ନିର୍ଦ୍ଦେଶ ପରେ ତତ୍କାଳନୀ ବିଡିଓ ସତ୍ୟ ସୁନ୍ଦର ରାଉତ ୭ ଲକ୍ଷ ୫୯ ହଜାର ୮୪୬, ଅବସର ନେଇଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ ବୈଷ୍ଣବ ରଥ ୨ ଲକ୍ଷ ୫୯ ହଜାର ୮୪୬, ବରିଷ୍ଠ ଯନ୍ତ୍ରୀ ବୃନ୍ଦାବନ ବରିହାଙ୍କ ଠାରୁ ୫ ଲକ୍ଷ ୩୧ ହଜାର ୬୨୫, ଯନ୍ତ୍ରୀ ପ୍ରମୋଦ ସେଠୀଙ୍କ ଠାରୁ ୫ ଲକ୍ଷ ୩୧ ହଜାର୬୨୭, ଯନ୍ତ୍ରୀ ଅର୍ଦ୍ଧେନ୍ଦୁ ଷଡଙ୍ଗୀ ଠାରୁ ୨ଲକ୍ଷ ୫୯ ହଜାର ୮୪୮ ଟଙ୍କା ଆଦାୟ ହୋଇଥିଲା । ତେବେ ଏହି ଘଟଣାରେ ଯଦିବା ଜିଆରଏସଙ୍କ ଠାରୁ ଟଙ୍କା ଆଦାୟ ହୋଇ ନ ଥିଲା ତେବେ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଥିଲା । ଏଭଳିସ୍ଥଳେ ଜିଆରଏସ୍ ଇସ୍ତଫା ପତ୍ର ବିଡିଓଙ୍କୁ ଦେଇଥିଲେ । ହେଲେ ଇସ୍ତଫା ମଞ୍ଜୁର ହୋଇ ନ ଥିବା ଜଣାପଡିଛି ।

## ମୁଖ୍ୟ ରାସ୍ତା ପାର୍ଶ୍ୱ ହେଉଛି ବୃକ୍ଷ ଶୂନ୍ୟ

ଖଣ୍ଡପଡ଼ା,୧୪।୯(ସ୍ୱ.ପ୍ର.)



ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁ ବୃକ୍ଷ ଶୂନ୍ୟ ହେବାରେ ଲାଗିଛି ଖଣ୍ଡପଡ଼ାରୁ କଣ୍ଟିଲୋ ଓ ଖଳିସାହିରୁ ଆଡକଟାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ପାର୍ଶ୍ୱ । ସୂଚନାଯୋଗ୍ୟ, ଏକଦା ରାଜରାଜୁଡା ଅମଳରୁ ଅଞ୍ଚବାସୀଙ୍କ ଦ୍ୱାରା ଉଭୟ ରାସ୍ତା ପାର୍ଶ୍ୱରେ ଶତାଧିକ ଫଳ ତଥା ଛାୟା ପ୍ରଦାନକାରୀ ଚାରା ରୋପଣ ଲଗାଯାଇଥିଲା । ପ୍ରାୟ ୧ଶହ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରାସ୍ତା ପାର୍ଶ୍ୱରେ ଏହି ଛାୟା ପ୍ରଦାନକାରୀ ଆମ୍ବଗଛଗୁଡିକ ରହିଥିବା ବେଳେ କାଠ କଟାଳୀଙ୍କଠାରୁ ଆରମ୍ଭ କରି କାଠ ମାଫିଆମାନଙ୍କ ଲୋଲୁପ ଦୃଷ୍ଟି ସେହି ଗଛ ଉପରେ ପଡିବାରେ ଲାଗିଛି । ସୁବିଧା ଦେଖି ଯିଏ ଯେତେବେଳେ ପାରିଲା ଗଛ ଗୁଡିକ କାଟି ଲୁଟି ନେଉଥିବା ଅଭିଯୋଗ ହେଉଛି । ପ୍ରଶାସନର ଜ୍ଞାତସାରରେ ମାଫିଆମାନେ ବିଭିନ୍ନ ଆଳ ଦେଖାଇ ମୁଖ୍ୟ ରାସ୍ତା ପାର୍ଶ୍ୱରୁ ଅନେକ ଗଛ କାଟି ଲୁଟି ନେଉଥିବା ଅଭିଯୋଗ ହେଉଛି । ଫଳ ସ୍ୱରୂପ ରାସ୍ତା ପାର୍ଶ୍ୱ ସମୟାନୁକ୍ରମେ ବୃକ୍ଷ ଶୂନ୍ୟ ହେବାରେ ଲାଗିଥିବାରୁ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି । ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ବନ ବିଭାଗ ଏଦିଗରେ ସୂଚନା ପାଉଥିଲେ ମଧ ମାଫିଆମାନେ ରାସ୍ତା ପାର୍ଶ୍ୱରୁ ବଡ଼ ବଡ଼ ଗଛ କାଟି ନେଉଥିବା ଦେଖିବାକୁ ମିଳୁଛି । ଏଥିପ୍ରତି ଜିଲା ପ୍ରଶାସନ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ୨ ଭାଇଙ୍କୁ ଆକ୍ରମଣ,ବଡ଼ବାପା ପୁଅ ଜେଲ ଗଲେ

ଖଣ୍ଡପଡ଼ା,୧୪।୯(ସ୍ୱ.ପ୍ର.)

ଖଣ୍ଡପଡ଼ା ସହର ୯ନଂ. ୱାର୍ଡ ମଣିକର୍ଣ୍ଣିକା ସାହିରେ ସାମାନ୍ୟ କଥାକୁ କେନ୍ଦ୍ର କରି ଗୋଟିଏ ପରିବାର ସଦସ୍ୟଙ୍କ ମଧ୍ୟରେ ମଙ୍ଗଳବାର ଗଣ୍ଡଗୋଳ ଘଟିଥିଲା । ବଡ଼ବାପାଙ୍କ ପୁଅ ଗଣେଶ ମହାନ୍ତିଙ୍କ ଆକ୍ରମଣରେ ଦାଦା ପୁଅ ୨ ଭାଇ ବିକାଶ ମହାନ୍ତି ଓ ରମେଶ ମହାନ୍ତି ଗୁରୁତର ହୋଇଥିଲେ। ଗଣେଶ ଏକ ଅସ୍ତ୍ରରେ ଆକ୍ରମଣ କରିଥିବା ନେଇ ବିକାଶ ଖଣ୍ଡପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ଏକ ମାମଲା ରୁଜୁ କରି ବୁଧବାର ଗଣେଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ତାକୁ ଖଣ୍ଡପଡ଼ା ଉପକାରାଗାରକୁ ପଠାଇ ଦିଆଯାଇଛି।

## ବିଏମ୍‌ସି ଏନ୍‌ଫୋର୍ସମେଣ୍ଟର ଜବରଦଖଲ ଉଚ୍ଛେଦ


ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ପକ୍ଷରୁ ଜବରଦଖଲ ଉଚ୍ଛେଦ।

ବ୍ରହ୍ମପୁର ଅଫିସ,୧୪।୯

ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ଏନ୍‌ଫୋର୍ସମେଣ୍ଟ ପକ୍ଷରୁ ବୁଧବାର ୧୨ ନଂ. ୱାର୍ଡ ହରେକୃଷ୍ଣ ନଗରଠାରେ ଜବର ଦଖଲ ଉଚ୍ଛେଦ କରାଯାଇଛି। ଉକ୍ତ ସ୍ଥାନରେ ବିଏମ୍‌ସି ଜାଗାକୁ ଜବରଦଖଲ କରି ୨ଟି ଗୋରୁ ଗୁହାଳ ତିଆରି ହୋଇଥିବା ନେଇ ନିଗମକୁ ତଥ୍ୟ ହସ୍ତଗତ ହୋଇଥିଲା। ଏଥିସହ ଡ୍ରେନ୍ ଉପରେ ଜଣେ ବ୍ୟକ୍ତି ବେଆଇନ ଭାବେ ଘର ନିର୍ମାଣ କରିବା ସହ ଭଡାରେ ଗୃହ ପ୍ରଦାନ କରିଥିବା ନେଇ ଅଭିଯୋଗ ହୋଇଥିଲା। ଏ ନେଇ ବିଏମ୍‌ସି କମିଶନର ଜେ.ସୋନାଲ ଉକ୍ତ ସ୍ଥାନରେ ଜବରଦଖଲ ଉଚ୍ଛେଦ ପାଇଁ ଏନ୍‌ଫୋର୍ସମେଣ୍ଟକୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ତରୁଣକାନ୍ତଙ୍କ ନେତୃତ୍ୱରେ ୨ଟି ଗାଈ ଗୁହାଳ ଓ ଡ୍ରେନ୍ ଉପରେ ନିର୍ମିତ ହୋଇଥିବା ଘର ଉଚ୍ଛେଦ କରାଯାଇଥିଲା। ଆଗାମୀ ଦିନରେ ଏନ୍‌ଫୋର୍ସମେଣ୍ଟ ଏଭଳି ବେଆଇନ ଭାବେ ଜବର ଦଖଲ ସ୍ଥାନକୁ ଉଚ୍ଛେଦ କରାଯିବ ବୋଲି ଏନ୍‌ଫୋର୍ସମେଣ୍ଟ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଦୁଇଦିନିଆ ଏନ୍‌ଏସ୍‌ଏସ୍ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବ୍ରହ୍ମପୁର ଅଫିସ,୧୪।୯



ଏନଏସ୍‌ଏସ୍ ପକ୍ଷରୁ ଉଦ୍‌ଯାପନୀ ଦିବସରେ ସବୁଜ ସଚେତନତା ରାଲି ।

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**
■ଉଦ୍‌ଯାପନୀ ଦିବସରେ ସବୁଜ ପରିବେଶ ସଚେତନତା ରାଲି

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ପକ୍ଷରୁ ଚାଲିଥିବା ଦୁଇଦିନିଆ ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଅଧକ୍ଷତା କରିଥିଲେ। ପିଜି କାଉନସିଲ ଅଧକ୍ଷ ପ୍ରଫେସର ପ୍ରତାପ କୁମାର ମହାନ୍ତି ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଦିବସରେ ଅତିଥି ଭାବେ ପୂର୍ବତନ ଜିଲା ଏନ୍‌ଏସ୍‌ଏସ୍ ସଂଯୋଜକ ତଥା ଜାତୀୟସ୍ତରୀୟ ପୁରସ୍କାରପ୍ରାପ୍ତ ପ୍ରଫେସର ଡ.ସତୀଶ କୁମାର ବିଶୋୟୀ ଉପସ୍ଥିତ ଥିଲେ। ଦ୍ୱିତୀୟ ଦିବସର ପ୍ରଥମ ପର୍ଯ୍ୟାୟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସମେତ ସିଟି ମହାବିଦ୍ୟାଳୟ, ମହାମାୟୀ ମହିଳା ମହାବିଦ୍ୟାଳୟ, ରାମନାରାୟଣ ମହାବିଦ୍ୟାଳୟ ତୁରା, ଗୋପାଳପୁର ମହାବିଦ୍ୟାଳୟ, କ୍ଷେତ୍ରମହୋନ ବିଜ୍ଞାନ ମହାବିଦ୍ୟାଳୟର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀଙ୍କୁ ଏନ୍‌ଏସ୍‌ଏସ୍‌ର ଆଭିମୁଖ୍ୟ ଓ କାର୍ଯ୍ୟକାରିତା ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ଏଥିରେ ଜାତୀୟ ସେବା ଯୋଜନାର ଆଭିମୁଖ୍ୟ ‘ମୋ ଠୁ ପୂର୍ବେ ଆପଣ’ ଓ ଅଧିନାୟକତ୍ୱ ଦକ୍ଷତା ଏବଂ ପରୋପକାର ଓ ସେବା ମନୋବୃତ୍ତି ସମ୍ପର୍କରେ ତାଲିମ ଦିଆଯାଇଥିଲା। ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କୁ ଜାତୀୟ ସେବା ପ୍ରଦାନକାରୀ ସୈନ୍ୟ ଭାବେ କାର୍ଯ୍ୟ କରିବା ସମ୍ପର୍କରେ କହିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଏନ୍‌ଏସ୍‌ଏସ୍ ପକ୍ଷରୁ ବିଶ୍ୱବିଦ୍ୟାଳୟରେ ସ୍ୱଚ୍ଛ ଓ ସୁନ୍ଦର ସବୁଜିମା ଭରା ବିଶ୍ୱବିଦ୍ୟାଳୟ ଶୀର୍ଷକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱେଚ୍ଛାସେବୀ ଓ ଏନ୍‌ଏସ୍‌ଏସ ଅଧିକାରୀମାନେ ମିଳିତ ଭାବେ ନିଜର ପରିବେଶ ଚତୁଃପାର୍ଶ୍ୱକୁ ପଲିଥିନ ମୁକ୍ତ ରଖିବା ନେଇ ଶପଥପାଠ କରିଥିଲେ। ଏହା ସହ ବିଭିନ୍ନ ସମୟରେ ବାତ୍ୟା ଯୋଗୁ ବିଶ୍ୱବିଦ୍ୟାଳୟ ହରାଇ ବସିଥିବା ନିଜର ସବୁଜିମା ପରିବେଶକୁ ପୁନଃ ସୃଷ୍ଟି କରିବା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ସ୍ୱେଚ୍ଛାସେବୀଙ୍କ ଦ୍ୱାରା ସ୍ୱଚ୍ଛ ଓ ସବୁଜ ପରିବେଶ ସମ୍ପର୍କିତ ଏକ ରାଲି ବିଶ୍ୱବିଦ୍ୟାଳୟ କନ୍‌ଫରେନ୍ସ ହଲ୍‌ରୁ ବାହାରି କ୍ୟାମ୍ପସ ପରିକ୍ରମା କରିବା ସହ ସ୍ନାତକୋତ୍ତର ପରିଷଦ ସମ୍ମୁଖରେ ସମାପ୍ତ ହୋଇଥିଲା। ଦୁଇ ଦିନ ଧରି ଚାଲିଥିବା ପ୍ରଶିକ୍ଷଣ ଶିବିର ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ ସଂଯୋଜକ ପ୍ରଫେସର ଡ.ଜୟନ୍ତ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଶକ୍ତି ରଞ୍ଜନ ଦାସ, ଡ.ଇକବାଲ ଅହମ୍ମଦ ଭଟ୍ଟ ଓ ପ୍ରଫେସର ଅଲିତା ମିଞ୍ଜ ପରିଚାଳନାରେ ସହଯୋଗ କରିଥିଲେ।

# ଦାରିଙ୍ଗବାଡ଼ି ପଞ୍ଚାୟତ ସମିତି ବୈଠକ

## ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପିଇବା ପାଣି ଆଦି ସମସ୍ୟାକୁ ନେଇ ହଟ୍ଟଗୋଳ

ଦାରିଙ୍ଗବାଡ଼ି,୧୪।୯(ଡି.ଏନ.ଏ.)



ବୈଠକରେ ଆଲୋଚନା ଚାଲିଛି।

ଦାରିଙ୍ଗବାଡ଼ି ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭା ଗୃହଠାରେ ଚତୁର୍ଥ ପଞ୍ଚାୟତ ସମିତି ବୈଠକ ବୁଧବାର ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏବଂ ବିଡିଓ ଗଦାଧର ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟଅତିଥି ଭାବେ ବିଧାୟକ ସାଲୁଗା ପ୍ରଧାନ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରଥମେ ବିପର୍ଯ୍ୟୟ ପରିଚାଳନା ବିଷୟରେ ଆଲୋଚନା କରାଯାଇଥିଲା। ଏଥିରେ ଜିଲା ଜରୁରୀ କାର୍ଯ୍ୟାଳୟର ପରାମର୍ଶଦାତା ସରୋଜ କୁମାର ଦାସ ସମସ୍ତ ଲୋକପ୍ରତିନିଧିଙ୍କୁ ତାଲିମ ପ୍ରଦର୍ଶନ ସହ ସେମାନଙ୍କ ଦାୟିତ୍ୱ ସମ୍ପର୍କରେ କୁହାଯାଇଥିଲା। ପରେ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅବ୍ୟବସ୍ଥା ସହ ଅଗଷ୍ଟ ମାସରେ ଦୁଇଜଣ ନବଜାତ ଶିଶୁ ମୃତ୍ୟୁ ହୋଇଥିବା ଅଭିଯୋଗ କରି ଲୋକ ପ୍ରତିନିଧିମାନେ ହଟ୍ଟଗୋଳ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ମହିଳା ସ୍ୱାସ୍ଥ୍ୟକର୍ମୀ ଅଭାବ ଯୋଗୁ ଜଣେ ସୁଇପରଙ୍କୁ ପ୍ରସବ କାର୍ଯ୍ୟରେ ନିୟୋଜିତ କରାଯାଉଥିବା ଅଭିଯୋଗ ହୋଇଥିଲା। ଏହାର ତଦନ୍ତ କରି ବିଡିଓ ଏବଂ ବିଧାୟକଙ୍କୁ ରିପୋର୍ଟ ଦେବି ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଇନ୍‌ଚାର୍ଜ ଡା. ଜାକେଶ ସାମନ୍ତରାୟ କହିଛନ୍ତି। ସେହିପରି ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନ ଅଧିକା ମାଗଣା ଔଷଧ ସ୍ୱାସ୍ଥ୍ୟକେନ୍ଦ୍ରରେ ଗଚ୍ଛିତ ରଖିବାକୁ ଦାବି କରିଥିଲେ। ସେହିପରି ବାମୁଣୀଗାଁ ଏବଂ ସିମନବାଡି ସ୍ୱାସ୍ଥ୍ୟକେନ୍ଦ୍ର ନୂତନ ଭାବେ ସମସ୍ତ ବ୍ୟବସ୍ଥା ଥାଇ କୋଠା ନିର୍ମାଣ କରାଯିବ । ଏଥିପାଇଁ ୫୭ଲକ୍ଷ ଟଙ୍କା ଲେଖାଏ ଅନୁମୋଦନ ହୋଇଥିବା ବିଧାୟକ କହିଥିଲେ। ସମିତି ବୈଠକ ପାଇଁ ଏକାଧିକ ସମିତିସଭ୍ୟ ଚିଠି ପାଇ ନ ଥିବା ନେଇ ସିମନବାଡି ସମିତିସଭ୍ୟ ଅଭିଯୋଗ କରିଥିଲେ। ଏ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଏଥିରେ ବିଡିଓ କ୍ଷମା ପ୍ରାର୍ଥନା କରିବା ସହ ଡାକରେ ଚିଠି ଦିଆଯିବ ଏବଂ ଗ୍ରୁପ୍‌ରେ ଚିଠି ସାମାଜିକ ମାଧ୍ୟମରେ ଦିଆଯିବାକୁ ନିଷ୍ପତ୍ତି ହୋଇଛି। ସେହିପରି ଶିକ୍ଷା ସମ୍ପର୍କରେ ଏବିଇଓ ସୁବାସିନୀ ଦିଗାଲ କହିଥିଲେ, ଭାଷା ସାହିତ୍ୟକୁ ଗୁରୁତ୍ୱ ଦିଆଯିବ। ତଜଡ଼ବାଡ଼ି ବିଦ୍ୟାଳୟ କରୋନାଠାରୁ ବନ୍ଦ କରିଦିଆଯାଇଥିବା ବେଳେ ସେହି ଗ୍ରାମର ପ୍ରାୟ ୧୦ ଛାତ୍ରୀଛାତ୍ର ଘଞ୍ଚ ଜଙ୍ଗଲ ଦେଇ ପ୍ରାୟ ୫କିମି ଅନ୍ୟ ବିଦ୍ୟାଳୟକୁ ବିପଦପୂର୍ଣ୍ଣ ଭାବେ ଯାଉଛନ୍ତି। ଏହାକୁ ତଦନ୍ତ କରି ପୁନଃ ବିଦ୍ୟାଳୟ ଚଳାଇବାକୁ ପଦକ୍ଷେପ ନେବା ସହ ସେଠାରେ ଏକ ଅଙ୍ଗନୱାଡି କେନ୍ଦ୍ର ନୂତନ ଭାବେ ଖୋଲିବାକୁ ପଦକ୍ଷେପ ନେବାକୁ ବିଧାୟକ ପରାମର୍ଶ ଦେଇଛନ୍ତି। ଜଣେ ଅଙ୍ଗନୱାଡି କର୍ମୀ ୱାର୍ଡ ମେମ୍ବରଙ୍କ ନକଲ ଦସ୍ତଖତ କରି ଟଙ୍କା ହଡ଼ପ କରିଥିବା ନେଇ ଥାନା ଏବଂ ଶିଶୁ ଯୋଜନା ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ନେଇ ବୈଠକରେ ଉତ୍ତେଜନା ଦେଖାଯାଇଥିଲା।

## ଗଞ୍ଜାମ ଏନ୍‌ଏସି : ଜନପ୍ରତିନିଧିଙ୍କ ମଧ୍ୟରେ ରହୁନି ତାଳମେଳ

# ଅଲୋଡ଼ା ଦୁର୍ଗାଦେବୀ ସାହି ଶିଶୁ ଉଦ୍ୟାନ

ଗଞ୍ଜାମ,୧୪।୯(ଡି.ଏନ.ଏ.)



ଶିଶୁ ଉଦ୍ୟାନ।

ଜିଲାର ସବୁ ଏନ୍‌ଏସିଠାରୁ ବହୁ ପଛରେ ଗଞ୍ଜାମ ଏନ୍‌ଏସି। ୧୨ ୱାର୍ଡକୁ ନେଇ ଗଠିତ ଏହି ଏନ୍‌ଏସି ବହୁ ସମସ୍ୟା ଦେଇ ଗତି କରୁଥିଲେ ମଧ୍ୟ କୌଣସି ରାଜନେତା କିମ୍ବା ଜିଲା ପ୍ରଶାସନର ଆନ୍ତରିକତା ଅଭାବ ପରିଲକ୍ଷିତ ହେଉଛି। ନୂଆ କାଉନସିଲ ବଡି ଆସିବା ପରେ ସହରର ଉନ୍ନତି ହେବ ବୋଲି ଆଶା ରଖିଥିଲେ ଅଞ୍ଚଳବାସୀ। କିନ୍ତୁ ନୂଆ କାଉନସିଲ ବଡି ଆସିବାର ୬ ମାସରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ଆଶାନୁରୂପ ଉନ୍ନୟନ ହୋଇନି। ଜନପ୍ରତିନିଧିମାନଙ୍କ ମଧ୍ୟରେ ତାଳମେଳ ରହୁ ନ ଥିବାରୁ କୌଣସି ଉନ୍ନୟନ କାର୍ଯ୍ୟ ହୋଇ ପାରୁନାହିଁ ବୋଲି ଅଭିଯୋଗ ହୋଇଛି। ଫଳରେ ସମସ୍ୟା ଭୋଗୁଛନ୍ତି ଅଞ୍ଚଳବାସୀ। ଗତ ପୌର ଅଧ୍ୟକ୍ଷ ନିର୍ବାଚନ ବେଳେ ସହରର ଉନ୍ନତିମୂଳକ କାର୍ଯ୍ୟ କରିବେ ବୋଲି ସହରବାସୀଙ୍କୁ ପ୍ରତିଶ୍ରୁତି ମିଳିଥିଲା। କିନ୍ତୁ ପ୍ରତିଶ୍ରୁତି ପ୍ରତିଶ୍ରୁତିରେ ହିଁ ରହିଯାଇଛି। ରକ୍ଷଣାବେକ୍ଷଣ ଅଭାବରୁ ଅଲୋଡ଼ା ହୋଇପଡ଼ିଥିବା ଦୁର୍ଗାଦେବୀ ସାହି ଶିଶୁ ଉଦ୍ୟାନ ଏହାର ଉଦାହରଣ। ଶିଶୁ ଉଦ୍ୟାନରେ ଗଛଲତା ଉଠି ବିଷାକ୍ତ ସରିସୃପ ଆଶ୍ରୟ ସ୍ଥଳ ପାଲଟିଥିବା ପରି ପ୍ରତୀୟମାନ ହେଉଛି। ଏନ୍‌ଏସି ପକ୍ଷରୁ ଉଦ୍ୟାନଟି ନିର୍ମାଣ ହେବାର କିଛି ବର୍ଷ ମଧ୍ୟରେ ପିଲାମାନେ ଖେଳିବା ନିମନ୍ତେ ଉଦ୍ଦିଷ୍ଟ ବିଭିନ୍ନ ଖେଳକୁଦ ସାମଗ୍ରୀଗୁଡିକ ଭାଙ୍ଗିଯାଇଥିଲେ ମଧ୍ୟ ତାର ରକ୍ଷଣାବେକ୍ଷଣ କରାଯାଇନଥିଲା। ସମ୍ପ୍ରତି ଶିଶୁ ଉଦ୍ୟାନଟି ଏପରି ଜରାଜୀର୍ଣ୍ଣ ହୋଇ ରହିଥିବା ବେଳେ କାହାର ନଜର ପଡୁନଥିବା ପରିଲକ୍ଷିତ ହୋଇଛି। ତୁରନ୍ତ ଶିଶୁ ଉଦ୍ୟାନଟିର ପୁନରୁଦ୍ଧାର ନେଇ ଏନ୍‌ଏସି କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

# ଗଞ୍ଜାମରୁ ଅଭିଯୁକ୍ତ ରଞ୍ଜୁ, ଦ୍ୱିତୀୟ ସ୍ୱାମୀ କାହ୍ନା ଗିରଫ

## ଚର୍ଚ୍ଚିତ ଚନ୍ଦୁ ହତ୍ୟା ମାମଲା

ଭୁବନେଶ୍ୱର ୧୪।୯ (ବ୍ୟୁରୋ)

ଭୁବନେଶ୍ୱର କ୍ୟାପିଟାଲ ଥାନା ଅନ୍ତର୍ଗତ ନାରାୟଣ ବସ୍ତିର ପି. ସୁବ୍ରତ ରାଓ ଓରଫ ଚନ୍ଦୁ ହତ୍ୟା ମାମଲାରେ କମିଶନରେଟ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ମାମଲାରେ ସମ୍ପୃକ୍ତ ଅଭିଯୁକ୍ତ ରଞ୍ଜୁ ନାୟକ (୨୯) ଓ ତାଙ୍କ ଦ୍ୱିତୀୟ ସ୍ୱାମୀ କାହ୍ନା ନାୟକ(୨୮)ଙ୍କୁ ଗଞ୍ଜାମରୁ ପୋଲିସ ଗିରଫ କରିଛି। ହତ୍ୟାକାଣ୍ଡ ପରେ ଉଭୟ ସେମାନଙ୍କ ଗାଁକୁ ଚାଲିଯାଇ କେରଳ ଯିବାକୁ ଯୋଜନା କରୁଥିଲେ। ପୋଲିସ ତାଙ୍କ ଗାଁକୁ ଆସୁଥିବା ଖବର ପାଇ ସେମାନେ ତାରାସିଂ ଥାନା ଅନ୍ତର୍ଗତ ଏକ ଜଙ୍ଗଲିଆ ସ୍ଥାନରେ ଲୁଚିଯାଇଥିଲେ। ହେଲେ ପୋଲିସ ସେଠାରେ ଚଢ଼ାଉ କରି ଉଭୟଙ୍କୁ କାବୁ କରିଥିଲା। ବୁଧବାର ଅଭିଯୁକ୍ତଦ୍ୱୟଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ କମିଶନରେଟ ପୋଲିସ ପକ୍ଷରୁ ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ରଞ୍ଜୁଙ୍କ ନାଁରେ ସ୍ଥାନୀୟ ଥାନାରେ ନିଶା କାରବାର ସମେତ ୨ଟି ମାମଲା ରହିଛି। ଏହି ମାମଲାରେ ଅଧିକ ତଥ୍ୟ ହାସଲ ପାଇଁ ଅଭିଯୁକ୍ତଦ୍ୱୟଙ୍କୁ ରିମାଣ୍ଡରେ ଆଣିବାକୁ କୋର୍ଟରେ ଆବେଦନ କରାଯିବ ବୋଲି ଥାନାଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି। ଏଥିସହ ତଦନ୍ତବେଳେ ପୋଲିସ ବହୁ ତଥ୍ୟ ହାସଲ କରିଛି। ବଳପୂର୍ବକ ଟଙ୍କା ମାଗିବା ଓ ଭଉଣୀ ଝୁନୁଙ୍କୁ ଛୁରିରେ ଆକ୍ରମଣ କରିବା ପରେ ରଞ୍ଜୁ ଓ କାହ୍ନା କାଠଫାଳିଆରେ ଚନ୍ଦୁଙ୍କୁ ପିଟି ହତ୍ୟା କରିଥିବା ପୋଲିସ କହିଛି।

# ନୃସିଂହାନନ୍ଦଙ୍କୁ ବାଣୀପ୍ରଜ୍ଞା ସମ୍ମାନ




ଅତିଥିଙ୍କ ଗହଣରେ ନୃସିଂହାନନ୍ଦ।

ଫୁଲବାଣୀ ଅଫିସ, ୧୪।୯:

କନ୍ଧମାଳ ଜିଲାର ସୁନାମଧନ୍ୟ ସାହିତ୍ୟିକ ଡ. ନୃସିଂହାନନ୍ଦ ମହାପାତ୍ରଙ୍କୁ ବାଣୀପ୍ରଜ୍ଞା ସମ୍ମାନରେ ସମ୍ମାନିତ କରାଯାଇଛି । ମୟୂରଭଞ୍ଜ ଜିଲା ବଡସାହି ବ୍ଲକ ବଡସାହି ବାଣୀପୀଠ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ବାଣୀପୀଠ ମହୋତ୍ସବରେ ତାଙ୍କୁ ସାହିତ୍ୟ ସାଧନା ପାଇଁ ଏହି ସମ୍ମାନ ଦିଆଯାଇଛି । ଆୟୋଜିତ ରାଜ୍ୟସ୍ତରୀୟ କବି ଓ ଲେଖକ ସମାବେଶରେ ଅତିଥି ଭାବେ ପ୍ରଫେସର ଯନ୍ତ୍ରଣା ପରୀକ୍ଷିତ, ପ୍ରଫେସର ହୀରାଲାଲ ଦାଶ, ପ୍ରାଧ୍ୟାପକ ସୁବାସ ଚନ୍ଦ୍ର ନାୟକ, ଡ. ସତ୍ୟନାରାୟଣ ପଣ୍ଡାଙ୍କ ସମେତ ଅନ୍ୟଅତିଥି ଭାବେ ଉପସ୍ଥିତ ରହି ଡ. ମହାପାତ୍ରଙ୍କୁ ଏକ ସମାବେଶରେ ସମ୍ମାନିତ କରିଥିଲେ । ସେହିପରି ଜିଲାର ବୈଶିଙ୍ଗା, ପୁରୁଣିଆ ବଣମଲ୍ଲୀ ସାହିତ୍ୟ ପରିଷଦ ପକ୍ଷରୁ କବିତା ଏବଂ ଆଧ୍ୟାତ୍ମିକ ରଚନା ଲାଗି ତାଙ୍କୁ ବଣମଲ୍ଲୀ ଭକ୍ତିଧାରା ସମ୍ମାନ ମିଳିଛି। ଅନୁଷ୍ଠାନର ସଭାପତି ପ୍ରଭାତ କୁମାର ଆଚାର୍ଯ୍ୟ, ମୁଖ୍ୟଅତିଥି କବି ପ୍ରଶାନ୍ତ ଦାସ, ମୁଖ୍ୟବକ୍ତା କବି ବଜେନ୍ଦ୍ରନାଥ ଗିରି ଏକ ଉତ୍ସବରେ ମହାପାତ୍ରଙ୍କୁ ସମ୍ମାନିତ କରିଥିଲେ ।

# ଔଷଧ ଦୋକାନରେ ଚଢ଼ାଉ

ବ୍ରହ୍ମପୁର ଅଫିସ,୧୪।୯:ବ୍ରହ୍ମପୁର ସହରରେ ଥିବା ଔଷଧ ଦୋକାନ ଓ ଫାର୍ମାସ୍ୟୁଟିକାଲ୍ ସଂସ୍ଥା ଉପରେ ଡ୍ରଗ୍ ଇନ୍ସପେକ୍ଟର୍ ଦେବାଶିଷ କାଲୋ ଏବଂ ତାଙ୍କର ଟିମ୍ ଚଢ଼ଉ କରି ଯାଞ୍ଚ କରିଛନ୍ତି। ବୁଧବାର ସନ୍ଧ୍ୟା ସୁଦ୍ଧା ସହରରେ ଥିବା ପ୍ରାୟ ୧୦ଟି ଔଷଧ ଦୋକାନ ଓ ଫାର୍ମାସ୍ୟୁଟିକାଲ୍ ସଂସ୍ଥାରେ ଚଢ଼ାଉ କରି ୮ଟି ଔଷଧ ନମୁନା ସଂଗ୍ରହ କରାଯାଇଥିବା ଡ୍ରଗ୍ ଇନ୍ସପେକ୍ଟର୍ ଦେବାଶିଷ କାଲୁବ ସୂଚନା ଦେଇଛନ୍ତି। ଆଗାମୀ ଦିନରେ ମଧ୍ୟ ଚଢ଼ଉ ଜାରି ରହିବ ବୋଲି ସେ କହିଛନ୍ତି। ମଙ୍ଗଳବାର ବ୍ରହ୍ମପୁର ସହରର ବିଭିନ୍ନ ସ୍ଥାନରେ ଚଢ଼ଉ କରି ୬ଟି ନମୁନା ସଂଗ୍ରହ କରାଯାଇଥିଲା।


**GOVERNMENT OF ODISHA**

**OFFICE OF THE SUPERINTENDING ENGINEER, KALAHANDI RWS&S DIVISON, BHAWANIPATNA**

e-mail: eerwsskld@gmail.com, eerwss_kld@nic.in, Phone No: 06670-230784

INVITATION OF BID THROUGH e- TENDERING

Bid Identification No- 49/SE/RWSS/2022-23 /Bpt Dated. 12.09.2022

No.O-975: 01.Name of the Work: As per Annexure-A

| Procurement Officer | Bid Identification No. | Availability of tender online for bidding on office hour only | | Date of Opening (Technical Bid) |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Kalahandi RWS&S Division, Bhawanipatna | 49/SE/RWSS/2022-23/Bpt Dated-12.09.2022 | 23.09.2022 10.00 AM | 13.10.2022 05.30 PM | 14.10.2022 10.00 AM onwards |

Cost of tender paper to be made online payment system. Further details can be seen from the e-procurement portal http://tenderodisha.gov.in. The original documents should be scanned and uploaded.

OIPR-25005/11/0015/2223 Sd./- Superintending Engineer, Kalahandi RWS&S Division, Bhawanipatna



**ODISHA JOINT ENTRANCE EXAMINATION - 2022 (OJEE - 2022)**

**PUBLIC NOTICE REGARDING OJEE WEB COUNSELLING FOR 2022-23**

**No: OJEE/414** **Date: 10.09.2022**

**No.h-09:** This is for the information of all concerned that OJEE Web-Based Counselling Process for Technical Undergraduate Courses such as **B. Tech, B. Arch, B. Plan, B. CAT and Integrated M.Sc.** is going to start from 13th September, 2022.

Similarly, the counselling process for Technical / Professional Postgraduate courses like **MBA, MCA, M. Tech, M. Arch, and M. Plan** will commence from **12th September, 2022.**

Interested candidates are advised to visit OJEE websites (www.ojee.nic.in / www.odishajee.com) and see the **Tentative Counselling Schedule** for these courses.

They are further advised to carefully go through the documents, **"Counselling Brochure"** and **"Step-by-Step Procedure"**, available in the website to get detailed information about the entire counselling process.

**Sd./-Chairman, OJEE**

OIPR-14020/11/0016/2223



**ODISHA STATE CIVIL SUPPLIES CORPORATION LTD.**

(A Govt. of Odisha Undertaking)

REGISTERED OFFICE : C/2, NAYAPALLI, BHUBANESWAR-751012

CIN : U51211OR1980SGC000894

Tel. No. : 0674-2395391, Fax : 0674-2395291, Website : www.oscsc.in

**Tender No. 13689/P-II/77/2021/PDS** **Dt.: 14.09.2022**

Managing Director, Odisha State Civil Supplies Corporation Ltd., invites tenders in Double Cover System through **ONLINE MODE ONLY** for the works below:

| | | |
|---|---|---|
| 1 | Name of the Work | Selection and appointment of handling & transport contractors for handling & transportation of Custom Milled Rice (CMR) from source districts to recipient districts through Rake in the State of Odisha. |
| 2 | Availability of bid document in the portal | **From 15.09.2022** |
| 3 | Last Date / Time for receipt of bids in the portal | **Dt.21.09.2022 up to 5.00 P.M.** |
| 4 | Date/Time of Opening of Technical bid | **Dt.22.09.2022 at 11.00 A.M.** |
| 5 | Name and address of the Officer Inviting Tender | **Managing Director, OSCSC Ltd., C/2, Nayapalli, Bhubaneswar** |

Tender Documents & other details can be seen from the e-procurement portal **www.oscsc.in**, **www.foododisha.in** & **www.tendersodisha.gov.in**. Amendments / corrigendum / cancellation / retenders etc. if any shall be published only in above websites.

**By Order of Managing Director**
**Sd/- General Manager (PDS)**



**GOVT. OF ODISHA**

**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, KEONJHAR**

Tel. 06766-258301(O), email: se_nerwkjr@rediffmail.com

e-Procurement Notice for Bridge Work under BSY Identification No. Bridge Online NCB No. 348

No. 1954 / Date: 12-09-2022

**No.O-968:** 1.Name of the work : Construction of Bridge Works under BSY in the District of Keonjhar. 2.No. of work : 02 (Two) Nos. 3.Estimated Cost : As per Annexure. 4.Class of Contractor (Eligible) : 'A' & 'Special' Class of Contractor. 5.Period of Completion : 24 Calendar Months. 6.Other details:

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E.R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | Bridge Online NCB No.348 | Dt.20.09.22 at 11.00 A.M. | Dt.10.10.22 upto 5.00 P.M. | Dt.07.10.22 upto 5.00 P.M. | Dt.11.10.22 at 11.00 A.M. | Will be intimated later |

- **Further details can be seen from the website: www.tendersorissa.gov.in**

Sd./- Chief Construction Engineer, R.W.Circle, Keonjhar

OIPR-25177/11/0024/2223



**ROURKELA DEVELOPMENT AUTHORITY, UDITNAGAR ROURKELA-769012**

**INVITATION FOR BIDS (IFB)**

**No.1514, Dt.14.09.2022**

| Sl. No. | Name of Work | Estimated Cost | Tender Paper Cost (Including VAT) | Available tender online for bidding | | Last date & time of bidding | Date & Time of Opening of tender |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Repair, renovation and development of VSS Market at Chhend, Rourkela | 71.75 Lakhs (Approx.) | 11,200.00 | 16.09.22 | 23.09.22 | 14.00 Hrs. of 20.09.22 | 11.00 Hrs. of 26.09.22 |

**Sd./- Secretary**
**Rourkela Development Authority, Rourkela**



**SCHEDULES**

No. XXV-02: ଓଡ଼ିଶା ରାଜ୍ୟର ଜଗତ୍‌ସିଂହପୁର ଜିଲ୍ଲାର କି.ମି. 333.340 ଠାରୁ କି.ମି. 334.950 (ତହସିଲଦାରଙ୍କ କାର୍ଯ୍ୟାଳୟ, ତିର୍ତ୍ତୋଲ, ଜିଲ୍ଲା: ଜଗତ୍‌ସିଂହପୁରର ବିସ୍ତାରଣରେ ଥିବା ନୂତନ ପ୍ରସ୍ତାବିତ ଜାତୀୟ ରାଜପଥ ନମ୍ବର – 55 ରାସ୍ତାକୁ ସଂଯୋଗ କରୁଥିବା ସମ୍ବଲପୁର ନିକଟସ୍ଥ ଏନ୍.ଏଚ୍. – 53 ରେଢ଼ାଖୋଲରୁ ଆରମ୍ଭ କରି ନୂଆଗାଁରେ ସମାପ୍ତ ହୋଇଛି, ଯାହାକି ଭୂମି ବିନିର୍ମାଣ (ପ୍ରଶସ୍ତ/ଚାରି ଲେନିଂ ଇତ୍ୟାଦି) ପାଇଁ ପ୍ରଯୁଜ୍ୟ।

| କ୍ର.ନଂ. | ଜିଲ୍ଲାର ନାମ | ତହସିଲର ନାମ | ଗ୍ରାମର ନାମ | ସର୍ଭେ ସଂଖ୍ୟା | ଜମିର ପ୍ରକାର | ଜମିର ପ୍ରକୃତି | ଅଧିଗ୍ରହଣ ଏରିଆ (ହେକ୍ଟରରେ) | ଟୋଟାଲ ଏରିଆ (ହେକ୍ଟରରେ) |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | ଜଗତ୍‌ସିଂହପୁର | ତିର୍ତ୍ତୋଲ | ୧. ଯାଁ ବେଢୁଆଁ | 1 | ବେସରକାରୀ | ବଗାୟତ ଦୁଇ | 0.042 | 0.1497 |
| | | | | 2 | ବେସରକାରୀ | ଚକ | 0.096 | 0.2550 |
| | | | | 3 | ବେସରକାରୀ | ଚକ | 0.145 | 0.2752 |
| | | | | 4 | ବେସରକାରୀ | ଚକ | 0.048 | 0.0850 |
| | | | | 5 | ବେସରକାରୀ | ଚକ | 0.097 | 0.1295 |
| | | | | 6 | ବେସରକାରୀ | ଚକ | 0.016 | 0.2873 |
| | | | | 10 | ବେସରକାରୀ | ଚକ | 0.009 | 0.1133 |
| | | | | 11 | ବେସରକାରୀ | ଚକ | 0.049 | 0.0728 |
| | | | | 17 | ବେସରକାରୀ | ଚକ | 0.028 | 0.1538 |
| | | | | 18 | ସରକାରୀ | ଚକ ରାସ୍ତା | 0.005 | 0.0445 |
| | | | | 19 | ବେସରକାରୀ | ଚକ | 0.022 | 0.2995 |
| | | | | 38 | ବେସରକାରୀ | ଚକ | 0.006 | 0.2307 |
| | | | | 39 | ବେସରକାରୀ | ଚକ | 0.024 | 0.0243 |
| | | | | 40 | ବେସରକାରୀ | ଚକ | 0.053 | 0.1700 |
| | | | | 41 | ବେସରକାରୀ | ଚକ | 0.077 | 0.2671 |
| | | | | 42 | ବେସରକାରୀ | ଚକ | 0.087 | 0.5140 |
| | | | | 43 | ବେସରକାରୀ | ଚକ | 0.055 | 0.2347 |
| | | | | 46 | ବେସରକାରୀ | ଚକ | 0.071 | 0.2104 |
| | | | | 47 | ବେସରକାରୀ | ଚକ | 0.066 | 0.1983 |
| | | | | 51 | ବେସରକାରୀ | ଚକ | 0.149 | 0.3035 |
| | | | | 52 | ବେସରକାରୀ | ଚକ | 0.145 | 0.2914 |
| | | | | 63 | ବେସରକାରୀ | ଚକ | 0.090 | 0.2307 |
| | | | | 64 | ବେସରକାରୀ | ଚକ | 0.019 | 0.0769 |
| | | | | 98 | ସରକାରୀ | ଚକ ନାଳ | 0.007 | 0.0567 |
| | | | | 99 | ସରକାରୀ | ଜଳାଶୟ ଦୁଇ | 0.041 | 0.0971 |
| | | | | 100 | ବେସରକାରୀ | ଚକ | 0.005 | 0.1133 |
| | | | | 349 | ସରକାରୀ | ନୟନ ଯୋରୀ | 0.015 | 0.5180 |
| | | | | 350 | ସରକାରୀ | କେନାଲ ବନ୍ଧ | 0.012 | 0.4775 |
| | | | | 351 | ସରକାରୀ | କେନାଲ | 0.022 | 0.4775 |
| | | | | 352 | ସରକାରୀ | କେନାଲ ବନ୍ଧ | 0.014 | 0.5423 |
| | | | | 353 | ସରକାରୀ | ନୟନ ଯୋରୀ | 0.027 | 0.6394 |
| | | | | 409 | ବେସରକାରୀ | ଚକ | 0.119 | 0.4816 |
| | | | | 417 | ସରକାରୀ | ଗୋଚର | 0.155 | 0.9186 |
| | | | | 418 | ସରକାରୀ | ପତିତ | 0.480 | 3.8688 |
| | | | | 419 | ସରକାରୀ | ପତିତ | 0.888 | 6.9201 |
| | | | | 422 | ସରକାରୀ | ରାସ୍ତା | 0.066 | 0.3723 |
| | | | | 423 | ସରକାରୀ | ଜଳ ନିଷ୍କାସନ ନାଳ | 0.043 | 0.2671 |
| | | | | 447 | ସରକାରୀ | ଗୋଚର | 0.246 | 2.8530 |
| | | | | 479 | ସରକାରୀ | ପାଣି ନାଳ | 0.596 | 2.0558 |
| | | | | 480 | ସରକାରୀ | ଜଳ ନିଷ୍କାସନ ନାଳ | 0.066 | 0.1214 |
| | | | | 481 | ସରକାରୀ | ରାସ୍ତା | 0.148 | 0.6273 |
| | | | | 482 | ବେସରକାରୀ | ଚକ | 0.012 | 0.0121 |
| 1 | ଜଗତ୍‌ସିଂହପୁର | ତିର୍ତ୍ତୋଲ | ୧. ଯାଁ ବେଢୁଆଁ | 483 | ବେସରକାରୀ | ଚକ | 0.037 | 0.1255 |
| | | | | 490 | ବେସରକାରୀ | ଚକ | 0.070 | 0.1538 |
| | | | | 491 | ବେସରକାରୀ | ଚକ | 0.049 | 0.0890 |
| | | | | 492 | ବେସରକାରୀ | ଚକ | 0.023 | 0.0809 |
| | | | | 493 | ବେସରକାରୀ | ଚକ | 0.065 | 0.1538 |
| | | | | 496 | ବେସରକାରୀ | ଚକ | 0.052 | 0.1052 |
| | | | | 498 | ବେସରକାରୀ | ଚକ | 0.036 | 0.0647 |
| | | | | 499 | ବେସରକାରୀ | ଚକ | 0.065 | 0.1457 |
| | | | | 500 | ବେସରକାରୀ | ଚକ | 0.005 | 0.0121 |
| | | | | 42/ 580 | ବେସରକାରୀ | ଚକ | 0.024 | 0.1578 |
| | | | | 447/ 579 | ବେସରକାରୀ | ଚକ | 0.077 | 0.2469 |
| | | | | 483/ 585 | ବେସରକାରୀ | ଶାରଦ ଜଳ ଦୋଫସଲି ଏକ | 0.043 | 0.0688 |
| | | | ୨. ଇବ୍ରିସିଂ | 1123 | ସରକାରୀ | ଚକ ରାସ୍ତା | 0.007 | 0.0121 |
| | | | | 1114 | ବେସରକାରୀ | ଚକ | 0.045 | 0.1376 |
| | | | | 1113 | ବେସରକାରୀ | ଚକ | 0.006 | 0.0688 |
| | | | | 1122 | ବେସରକାରୀ | ଚକ | 0.072 | 0.1416 |
| | | | | 1119 | ବେସରକାରୀ | ଚକ | 0.072 | 0.0931 |
| | | | | 1120 | ବେସରକାରୀ | ଚକ | 0.068 | 0.1052 |
| | | | | 1125 | ବେସରକାରୀ | ଚକ | 0.025 | 0.0850 |
| | | | | | Grand Total Area | | 5.2050 | |

ସ୍ୱା./– ତହସିଲଦାର, ତିର୍ତ୍ତୋଲ

OIPR-24089/14/0004/2223



**ORISSA WATER SUPPLY AND SEWERAGE BOARD STATE LEVEL SEPTAGE CELL**

**OFFICE OF THE PROJECT DIRECTOR (SEPTAGE)**

3rd FLOOR, UNNATI BHAWAN, SATYANAGAR, BHUBANESWAR-7

No.CAD-1813: e-mail: pdslsc.owssb@gmail.com

**CORRIGENDUM-I dt.13.09.2022 to**

**BID IDENTIFICATION NO. 01/ PDSEPTAGE/2022-23 DT.26.08.2022**

1. The eligible class of contractors shall be read as 'A' Class or 'Special' Class in place of 'Special' Class and 'Super' Class.
2. The last date and time of bidding online may be read as 17.00 hours of 23.09.2022 in place of 17.00 hours of 17.09.2022.

Bidders are requested to visit the e-procurement portal https://tendersorissa.gov.in for viewing / downloading the complete bid document and informations thereof.

All other terms and conditions remain unaltered.

OIPR-32457/11/0003/2223 Sd./- Project Director (Septage)



**ODISHA TOURISM DEVELOPMENT CORPORATION LTD.**

(A Govt. of Odisha Undertaking)

Lewis Road, Bhubaneswar- 751014

No. 4511 /OTDC Dtd: 14.09.2022

**QUOTATION CALL NOTICE**

**No.CAD-1819:** Odisha Tourism Development Corporation Ltd. invites sealed quotations from the registered company/firm/trust/society/nonprofit organization for selection of agency to organize heritage walks in Bhubaneswar, Cuttack and Puri, Odisha. The last date for submission of quotation is up to 3 PM on dated 21.09.2022 through speed post/registered post and also can be received in the drop box placed at the Marketing Division OTDC Head Office, Lewis road, Bhubaneswar-751014. The same shall be opened at 5 PM on same day in presence of the quotationer or their authorized representatives. Applications received after due date and time will summarily be rejected and not to be considered for further processing. The detail terms and conditions, eligibility criteria etc can be downloaded from the website: www.odishatourism.gov.in

**Sd./-General Manager, OTDC**

OIPR-37002/11/0011/2223

## ସଂକ୍ଷେପରେ

### ୧୮ରେ ଅମଲା ସଂଘର ଜିଲା ସମ୍ମିଳନୀ

ଭଞ୍ଜନଗର,୧୪।୯(ଡି.ଏନ୍.ଏ.)- ଓଡିଶା ଅମଲା ସଂଘ ଏବଂ ଅଣ ଗେଜେଟେଡ କର୍ମଚାରୀ ସମନ୍ୱୟ ସମିତିର ମିଳିତ ଡାକରାରେ ଆସନ୍ତା ୧୮ତାରିଖରେ ଗଞ୍ଜାମ ଜିଲା ସମ୍ମିଳନୀ ବ୍ରହ୍ମପୁରଠାରେ ଅନୁଷ୍ଠିତ ହେବ। ଉକ୍ତ ସମ୍ମିଳନୀକୁ ସଫଳ କରାଇବା ପାଇଁ ମଙ୍ଗଳବାର ଭଞ୍ଜନଗର ସହରର ବିଭିନ୍ନ କାର୍ଯ୍ୟଳୟରେ ସଂଘର କର୍ମକର୍ତ୍ତାମାନେ ପହଞ୍ଚି ସଭ୍ୟାସଭ୍ୟମାନଙ୍କ ସହ ଆଲୋଚନା କରିଥିଲେ। ଉପଦେଷ୍ଟା ଶୂଳପାଣି ଶତପଥୀ, ସଭ୍ୟ ଅଶୋକ ସାହୁ, ଜନାର୍ଦ୍ଦନ ମଲ୍ଲିକ, ଚିତ୍ତରଞ୍ଜନ ମଲ୍ଲିକ, ରତିକାନ୍ତ ତ୍ରିପାଠୀ, ପ୍ରଦୀପ କୁମାର ଗୌଡ, ଯୋଗୀ ସେଠୀ, ସୂର୍ଯ୍ୟମଣି ପ୍ରଧାନ, ମନୋରଞ୍ଜନ ଦାସ, ସଦାନନ୍ଦ ଶବର, ସୁବାସ ମହାରଣା, ଲଡ୍ଡୁ କିଶୋର ବେହେରା, ସୀମାଞ୍ଚଳ ପଟ୍ଟନାୟକ, ଅଶ୍ୱିନୀ ଦାସ ପ୍ରମୁଖ ବିଭିନ୍ନ କାର୍ଯ୍ୟାଳୟ ବୁଲି ଜିଲା ସମ୍ମିଳନୀ ସମ୍ପର୍କରେ ଆଲୋଚନା କରିଥିଲେ।

### ଚକାପାଦରେ ହିନ୍ଦୀ ଦିବସ

ଫୁଲବାଣୀ ଅଫିସ, ୧୪।୯:ଚକାପାଦ ବ୍ଲକ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟରେ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ହିନ୍ଦୀ ଦିବସ ଓ ପକ୍ଷ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ଅଧକ୍ଷ ଡ଼. ପଦ୍ମନାଭ ଡିଗାଲ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଡ଼. ସୂର୍ଯ୍ୟ ନାରାୟଣ ମିଶ୍ର ଓ ତପନ କୁମାର ପ୍ରଧାନ, ନେହେରୁ ଯୁବ କେନ୍ଦ୍ରର ସ୍ୱେଚ୍ଛାସେବୀ ସୁଭଦ୍ରା ମଲ୍ଲିକ, ରୀତିମା ବାଘ, ଚନ୍ଦନ ପୃଷ୍ଟି ପ୍ରମୁଖ ଯୋଗଦେଇ ହିନ୍ଦୀ ଭାଷା ଆମର ରାଷ୍ଟ୍ର ଭାଷା । ଏହି ଭାଷା ଜାଣିଲେ ଆମେ ଭାରତର ଯେ କୌଣସି ସ୍ଥାନକୁ ଯାଇ ଆସି ପାରିବା ବୋଲି କହିଥିଲେ । ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସଂଗୀତ ପ୍ରତିଯୋଗିତା ହୋଇଥିଲା । କୃତି ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଏହି ଦିବସ ଆସନ୍ତା ୨୮ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେବ । ଶୁକ୍ଳାମ୍ବର ନାୟକ ଧନ୍ୟବାଦ ଦେଇଥିଲେ ।

### 'ସମୟ ଆଣିଛି ଅଦିନ ଝଡ଼' ମଞ୍ଚସ୍ଥ

ଶେରଗଡ,୧୪।୯(ଡି.ଏନ.ଏ.)- ଶେରଗଡ ବ୍ଲକ ସେରଙ୍କୁଡା ଗ୍ରାମରେ ବୁଧବାର ସାମାଜିକ ନାଟକ 'ସମୟ ଆଣିଛି ଅଦିନ ଝଡ଼' ମଞ୍ଚସ୍ଥ ହୋଇଯାଇଛି। ଉକ୍ତ ନାଟକକୁ ସ୍ଥାନୀୟ ତହସିଲଦାର ଡ. ଦୟାସିନ୍ଧୁ ପରିଡ଼ା ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଆସିକା ଏସ୍‌ଡିପିଓ ଉମାକାନ୍ତ ସିଂ, ଶେରଗଡ଼ ଥାନାଧିକାରୀ ମନୋଜ କୁମାର ପ୍ରଧାନ, ଆସିକା ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ, ବିଡିଓ ଶିବାସିସ ବରାଳ ଯୋଗ ଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ସୁନାମଧନ୍ୟ ନିର୍ଦ୍ଦେଶକ ଦୀନବନ୍ଧୁ ଶତପଥୀଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ଧନନ୍ତର ସରପଞ୍ଚ ରାଜେଶ ଜେନା ପ୍ରମୁଖ ଯୋଗ ଦେଇଥିଲେ। କଳାକାର ଭାବେ ଶ୍ରୀକାନ୍ତ, ଟୁଲୁ, ମଁଗୁଲୁ, ବୁଲୁ ସମେତ ବହୁ ତରୁଣ କଳାକାର ଅଭିନୟ କରିଥିଲେ।

# ରାସ୍ତାରେ ମୃତଦେହ ରଖି ଆନ୍ଦୋଳନ


ମୃତଦେହକୁ ରାସ୍ତାରେ ରଖି ଆନ୍ଦୋଳନ ।

**ପୂର୍ଣ୍ଣ ନାହାକ ହତ୍ୟା ଘଟଣା**

ହତ୍ୟାକାରୀଙ୍କୁ ଗିରଫ, ମୃତକଙ୍କ ପରିବାରକୁ ସୁରକ୍ଷା ଦାବି

ପୁରୁଷୋତ୍ତମପୁର (ଡି.ଏନ.ଏ.)
ବ୍ରହ୍ମପୁର ଅଫିସ, ୧୪।୯

ପୁପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ରାମସା ନାରାୟଣପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ନାହାକଙ୍କୁ ମଙ୍ଗଳବାର ରାଜନୈତିକ ଶତ୍ରୁତାରୁ ବ୍ରହ୍ମପୁର ରେଗିଡି ଛକରେ ହତ୍ୟା କରାଯାଇଥିଲା। ବ୍ରହ୍ମପୁର ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇଥିଲା। ବୁଧବାର ଗ୍ରାମରେ ମୃତଦେହ ପହଞ୍ଚିବା ପରେ ରେଗିଡିଙ୍କ ସମର୍ଥକମାନେ ପୋଲସରା, ବୁଢାଆମ୍ବ-ପୁରୁଷୋତ୍ତମପୁର ମୁଖ୍ୟରାସ୍ତାରେ ମୃତଦେହକୁ ରଖି ରାସ୍ତା ଅବରୋଧ କରିଥିଲେ। ରେଗିଡି ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କ ସମେତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ଓ ମୃତକଙ୍କ ପରିବାରକୁ ସୁରକ୍ଷା ଯୋଗାଇ ଦେବା ଲାଗି ଦାବି କରିଥିଲେ। ରାସ୍ତା ଅବରୋଧ ଯୋଗୁ ଦୀର୍ଘ ୫ଘଣ୍ଟା ଧରି ଯାତାୟତ ବାଧାପ୍ରାପ୍ତ ହୋଇପଡିଥିଲା। ଏହାକୁ ନେଇ ରାମସାନାରାୟଣପୁର ଓ ରିଞ୍ଚିପୁର ଗ୍ରାମରେ ଉତ୍ତେଜନାମୂଳକ ସ୍ଥିତି ଲାଗି ରହିଛି। ପୁରୁଷୋତ୍ତମପୁର ଏସଡିପିଓ ସୂର୍ଯ୍ୟମଣି ପ୍ରଧାନଙ୍କ ନେତୃତ୍ୱରେ ଆଇଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ, ଏଏସ୍‌ଆଇ ରବିନ୍ଦ୍ର ନାଥ ପାଣିଗ୍ରାହୀ, ଏସ୍‌ଆଇ ଆଦିତ୍ୟ ନାରାୟଣ ପାତ୍ର, କୋଦଳା ଥାନା ଆଇଆଇସି ଦେବାଶିଷ ମହାନ୍ତି, କବିସୂର୍ଯ୍ୟନଗର ଆଇଆଇସି ପ୍ରଭାତ କୁମାର ସାହୁ ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଏହାସହ ବିଜେଡି ନେତା ସୀତାରାମ ପାଣିଗ୍ରାହୀ ମଧ୍ୟ ଘଟଣାସ୍ଥଳକୁ ଯାଇ ଲୋକଙ୍କ ସହ ଆଲୋଚନା କରିବା ସହ ଆନ୍ଦୋଳନକାରିଙ୍କୁ ବୁଝାସୁଝା କରି ସମାଧାନ କରିଛନ୍ତି। ଅଭିଯୁକ୍ତ ମାନଙ୍କୁ ତୁରନ୍ତ ଗିରଫ କରାଯିବାର ନେଇ ଏସଡିପିଓ ପ୍ରଧାନ ପ୍ରତିଶ୍ରୁତି ଦେବା ପରେ ସନ୍ଧ୍ୟାରେ ଆନ୍ଦୋଳନ ହଟିଥିଲା। ମୃତ ପରିବାରକୁ ଏସଡିପିଓ ପାଞ୍ଚ ହଜାର ଟଙ୍କା ସହାୟତା ପ୍ରଦାନ କରିବା ସହ କବିସୂର୍ଯ୍ୟନଗର ଅତିରିକ୍ତ ତହସିଲଦାର ଘଟଣାସ୍ଥଳକୁ ଆସି ରେଡକ୍ରସରୁ ଦଶହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ମୃତକଙ୍କ ସ୍ତ୍ରୀ ମିନତୀ କହିଛନ୍ତି, ସେ ଗତ ପଞ୍ଚାୟତ ନିର୍ବାଚନରେ ରିଞ୍ଚିପୁର ପଞ୍ଚାୟତର ସମିତିସଭ୍ୟ ପ୍ରାର୍ଥୀ ଭାବେ ନିର୍ବାଚନ ଲଢି ପରାଜିତ ହୋଇଥିଲେ। ସେ ସମୟରେ ତାଙ୍କ ସ୍ୱାମୀଙ୍କୁ ହତ୍ୟା ଧମକ ମିଳିଥିଲା। ମଙ୍ଗଳବାର ରିଞ୍ଚିପୁର ଗ୍ରାମର ଜଣେ ବ୍ୟକ୍ତି ତାଙ୍କ ଘରକୁ ଆସି ଗତ କିଛିବର୍ଷ ତଳେ ହୋଇଥିବା ଏକ କେସର ସାକ୍ଷୀ ଦେବାକୁ ବ୍ରହ୍ମପୁର କୋର୍ଟକୁ ଡାକି ନେଇଥିଲେ। ପୂର୍ବାହ୍ନରେ ପୁଣି ମିନତିଙ୍କ ମୋବାଇଲକୁ ଫୋନ ଆସିଲା ଯେ, ଆମେ ୭ ଜଣ ମିଶି ତମ ସ୍ୱାମୀଙ୍କୁ ହାଣି ରାସ୍ତାରେ ପକାଇଦେଇଛୁ । ମାରିବୁ ବୋଲି କହିଥିଲୁ ମାରିଲୁ ବୋଲି ଅଭିଯୁକ୍ତ କହିଥିବା ମିନତି କହିଛନ୍ତି। ଏହାକୁ ନେଇ ପୁରୁଷୋତ୍ତମପୁର ଏସଡିପିଓ ସୂର୍ଯ୍ୟମଣି ପ୍ରଧାନ କହିଛନ୍ତି ଯେ ଅଭିଯୋଗ ପ୍ରକାରେ ୩ ଜଣଙ୍କୁ ବ୍ରହ୍ମପୁର ସଦର ଥାନା ପୋଲିସ ଧରିଆଣି ପଚରା ଉଚରା କରିବା ସହ ତଦନ୍ତ ଚଳାଇଛନ୍ତି। ବ୍ରହ୍ମପୁର ସଦର ଏସଡିପିଓ ଶିବଶଙ୍କର ମହାପାତ୍ରଙ୍କ ନେତୃତ୍ୱରେ ପୋଲିସର ୩ଜଣିଆ ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି। ସେମାନେ ଗ୍ରାମକୁ ଆସି ତଦନ୍ତ କରିବେ। ହତ୍ୟାକାଣ୍ଡରେ ଯିଏ ସଂପୃକ୍ତି ଥିବ ତାକୁ ଗିରଫ କରାଯିବ ବୋଲି କହିଛନ୍ତି।

## ଖଲ୍ଲିକୋଟ ପଞ୍ଚାୟତ ସମିତି ବୈଠକ

ଖଲ୍ଲିକୋଟ,୧୪।୯(ଡି.ଏନ.ଏ.)

ଖଲ୍ଲିକୋଟ ବ୍ଲକ ପରିସରରେ ପଞ୍ଚାୟତ ସମିତି ଚତୁର୍ଥ ସାଧାରଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଦୈତାରୀ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଆସିକା ଲୋକସଭା ଏମ୍‌ପି ପ୍ରମିଳା ବିଶୋଇ ମୁଖ୍ୟଅତିଥି ରୂପେ ଉପସ୍ଥିତ ଥିଲେ। ଖଲ୍ଲିକୋଟ ବିଡିଓ ମିତାଲି ପାତ୍ର, ଜିପିଓ କୃଷ୍ଣଚନ୍ଦ୍ର ରଥ, ବ୍ଲକ ଉପାଧକ୍ଷା ଭାରତୀ ମହାରଣା ପ୍ରମୁଖ ମଞ୍ଚାସୀନ ଥିଲେ। ପୂର୍ବ ସମିତି ବୈଠକ ବିବରଣୀ କାର୍ଯ୍ୟନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ପଣ୍ଡା ପାଠ କରିଥିଲେ। ଏହି ବୈଠକରେ ସ୍ୱାସ୍ଥ୍ୟ, ଶିକ୍ଷା, ମହିଳା ଓ ଶିଶୁ ବିକାଶ, ଯୋଗାଣ ବିଭାଗ, କୃଷି, ଗ୍ରାମ୍ୟ ଉନ୍ନୟନ, ବିଦ୍ୟୁତ ଓ ବନ ବିଭାଗ ଆଦି ବିଷୟ ଉପରେ ଆଲୋଚନା ହୋଇଥିଲା। ଖଲ୍ଲିକୋଟ ଡାକ୍ତରଖାନାରେ ଡାକ୍ତର ଅଭାବ ଯୋଗୁ କହ୍ନେଇପୁର ଡାକ୍ତରଙ୍କୁ ଡେପୁଟେଶନରେ ଅଣାଯାଇଥିବାରୁ କହ୍ନେଇପୁର ଏବଂ କୈରାଶି ସରପଞ୍ଚ ଡାକ୍ତରଙ୍କୁ ପୁନଃ ନିଯୁକ୍ତି ପାଇଁ ଦାବି କରିଥିଲେ। ସେହିପରି ସିଡିପିଓ ଯସୋବନ୍ତୀ ସାହୁ ଖଲ୍ଲିକୋଟ ବ୍ଲକରେ ୨୮୧ ଅଙ୍ଗନୱାଡି କେନ୍ଦ୍ର ଥିବା ବେଳେ ବହୁ କେନ୍ଦ୍ରର ନିଜସ୍ୱ ଗୃହ ନାହିଁ, ତେଣୁ ପ୍ରଶାସନ ପକ୍ଷରୁ ଗୃହ ଯୋଗାଇବା ଏବଂ ଅର୍ଦ୍ଧନିର୍ମିତ ଗୃହର କାମ ସାରିବା ପାଇଁ ପିଆଇଆଇ ସଭ୍ୟଙ୍କୁ ଅନୁରୋଧ କରିଥିଲେ। ବିକ୍ରମପୁର ପଞ୍ଚାୟତର ସାକରପୋଇଠାରେ ଅଙ୍ଗନୱାଡି କେନ୍ଦ୍ର ସ୍ଥାପନ ପାଇଁ ସରପଞ୍ଚ ପ୍ରଶ୍ନ ଆଚାର୍ଯ୍ୟ ଦାବି କରିଥିଲେ। ଅଙ୍ଗନୱାଡ଼ି କେନ୍ଦ୍ରକୁ ବିଦ୍ୟୁତ ଯୋଗାଣ, ନ୍ୟୁଟ୍ରି ଗାର୍ଡେନ ସୃଷ୍ଟିରେ ସହଯୋଗ କରିବାକୁ ସିଡିପିଓ ପ୍ରଶାସନକୁ ଅବଗତ କରାଇଥିଲେ। ସେହିପରି ମଥୁରା ସରପଞ୍ଚ ମେହମନ୍ତ ସେଠୀ କେତେକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଠିକ୍ ସମୟରେ ବିଦ୍ୟାଳୟକୁ ଠିକ୍ ସମୟରେ ଆସୁନଥିବା, ମଧ୍ୟାହ୍ନ ଭୋଜନରେ ଅନିୟମିତତା ଉପରେ ଜଣାଇଥିଲେ। ବିଇଓ ଦାୟିତ୍ୱରେ ଥିବା ଶିକ୍ଷାଧିକାରୀ ମଙ୍ଗୁଳି ଜେନା ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଥିଲେ। ମାଣିକ୍ୟପୁର, ଭିକାପଡ଼ା ଓ ଆଲପୁର ପଞ୍ଚାୟତରେ ହାଇସ୍କୁଲ ସ୍ଥାପନ ପାଇଁ ଦାବି ହୋଇଥିଲା। ସେହିପରି ବନ୍ୟ ଜନ୍ତୁ ବ୍ୟାପକ ଫସଲ ନଷ୍ଟ କରୁଥିବାରୁ ବିକ୍ରମପୁର ସରପଞ୍ଚ ଜଣାଇଥିଲେ। ଏହାର ଉତ୍ତରରେ ଖଲ୍ଲିକୋଟ ରେଞ୍ଜର ଅଭିଯୋଗ ଆସିଲେ କ୍ଷତିପୂରଣ ତଦନ୍ତ କରି ଦିଆଯିବ ବୋଲି କହିଥିଲେ। ସେହିପରି ବିଦ୍ୟୁତ ବିଭାଗରେ ବିଲ୍ ପ୍ରଦାନରେ ବିଭ୍ରାଟ ହେଉଥିବା ଏବଂ ବିପଦସଂକୁଳ ଅବସ୍ଥାରେ ଟ୍ରାନ୍ସଫର୍ମର ମୁକୁଳା ପଡ଼ିଥିବା ଆଦି ଦାବି ହୋଇଥିଲା। ଏହି ବୈଠକରେ ଡାକ୍ତର ପ୍ରଦୀପ ଗନ୍ତାୟତ, ରେଞ୍ଜର ସିଦ୍ଧାର୍ଥ ଶଙ୍କର ସାହୁ, ବିଦ୍ୟୁତ ଏସଡିଓ ଚିତରଞ୍ଜନ ମଲିକଙ୍କ ସମେତ ବିଭିନ୍ନ ବିଭାଗ ଅଧିକାରୀ ଏବଂ ସମସ୍ତ ଲୋକ ପ୍ରତିନିଧି, ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିଲେ।

## ଦୁର୍ଗାପୂଜା ଉପଲକ୍ଷେ ଶୁଭଖୁଣ୍ଟି ସ୍ଥାପନ

**ଦିଗପହଣ୍ଡି,୧୪।୯(ଡି.ଏନ.ଏ.):** ଦିଗପହଣ୍ଡି ବଡ ବ୍ରାହ୍ମଣସାହିରେ ମା' ଦୁର୍ଗାପୂଜା କମିଟି ପକ୍ଷରୁ ୫୭ ତମ ଦୁର୍ଗାପୂଜ ଅନୁଷ୍ଠିତ ହେବ। ପ୍ରତିବର୍ଷ ଭଳି ଚଳିତ ବର୍ଷ ଗ୍ରାମଦେବତୀ ମା' ବୁଢୀ ଠାକୁରାଣୀଙ୍କ ପାଖରେ ପୂଜାର୍ଚ୍ଚନା ପରେ ବଡ ବ୍ରାହ୍ମଣ ସାହିରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା। କର୍ତ୍ତା ହିସାବରେ ଲକ୍ଷ୍ମୀ ନାରାୟଣ ଦାସ ଦାୟିତ୍ୱ ନିର୍ବାହ କରିଥିଲେ। ପୂଜା କମିଟିର ସଭାପତି ଗିରିଜାନନ୍ଦନ ମେକାପ୍‌ଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ସ୍ଥାୟୀ ସଭାପତି ସତ୍ୟନାରାୟଣ ଦାସ, ସମ୍ପାଦକ ପ୍ରଶାନ୍ତ ପୂଜାରୀ, କାଳୁ ପାଣିଗ୍ରାହୀ, ଭବାନୀ ଶଙ୍କର ପଣ୍ଡା, ସଚ୍ଚିକାନ୍ତ ରଥ, ଗୁରୁମୂର୍ତ୍ତିଦୋରା, ବିଘ୍ନରାଜ ମେକାପ୍, କେ.କୁନା, ଭବାନୀ ପାଢୀ ପ୍ରମୁଖ ସହଯୋଗ କରିଥିଲେ।

## ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଦାରିଙ୍ଗବାଡି,୧୪।୯(ଡି.ଏନ.ଏ.)

ଦାରିଙ୍ଗବାଡ଼ି ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ବ୍ଲକ ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷ ସୁଶାନ୍ତ କୁମାର ପ୍ରଧାନ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୦ନଂ ଜୋନ ଅଞ୍ଚଳର ମୋଟ ୮୬୪ ଜଣ ନାମ ପଞ୍ଜୀକରଣ କରିଥିଲେ। ଶିବିରରେ ୨୯ ଜଣଙ୍କୁ ହୁଇଲ ଚେୟାର ଓ ଟ୍ରାଇସାଇକେଲ ପ୍ରଦାନ କରାଯାଇଥିଲା। ଏବିଡିଓ କୃପାସିନ୍ଧୁ ବେହେରାଙ୍କ ତତ୍ତ୍ୱାବଧାନ କ୍ରମେ ବିଏସ୍‌ଏସ୍‌ଓ କ୍ଷିତିଶ ପ୍ରିୟଦର୍ଶୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜିଲା ଭିନ୍ନକ୍ଷମ ଥଇଥାନ ଅଧିକାରୀ ଅକ୍ଷୟ କୁମାର ପଣ୍ଡା, ଫୁଲବାଣୀ ବିଏସ୍‌ଏସ୍‌ଓ ପ୍ରମୋଦ କୁମାର ବଡ଼ସେଠ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକର ସମସ୍ତ କର୍ମଚାରୀ ସମେତ ସରପଞ୍ଚ, ସମିତିସଭ୍ୟ, ଅଙ୍ଗନୱାଡି କର୍ମୀ, ପୋଲିସ ଫୋର୍ସ,ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜିଆର୍‌ଏସ୍ ଉପସ୍ଥିତ ରହି ସହଯୋଗ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ବିଭାଗର ଡାକ୍ତରମାନେ ଭିନ୍ନକ୍ଷମ ଲୋକଙ୍କୁ ଚିହ୍ନଟ କରିଥିଲେ। ଏହି ଶିବିରରେ ନୂତନ ଭତ୍ତା ଆବେଦନ, ଭିନ୍ନକ୍ଷମଙ୍କ ବସ୍ ପାସ ଓ ଅନ୍‌ଲାଇନ ଭିନ୍ନକ୍ଷମ ସାର୍ଟିଫିକେଟ ମଧ୍ୟ ରେଜିଷ୍ଟ୍ରେଶନ କରାଯାଇଥିଲା।

## ୧୦୪ କେ.ଜି. ଗଞ୍ଜେଇ ଜବତ, ୨ ଗିରଫ

ପାରଳାଖେମୁଣ୍ଡି,୧୪।୯(ଡି.ଏନ୍.ଏ.)

ପାରଳା ସଦର ଅବକାରୀ ଥାନା କର୍ମଚାରୀମାନେ ମଙ୍ଗଳବାର ଲିଙ୍ଗିପୁର ଗ୍ରାମାଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ଏକ ଅଟୋରିକ୍ସାରୁ ଗଞ୍ଜେଇ ଜବତ କରିଛନ୍ତି। ସନ୍ଦେହରେ ଉକ୍ତ ଅଟୋକୁ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ୧୦୪ କେଜି ଗଞ୍ଜେଇ ମିଳିଥିଲା। ଗଞ୍ଜେଇ ଚାଲାଣରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପଶ୍ଚିମବଙ୍ଗର ଅସ୍ଥିମ ମଣ୍ଡଳ ଓ ଗଜପତି ଜିଲାର କପିଳ ବୀର। ଏ ନେଇ ସଦର ଥାନା ରେଞ୍ଜରେ ପିଆର୍ ନମ୍ବର ୩୬/୨୨ରେ ମାମଲା ରୁଜୁ ହୋଇଛି।

## ଆଶିଷ ରାଜ୍ୟର ଶ୍ରେଷ୍ଠ ଡିଏମ୍‌ଆରସିଏଚ୍



ମିଶନ ନିର୍ଦ୍ଦେଶିକା ଆଶିଷଙ୍କୁ ମାନପତ୍ର ପ୍ରଦାନ କରୁଛନ୍ତି।

ଫୁଲବାଣୀ ଅଫିସ, ୧୪।୯

କନ୍ଧମାଳ ଜିଲା ମୁଖ୍ୟ ଚିକିତ୍ସାଳୟ ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନ୍‌ଏଚ୍‌ଏମ୍)କୁ ମିଳିଛି ସଫଳତା । ବିଭାଗରେ କାର୍ଯ୍ୟରତ ଆଶିଷ କୁମାର ମହାନ୍ତିଙ୍କୁ ରାଜ୍ୟର ଶ୍ରେଷ୍ଠ ଡିଏମ୍‌ଆରସିଏଚ୍(ଉପ ପରିଚାଳକ, ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ) ଭାବେ ବିବେଚିତ କରାଯାଇଛି । ୨୦୧୯-୨୦ ଆର୍ଥିକ ବର୍ଷରୁ ୨୦୨୧-୨୨ ବର୍ଷ ପର୍ଯ୍ୟନ୍ତ ନିଜର ନିରବଚ୍ଛିନ୍ନ କର୍ତ୍ତବ୍ୟ ଏବଂ କାର୍ଯ୍ୟରେ ସୁପରିଚାଳନା ଲାଗି ତାଙ୍କୁ ଏହି ସମ୍ମାନ ଦିଆଯାଇଛି । ରାଜ୍ୟ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଲିନ ପଣ୍ଡିତ ଭୁବନେଶ୍ୱରର ଏକ ହୋଟେଲରେ ଆୟୋଜିତ କାର୍ଯ୍ୟକ୍ରମରେ ତାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଛନ୍ତି। କନ୍ଧମାଳ ଜିଲା ଏକ ଆଦିବାସୀ ତଥା ବଣ ପାହାଡ଼ ଘେରା ଅଞ୍ଚଳ। ଏଠାରେ ବହୁ ଦୁର୍ଗମ ଅଞ୍ଚଳ ରହିଛି । ଏସବୁ ସତ୍ତ୍ୱେ ଜିଲାରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ଅନ୍ତର୍ଗତ କାର୍ଯ୍ୟ ଯେପରି ସମ୍ପୂର୍ଣ୍ଣ ଟୀକାକରଣ, ଆନୁଷ୍ଠାନିକ ପ୍ରସବ ଇତ୍ୟାଦି ସଫଳ ଭାବେ ରୂପାୟନ କରାଯାଇଛି ।

## ଗୋଷ୍ଠୀ ସଂଘର୍ଷ ଘଟଣା, ଆଉ ଜଣେ ଗିରଫ

ଗୋପାଳପୁର,୧୪।୯(ଡି.ଏନ.ଏ.)- ଗତ ମାସ ୨୮ରେ ପିତାତଳି ଗ୍ରାମରେ ରାଜନୈତିକ ଓ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା। ଏହିଘଟଣାରେ ବୁଧବାର ଗୋଳନ୍ଥରା ଥାନା ପୋଲିସ ଜଣେ ଯୁବକଙ୍କୁ କୋର୍ଟଚାଲାଣ କରିଛି। ସେ ହେଲେ ପିତାତଳି ଗ୍ରାମର ଯୁଧିଷ୍ଠିର ସେଠୀ। ସୂଚନାଥାଉକି, ପିତାତଳି ଗ୍ରାମରେ ବର୍ତ୍ତମାନର ସରପଞ୍ଚ ରାଙ୍ଗାରାଓ ଓ ପୂର୍ବତନ ବ୍ଲକ ଅଧକ୍ଷ ନରସିଂହ ମୂର୍ତ୍ତି ଗୋଷ୍ଠୀ ମଧ୍ୟରେ ରାଜନୈତିକ ଶତ୍ରୁତା ଲାଗି ରହିଛି। ଗତ ୨୮ ତାରିଖରେ କମେଣ୍ଟମରାକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମଧ୍ୟରେ ଆକ୍ରମଣ ଓ ପ୍ରତିଆକ୍ରମଣ ହୋଇଥିଲା। ଏଥିରେ ୯ ଜଣ ଆହତ ହୋଇଥିଲେ। ଉଭୟ ଗୋଷ୍ଠୀ ପକ୍ଷରୁ ୪ଟି ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ପୂର୍ବରୁ ୨ ଜଣଙ୍କୁ ପୋଲିସ କୋର୍ଟଚାଲାଣ କରିଥିବା ବେଳେ ଅନ୍ୟ ଫେରାର ଅଭିଯୁକ୍ତମାନଙ୍କୁ ଶୀଘ୍ର କାବୁ କରାଯିବ ବୋଲି ଥାନାଧିକାରୀ କହିଛନ୍ତି।

## ଡୁମାକୁମ୍ପା କ୍ଲଷ୍ଟରରେ ସ୍ୱଚ୍ଛତା ସଚେତନତା

ଭଞ୍ଜନଗର,୧୪।୯(ଡି.ଏନ୍.ଏ.)



ସାର୍ଦ୍ଦୁଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ଛାତ୍ରମାନେ ସଚେତନତା ବାର୍ତ୍ତା ନେଇ ଗ୍ରାମ ପରିକ୍ରମା କରୁଛନ୍ତି।

ପ୍ରତି ବର୍ଷ ସେପ୍ଟେମ୍ବର ପହିଲାରୁ ୧୫ ତାରିଖ ପର୍ଯ୍ୟନ୍ତ ସ୍ୱଚ୍ଛତା ପକ୍ଷ ପାଳନ ହେଉଛି। ବୁଧବାର ଭଞ୍ଜନଗର ବ୍ଲକ ଡୁମାକୁମ୍ପା କ୍ଲଷ୍ଟର ଅଧୀନରେ ଥିବା ବିଦ୍ୟାଳୟ ଗୁଡିକରେ ସ୍ୱଚ୍ଛତା ପକ୍ଷ ପାଳନ କରାଯାଇଥିଲା। ଡହ ଜଳଭଣ୍ଡାରର ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ଦୈନନ୍ଦିନ ବହୁ ପର୍ଯ୍ୟଟକ ଆସିଥାନ୍ତି। ତେଣୁ ଉକ୍ତ ଡ୍ୟାମ ସନ୍ନିକଟ ଗ୍ରାମ ରାସ୍ତାରେ ଝାଡ଼ା ନ ଫେରିବା, ମଇଳା ଆବର୍ଜନା ଆଦି ନ ପକାଇବା ଓ ସ୍ୱଚ୍ଛତା ବଜାୟ ରଖିବାକୁ ବାର୍ତ୍ତା ପ୍ରଦାନ କରିଛନ୍ତି ଛାତ୍ରୀଛାତ୍ରମାନେ। ପରିବେଶ ସୁରକ୍ଷା ଲାଗି ବୃକ୍ଷରୋପଣ କରିବା ଓ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା ପାଇଁ ସାର୍ଦ୍ଦୁଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଡୁମାକୁମ୍ପା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମେତ ଗୁରାବାଡି,ଖମାରେଡୀ ଆଦି ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାର୍ଦ୍ଦୁଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ସୁଦାମ ଦଳବେରା ଙ୍କ ନେତୃତ୍ୱରେ ପ୍ଲାକାର୍ଡ ଧରି ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ରାଲିରେ ଅଂଶ ଗ୍ରହଣ କରିଥିବା ବେଳେ ଡୁମାକୁମ୍ପା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସି.ଆର୍.ସି.ସି ତ୍ରିନାଥ ବେହେରାଙ୍କ ଉପସ୍ଥିତିରେ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ପଟ୍ଟନାୟକ,ପ୍ରଦୀପ ସାସମଲଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ଛାତ୍ର ଛାତ୍ରୀମାନେ ଏହି ରାଲିରେ ଅଂଶ ଗ୍ରହଣ କରି ସ୍ଲୋଗାନ ଓ ପ୍ଲାକାର୍ଡ ପ୍ରଦର୍ଶନ କରି ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ ।

## ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ

ଭଞ୍ଜନଗର,୧୪।୯(ଡି.ଏନ୍.ଏ.)


ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ଭଞ୍ଜନଗର ବ୍ଲକ ଡୁମାକୁମ୍ପା ପଞ୍ଚାୟତ ସମ୍ମିଳନୀ କକ୍ଷରେ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରପଞ୍ଚ ପ୍ରତିନିଧି ପ୍ରତାପ ନାୟକ, ପିଇଓ ରବୀନ୍ଦ୍ରନାଥ ପାଣିଗ୍ରାହୀ, ସୁପରଭାଇଜର ମଳୟ ମଞ୍ଜରୀ ମୁନି, ସିଆର୍‌ସିସି ତ୍ରିନାଥ ବେହେରା, ଏଏନଏମ ଦୀପ୍ତି ରେଖା ପାତ୍ରଙ୍କ ସମେତ ସମସ୍ତ ଅଙ୍ଗନୱାଡି କର୍ମୀ ଯୋଗ ଦେଇଥିଲେ। ପଞ୍ଚାୟତ ସ୍ତରୀୟ ଏହି ଶିଶୁ ସୁରକ୍ଷା କମିଟି ବୈଠକରେ ଆଲୋଚନାର ବିଷୟବସ୍ତୁ ଥିଲା ଶିଶୁ ଶ୍ରମିକ ପ୍ରଥା ଓ ଶିଶୁ ଚାଲାଣ ରୋକିବା। ଶିଶୁମାନେ କିପରି ସେମାନଙ୍କ ଅଧିକାର ପାଇବେ ଓ ୧୮ ବର୍ଷ ବୟସ ପର୍ଯ୍ୟନ୍ତ ଶିକ୍ଷା ଲାଭ କରିବେ, ବିଦ୍ୟାଳୟଗୁଡିକରେ ଡ୍ରପ ଆଉଟ ସମସ୍ୟା ନ ରହିବ ସେଥିପାଇଁ ସମସ୍ତେ ନିଜ କର୍ତ୍ତବ୍ୟ ସମ୍ପାଦନ କରିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା। ଏଥିସହ ଗ୍ରାମ ଗୁଡିକରେ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା ପାଇଁ ସ୍ୱଚ୍ଛତା ରାଲି ଓ ସଚେତନତା ସୃଷ୍ଟି କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଅଙ୍ଗନୱାଡି କର୍ମୀ ବିନତି ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ ।

# ୧୮ ସହରରେ ହେବ ଭାରତୀୟ ସ୍ୱଚ୍ଛତା ଲିଗ୍

**ଗଞ୍ଜାମ ଜିଲା**

ଛତ୍ରପୁର,୧୪।୯(ଡି.ଏନ୍.ଏ.)



ଜିଲାପାଳ ଓ ଡୁଡା ପିଡି ସୂଚନା ଦେଉଛନ୍ତି ।

ସ୍ୱଚ୍ଛ ଭାରତ ମିଶନର ୮ ବର୍ଷ ପୂର୍ତ୍ତି ଅବସରରେ ଗଞ୍ଜାମ ଜିଲାର ବ୍ରହ୍ମପୁର ସମେତ ୧୮ ସହରାଞ୍ଚଳରେ ଆସନ୍ତା ୧୭ ତାରିଖରେ ସେବା ଦିବସ ପାଳିତ ହେବ । ଏହି ଦିନରୁ ଭାରତୀୟ ସ୍ୱଚ୍ଛତା ଲିଗ୍‌ର ଶୁଭାରମ୍ଭ ହେବ । ସହରକୁ ଆବର୍ଜନାମୁକ୍ତ କରିବା ଏବଂ ଏଥିରେ ନାଗରିକ ମାନଙ୍କୁ ସାମିଲ କରିବା ଏହି ଲିଗ୍‌ର ଉଦ୍ଦେଶ୍ୟ ବୋଲି ସୂଚନା ଦିଆଯାଇଛି । ଏଥିପାଇଁ ଆନ୍ତଃ ସହର ଯୁବ ମାନଙ୍କୁ ନେଇ ସ୍ୱଛତା ସମ୍ବନ୍ଧୀୟ ପ୍ରତିଯୋଗୀତା ଆୟୋଜିତ ହେବ । ସଫେଇ ଡ୍ରାଇଭ୍, ଆବର୍ଜନା ସଂଗ୍ରହ, ସର୍ବସାଧାରଣ ଅନୁଷ୍ଠାନରେ ସଫେଇ, ସଫେଇ ସମ୍ବନ୍ଧୀୟ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ୱଚ୍ଛତା ରାଲି ଆୟୋଜନ ହେବ । ବୁଧବାର ଛତ୍ରପୁରଠାରେ ଜିଲା ପ୍ରଶାସନ ପକ୍ଷରୁ ସ୍ୱଛତା ଲିଗ୍ ଓ ସ୍ୱଚ୍ଛ ସର୍ଭେକ୍ଷଣ-୨୦୨୩ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ସମ୍ବନ୍ଧୀୟ ଆଲୋଚନା ବୈଠକ ଅନୁଷ୍ଠିତ ହୋଇ ଥିଲା । ଏଥିରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଅଧ୍ୟକ୍ଷତା କରିଥିଲେ । ଭାରତୀୟ ସ୍ୱଚ୍ଛତା ଲିଗ୍ ଓ ସ୍ୱଚ୍ଛ ସର୍ଭେକ୍ଷଣ-୨୦୨୩କୁ ସଫଳ କରିବା ଲାଗି ବୈଠକରେ ଉପସ୍ଥିତ ସମସ୍ତ ସହରାଂଚଳର ନିର୍ବାହୀ ଅଧିକାରୀମାନଙ୍କୁ ଜିଲପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ନାୟକ ଏହି ଦୁଇ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଭାବେ ସୂଚନା ଦେବା ସହ ଏହାର ଲକ୍ଷ୍ୟ ଉପରେ କହିଥିଲେ। ଏହି ଭାରତୀୟ ସ୍ୱଚ୍ଛତା ଲିଗ୍ ଓ ସ୍ୱଚ୍ଛ ସର୍ଭେକ୍ଷଣ-୨୦୨୩ ରେଜନସାଧାରଣମାନେ କେନ୍ଦ୍ର ସରକାରଙ୍କ ସହରାଞ୍ଚଳ ମନ୍ତ୍ରଣାଳୟରେ ନାମ ରେଜିଷ୍ଟର କରି ମତାମତ ଓ ତଥ୍ୟ ଦେବେ।

# ମାଗଣା ନାଁରେ ରୋଗୀଙ୍କଠାରୁ ଅର୍ଥ ଆଦାୟ ଅଭିଯୋଗ

**ଆନ୍ଧ୍ର ଜେମ୍ସ ମେଡିକାଲ**

କାଶୀନଗର,୧୪।୯

କାଶୀନଗର ହେଉଛି ଆନ୍ଧ୍ର ଓଡିଶାର ସୀମାନ୍ତ ଅଞ୍ଚଳ। ଏଠାରେ ଜନତା ଆନ୍ଧ୍ରପ୍ରଦେଶ ରାଗୁଲୁ ଗାଁର ଜେମ୍ସ ହସ୍ପିଟାଲକୁ ଚିକିତ୍ସା ନିମନ୍ତେ ଯାଇଥାନ୍ତି। ତେଣୁ ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି ହସ୍ପିଟାଲରେ ପାରଳାଖେମୁଣ୍ଡି ଓ କାଶୀନଗର ଅଞ୍ଚଳର ରୋଗୀମାନେ ଚିକିତ୍ସା ହେଉଥିବା ଜାଣି ବ୍ରହ୍ମପୁର ଏମ୍‌ପି ଚନ୍ଦ୍ର ଶେଖର ସାହୁଙ୍କ ପ୍ରସ୍ତାବ କ୍ରମେ ଉକ୍ତ ମେଡିକାଲକୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିଲା। କିନ୍ତୁ ଏହି ହସ୍ପିଟାଲ କର୍ତ୍ତୃପକ୍ଷ ଯୋଜନାକୁ ଉପେକ୍ଷିତ କରି ରୋଗୀଙ୍କଠାରୁ ଚିକିତ୍ସା ନିମନ୍ତେ ଅର୍ଥ ଆଦାୟ କରିଥିବା ଅଭିଯୋଗ ହେଉଛି। ସୂଚନାଯୋଗ୍ୟ, ଗତ ୮ ତାରିଖରେ ସ୍ଥାନୀୟ ଭେଙ୍କେଟେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ ହୋଇଥିଲା। ଏଥିରେ ଜେମ୍ସ ମେଡିକାଲ ରୋଗୀମାନଙ୍କୁ ମାଗଣାରେ ଚିକିତ୍ସା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ରୋଗୀମାନେ ସେଠାରେ ଅର୍ଥ ଦେଇ ନାହିଁ ନଥିବା ହଟହଟା ହୋଇଥିବା ଅଭିଯୋଗ କରିଛନ୍ତି। ରୋଗୀମାନଙ୍କ ବିଜୁ ସ୍ୱାସ୍ଥ୍ୟ କାର୍ଡ ଥାଇ ମଧ୍ୟ ଏମାନଙ୍କ ଠାରୁ ଟଙ୍କା ଆଦାୟ କରାଯାଇଥିବା ଅଭିଯୋଗ ହୋଇଛି। ଏଥିପ୍ରତି ଓଡିଶା ସରକାର, ସ୍ୱାସ୍ଥ୍ୟ ବିଭାଗ, ଏମ୍‌ପି ଓ ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି କରିଛନ୍ତି। ଏ ନେଇ ଜିଲାପରିଷଦ ଅଧ୍ୟକ୍ଷ ଏ. ତିରୁପତି ରାଓ କହିଥିଲେ ଯେ, ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ଉକ୍ତ ମେଡିକାଲ ଚାର୍ଜ ନେବ ବୋଲି କାଶୀନଗର ମାଗଣା ସ୍ୱାସ୍ଥ୍ୟ ଶିବିରରେ ଜନସାଧାରଣଙ୍କୁ ଜଣାଇବାର ଥିଲା। କିନ୍ତୁ ରୋଗୀମାନଙ୍କୁ ପୂର୍ବରୁ ନ ଜଣାଇବା ମେଡିକାଲ କର୍ତ୍ତୃପକ୍ଷଙ୍କ ଭୁଲ ବୋଲି ସୂଚନା ଦେଇଥିଲେ।